Spreading Knowledge Amongst Mankind.....

ଡିସେମ୍ବର – ୨୦୧୮ **DECEMBER - 2018**



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

vedantimagazine@gmail.com

editor.vedantimagazine@gmail.com



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ସ୍ମାର୍ଟ ସିଟି ଭୂବନେଶ୍ୱରର ନବବଧୂ ରୂପରେ ସାଜସଜ୍ଜା କରିଛି ପ୍ରତ୍ୟେକ ଓଡିଆଙ୍କ ମନକୁ ଆନନ୍ଦମୁଖର । ଓଡିଶା କଳା, ସଂସ୍କୃତି, ପରମ୍ପରାର ସହର । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତର ବିବିଧତା ମଧ୍ୟରେ ଏକତା ପ୍ରତିଫଳନ ହେଲା ଭୂବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱକପ୍ ହକି ମ୍ୟାଚ ପାଇଁ। ୧୬ଟି ରାଷ୍ଟ୍ରର କ୍ରୀଡାବିତ ଓ ଦର୍ଶକଙ୍କୁ ସ୍ୱାଗତ କଲା ଓଡିଶା । ସାରା ବିଶ୍ୱ ଦେଖିଲା ଓଡିଶା କଳା, ସଂସ୍କୃତି, ଐତିହ୍ୟର ଝଲକ । ଅତିଥି ଦେବୋ ଭବ ପାଇଁ ସ୍ପନ୍ଦିତ ହେଲା ସବୁ ଓଡିଆଙ୍କ ହୃଦୟ । ଏକତା ଓ ବିଶ୍ୱଐକର ବାର୍ତ୍ତା ସହ ହକି ବିଶ୍ୱକପ ୨୦୧୮ ଉଦଘାଟନ ସମାରୋହ ବଡ ଜାକଜମକରେ ହୋଇଥିଲା । ହକି ବିଶ୍ୱ କପ୍ ପାଇଁ ଏଭଳି ଭବ୍ୟ ଉଦଘାଟନର ଆୟୋଜନ ସାରା ବିଶ୍ୱକୁ କରିଛି ଆଚମ୍ବିତ । ଓଡିଶା ନୂଆ ମାନଦଣ୍ଡ ସୃଷ୍ଟି କଲା ଏ କ୍ଷେତ୍ରରେ । ଏହା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଏବଂ ଗୌରବର ମୁହୂର୍ତ୍ତ । ଏହା ଓଡିଶା ବାହାର ଓଡିଆ ଜାତିର ନୂଆ ଅସ୍ମିତା ଗଢିବାରେ ସହାୟକ ହୋଇଛି । ହକି ବିଶ୍ୱ କପ୍ ଓଡିଶାକୁ ସାରା ବିଶ୍ୱରେ ନୂଆ ପରିଚୟ ଦେଇଛି ।

ଯେତେବେଳେ ଆମେ ସକାଳୁ ଉଠୁ, ରେଡିଓ ଶୁଣୁ, କମ୍ବା ଟି.ଭି. ରେ ଖବର ଦେଖୁ, ଏବଂ ଖବର କାଗଜ ପଢୁ, ସେତେବେଳେ ଆମର ସାମ୍ନା ହିଂସା, ଅପରାଧ, ଯୁଦ୍ଧ, ଏବଂ ବିପତ୍ତି ଭଳି ଖବର ସହିତ ହୁଏ । ଆଧୁନିକ ଯୁଗରେ ସ୍ପଷ୍ଟ ରୂପରେ ବିଦିତ ଯେ ଆମର ବହୁ ମୂଲ୍ୟ ଜୀବନ ସୁରକ୍ଷିତ ନୁହେଁ। ଅନବରତ ଭୟ, ଏବଂ ଚନ୍ତା ସ୍ଥିତିରେ କୌଣସି ସମ୍ବେଦନଶୀଳ

ସହୃଦୟ ବ୍ୟକ୍ତି ଆଧୁନିକ ଯୁଗର ପ୍ରଗତି ଉପରେ ନିଶ୍ଚୟ ଚିନ୍ତା ବ୍ୟକ୍ତ କରୁଛି । ବିଡମ୍ବନା କି ଉନ୍ନତ ପ୍ରାଦ୍ୟୋଗିକ ସମାଜରେ ହିଁ ଗମ୍ଭୀର ସମସ୍ୟା ଉତ୍ପନ୍ନ ହେଉଛି । ବିଜ୍ଞାନ ଏବଂ ପ୍ରଦ୍ୟୋଗିକ କ୍ଷେତ୍ରରେ ଚମତ୍କାର କରି ଦେଖେଇଛନ୍ତି କିନ୍ତୁ ବୁନିୟାଦୀ ମାନବ ସମସ୍ୟା ଯେମିତିକି ସେମିତି । ସାକ୍ଷରତାର ସ୍ତର ଅଧିକରୁ ଅଧିକ ମାତ୍ରାରେ ବଢ଼ିଲେ ମଧ୍ୟ ଅଭୂତପୂର୍ବ ସାକ୍ଷରତାର ସଫଳତା କ୍ଷେତ୍ରରେ ଲାଭପ୍ରଦ ଉନ୍ନତି ହେଲେ ମଧ୍ୟ ସାର୍ବଭୌମିକ ଶିକ୍ଷା ସ୍ତରରେ ଉନ୍ନତି ପରିବର୍ତ୍ତେ ମାନସିକ ଅଶାନ୍ତି ଏବଂ ଅସନ୍ତୋଷ ଦେଖାଯାଉଛି । ପ୍ରତିଦିନ ଆମର ଭୌତିକ ପ୍ରଗତିରେ ଏବଂ ପ୍ରାଦ୍ୟୋଗିକ ଉନ୍ନତିରେ ସନ୍ଦେହ ନାହିଁ, ଏତିକି ମାତ୍ର ପ୍ରର୍ଯ୍ୟାପ୍ତ ନୁହେଁ। ସୁଖ, ଶାନ୍ତି ଆଣିବାରେ ଦୁଃଖର ନିବାରଣରେ ଏପର୍ଯ୍ୟନ୍ତ ଆମକୁ ସଫଳତା ମିଳିନି । ଆମର ପ୍ରଗତି ଏବଂ ବିକାଶରେ କିଛି ନା କିଛି କମି ରହିଛି ନିଶ୍ଚୟ । ଆଜିର ସମୟରେ ଆମେ ଯେଉଁ ସମସ୍ୟାର ସାମ୍ନା କରୁଛେ, ସେଥି ମଧ୍ୟରୁ ପ୍ରାକୃତିକ ଆପଦର ସମସ୍ୟା ଗୁରୁତ୍ୱପୂର୍ଣ୍ଣ । ଧୈର୍ଯ୍ୟର ସହିତ ଏହାର ସାମ୍ନା କରିବା ଉଚିତ । ଅନ୍ୟ ସମସ୍ୟା ଆମ ନିଜର ଅଜ୍ଞତା ବଶତଃ ଉପୁଯେ । ଯେଉଁଥିପାଇଁ ମନୁଷ୍ୟ ସ୍ୱୟଂ ଦାୟୀ । ରାଜନୈତିକ ଏବଂ ଧାର୍ମୀକ ବିଚାରଧାରାରୁ ଉପୁଯିଥିବା ସମସ୍ୟାର ସମାଧାନ ସମ୍ଭବ । ମନୁଷ୍ୟ ଛୋଟ ଛୋଟ ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହ ଲଢୁଛି, କିନ୍ତୁ ଆମର ମନେ ରଖିବା ଉଚିତ ଯେ ଦୁନିଆରେ ବିଭିନ୍ନ ଧର୍ମ, ବିଚାରଧାରା, ରାଜନୈତିକ ବ୍ୟବସ୍ଥା ମାନବଜାତିର କଲ୍ୟାଣରେ ସୁଖ ଏବଂ ଶାନ୍ତି ଆଣିବା । ଭୌତିକ ପଦାର୍ଥ ଏବଂ ବିଚାରଧାରା ପ୍ରତି ମନୁଷ୍ୟର ସର୍ବୋଚ୍ଚତା ସଦୈବ ମହତ୍ୱପୂର୍ଣ୍ଣ ହେବା ଉଚିତ ।

ପୃଥିବୀରେ ମନୁଷ୍ୟ ସହିତ ସମସ୍ତ ପ୍ରାଣୀ ଜଗତକୁ ପରମାଣୁ ହତିଆର ପ୍ରତି ଅଧିକ ବିପଦ ଅଛି । ପରମାଣୁ ଶକ୍ତି ସଂପନ୍ନ ଦେଶର ସମସ୍ତ ନେତାମାନଙ୍କ ହାତରେ ବସ୍ତୁତଃ ଦୁନିଆର ଭବିଷ୍ୟତ । ବୈଜ୍ଞାନିକ ମାନଙ୍କ ବିଧ୍ୱଂସକ ବିସ୍ମୟକାରୀ ବିନାଶକ ହତିଆର ନିର୍ମାଣ ପରମାଣୁ ଯୁଦ୍ଧର ସ୍ଥିତିରେ କେହି ବିଜେତା ହେବାର ସମ୍ଭବ ନୁହେଁ। ଏମିତି ଏକ ବିନାଶକାରୀ ପରିସ୍ଥିତିର ସାମ୍ନା କଣ ଏହା ତର୍କ ସଂଗତ ନୁହେଁ କି? ମନୁଷ୍ୟ ହେଉ ବା

ପ୍ରାଣୀ, ସମସ୍ତେ ସୁଖ, ଶାନ୍ତି ଏବଂ ସୁରକ୍ଷା ଗୃହାନ୍ତି । ଜୀବନ ପ୍ରତି ଯେତିକି ଲୋଭ ମନୁଷ୍ୟର, ସେତିକି ମଧ୍ୟ ପଶୁପକ୍ଷୀମାନଙ୍କର ।

ସୁଖ ଏବଂ କଷ୍ଟ ଦୁଇ ପ୍ରକାର । ମାନସିକ ଏବଂ ଶାରୀରିକ । ମୋ ମତରେ ମାନସିକ କଷ୍ଟ ଏବଂ ସୁଖ ବହୁତ ମହତ୍ତ୍ୱପୂର୍ଣ୍ଣ । ସେଥିପାଇଁ ଧୈର୍ଯ୍ୟର ସହିତ ମାନସିକ କଷ୍ଟ ସହିବା ଏବଂ ଶାଶ୍ୱତ କଷ୍ଟ ପ୍ରତି ଲାଭବାନ ହେବା ଉଚତ । ମୋ ମତରେ ସୁଖ ବିଷୟରେ ସାମାନ୍ୟ ବିଗ୍ରର ଆନ୍ତରିକ ଶାନ୍ତି ଏବଂ ଆର୍ଥିକ ବିଗ୍ରର ସହିତ ବିଶ୍ୱ ଶାନ୍ତି, ଏହି ଲକ୍ଷ୍ୟକୁ ନର୍ଧାରଣ କରି ସାର୍ବଭୌମିକ କର୍ତ୍ତବ୍ୟ ଭାବନାର ବିକାଶ ନତ୍ୟାନ୍ତ ଆବଶ୍ୟକ ।

ମନୁଷ୍ୟ ଜନ୍ମ ଭାଗ୍ୟରେ ଥିଲେ ମିଳେ । ସେଥିପାଇଁ ଯେଉଁ ପର୍ଯ୍ୟନ୍ତ ସମ୍ଭବ, ମନୁଷ୍ୟ ଜନ୍ମର ସଦୁପୋଯୋଗ କରିବା ଉଚତ । ଆଜିର ଯୁଗରେ ପୁନତଃ ଆମେ ଅନ୍ୟ ଉପରେ ନର୍ଭର କରୁଛେ । ପ୍ରାଚୀନ କାଳରେ ମୁଖ୍ୟତଃ ସବୁ ସମସ୍ୟା ପରିବାର ଆକାରରେ ନର୍ଭର କରୁଥିଲା ଏବଂ ସମସ୍ୟାର ସମାଧାନ ପରିବାର ସ୍ତରରେ ହିଁ ହେଉଥିଲା । ଏବେ କୌଣସି ରାଷ୍ଟ୍ର ନଜ ସମସ୍ୟାକୁ ସନ୍ତୋଷଜନକ ଢଙ୍ଗରେ ସମାଧାନ କରିବାକୁ ଅକ୍ଷମ । ଅନ୍ୟ ରାଷ୍ଟ୍ରର ହିତ, ସହଯୋଗ, ବ୍ୟବହାର ପ୍ରତି ଆମେ ବହୁତ ନର୍ଭର କରୁଛେ । ବିଶ୍ୱ ଶାନ୍ତି ପାଇଁ ଦୁନଆର ସମସ୍ୟା ପ୍ରତି ମାନବୀୟ ଦୃଷ୍ଟିକୋଣ ନହାତି ଆବଶ୍ୟକ । ଦୁନଆର ସମସ୍ତ ପ୍ରାଣୀ ସୁଖ କାମନା କରନ୍ତି । ମନୁଷ୍ୟର ଆକାଂକ୍ଷା ଏବଂ ଭାବନାକୁ ଭୁଲିକରି କେବଳ ନଜ ସୁଖ ପ୍ରତି ପ୍ରୟାସ କରିବା ନୈତିକ ଦୃଷ୍ଟିରେ ଭୁଲ ଏବଂ ବ୍ୟବହାରିକ ଦୃଷ୍ଟିରେ ମୂର୍ଖତା ହେବ । ବୁଦ୍ଧିମାନଙ୍କ ମତରେ ନଜ ସୁଖ ସହିତ ଅନ୍ୟର ହିତରେ ଭାବିବା ବିବେକପୂର୍ଣ୍ଣ କାର୍ଯ୍ୟ ସହିତ ନଜକୁ ପରସ୍ପର ହିତରେ ପରିବର୍ତ୍ତିତ କରିବା ।

ରାଷ୍ଟ୍ର ମଧ୍ୟରେ ବଢୁଥିବା ପରସ୍ପର ନର୍ଭରତା ଅଧିକ ସହାନୁଭୂତିପୂର୍ଣ୍ଣ ସହଯୋଗର ଆଶା କରାଯାଉଛି । କନ୍ତୁ ଯେତେବେଳେ ଲୋକ ଅନ୍ୟର ଭାବନା ଏବଂ ଖୁସି ପ୍ରତି ଉଦାସିନ ରହିବେ, ତେବେ ସେମାନଙ୍କ ମନରେ ବାସ୍ତବିକ ସହଯୋଗର ଭାବନା ଜାଗ୍ରତ କରିବା ଅସମ୍ଭବ । ଯେତେବେଳେ ମନୁଷ୍ୟ ଇର୍ଷା, ଲାଲଚ ପ୍ରତି ପ୍ରେରିତ ହେବେ, ସେତେବେଳେ

ସେମାନେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନଧାରଣ କରିବା ଅସମ୍ଭବ। ସ୍ୱାର୍ଥ ଯୋଗୁ ଉପୁଜୁଥିବା ରାଜନୈତିକ ସମସ୍ୟାକୁ ଆଧ୍ୟାତ୍ମିକ ସମସ୍ୟାରେ ସମାଧାନ କରିବା ଅସମ୍ଭବ। ଦୁନିଆରେ ଜନସଂଖ୍ୟା ବଢିବା ସହିତ ସଂଶାଧନ ବହୁତ ତୀବ୍ରତା ସହିତ କମ ହୋଇଯାଉଛି। ଉଦାହରଣ, ବୃକ୍ଷକୁ ଦେଖନ୍ତୁ। ଜଙ୍ଗଲ ହ୍ରାସ ଯୋଗୁ ଜଳବାୟୁ, ମାଟି ବୈଶିକ ପରିସ୍ଥିତିରେ ପ୍ରତିକୂଳ ପ୍ରଭାବ ପଡୁଛି। ଆଜିର ସମସ୍ୟା ଏଇଥିପାଇଁ ଯେ ସମସ୍ତ ମାନବ ପରିବାର ପରିବର୍ତ୍ତେ ମନୁଷ୍ୟ ନିଜ ସୁଖ ସୁବିଧା ପଇଁ ଅତ୍ୟନ୍ତ ବ୍ୟଗ୍ର। ମନୁଷ୍ୟ ପୃଥିବୀ ଏବଂ ସାର୍ବଭୌମିକ ଜୀବନ ଉପରେ ପଡିବାକୁ ଥିବା ପ୍ରଭାବ ଉପରେ ଭାବିବାକୁ ଅକ୍ଷମ। ମାନବ ହୃଦୟରୁ ବାହାରୁଥିବା ଏକତାର ଭାବନା ମହାନ। ଆଜିର ଆବଶ୍ୟକତା ବିଭିନ୍ନ କ୍ଷମତା ଏବଂ ପ୍ରବୁତ୍ତିକ୍ଷମ ମାନବ ମସ୍ତିଷ୍କକୁ ସୁଖ ଶାନ୍ତି ସହିତ ବିଭିନ୍ନ ଦର୍ଶନ, ଦୃଷ୍ଟି ସଂପୂର୍ଣ୍ଣ ସମାଜ ଆମକୁ ପ୍ରତ୍ୟେକ ମାନବ ହୃଦୟକୁ ସ୍ପର୍ଶ କରି ମାନବ ସୁଖ ଶାନ୍ତି ବଢାଇବା ପାଇଁ ଦୁନିଆଦି ଆଧ୍ୟାତ୍ମିକ ମୂଲ୍ୟ ବିଷୟରେ ଚିନ୍ତା କରିବା ଆବଶ୍ୟକ।

ବିଶ୍ୱ ଶାନ୍ତି ପାଇଁ ଆବଶ୍ୟକ ଆଧ୍ୟାତ୍ମିକ ସ୍ଥିତିର ନିର୍ମାଣ ଆମେ ବ୍ୟକ୍ତିଗତ ରୂପରେ କିମ୍ବା ଏକଯୁଟ ହୋଇ, ସମସ୍ତ ଧର୍ମକୁ ସମ୍ମାନ ଦେଇ ମାନବର ହିତ ଉଦ୍ଦେଶ୍ୟରେ କର୍ମ କରିବା ଉଚିତ। ଆମକୁ ସାମାନ୍ୟ ଜନତାର ସ୍ଥିତି ଉପରେ ସମ୍ବେଦନଶୀଳତା ସହିତ ବିଚାର କରିବା ଆବଶ୍ୟକ। ଘୃଣା, ଯୁଦ୍ଧରୁ ସୁଖ ଶାନ୍ତି ମିଳିବା ଅସମ୍ଭବ, ବିଜେତାମାନଙ୍କୁ ମଧ୍ୟ ନୁହେଁ। ହିଂସାରୁ ଘୋର ଦୁଃଖ ଏବଂ କଷ୍ଟ ଜନ୍ମ ନିଏ। ସେଥିପାଇଁ ବିଶ୍ୱ ନେତାମାନଙ୍କୁ ସଂସ୍କୃତି ବିଚାରଧାରାରୁ ଉପରକୁ ଉଠି ସାମାନ୍ୟ ଜନତାର ସ୍ଥିତିକୁ ଆଗରେ ରଖିବା ଉଚିତ ଏବଂ ସେମାନଙ୍କର ସମ୍ମାନ କରିବା ମଧ୍ୟ ଉଚିତ। ଏସବୁଥିରୁ ବ୍ୟକ୍ତି, ସମୁଦାୟ, ରାଷ୍ଟ୍ରକୁ ନୁହେଁ, ପୁରା ଦୁନିଆକୁ ଲାଭ ହେବ।

ଦୁନିଆରେ ମାନବ ଜାତି ମଧ୍ୟରେ ସମ୍ବନ୍ଧ ସୁଧାରିବାକୁ ହେଲେ ଅନ୍ତଃରାଷ୍ଟ୍ରୀୟ ପର୍ଯ୍ୟଟନକୁ ପ୍ରସାରିତ କରିବା ଜନସଂଚାର ମାଧ୍ୟମ ମଧ୍ୟ ମୁଖ୍ୟତଃ ଲୋକତାନ୍ତ୍ରିକ ଦେଶରେ ମାନବ ହିତରେ ଖବର ସଂଗ୍ରହକୁ ଅଧିକ ସ୍ଥାନ ଦେଇ ବିଶ୍ୱ ଶାନ୍ତିରେ ଯୋଗଦାନ କରିପାରିବା। ଏମିତି ସବୁ ଖବର ମାନଙ୍କରୁ ମାନବତାକୁ ପ୍ରୋତ୍ସାହନ ମିଳିଥାଏ। ସଂଯୁକ୍ତ ରାଷ୍ଟ୍ରକୁ ବିଶ୍ୱ

ଶାନ୍ତିର ମାଧମ ବନବା ଦରକାର । ସମସ୍ତ ନାଗରିକକୁ ସଂଯୁକ୍ତ ରାଷ୍ଟ୍ରର ସମ୍ମାନ କରିବା ଉଚତ । ସମସ୍ତ ରାଷ୍ଟ୍ର ଏବେ ଜଣେ ଅନ୍ୟ ଜଣଙ୍କ ଉପରେ ଆର୍ଥିକ ରୂପରେ ନର୍ଭର କରୁଛି । ସେଥିପାଇଁ ମାନବ ଭାବନା ରାଷ୍ଟ୍ରୀୟ ସୀମା ଉପରକୁ ହେବା ଉଚତ । ଏବଂ ଅନ୍ତଃରାଷ୍ଟ୍ରୀୟ ସମୁଦାୟକୁ ସ୍ୱାଗତ କରିବା ଉଚତ। ନୈତିକତା, କରୁଣା, ଶାଳୀନତା ବିବେକ ଆଦି ମାନବ ଗୁଣ ସମସ୍ତ ସଭ୍ୟତାର ବୁନୟାଦୀ ରୂପ ଅଟେ । ଏହିସବୁ ଗୁଣକୁ ରକ୍ଷା କରିବା ଉଚତ । ଅନୁକୂଳ ସାମାଜିକ ପରିସ୍ଥିତିରେ ଯୋଜନାବଦ୍ଧ ନୈତିକ ଶିକ୍ଷା ଦ୍ୱାରା ଏହାକୁ ସୁରକ୍ଷିତ ରଖିବା ଉଚତ । ଏଥିରୁ ଦୁନଆରେ ମାନବତାର ପ୍ରସାରିତ ହେବ ଏବଂ ବିଶ୍ୱ-ଶାନ୍ତି ପାଇଁ ସ୍ଥାୟୀ ଭିତ୍ତିଭୂମି ର ଆଶା.....

ଜୟ ଉତ୍କଳ, ଜୟ ଓଡିଶାବାସୀ

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ବାଣସ୍ତମ୍ଭ | ପ୍ରତିଭା ପ୍ରିୟଦର୍ଶିନୀ | ୧୧ |
| ମାନବ ଜୀବନ ବଡ଼ ମହାନ୍ | ଅମ୍ବିକା ସ୍ୱାଇଁ | ୧୮ |
| ଶୀତ ଆସିଥିବ | ସତ୍ୟବ୍ରତ ସାହୁ | ୧୯ |
| ଅଦିନ ଡାକ | ସୁଲୋଚନା ପଟ୍ଟନାୟକ | ୨୧ |
| କଲମ କାନ୍ଦୁଚ | ଅରୁଣ କୁମାର ମହାନ୍ତି | ୨୭ |
| ଦୀପାବଳୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୯ |
| ନିର୍ମଳ ଓଡିଶା ଗଠନରେ ସୁନ୍ଦର ଗ୍ରାମ | ଭାସ୍କର ଚନ୍ଦ୍ର ଖଣ୍ଡା | ୩୧ |
| ହୃଦୟ କହୁଛି | ପ୍ରକାଶ ସାହୁ | ୩୫ |
| ଆ କା ମା ବ | ଡମ୍ବରୁଧର ବାଗ | ୩୭ |
| ଜୀବନ ତୃଷ୍ଣା ଏତେ ଅନା ବନା | ଶାନ୍ତିଲତା ମିଶ୍ର | ୩୯ |
| ଜୀବନ ଦୀପ | ଆଶୁତୋଷ ମେହେର | ୪୨ |
| ଲାଗୁର୍ ଶୈଶବ | ଅନୁସୂୟା ମିଶ୍ର | ୪୩ |
| ତୁମ ପାଇଁ | ନିର୍ମଳ କୁମାର ଦଳାଇ | ୪୫ |
| ପାପ ଉପାଖ୍ୟାନ | ବିନୟ ମହାପାତ୍ର | ୪୭ |
| ମୁଁ ଭୋଟ ଦେଇଛି | ସନାତନ ମହାକୁଡ | ୫୧ |
| ନକ୍ସା | ବିଦ୍ୟାଧର ସେଠୀ | ୫୨ |

| | | |
|---|---|---|
| ଭିନ୍ନ ଜଣେ ସାବିତ୍ରୀ ( ସ୍ମୃତି ରେ କଳାହାଣ୍ଡି - 1) | ଲୋପାମୁଦ୍ରା ମିଶ୍ର | ୫୪ |
| ଜୀବନର କ୍ଷଣ କ୍ଷଣ | ରାଜଶେଖର ସି. "ଚମା" | ୫୮ |
| ଭିନ୍ନ ଏକ ବୃକ୍ଷ | ସାଗର ପ୍ରଧାନ | ୬୦ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୬୨ |
| କଏ କହେ ତୁମେ ଅଟ ବଡ ଠାକୁର | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୭୦ |
| ପ୍ରଭୁ କାର୍ତ୍ତିକେଶ୍ୱର | ପ୍ରେମଶିଲ୍ ରାଉତ | ୭୧ |
| ନେଲୁ ଆଜି ଶପଥ | ପୂର୍ଣ୍ଣଚନ୍ଦ୍ର ରଣା | ୭୩ |
| ରିଗା, ବର୍ଷା, "ଇଣ୍ଡିଆନ୍ ରାଜା' ଓ ଜଗନ୍ନାଥ | ଡକ୍ଟର ବିଜ୍ଞାନୀ ଦାସ | ୭୪ |
| ଈଶ୍ୱର ସବୁଠି ଅଛନ୍ତି | ଶଶଧର ମହାପାତ୍ର | ୮୫ |
| ତୋ ପାଇଁ | ସ୍ମିତା ତ୍ରିପାଠୀ | ୮୭ |
| ଏତିକି ଗୁହାରି ମୋର | ସିଦ୍ଧେଶ୍ୱର ତ୍ରିପାଠୀ | ୮୯ |
| ବୁଢା ନାଉରୀ | ସୀତାରାମ ଦାଶ | ୯୦ |
| ଦୀପାଳିର ଶେଷ ଦୃଶ୍ୟ | ଅଧ୍ୟାପକ ଶରତ କୁମାର ଦାସ | ୯୪ |
| ସମୟ | ରାଜେଶ ପୂଜାରୀ | ୯୬ |
| ବେସୁରା ରାଗିଣୀ | ସିପ୍ରା ନାମତା ( ନମ୍ରତା) | ୯୮ |
| ସୌଧ କଳ୍ପନାର | ଆର୍ତ୍ତତ୍ରାଣ ଖୁର୍ଦିଆ | ୧୦୬ |
| ଲେଖିଦେ ଛାତିରେ ମୋର | ପ୍ରକାଶ କୁମାର ଗୁନ୍ଦ | ୧୦୭ |
| ସୋନ ପାପଡ଼ି | ଆଶା ସାହୁ ( ଆରତୀ) | ୧୦୮ |
| ମାଆ ଓ ବାପା | ତୁଷାରକାନ୍ତ ପ୍ରସାଦ | ୧୧୧ |
| ବୃକ୍ଷ ଓ ନାରୀ | ସନ୍ତୋଷ ପଟ୍ଟନାୟକ | ୧୧୨ |

| | | |
|---|---|---|
| ନାରୀ ଶକ୍ତିର ଶାଣିତ ପ୍ରତିଫଳନ- ନାଦିଆ ମୁରାଦ | ଡ଼ି ଶୁଭମ୍ | ୧୧୩ |
| ଦୀପାବଳୀ | ଦିବ୍ୟ ଦିପ୍ତିମୟ ବେହେରା | ୧୧୬ |
| ପ୍ରତୀକ୍ଷା | ଖଗେଶ୍ୱର ବାଗ | ୧୧୭ |
| ସମାନ୍ତର | ସସ୍ମିତା ବେହେରା | ୧୧୮ |
| ଏମିତି ବି ହୁଏ | ସସ୍ମିତା ମହାନ୍ତି | ୧୨୦ |
| ସ୍ମୃତିର ଠିକଣା | ନରେନ୍ଦ୍ର ସାହୁ | ୧୨୬ |
| ହୋଲି | ଅଶୋକ କୁମାର ପଧାନ | ୧୨୮ |
| ବନ୍ଧନ<br>ଆସିଅଛି ଦୀପାବଳ | ସୁବଳ ମହାପାତ୍ର<br>ହରେରାମ ପଣ୍ଡା | ୧୨୯<br>୧୩୩ |
| କୋରାପୁଟର ମାଳ- ୩ | ଅଶୋକ ବିଶ୍ୱାଳ | ୧୩୫ |
| କାଗଜ | ସୁଦର୍ଶନ ସାହୁ | ୧୪୩ |
| ସୁନ୍ଦର ପୃଥିବୀ<br>ହୁକୁମ | ଶ୍ରୀହରି ଚରଣ ମଣ୍ଡଳ<br>ଇଂ. ସାରଦା ପ୍ରସାଦ ପରିଡା | ୧୪୪<br>୧୪୬ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୧୫୫ |
| ହେ କୀର୍ତ୍ତି! | ପ୍ରଫୁଲ୍ଲ କୁମାର ନାହାକ | ୧୫୮ |
| ମୋ ବୋଉ | ହରପ୍ରିୟା ନନ୍ଦ | ୧୬୦ |
| ଜୀବନ ପଥ | ପ୍ରଶାନ୍ତ କୁମାର ପଧାନ | ୧୬୧ |
| ପ୍ଲାଷ୍ଟିକ୍ ସଚେତନ | ଶାରଦା ପ୍ରସନ୍ନ ସାହୁ | ୧୬୩ |
| ମଣିଷ ହାଟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୫ |
| ବିଦାୟ ବେଳା<br>ଫେରିବିନି ଆଉ କେବେ | ଅଜୟ କୁମାର ମହାନ୍ତି<br>ଶୁଭସ୍ମିତା ବେହେରା | ୧୬୬<br>୧୬୮ |
| ପ୍ରେମର ପ୍ରମାଣ | ରାଜବାଲା ତ୍ରିପାଠୀ | ୧୭୦ |

| | | |
|---|---|---|
| ପ୍ରତିଜ୍ଞା | ମୀର୍ ମୁସ୍ତାକମ୍ ଅଲ୍ଲି | ୧୭୨ |
| ରାସ୍ତାର ଦୋ ଛକରେ | କ୍ଷଣପ୍ରଭା ବାଗ | ୧୭୪ |
| ଛୋଟ ମୋର ନାଆଟି ( ଧାରାବାହିକ) | ପ୍ରଫେସର ଅନତା ପଣ୍ଡା | ୧୭୫ |
| ମୋ ଅବଶୋଷ | ବିକାଶ କୁମାର ପାଲ | ୧୮୧ |
| ଖଟି ଖାଏ କାଟି ପିନ୍ଧେ | ସୌମ୍ୟ ରଞ୍ଜନ ପାଲ | ୧୮୨ |
| ଚନ୍ଦ୍ରଗିରିର ଲିଟିଲ୍ ଲାମା | ପ୍ରିୟବ୍ରତ ପାତ୍ର | ୧୮୩ |
| ତୁମେ ଏକ ଛିନ୍ନପତ୍ର | ସନ୍ତୋଷ କୁମାର ମହାନ୍ତି | ୧୯୧ |
| ପ୍ରେମ ହୁଏନାହିଁ | ପ୍ରଶାନ୍ତ କୁମାର ନାଥ | ୧୯୨ |
| ନଆରା ପର୍ଯ୍ୟଟନ କ୍ଷେତ୍ର: କାଙ୍କଣକୁଦ | ବନବିହାରୀ ବେହେରା | ୧୯୩ |
| ଅଢେଇ ଅକ୍ଷର ପ୍ରେମ | ଜୟପ୍ରକାଶ ଦୁରିଆ( ରମଣ) | ୧୯୮ |
| କଲମ ସ୍ୱର | ଏମ୍. ବିଜୟ କୁମାର | ୨୦୦ |
| ମୋବାଇଲ | ଲିନା ରାଣୀ ଧଳ ମଙ୍ଗରାଜ | ୨୦୧ |
| ଅନାମିକା ପ୍ରେମିକାର ପରିଚୟ | ରାମ କଲତା | ୨୦୨ |
| ଫେରିଲେ ମୁଁ ତୁମର | ରୋହିତ୍ ମାଝୀ | ୨୦୪ |
| ତୁମେ ଗଲାପରେ | ଧିରେନ୍ ବାଗ | ୨୦୫ |
| ନିବିଡ ସଂପର୍କ | ସଙ୍ଗୀତା ମଞ୍ଜରୀ ମହାନ୍ତି | ୨୦୬ |
| ସପନର ନବବଧୂ | ଦେବବ୍ରତ ଜେନା | ୨୦୯ |
| ପ୍ରିୟା ମୋର | ଆଲୋକ କୁମାର ରାଉତ | ୨୧୧ |
| ମଦ୍ କେଭେ ପିଆବୁ ? | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୨୧୨ |
| ଏଇତ ନୁହେଁ ସେ ପଥ | କବି ପ୍ରସାଦ | ୨୧୫ |
| ବିନତି | ଶିବାନନ୍ଦ ବନଛୋର | ୨୧୬ |
| ନଦୀରେ ସ୍ନାନପାଇଁ ଟିକସ | ବାଲ୍ମୀକି ନାୟକ | ୨୧୭ |

| | | |
|---|---|---|
| ପହିଲି ଦେଖାରୁ କମିଆଁ କରିଛୁ | କାହ୍ନୁ ଚରଣ ସାହୁ | ୨୨୨ |
| ବନ୍ୟା- ବାତ୍ୟା- ମରୁଡି | ନଶିକାନ୍ତ କହଲସିଂହ | ୨୨୩ |
| ପୁସ୍ତକ ପରିଚୟ | ଲିଲି ଗୌଡ | ୨୨୪ |
| ପୁସ୍ତକ ପରିଚୟ | ଡ଼ି ଶୁଭମ୍ | ୨୨୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୨୭ |
| **ଶିଶୁ ବିଭାଗ** | | |
| ଆମୁଲିଆ ଶୀତ ପଡିଲାଣି | ସତ୍ୟବ୍ରତ ସାହୁ | ୨୩୨ |
| ଅଜା ଆଇଙ୍କ କଳ | ପ୍ରକାଶ ସାହୁ | ୨୩୪ |
| ଆସିବ ଦୀପାବଳୀ | ପ୍ରେମଶିଲ୍ ରାଉତ | ୨୩୫ |
| ଜହ୍ନମାମୁଁ | ରାଜଶେଖର ସି "ଚମା" | ୨୩୭ |
| ଆଶିଷ ଦିଅ ଗୁରୁଜି | ସନ୍ତୋଷ ପଟ୍ଟନାୟକ | ୨୩୮ |
| ନଭେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୯ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୪୦ |

# ବାଣସ୍ତମ୍ଭ



ପ୍ରତିଭା ପ୍ରିୟଦର୍ଶିନୀ

'ବାଣସ୍ତମ୍ଭ' ବୈଦିକ ଜ୍ଞାନର ଏକ ଅଦ୍ଭୁତ ଏବଂ ବିସ୍ମୟକର ସୂଚନା ବହନକରେ। ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ପ୍ରାୟ ୧୫୦୦ ବର୍ଷ ପୁରାତନ ଏହି ସ୍ତମ୍ଭର ବିଲକ୍ଷଣତା ଜାଣିଲେ ସାଧାରଣ ମଣିଷଟିଏ ଆଶ୍ଚର୍ଯ୍ୟଚକତ ହେବା ନଶ୍ଚିତ।

ଇତିହାସ ବଡ ଚମତ୍କାର ବିଷୟ। ଏହାକୁ ଖୋଜିବା ଓ ଅଧ୍ୟୟନ କରିବା ଅବସରରେ ବେଳେ ବେଳେ ଏପରି ସ୍ଥିତିର ସାମ୍ନାହୁଏ, ଯାହା ଆମକୁ ଆଚମ୍ବିତ କରେ। ଏପରି ପରିସ୍ଥିତିରେ ଆମେ ନଜକୁ ପ୍ରଶ୍ନକରୁ, ଏହା କପରି ସମ୍ଭବ...? ଦେଢ ହଜାର ବର୍ଷ ପୂର୍ବେ ଏଭଳ ଉନ୍ନତ ଓ ଅତ୍ୟାଧୁନକ ଜ୍ଞାନ ଆମ ଭାରତୀୟ ମାନଙ୍କ ପାଖରେ ଥିଲା ବୋଲି ସହଜେ ବିଶ୍ୱାସ ହୁଏନ।

ଗୁଜରାଟର ସୋମନାଥ ମନ୍ଦିର ସେହିଭଳ ପରିସ୍ଥିତିରେ ପକାଇପାରେ। ସେମିତିବି ସୋମନାଥ ମନ୍ଦିରର ଐତିହ ଖୁବ୍ ଗୌରବଶାଳୀ ଏବଂ ବିଲକ୍ଷଣ ଅଟେ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ପ୍ରଥମ ଜ୍ୟୋତିର୍ଲିଙ୍ଗ ହେଉଛନ୍ତି ଶ୍ରୀ ସୋମନାଥ ମହାରାଜ। ଏକ ବୈଭବଶାଳୀ, ସୁନ୍ଦର ଶିବଲିଙ୍ଗ। ଏହି ମନ୍ଦିର ଏତେ ସମୃଦ୍ଧ ଯେ ଉତ୍ତର- ପଶ୍ଚିମ ରୁ ଆସିଥିବା ପ୍ରତ୍ୟେକ ଆକ୍ରମଣକାରୀ ର ନଜର ପ୍ରଥମେ ସୋମନାଥ ମନ୍ଦିର ଉପରେ ହିଁ ପଡୁଥିଲା। ଏହି ମନ୍ଦିର ଉପରେ ଅନେକଥର ଆକ୍ରମଣ ହୋଇଛି। ତାକୁ ଲୁଣ୍ଠନ କରାଯାଇଛି। ଗାଡି ପରେ ଗାଡି ଭର୍ତ୍ତିକରି ସୁନା, ରୁପା, ହୀରା, ମୋତି, ମାଣିକ୍ୟ କୁ ବୋହି ନେଇଯାଇଛନ୍ତି ଆକ୍ରମଣକାରୀ ମାନେ। ଏତେମାତ୍ରାରେ ଏବଂ ଏତେଥର ସମ୍ପତ୍ତି ଲୁଟ୍

ହେବା ପରେ ମଧ୍ୟ, ପ୍ରତ୍ୟେକଥର ସୋମନାଥ ର ଶିବାଳୟ ପୁନଷ୍ଚ ନିଜ ବୈଭବ ନେଇ ଠିଆ ହୋଇଛି।



ତେବେ, କେବଳ ଏହି ବୈଭବ ପାଇଁ ଯେ ସୋମନାଥର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି ତା ନୁହେଁ। ସୋମନାଥ ମନ୍ଦିର ଭାରତବର୍ଷର ପଶ୍ଚିମତଟରେ ଅବସ୍ଥିତ। ବିଶାଳ ଆରବ ସାଗର ଭଗବାନ ସୋମନାଥଙ୍କ ଚରଣ ନିତ୍ୟ ପ୍ରକ୍ଷାଳନ କରେ।। ମାତ୍ର ବିଗତ ହଜାର ବର୍ଷର ଜ୍ଞାତ ଇତିହାସରୁ ଜଣାଯାଏ ଯେ ଆରବ ସାଗର କେବେ ତା'ର ମର୍ଯ୍ୟାଦା ଲଙ୍ଘନ କରିନାହିଁ। କେଜାଣି କେତେ ଝଡ, ତୋଫାନ, ଘୂର୍ଣ୍ଣିବାତ୍ୟା ଆସିଛି, କିନ୍ତୁ ସେସବୁ ଦ୍ୱାରା ପୀଠର କେବେବି କୌଣସି କ୍ଷତି ହୋଇନାହିଁ।



ଏହି ମନ୍ଦିର ପ୍ରାଙ୍ଗଣରେ ଏକ ସ୍ତମ୍ଭ ରହିଛି। ଏହାକୁ 'ବାଣସ୍ତମ୍ଭ' କୁହାଯାଏ। ଏହି ସ୍ତମ୍ଭ କେବେଠାରୁ ଏଠାରେ ରହିଛି ତାହା ସଠିକ ଭାବରେ କହିବା ଅସମ୍ଭବ। ପ୍ରାୟ ଷଷ୍ଠ ଶତାବ୍ଦୀର ଇତିହାସରେ ଏହି ସ୍ତମ୍ଭର ବର୍ଣ୍ଣନା ଦେଖିବାକୁ ମିଳେ। ତା'ର ମାନେ ନୁହେଁ, ଏହା ଷଷ୍ଠ ଶତାବ୍ଦୀରେ ପ୍ରତିଷ୍ଠା ବା ନିର୍ମାଣ ହୋଇଥିଲା। ଏହାର ଅନେକ ଶହ ବର୍ଷ ପୂର୍ବରୁ ହୁଏତ ଏହାର ନିର୍ମାଣ ହୋଇଥିବ ସମ୍ଭବତଃ। ଏହା ଏକ ଦିଶା ଦର୍ଶକ ସ୍ତମ୍ଭ ଅଟେ, ଯାହା ଉପରେ ସମୁଦ୍ର ଆଡକୁ ଇଙ୍ଗିତ କରୁଥିବା ଏକ 'ବାଣ' ରହିଛି। ଏହି ବାଣସ୍ତମ୍ଭ ରେ ସଂସ୍କୃତରେ ଲେଖାଅଛି,

"ଆସମୁଦ୍ରାଂତ ଦକ୍ଷିଣ ଧ୍ରୁବ ପର୍ଯଂତ
ଅବାଧିତ ଜ୍ୟୋତିରମାର୍ଗ..."

ଯାହାର ଅର୍ଥ ହେଉଛି - "ଏହି ବିନ୍ଦୁରୁ ଦକ୍ଷିଣ ଧ୍ରୁବ ପର୍ଯ୍ୟନ୍ତ ଏକ ସରଳରେଖାରେ ଗୋଟିଏ ହେଲେ ବାଧା ବା ଅବରୋଧ ନାହିଁ।" ଅର୍ଥାତ ଏ ସମଗ୍ର ଦୂରତାରେ ସ୍ଥଳଭାଗର ଛୋଟ ଟୁକୁଡାଏ ମଧ୍ୟ ନାହିଁ।

ତେବେ ଏହି ଜ୍ଞାନ ଏତେ ବର୍ଷ ପୂର୍ବେ କ'ଣ ଆମ ଭାରତୀୟ ମାନଙ୍କର ଥିଲା? ଏହା କପରି ସମ୍ଭବ? ଏବଂ ଯଦି ଏହା ସତ୍ୟ ଅଟେ, ତେବେ କେତେ ସମୃଦ୍ଧ ଜ୍ଞାନର ଧରୋହର ଆମେ ସାଇତି ରଖିଛେ ସତରେ। ସଂସ୍କୃତରେ ଲିଖିତ ଏହି ପଂକ୍ତିରେ ଅନେକ ଗୂଢ ତତ୍ତ୍ୱ ସମାହିତ ହୋଇଛି। ଏହି ପଂକ୍ତିର ସରଳ ଅର୍ଥ ହେଉଛି ଯେ, ସୋମନାଥ ମନ୍ଦିରର ସେହି ବିନ୍ଦୁରୁ ଦକ୍ଷିଣ ଧ୍ରୁବ ଯାଏଁ (ଅର୍ଥାତ ଆଣ୍ଟାର୍କଟିକା ଯାଏଁ), ଏକ ସରଳରେଖା ଟଣାଗଲେ ମଝିରେ ଗୋଟିଏ ହେଲେ ଭୂଖଣ୍ଡ ପଡିବ ନାହିଁ। ଏହା କ'ଣ ସତ୍ୟ? ଆଜିର ଯନ୍ତ୍ର ଓ ବିଜ୍ଞାନ ଯୁଗରେ ଏହା ଖୋଜିବା ସମ୍ଭବ, ଯଦିଓ ସହଜ ନୁହେଁ।



ଗୁଗଲ ମ୍ୟାପ୍ ରେ ଖୋଜିବା ପରେ କୌଣସି ଭୂଖଣ୍ଡ ଏହି ସରଳରୈଖିକ ପଥରେ ଦୃଶ୍ୟ ହେଉନାହିଁ। ଛୋଟ ଛୋଟ ଭୂଖଣ୍ଡକୁ ଦେଖିବା ପାଇଁ ମ୍ୟାପ୍ କୁ ପରିବର୍ଦ୍ଧିତ (ଏନଲାର୍ଜ) ଅଥବା ଜୁମ୍ କରି କରି ଆଗକୁ ବଢିବାକୁ ହୁଏ। ଯଦିଓ ଏହା ଖୁବ୍ ବୋର କରିବା ଭଳି କାର୍ଯ୍ୟ, ତେବେ ଧୈର୍ଯ୍ୟର ସହିତ ଧିରେ ଧିରେ ଦେଖି ଦେଖି ଯିବାରେ ଗୋଟିଏ ହେଲେ ଭୂଖଣ୍ଡ (ଅର୍ଥାତ ୧୦ କ.ମି x ୧୦ କ.ମି ରୁ ବଡ ଭୂଖଣ୍ଡ, ତା ଠାରୁ ଛୋଟ ଭୂଖଣ୍ଡ ଧରି ହୁଏନ ମ୍ୟାପ୍ ରେ) ମିଳେନାହିଁ। ଅର୍ଥାତ ଆମେ ମାନ ପାରିବା ଯେ ସେହି ସଂସ୍କୃତ ଶ୍ଳୋକଟିରେ ସତ୍ୟତା ରହିଛି।

କନ୍ତୁ ମୂଳପ୍ରଶ୍ନ ଏବେବି ତା ସ୍ଥାନରେ ବଳବତ୍ତର ରହିଛି। ଯଦି ଏକଥା ମାନ ଗ୍ଭଲିବା ଯେ ସନ ୬୦୦ରେ ଏହି ବାଣସ୍ତମ୍ଭର ନର୍ମାଣ ହୋଇଥିଲା, ତେବେବି ସେହି ସମୟରେ ପୃଥିବୀର ଦକ୍ଷିଣ ଧ୍ରୁବ ଅଛି, ଏକଥା ଆମ ପୂର୍ବଜ ମାନେ କେଉଁଠୁ ଏବଂ କପରି ଜାଣିଥିଲେ? ଯଦି ଏକଥା ମଧ୍ୟ ମାନ ନଆଯାଏ ଯେ ସେମାନେ ଦକ୍ଷିଣ ଧ୍ରୁବ ବିଷୟରେ ଜାଣିଥିଲେ, ତେବେ ମଧ୍ୟ ସୋମନାଥ ମନ୍ଦିରରୁ ଦକ୍ଷିଣ ଧ୍ରୁବଯାଏଁ ସରଳରେଖାରେ କୌଣସି ଭୂଖଣ୍ଡ ନାହିଁ, ସେହି ମ୍ୟାପିଂ କଏ ଏବଂ କେମିତି କଲା? ସବୁକଛି ସତରେ ଅଦ୍ଭୁତ!

ଏଥିରୁ ସ୍ପଷ୍ଟ ଯେ, ବାଣସ୍ତମ୍ଭ ନିର୍ମାଣ ବେଳକୁ ପୃଥିବୀ ଗୋଲାକାର ବୋଲି ଭାରତୀୟ ମାନଙ୍କର ଜ୍ଞାନ ଥିଲା। କେବଳ ସେତିକି ନୁହେଁ, ପୃଥିବୀର ଦକ୍ଷିଣ ଧ୍ରୁବ ଅଛି (ଅର୍ଥାତ ଉତ୍ତର ଧ୍ରୁବ ମଧ୍ୟ ଅଛି) ବୋଲି ମଧ୍ୟ ସ୍ପଷ୍ଟ ଧାରଣା ଥିଲା। ଏହା କିପରି ସମ୍ଭବ ହେଲା? ଏଥିପାଇଁ ପୃଥିବୀର "ଏରିଅଲ ଭିୟୁ" ନେବାର କୌଣସି ସାଧନ ଉପଲବ୍ଧ ଥିଲା କି? ଅର୍ଥାତ ପୃଥିବୀର ଏକ ବିକଶିତ ନକ୍ସା ପ୍ରସ୍ତୁତ ହୋଇଥିଲା କି?

ନକ୍ସା ପ୍ରସ୍ତୁତି ପାଇଁ ଏକ ସ୍ୱତନ୍ତ୍ର ଶାସ୍ତ୍ର ବା ଅଧ୍ୟୟନର ବିଭାଗ ରହିଛି। ଇଂରାଜୀରେ ଏହାକୁ 'କାର୍ଟୋଗ୍ରାଫି' (ଏହା ମୂଳତଃ ଏକ ଫ୍ରେଞ୍ଚ ଶବ୍ଦ) କୁହାଯାଏ। ଏହା ଏକ ପ୍ରାଚୀନ ଶବ୍ଦ। ଖ୍ରୀଷ୍ଟପୂର୍ବ ଛ ହଜାର ରୁ ଆଠ ହଜାର ବର୍ଷ ପୁରାତନ ଗୁମ୍ଫା ମାନଙ୍କରେ ଆକାଶର ଗ୍ରହ, ନକ୍ଷତ୍ର ଓ ତାରା ମାନଙ୍କ ନକ୍ସା ଦେଖିବାକୁ ମିଳଛି। ପରନ୍ତୁ ପୃଥିବୀର ନକ୍ସା ପ୍ରଥମେ କିଏ ପ୍ରସ୍ତୁତ କରିଥିଲା ସେ ନେଇ କୌଣସି ସହମତି ମିଳେନାହିଁ। ଆମ ଭାରତୀୟ ଜ୍ଞାନର କୌଣସି ପ୍ରମାଣ ନ ଦିଆଯିବାରୁ ଏହି ସମ୍ମାନ "ଏନେକ୍ସି ମେଣ୍ଡର' ନାମକ ଜଣେ ଗ୍ରୀକ ବୈଜ୍ଞାନିକଙ୍କୁ ଦିଆଯାଏ। ଖ୍ରୀଷ୍ଟପୂର୍ବ ୬୧୧ ରୁ ୫୪୬ ଯାଏଁ ଥିଲା ତାଙ୍କ କାଳଖଣ୍ଡ। ତେବେ ତାଙ୍କ ଦ୍ୱାରା ପ୍ରସ୍ତୁତ ନକ୍ସାଟି ଅତ୍ୟନ୍ତ ପ୍ରାଥମିକ ସ୍ତରର ଥିଲା। ସେହି କାଳଖଣ୍ଡରେ ଯେଉଁଠି ଯେଉଁଠି ମାନବ ବସତିର ଜ୍ଞାନ ଥିଲା, କେବଳ ସେହି ଅଞ୍ଚଳ ଗୁଡିକୁ ନକ୍ସାରେ ଉତ୍ତର ଓ ଦକ୍ଷିଣ ମେରୁ ବିଷୟରେ ସେହି ନକ୍ସାରେ କୌଣସି ଉଲ୍ଲେଖ ଥିବା ଅସମ୍ଭବ।

ଆଜିକା ଦୁନିଆରେ ବାସ୍ତବିକ ରୂପର ନିକଟତର ନକ୍ସା 'ହେନେରିକ୍ସ ମାର୍ଟେଲସ' ପ୍ରାୟ ୧୪୯୦ ଖ୍ରୀଷ୍ଟାବ୍ଦ ପାଖାପାଖି ପ୍ରସ୍ତୁତ କରିଥିଲେ। ବିଶ୍ୱାସ କରାଯାଏ ଯେ କଲମ୍ବସ ସେହି ନକ୍ସା ଆଧାରରେ ତାଙ୍କ ସମୁଦ୍ର ଯାତ୍ରା ସମ୍ପୂର୍ଣ୍ଣ କରିଥିଲେ। ପୃଥିବୀର ଆକାର ଗୋଲାକାର, ଏକଥା ୟୁରୋପର କିଛି ବୈଜ୍ଞାନିକ ବ୍ୟକ୍ତ କରିଥିଲେ। 'ଏନେକ୍ସି ମେଣ୍ଡର' ଖ୍ରୀଷ୍ଟପୂର୍ବ ୬୦୦ ବେଳକୁ ପୃଥିବୀର ଆକାର ସିଲିଣ୍ଡର ଆକୃତିର ବୋଲି ମାନି ନେଇଥିଲେ। 'ଆରିଷ୍ଟଟଲ' (ଖ୍ରୀଷ୍ଟପୂର୍ବ ୩୮୪- ୩୨୨) କିନ୍ତୁ ପୃଥିବୀକୁ ଗୋଲାକାର ବୋଲି କହିଥିଲେ।

କିନ୍ତୁ ଭାରତରେ ଏହି ଜ୍ଞାନ ପ୍ରାଚୀନ କାଳରୁ ରହି ଆସିଛି, ଯାହାର ବଳିଷ୍ଠ ପ୍ରମାଣ ମଧ୍ୟ ମିଳେ। ଏହି ଜ୍ଞାନ ଆଧାରରେ ହିଁ ପରବର୍ତ୍ତି ସମୟରେ ଆର୍ଯ୍ୟଭଟ୍ଟ ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦ ବେଳକୁ ଆମର ଏହି ଗୋଲାକାର ପୃଥିବୀର ବ୍ୟାସ ୪୯୬୭ ଯୋଜନ ବା ୩୯,୯୬୮ କିଲୋମିଟର ବୋଲି ଦୃଢ଼ତାର ସହିତ କହିଥିଲେ। ଆଜିର ଆତ୍ୟାଧୁନିକ ଜ୍ଞାନକୌଶଳ ସାହାଯ୍ୟରେ ପୃଥିବୀର ବ୍ୟାସ ୪୦,୦୭୫ କିଲୋମିଟର ବୋଲି ମାପ କରାଯାଇଛି। ଅର୍ଥାତ ଆର୍ଯ୍ୟଭଟ୍ଟଙ୍କ ଆକଳନରେ ମାତ୍ର ୦.୨୬% ର ଅନ୍ତର ଥିଲା, ଯାହା ଅତି ନଗଣ୍ୟ ଅଟେ। ପ୍ରାୟ ଦେଢ଼ହଜାର ବର୍ଷ ପୂର୍ବେ ଆର୍ଯ୍ୟଭଟ୍ଟଙ୍କର ଏହି ଜ୍ଞାନ ଆଶ୍ଚର୍ଯ୍ୟଜନକ ନୁହେଁକି!!!

୨୦୦୮ ମସିହାରେ ଜର୍ମାନୀର ବିଖ୍ୟାତ ଇତିହାସବିଦ ଜୋସେଫ୍ ଶ୍ୱାର୍ଟସବର୍ଗ ଏହା ପ୍ରମାଣ କରି ଦେଖାଇଲେ ଯେ ଖ୍ରୀଷ୍ଟପୂର୍ବ ପ୍ରାୟ ଦୁଇ ରୁ ଅଢେଇ ହଜାର ବର୍ଷ ପୂର୍ବରୁ, ଭାରତରେ ନକ୍ସା ଶାସ୍ତ୍ର ଅତ୍ୟନ୍ତ ବିକଶିତ ଥିଲା। ନଗର ରଚନାର ନକ୍ସା ତ ସେତେବେଳେ ଉପଲବ୍ଧ ଥିଲା ହିଁ, ତା ସହିତ ନୌକାୟନ ପାଇଁ ଆବଶ୍ୟକ ନକ୍ସା ମଧ୍ୟ ଉପଲବ୍ଧ ଥିଲା, ଏକଥା ବାଣସ୍ତମ୍ଭରୁ ପ୍ରତିପାଦିତ ହୁଏ। ଭାରତରେ ନୌକାୟନ ଶାସ୍ତ୍ର ପ୍ରାଚୀନକାଳରୁ ଖୁବ୍ ବିକଶିତ ଥିଲା। ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆରେ ଯେପରି ପାଦେ ପାଦେ ହିନ୍ଦୁ ସଂସ୍କୃତିର ଚିହ୍ନ ମିଳେ, ସେଥିରୁ ଏହା ଜ୍ଞାତ ହୁଏଯେ ଭାରତୀୟ ଜଳ ଜାହାଜ ଗୁଡିକ ପୂର୍ବ ଦିଗରେ ଜାଭା, ସୁମାତ୍ରା, ବାଲି ଇତ୍ୟାଦିକୁ ପାରକରି ଜାପାନ ପର୍ଯ୍ୟନ୍ତ ପ୍ରବାସ କରି ଫେରୁଥିଲେ। ୧୯୫୫ ମସିହାରେ ଲୋଥାଲରେ ଅଢେଇ ହଜାର ବର୍ଷ ପୂର୍ବର ଅବଶେଷ ମିଳିଛି। ସେଥିରେ ଭାରତର କୁଶଳ, ସଫଳ ଓ ପ୍ରଗତିଶୀଳ ନୌକାୟନ ପରମ୍ପରାର ପ୍ରମାଣ ସ୍ପଷ୍ଟ ଭାବରେ ମିଳେ।

ସୋମନାଥ ମନ୍ଦିର ନିର୍ମାଣ ସମୟରେ ଦକ୍ଷିଣ ଧ୍ରୁବ ପର୍ଯ୍ୟନ୍ତ ଦିଶା ଦର୍ଶନ, ସେତେବେଳର ଭାରତୀୟଙ୍କ ପାଖରେ ଥିଲା, ଏହା ନିଃସନ୍ଦେହ। ତଥାପି ମନରେ ଏବେ ମଧ୍ୟ ଅସମାହିତ ପ୍ରଶ୍ନଟିଏ ଉଙ୍କିମାରେ ଯେ, ଦକ୍ଷିଣ ମେରୁ ଯାଏଁ ସରଳରେଖାରେ ସମୁଦ୍ର ମାର୍ଗରେ କୌଣସି ଅବରୋଧ ନାହିଁ, ଏହା ପରବର୍ତ୍ତି ସମୟରେ ଖୋଜି ବାହାର କରାଗଲା ଅବା ଦକ୍ଷିଣ ମେରୁରୁ ସରଳରୈଖିକ ସମୁଦ୍ର ମାର୍ଗ ଯେଉଁଠି ଭାରତବର୍ଷର ପଶ୍ଚିମ ତଟରେ ମିଳିତ ହୋଇଛି,


ସେଠାରେ ସୋମନାଥ ଜ୍ୟୋତିର୍ଲିଙ୍ଗ ପ୍ରତିଷ୍ଠା କରାଗଲା? କେଉଁ ଘଟଣାଟି ପ୍ରଥମେ ଘଟିଥିଲା?

ବାଣସ୍ତମ୍ଭରେ ଲିଖିତ ସେହି ପଂକ୍ତି (ଆସମୁଦ୍ରାଂତ ଦକ୍ଷିଣ ଧ୍ରୁବ ପର୍ଯ୍ୟନ୍ତ ଅବାଧିତ ଜୋତିରମାର୍ଗ.....) ରେ ଯାହାର ଉଲ୍ଲେଖ କରାଯାଇଛି, ସେହି ଜ୍ୟୋତିର୍ମାର୍ଗ କ'ଣ? ତାହା ଆଜି ମଧ ଉତ୍ତର ଅପେକ୍ଷାରେ। ବୋଧହୁଏ ସୁଦୂର ଦକ୍ଷିଣ ଯାଏଁ ଯାଉଥିବା ମାର୍ଗ ଉତ୍ତରକାଳର ପ୍ରବାହରେ ବୋଧହୁଏ ଲୁପ୍ତ ହୋଇଯାଇଛି, ଏହି ବିଷୟରେ ଅଧିକ ଅନୁସନ୍ଧାନ ହେବା ଉଚତ। ତଦ୍ୱାରା ପୃଥିବୀର ଇତିହାସ ଓ ଭୂଗୋଳ ସହିତ ଆମ ଭାରତବର୍ଷର ଜ୍ଞାନମୟ ଗୌରବର ଅନାବରଣ ହୋଇପାରିବ।

ଶକ୍ତି ନଗର, ଲିଙ୍କ୍ ରୋଡ୍, କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ମାନବ ଜୀବନ ବଡ଼ ମହାନ୍



ଅମ୍ବିକା ସ୍ୱାଇଁ

ମାନବ ଜୀବନ ବଡ଼ ମହାନ୍ ତାକୁ କର ଯେତେ ସମ୍ମାନ ଆଦର
ମାନବ ଜନମ ବଡ଼ ଦୁର୍ଲଭ ଯେତେ କରି ଚାଲ ପର ଉପକାର
ପର ଉପକାର କରି ପାର ଯେତେ ହେଳା କର ନାହିଁ ଜନ ଗଣ
ପର ଉପକାର ସ୍ୱର୍ଗୀୟ ଆନନ୍ଦ ତାହା ଠାରୁ ବଳ ନାହିଁ କଛି ଆନ ।।

ମାନବ ସେବା ଅଟେ ମାଧବ ର ସେବା ଆଉ ଯେତେ ସବୁ ପଛକୁ ରଖ
କରି ଚାଲ ତୁମେ ମାନବ ସେବା ଏଥିରେ ମିଳେ ଅପାର ଶାନ୍ତି ଓ ସୁଖ
ମଣିଷ ଆସିଛି ଦିନେ ସଂସାର କୁ ଦିନେ ଚାଲି ଯିବ ଏହି ସଂସାର ରୁ
ଭଲ କାମ ଯଦି କରି ଚାଲି ଯିବ ହଜିବନ କେବେ ସ୍ମୃତି ପଟ୍ଟରୁ ।।

ସଂସାର କୁ ଆମେ ଆସିଛେ ଏକା ଯିବା ବେଳେ ନେବା କର୍ମର ରେଖା
ଆସିଅଛ ଏକା ଯିବା ମଧ୍ୟ ଏକା ସାଥେ ନଥିବେ କେହି ବନ୍ଧୁ ସଖା ||

କରିବାନ ଆମେ ଗର୍ବ ଅହଙ୍କାର ମିଶି ଚଳବା କରି ଏକ ମନ
କରିବା ନାହିଁ ଆମେ ଲଢେଇ ଝଗଡ଼ା ବଞ୍ଚିଥିବା ଆମେ ଯେତିକି ଦିନ ।।

ମଣିଷ ଜୀବନ ଅଟେ ବଡ଼ ମହାନ୍ ସଂସାର ରେ ଅଟେ ଶ୍ରେଷ୍ଠ ତମ
ଏହି ଜୀବନ କୁ ଭଲ କର୍ମେ ଲଗାଇ ଚାଲିଲେ ହେବ ତୁମେ ଦେବ ସମ ।।

ଭୁବନେଶ୍ୱର

# ଶୀତ ଆସିଥିବ



ସତ୍ୟବ୍ରତ ସାହୁ

ନୂଆ କଅଁଳ ଥିବା ଦୁବ ଘାସ ଉପରେ

ଚମକୁ ଥିବ ମୁକ୍ତା,

ସଦ୍ୟସ୍ନାତା ଲଳନାଟି ପରି ମାପି ଚୁପି

ସଜେଇ ହେଉଥିବ ଗେଣ୍ଡୁଫୁଲ,

ପ୍ରଭାତ ଲଗ୍ନରେ ଗୃଳ ଉପରେ

ନେସି ହୋଇଥିବ ପରସ୍ତ ପରସ୍ତ କାକର ବିନ୍ଦୁ ।

ଲମ୍ବା ରାତିର ଆନନ୍ଦ ଲୁଟୁଥିବେ

ପ୍ରଣୟ- ପ୍ରଣୟୀ, ଜହ୍ନ କଇଁ,

ଠାଏ ଠାଏ ମୁରୁକ ହସୁଥିବା ଶୋରିଷ ଫୁଲ

ଚହଲାଇ ଦେଉଥିବ କେଉଁ କିଶୋରୀର ମନ,

କୁନି ପିଲାମାନେ କଳ କରୁଥିବେ

ଖରା ପୋଇଁବା ପାଇଁ,

ବିଛଣାରେ ଥାଇ ପରୀକ୍ଷା ପାଇଁ କିଏ କେମିତି

ଘୋଷୁଥିବେ ଇତିହାସ କି ଭୂଗୋଳ ।

କାରଣ....ଏବେ ଶୀତ ଆସିଛି ଧରାରେ

ମୋ ଗାଁରେ ବି ।

ଭିଜୁଥିବ ମୋ ପ୍ରିୟା,

ମୋ ପାଇଁ ମନାସୁଥିବ କେତେ କଣ,

ରେଜେଇ ତଳେ ମୁହଁ ଲୁଚାଇ ଓଠ ଚାପି

ହସୁଥିବ ସେ,

କାରଣ...ଏବେ ବି ଶୀତ ଆସିଥିବ

ମୋ ପ୍ରିୟା ଗାଆଁରେ ।

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର



# ଅଦିନ ଡାକ



ସୁଲୋଚନା ପଟ୍ଟନାୟକ

ସନାତନ ଦାଣ୍ଡ ପିଣ୍ଡାରେ ବସି ସକାଳର ନରମ ଖରାକୁ ଅନେଇ ରହିଥିଲା । ରେବତୀ କଂସାରେ ମୁଢି ଆଉ କାଚ ଗ୍ଲାସରେ ଗିଲାସେ ନାଲି ଚାହା ଆଣି ସ୍ୱାମୀଙ୍କୁ ଦେଇ କହିଲା, "ଆଜି ଏମିତି ବସିଯାଇଛ କେମିତି ? ବିଲ ଆଡେ ଯିବନକ ? ତମେ ତ ଏମିତି କେବେ ବସନ, କଅଣ ଦେହ ପା ଖରାପେ" ? ସନଆ ଉତ୍ତର ନ ଦେଇ ସେମିତି ଆକାଶକୁ ଚାହିଁ ରହିଲା । ରେବତୀ ତା କାନ୍ଧକୁ ହଲାଇ ଦେଇ କହିଲା, "ଭେକୁଆ ପରି ଚାହିଁଛ କଣ ବା, କହୁନା କଅଣ ହୋଇଛି? କଏ କଅଣ ତମର ଖାଇଛି ନାଁ ଧାରିଛି ନା ଚୋରୀ କରିଛି ? ଏମିତି ସକାଳ ପହରୁ ଚନ୍ତାରେ ବସିଛ କାହିଁକି" ? ସନଆ ହାତ ହଲାଇ ତାକୁ ସେଠାରୁ ଚାଲିଯିବାକୁ ଇଙ୍ଗିତ କଲା । ପାଟି ଖୋଲି କଥା କହିବାକୁ ତିଳେ ହେଲେ ତାର ଇଚ୍ଛା ହେଲାନ । ମୁଢି ବେଲାଟାକୁ ଘୁଞ୍ଚାଇ ଦେଇ କହିଲା, "ନେଇଯା ତୋ ମୁଢି, ନେଇ ଯା । ମୋର ଖାଇବାରେ ଇଚ୍ଛା ନାହିଁ ଆଜି। ଚାହା ଗିଲାସରୁ ଢୋକେ ପିଇଲା, ପୁଣି ଆଉ ଢୋକେ ପିଇଲା ବେଳକୁ ମନେ ହେଲା, ତଣ୍ଟି ଭିତରକୁ ପାଣି ଟୋପାଏ ଯିବାକୁ କଷ୍ଟ ହେଉଛି । ମନ ଭାଙ୍ଗି ଯାଇଛି ସନାତନର । ଦୁଇ ଢୋକ ପିଇଦେଇ ନାଲି ଗାମୁଛାଟାକୁ କାନ୍ଧରେ ପକାଇ ଉଠିଲା । କାହାକୁ କିଛି ନକହି ଏକା ମୁହାଁ ହୋଇ ଚାଲିଲା ବାବୁ ଘରକୁ । ସନାତନର କୁଆଡେ କଘା ନାହିଁ । ଚୁପଚାପ ଚାଲିଛି ଏକା ମୁହାଁ ହୋଇ । ବାଟରେ ନରହରି ସହ ଦେଖା ହେଲା । ନରହରିକୁ ଯେମିତି ସିଏ ଚହ୍ନିନ । ଆଡ ଆଖିରେ ଅନାଇଲା ନାହିଁ - ଏକା ମୁହାଁ ଚାଲିଥାଏ । ନରହରି କାବା ହୋଇ ଦେଖିଲା, ଇଏ ସେଇ ସନଆ ନାଁ ଆଉ କଏ ?

ଦଶ ମିନଟରେ ବାବୁ ଘରେ ପହଞ୍ଚିଗଲା ସନଆ । ଗଡମାଣତିର ଗାଁର ଜମିଦାର ବାବୁଙ୍କ ଘର । ଘରେ କେବଳ ବାବୁଙ୍କ ମା' ରୁହନ୍ତି । ଏକୁଟିଆ । ଘର ଭିତରକୁ ଗଲା ।

ଅଗଣାର ଚଉର୍ ମୂଳରେ ପଡିଥିବା ବଡ ପଥରଟାକୁ ଆଉଜି ବସିଗଲ୍ । ଘରେ ପୁରା ନୀରବତା ଛାଇ ଯାଇଛି । କେହି ଅଛନ୍ତିକି ନାହିଁ ଜଣା ପଡୁନ । ମା ଏତେ ସକାଳୁ ଗଲେ କୁଆଡେ ? ଅଗଣାର ଗୋଟିଏ ପାଖରେ ପାଣି ଦୁଇ ବାଲଟି ଥୁଆ ହୋଇଛି । ମା ବୋଧେ ପାଇଖାନା ଯାଇଥିବେ ଭାବି ସେମିତି ବସି ରହିଲ୍ । ଏ ଭିତରେ ଅଧ ଘଣ୍ଟା ବିତି ଗଲାଣି। ମା ତ ଫେରିବା କଥା । କନ୍ତୁ ହେଲ୍ କଅଣ ? କୁଆଡୁ କାଉ କୋଇଲିର ଶବ୍ଦ ନାହିଁ । ରାହାସ ବାବୁଙ୍କ ଘରୁ ବିଲେଇଟା ଆସି ଏପଟ ସେପଟ ହେଉଛି । ବିଲେଇକୁ ଆ ଚୁ ଚୁ କହି ପାଖକୁ ଡାକଲ୍ । ପେଟକୁ ତାର ଆଉଁସି ଦେଲ୍ । ସତେ ମଣିଷଟିଏ ପରି ତାକୁ କଥା କହିବାରେ ଲାଗିଲ୍ । "ଆରେ ମା ଗଲେ କୁଆଡେ? ଚାଲ ଯିବା ଦେଖିବା" କହି ଉଠିଲ୍ । ଆଗ ପଛ ହୋଇ ଦୁହେଁ ଚାଲିଲେ । ସତେ ଯେମିତି ବିଲେଇ ସବୁ ବୁଝିଗଲ୍ । ମାଆଙ୍କ ଶୋଇବା ଘର ଦୁଆର ଅଧା ଆଉଜା ହୋଇଥାଏ । ଘରର ତଳ ବାରଣ୍ଡାରେ ବସି ଯାଇ "ମାଆ ସାଆନ୍ତାଣୀ, ମାଆ ସାଆନ୍ତାଣୀ" କହି ଡାକ ପକାଇଲ୍ । ମାଆଙ୍କ ଠାରୁ ଉତ୍ତର ନାହିଁ। ସୋର ଶବ୍ଦ ନାହିଁ । ମନେ ମନେ ଭାବିଲ୍ ମାଆ ତ କୁଆଡେ ଯିବା କଥା ନୁହେଁ, ଗଲେ ସନଆକୁ ହିଁ ସବୁବେଳେ ସାଙ୍ଗରେ ନେଇ ଯାଆନ୍ତି । ମାଆଙ୍କର କଛି ହୋଇ ଯାଇନତ ? ଦେହ ପା ଭଲ ଅଛି ତ ? ସେଇ ଚନ୍ତାରେ ସିଏ ବ୍ୟସ୍ତ ହୋଇ ପଡିଲ୍ । ଦାଣ୍ଡକୁ ଯାଇ ଦେଖିଲ୍ କଏ ଅଛି କ ନାହିଁ । ରାହାସ ବାବୁଙ୍କ ହଳଆ ମାଧାବ, ବଳଦଙ୍କୁ ଖୁଆଇ ଗୁହାଳ ସଫାକରି ବାହାରିଛି । ମାଧବକୁ ଡାକ ଭିତରକୁ ନେଲ୍ । ମାଆଙ୍କ ଶୋଇବାଘର କବାଟକୁ "ମା ମା" ଡାକ ଆସ୍ତେ ଖୋଲିଲ୍ । ମା ଉଠି ବସିଲେ । ଭିତରକୁ ଆସିବାକୁ ଡାକଲେ । ମାଧବ ଦଣ୍ଡବତ କହି ମାଆଙ୍କୁ ପଚାରିଲ୍, "ମାଆ ସାଆନ୍ତାଣୀ, ଆପଣେ ତ ମତେ କନକ ହାତରେ ଡାକ ଦେଇଥାନ୍ତେ, ମୁଁ ଆସି ରହିଥାନ୍ତି । ଦେହ ଭଲ ନ ଲାଗୁଛି କହିଥିଲେ ଡାକ୍ତରଖାନାରୁ ଓଷୁଅ ଦିଇଟା ନେଇ ଆସିଥାନ୍ତି । ଏବେ କହନ୍ତୁ କଅଣ କେମିତି ଲାଗୁଛି" । ମାଆ କୌଣସି ଉତ୍ତର ଦେଲେ ନାହିଁ । ଖାଲି ଚୁମ୍ବକରେ କହିଲେ ଦେହଟା ଭଲ ଲାଗୁ ନାହିଁ । ପ୍ରକୃତରେ ସିଏ କହୁଥିଲେ "ଏ ଏକ ଅଜବ ବ୍ୟାଧି। ଯାହା ତାଙ୍କ ମନକୁ ତିଳ ତିଳ କରି ଖାଇ ଯାଉଛି । ଦେହ ମନକୁ ମନ ଅସୁସ୍ଥ ହୋଇ ପଡୁଛି । ଏଥି ପାଇଁ ଔଷଧ ନାହିଁ । ଡାକ୍ତର ଔଷଧ ଦେଇ ଏ ଭଳ ରୋଗକୁ ଭଲ କରିପାରିବ ନାହିଁ" । ମାଧବ କହିଲ୍, "ମା, ଆପଣେ ଶୋଇଥାନ୍ତୁ । ଆମେ ଯାଉଛୁ କନକକୁ ପଠାଇ ଦେବୁ । ସିଏ ଆପଣଙ୍କ ପାଇଁ କଡକା ଚାହା କରିଦେବ । ଗରମ ଗରମ ଚାହା ପିଇଲେ ଦେହଟା ଉଷୁଉଷିଆ ହୋଇଯିବ" । ଦିହେଁ ଏତିକ କହି ଉଠିଲେ । ସନଆ

ଏଯାଏଁ କଥା ପଦୁଟିଏ କହିନି । ତାର ବି ଦୁଃଖ ତାକୁ ଖାଇଯାଉଛି । ମନ କହୁଛି ପଳେଇ ଯିବାକୁ । କେମିତି ତା ବାବୁଙ୍କୁ ଦେଖନ୍ତା, ବାବୁଙ୍କ ଦୁଃଖରେ ସାଥୀ ହୋଇ ବୁହେ କାନ୍ଦନ୍ତା। କିନ୍ତୁ ବୁଢୀ ମାଆଙ୍କ ପ୍ରତି ବି ତାର କର୍ତ୍ତବ୍ୟ ଅଛି । କେମିତି ଏ ବୁଢୀ ମଣିଷଟାକୁ ଏଇ ଅବସ୍ଥାରେ ଏଇ ସମୟରେ ଏକୁଟିଆ ଛାଡି ଚାଲିଯିବ ! ତେଣେ ବାବୁଙ୍କ କଥା ଭାବି ତାକୁ ଭାରି ଖରାପ ଲାଗୁଛି । ଏଡେ ବଡ ଭେଣ୍ଡା ପୁଅ ଟା ଅଦିନରେ ଚାଲିଗଲା । କୋଉ ମଣିଷର ଧୈର୍ଯ୍ୟ ରହିବ ? କିଏ ସମ୍ଭାଳି ପାରିବ ? କଣ ହେଲା ଜାଣିବାକୁ ଚାହିଁଲେ ବି ଜାଣିପାରିବନି । କାହାକୁ ପଚାରିବ ? ଲୋକ ତ କେତେ କଥା କହିବେ । କାହାକୁ ବିଶ୍ଵାସ କରିବ ? ସନିଆ ଶୁଣିଥିଲା, କୁଆଡେ ଦୁଇଟା ଦିନର ଜରରେ ରବିବାବୁ ଚାଲିଗଲେ । ଜର ହେଲା କିଏ ଜାଣେ ? ଆଜିକାଲି ଯୁଗ ବଦଳଗଲାଣି । କାହାର କେତେବେଳେ କଅଣ ହେଉଛି ବା ହେବ ତା କିଏ କହିପାରିବ ? ସେଦିନ କେଶବ କହୁଥିଲା, ବିରେଶ ବାବୁଙ୍କ ପୁଅ "ଚତୁ" ଛଅଟା ମାସରେ କ୍ୟାନସରରେ ପଡିଥିଲେ କି ନାହିଁ କୁଆଡେ କାଳ ତାଙ୍କୁ ଟାଣି ନେଲା । ଭେଲୋର ଯାଇ କେତେ ଡାକ୍ତର ଦେଖାଇଥିଲେ । କିଛି ମାନିଲା ନାହିଁ ସେ ରୋଗ। ସନିଆ କଥା ନିଆରା । ଗାଁରେ ସିଏ ବଢିଛି । ଗାଁର ପାଣି ପବନକୁ ନେଇ ତାର ଜୀବନ । ଖରା, ବର୍ଷା, ଶୀତ ସବୁ ଦିନ ତାର ସମାନ । ଗାଁ ପୋଖରୀରେ ଗାଧୁଆ ପାଧୁଆ । ଗାଁ ମାଟିରେ ଧୂଳି ଧୂସର ହୋଇ ତା ଜୀବନ ଗଢା । ନା ଔଷଧ ଦରକାର ନାଁ ଡାକ୍ତରଖାନା ସିଏ ଦେଖିଛି । ତାକୁତ ଯମର ଡାକରା ପଡିବ ବୋଲି ସିଏ ଭାବି ପାରୁନି ହେଲେ ଏ ବାବୁ ମାନଙ୍କର କଣ ହେଉଛି କେଜାଣି ! ଏ ବାବୁ ବାବୁଆଣୀ ମାନଙ୍କର ଭାରି ଦୁର୍ବଳିଆ ଦେହ । ଟିକିକରେ ଅବସ୍ଥା ବାରଅଣା ଦିକଡା ହୋଇଯାଉଛି । ଡାକ୍ତର ଔଷଧ ଇଞ୍ଜେକସନ ଦେଲେ ବି କିଛି ଫରକ ପଡୁନି । ସେଦିନ ମାଆ ସାଆନ୍ତାଣୀଙ୍କ ପାଇଁ ଔଷଧ ଆଣିବାକୁ ଯାଇଥିଲା ସନିଆ । ଡାକ୍ତର ବାବୁ କହୁଥିଲେ ସମୟ ଖରାପ ପଡିଛି । ଜଗିରଖି ଚଳିବାକୁ ପଡିବ । ପାଣି ଫୁଟାଇ ପିଇବା ଦରକାର । ନହେଲେ ପେଟ ଖରାପ ହୋଇ ଅବସ୍ଥା ଆହୁରି ଖରାପ ହେବ । ଗାଁ ଗୋଟାକୁ ରୋଗ ବ୍ୟାପିଯିବ । ସେତେବେଳକୁ ଜଗିବା ମୁସ୍କିଲ ହୋଇପଡିବ ! ତେଣୁ ସମସ୍ତଙ୍କୁ ଆଗରୁ ଜଗିକି ଚଳିବାକୁ ହେବ । ଫୁଟା ପାଣି ପିଇବାକୁ ଡାକ୍ତର କହିଥିଲେ । ତେଣୁ ସେଦିନ ଔଷଧ ଧରି ଘରକୁ ଫେରି ସାଆନ୍ତାଣୀଙ୍କୁ ଦେଲା ବେଳେ କନକକୁ ସିଏ ତାଗିଦା କରି ପାଣି ଫୁଟେଇ ମାଠିଆରେ ରଖିବାକୁ କହି ଆସିଥିଲା । ଛଅ ଦିନ ପାଇଁ ଔଷଧକୁ ସକାଳେ ସଂଜେ ଖାଇ ଆଉ ଉଷୁମ ପାଣି ପିଇ ମା ଦିନ ଦଶଟାରେ ଭଲ ହୋଇଗଲେ । ଜର କୁଆଡେ ଚାଲିଗଲା । ମାଆ ସିନା ଭଲ

ହୋଇଗଲେ, ସନଆକୁ କନ୍ତ ରାତିରେ ନିଦ ଆସିଲାନି । ଦେହଟା କସମସିଆ ହୋଇ ସିଏ ଉଠି ବସି ପାରିଲାନି । ଜରୁଆ ଜରୁଆ ଲାଗୁଥିଲା । ଚାରିଦିନ ଖାଲି ସେଇ ନାଲି ଚାହା ଢୋକେ ଢୋକେ ମହୁ ଆଉ ସୁଣ୍ଠି ପକାଇ ପିଇ ସିଏ ଟାଗଡା ହୋଇ ଉଠି ବସିଲା ଆସ୍ତେ ଆସ୍ତେ । ଛାଆଁକୁ ଜର ଛାଟି ପିଟି ହୋଇ କୁଆଡେ ପଳାଇଲା । ତାର ପଚାଶ ବର୍ଷ ଜୀବନରେ ଏମିତି କେଜାଣି ଦୁଇଥର ଖଣ୍ଡେ ଜର ହୋଇଥିବ । ଏ ଜରକୁ ତାର ଡର ନାହିଁ, ହେଲେ ତାଠୁ ବେଶି ଘରେ ପିଲା ଛୁଆଙ୍କୁ ହେଉ ସେଇ କୋକୁଆ ଭୟ ତାକୁ ଖାଇ ଗୋଡାଏ । ସନଆ ଗାଁ ଠାକୁରାଣୀଙ୍କୁ ହାତ ଟେକ ନମସ୍କାରଟାଏ କରି ମାନସିକ କରି ପକାଇଲା । "ଏଥର ପ୍ରଥମ ଫୁଲ ଫଳ ତତେ ଦେବିଲୋ ମା" କହି ମୁଣ୍ଡିଆଟିଏ ମାରିଲା ।

ସନଆ ଆଉ ରେବତୀ ବାରିଆଡେ ସାରୁ ବୁଦାଏ ଠାରୁ କକୁଡି, ଜହ୍ନି ଆଉ କଖାରୁ ଭାଡି ତଳକୁ ଲଙ୍କା ଗଛ ଦୁଇଟା ପୋତି ସେଇଥିରେ ବାରମାସୀ ଚଳଥାଆନ୍ତି । ଅଳ୍ପରେ ସନ୍ତୁ ହୋଇ ନୂଆଁଣିଆ ଚାଳଘରଟିରେ ରହି ପିଲାଙ୍କୁ ବଢାନ୍ତି । ସବୁବର୍ଷ ବାବୁଘରକୁ ପ୍ରଥମ ଫଳ ନ ଦେଲେ ମନ ବୁଝେନା ଦୁହିଁଙ୍କର । ବର୍ଷାଦିନରେ ବିଲତଳୁ କେରାଣ୍ଡି ଦିଇଟା ଧରି ବାବୁଙ୍କ ଘରକୁ ନଗଲେ ମନ ମାନେନା । ସାନ ବାବୁ ଚୁନା ମାଛ ଭାରି ଭଲ ପାଆନ୍ତି । ସିଏ ଖାଆନ୍ତୁ ବା ନ ଖାଆନ୍ତୁ ଘରେ ଥାଆନ୍ତୁ ବା ନ ଥାଆନ୍ତୁ, ଦୁଇଟା ହେଉ ପଛେ ସିଏ ନେଇ ବାବୁଘରେ ପହଞ୍ଚି ଯାଏ । ବାବୁ ବାବୁଆଣୀ କେତେ ଖୁସି ହୁଅନ୍ତି । ସାନବାବୁ ଆଜି ନାହାନ୍ତି । ହସିଲା ହସିଲା ମୁହଁଟା ତାଙ୍କର ଦୃଶି ଯାଉଛି । ହସ ଖୁସିଆ ମଣିଷଟିଏ ଥିଲେ ସାନ ବାବୁ । ସମସ୍ତଙ୍କୁ ଭାରି ଭଲ ପାଆନ୍ତି । ବଡ ବାବୁଙ୍କଠୁ ଟଙ୍କାଏ ଦୁଇଟଙ୍କା ଆଣି ତା ହାତରେ ଗୁଞ୍ଜି ଦିଅନ୍ତି । କହିନ୍ତି, "ଯାଆରେ ସନଆ, ରସଗୋଲା ଦିଇଟା ଏଇଥିରେ କିଣି ଖାଇଦେବୁ । ଗାଁରେ ତ ଭଲ ରସଗୋଲା ମିଳେନି । ରବିବାବୁଙ୍କଠାରୁ ଇଏ ତୋର ଜଳଖିଆ ପଇସା । ରସଗୋଲାରେ ସିନା ତୋ ପେଟ ପୁରିବନି, ମନ ତ ପୁରିବ ! ତା ଛଡା ଭାତ ତ ତୁ ସବୁଦିନ ଖାଉଛୁ । ଦିନେ ନ ଖାଇଲେ କଅଣଟା ହୋଇଯିବ ? ଏମିତି ଥଟ୍ଟା ମଜ୍ଜା ତାଙ୍କର ସବୁବେଳେ ଲାଗିଥାଏ । ତାଙ୍କ ପରି ମନ ତ ବଡ ବାବୁଙ୍କର ବି ନୁହେଁ । ଦୀର୍ଘ ନିଃଶ୍ୱାସଟାଏ ଛାଡି ସନଆ ମନ ଭୁଲାଇବାକୁ ଚେଷ୍ଟା କଲା । ରେବତୀ ସଂଜ ଦେବାକୁ ଗଲା ଆଉ ସନଆ ଦାଣ୍ଡକୁ ଯାଇ କାନ୍ଥକୁ ଆଉଜି ବସିଗଲା । ଶବ୍ଦ ଶୁଣିଲା କ କଅଣ, ପାଖ ଘରୁ ତୀଳ ମାଉସୀ ଆସି ଦୂଆରେ ମଶିଣାଟାଏ ପାରି ଗଡିପଡିଲା । ସନଆ ବି ମାଉସୀ କୁ ଦେଖି ମୁଣ୍ଡ ତଳେ ଗାମୁଛାଟାକୁ ମୋଡି ମାଡି ଗୋଲ କରି ତକିଆପରି କରି

ଶୋଇଗଲା । ଆଖି ପିଛୁଳାକେ ବନ୍ଦ । ଘୁଙ୍ଗୁଡି ଶବ୍ଦଶୁଣି ରେବତୀ ଆସି ତା ଗୋଡ ମୋଡୁ ମୋଡୁ ସେଇଠି ଢୁଳେଇ ପଡିଲା ।

ପରଦିନ ସକାଳୁ ସକାଳୁ ସନଆ ବିଲକୁ ଗଲା । ଭାବିଲା କାମରେ ବ୍ୟସ୍ତ ରହିଲେ ଦୁଃଖ କେଜାଣି ଲାଘବ ହେବ । କିନ୍ତୁ କେଉଁଥିରେ ମନ ଲାଗୁ ନଥାଏ । ଖରା ତରାରେ ଖଟି ଖାଇବା ଲୋକକୁ ଆଜି ଖରା ବାଧୁଥିଲା । ବିଲ ହିଡ ଉପରେ ଉଠିଥିବା ଆମ୍ବ ଗଛ ତଳ ଛାଇରେ ସିଏ ଯାଇ ବସିଲା । ରେବତୀ ଦେଇଥିବା ପଖାଳରେ ଲେମ୍ବୁ ଫାଳକ ଚପୁଡି ଦେଲା । ବାରୀରୁ ଆଣିଥିବା କଞ୍ଚାଲଙ୍କାକୁ ମକ୍ଷିଦେଲା ପଖାଳରେ । ସାରୁ ଆଉ ବାଇଗଣ ପୋଡାକୁ ଏକାଠି ଚକଟି ଖାଇବାକୁ ଗଲା । ଏତେ ଭୂମିକା ଆଉ ଏତେ ସରଞ୍ଜାମ ସଜାଡି ସାରି, ଭାତ ଗୁଣ୍ଡାଏ ପାଟିକୁ ନେଲା ସିନା କିନ୍ତୁ ଖାଇ ପାରିଲାନି । ହାତରୁ ଖସିଗଲା ଭାତ ଗୁଣ୍ଡା। ପତର ଉପରୁ ସାରୁ- ବାଇଗଣ ଚକଟା ତାକୁ ଦେଖୁଥିଲେ । ନାଁ ଭାତ ଗୁଣ୍ଡାଏ ସିଏ ଖାଇ ପାରିଲା, ନାଁ ବାଇଗଣ ପୋଡାର ସ୍ୱାଦ ସିଏ ଚାଖିଲା ! ଏଭଳ କାହିଁକି ହେଲା ସିଏ ଭାବୁଥିଲା । ଏମିତି ଘଟେ କାହିଁକି ତାର ଥଳକୂଳ ତାକୁ ଜଣା ପଡିଲାନି । ମନଟା ଖାଲି ଏଇ ଅକାରଣ କାରଣ ନେଇ ଗୋଳେଇ ଘାଣ୍ଟି ହେବାରେ ଲାଗିଲା । ସନଆ ଘରକୁ ଯିବା ପାଇଁ ଠିକ କଲା । ପଖାଳ ବୋଲାଟାକୁ ଗାମୁଛାରେ ବାନ୍ଧି ବର୍ଷ ବର୍ଷର କୋଉ ମଇଳା ବ୍ୟାଗରେ ପୁରାଇଲା । ଠିକ ଯେମିତି ରେବତୀ ରଖିଥି । ସବୁ ବନ୍ଧା ବନ୍ଧି କରି ଉଠିଲା । ଉଠିଲା ବେଳକୁ ମୁଣ୍ଡଟା କେମିତି ଝିମଝିମ ହୋଇଗଲା । ଅଧା ଉଠାରୁ ପୁଣି ବସିଗଲା । ମୁଣ୍ଡରେ ହାତ ଦେଇ ଚିନ୍ତା କଲା ଇଏ କଅଣ ହେଉଛି ? ଭୂଇଁରେ ବାଁ ହାତର ଚକଟିଟାକୁ ଭରାଦେଇ ପୁଣିଥରେ ଉଠିବାର ପ୍ରୟାସ କଲା । ତାହା କେବଳ ତାର ମିଛ ପ୍ରୟାସ ଥିଲା । ହିଡ ଉପରୁ ଗୋଡ ଖସିଗଲା । ସନଆ ଭାର ସମ୍ଭାଳ ପାରିଲାନି ! ଗୋଡ ଦୁଇଟା ହିଡ ତଳକୁ ଖସି ସିଏ ମୁହଁ ମାଡି ପଡିଗଲା । ଦେହର ଅର୍ଦ୍ଧାଧିକ ହିଡ ଉପରେ ଆଉ ମୁଣ୍ଡଟା ଡାହାଣ କଡକୁ ବୁଲିଗଲା । ଚିତ୍କାର କରି କାହାକୁ ଡାକିବ ବୋଲି ଆଖି ବୁଲାଇ ଦେଖିବାକୁ ଚେଷ୍ଟା କଲା ସିଏ । ନାଁ ପାଟିରୁ ଶବ୍ଦଟିଏ ବାହାରିଲା ନାଁ ସେ ନିର୍ଜନ ଦ୍ୱିପ୍ରହର ଖରାରେ କିଏ ତାକୁ ସାହାଯ୍ୟ କରିବାକୁ ଥିଲା ! ନୀରବ ନିର୍ଜୀବ ହୋଇ ସନଆର ଦେହଟା ଅସହାୟ ହୋଇ ପଡି ରହିଲା ସେଇଠି ।

ସଂଜ ଲେଉଟିଲ୍ ଗାଁର ଅମ୍ବଗଛର ତୋଟାମାଳେ । ସୂରୁଜ ଡୁବିଗଲ୍ ଆକାଶକୁ ନାଲି ମୂରୁଜରୁ ମେଞ୍ଚାଏ ଫିଙ୍ଗିଦେଇ । ରେବତୀ ଘରେ ଅସ୍ଥିର ହେଲ୍ଣି ସନଆର ଅପେକ୍ଷାରେ । ଖାଲି ଏ ପଟ ସେ ପଟ ହେଉଥାଏ । ପାଖ ପଡିଶାଏ ବିଲରୁ ଫେରିଲେଣି । ପୁଅକୁ ପଠାଇ ପଡିଶା ଘରର ହରିଆ ଭାଇକୁ ଡାକ ପଠାଇଲ୍ । ହରିଆ ହଲି ଦୋହଲି ପାନ କଳେ ଖାଇ ଆସି ପହଞ୍ଚିଲ୍ । "ହେ ସନଆ, କଅଣ ତୋର ତର ସହୁ ନାହିଁକରେ ? କଅଣ ହେଲ୍ ? ମୁଁ ତ ଅଇଛା ତୋରି କଥା ଭାବୁଥିଲି ! ବିଡିଟାଏ ଥିଲେ ଦେ, ଆଉ କହ କଅଣ ହୋଇଛି" ? ମୁଣ୍ଡକୁ ଓଢଣାଟା ଟାଣି ଦେଇ ରେବତୀ ଦୂଆରେ ଆଢୁଆଳ ହୋଇ କହିଲ୍, "ନାଇଁ ହରିଆ ଭାଇ, ଏ ଯାଏଁ ଗୋବିନ୍ଦା ବାପା ଫେରି ନାହାନ୍ତି । କହୁଥିଲି, ଦେଖିଥିଲକ ତାଙ୍କୁ ? ବାବୁ ଘର ଆଡେ କାଳେ ଯାଇଥିବେ ଟିକଏ ଦେଖି ଆସନ୍ତ ନ" ? "ହଉ ଆସେ" କହି ହରିଆ ଗ୍ଳଲିଲ୍ ବାବୁ ଘରକୁ । ମନଟା କାଇଁ ପାପ ଛୁଉଁଥାଏ । ମାଆ ସାଆନ୍ତାଣି କହିଲେ "ଆଜି ତ କାଇଁ ସନଆର ଦେଖା ନାହିଁ । ତୁ ଯା ବିଲ ଆଡେ । ସାଥିରେ ନରହରିକୁ ନେଇଯା" । ଦୁହେଁ ବିଲକୁ ଯାଇ ଦେଖିଲେ ସନଆ ପଡି ରହିଛି ହିଡ ଉପରେ । ହାତ ମାରି ଦେଖିଲ୍ ବେଳକୁ ଦେହଟା କେମିତି ହିମାଳ ଲ୍ଗିଲ୍ । ଦୁହେଁ ଦୁହିଁଙ୍କୁ ଅନାଇଲେ । କଅଣ କରିବେ ସ୍ଥିର କରିପାରିଲେନ । ନରହରି ସନଆକୁ ସେଇଠି ଛାଡି ଗାଁକୁ ଫେରିଗଲ୍ ଖବର ଦେବାକୁ । ମନକୁ ମନ ବିଳବିଳେଇଲ୍ ପରି କହି ଗ୍ଳଲିଥାଏ, "ମତେ ଛାଡି ତୁ କୁଆଡେ ଗଲୁରେ ସନଆ ! ଆଉ କାହା ସାଙ୍ଗେ ବସି ବିଡି ପିଇବି ? କାହା ସଙ୍ଗେ ସକାଳୁ ଉଠିଲେ ଗ୍ଳହା ପିଇବି ? ସେମିତି କହି କହି ପାଗଳ ପରି ଯାଇ ଗାଁରେ ହଟା ପକାଇଲ୍ । "ସନଆ ଆଉ ନାହିଁ । ଅଦିନରେ, ଅକାଳରେ ଆମକୁ ଛାଡି ଗ୍ଳଲିଗଲ୍ । ମୁଁ ରେବତୀକୁ କଅଣ କହିବି ? କଅଣ କରିବ ସେ ବାପ ଛେଉଁଣ୍ଡ ଗୋବିନ୍ଦା ? କିଏ ତାଙ୍କ କଥା ବୁଝିବ ? କିଏ ଅଛି ତାଙ୍କର" ? ହରିଆର ଚକ୍ରାର ଶୁଣି ଯିଏ ଯୁଆଡେ ଥିଲେ ସମସ୍ତେ ଏକାଠି ହୋଇ ଗ୍ଳଲିଲେ ବିଲ ଆଡେ । ଜୀବନ ଯାତ୍ରା ସରିଯାଇଛି ସନଆର । ଅଦିନରେ, ଅକାଳରେ । ଆମେ ଖାଲି ଗ୍ଳଲିଛେ ସେଇ ଅଦିନର ପ୍ରତିକ୍ଷାରେ, ଯେମିତି ଏ ଜୀବନର ଶେଷ ନାହିଁ, ଏ ଯାତ୍ରାର ଅନ୍ତ ନାହିଁ !!

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# କଲମ କାନ୍ଦୁଚ

ଅରୁଣ କୁମାର ମହାନ୍ତି

କେମିତି କହିବି          କାହାକୁ କହିବି
          ବଡ଼ ଅଲଜୁକ କଥା
କଲମ କାନ୍ଦୁଛି          କୁଆଁ କୁଆଁ ହୋଇ
          ନଇଁତ ଯାଉଛି ମଥା....!! ( ୧)

ମହଙ୍ଗା ସାଜିଛି          ସତ୍ୟ ଧର୍ମ ନ୍ୟାୟ
          ରକତ ଏଇଠି ଶସ୍ତା
ମିଥ୍ୟାର ରାଜୁତି          ବଢେ ନିତି ଏଠି
          ଦୃତରେ ଦୁର୍ନୀତି ପେଶା....!! ( ୨)

କାମ ବାସନାରେ          ଅନ୍ଧ ହୋଇ ଆଜି
          କରୁଛୁ ହୀନ ପ୍ରୟାସ
ମନ୍ଦିର ମସଜିଦ୍          ମାନୁନାହୁଁ କଛି
          ସାଜିଛୁ ନର ରାକ୍ଷସ......( ୩)

ଲୁହ ଲହୁର ଏ          ସମାଜ ସଂସାର
          ଦିଶୁଛି ଘନ ଅନ୍ଧାର
ଅଧର୍ମ ଅନ୍ୟାୟ          ସୀମା ଟପିଲାଣି
          ହୋଇବ ନଷ୍ଟେ ସଂହାର.....( ୪)

ଯନ୍ତ୍ରଣା ଜୁଇରେ ଜଳୁଥିବୁ ନିତି
ହୋଇଣ ଜିୟନ୍ତା ଶବ
ମରଣ ବରଣ କରିବାକୁ ଧନ
ଯୋଡୁଥିବୁ ବେନ କର......( ୫)

ଶୁଣିବେନ ତୋର କାକୁତି ବୀନତି
କାଳର ଦେବତା ଯମ
ଏ ହାତର ପାପ ସେ ହାତ ନେବନ
ମନେ ରଖିଥା ତୁ ଧନ.....( ୬)

ଛୁଇବେନ କେହି ପାପି ବୋଲି କହି
ଯିବେରେ ତୋ ଠୁ ଦୂରେଇ
ଛନ୍ଦ କପଟର ଖେଳ ଖେଳୁଥିବୁ
ନରକ ଯାତନା ସହି.......( ୭)

ହାତ ଯୋଡ଼ି ମୁହିଁ ବୀନତି କରୁଛି
କବି କବୟିତ୍ରୀ ପାଶେ
କଲମ ତୁମର ବ୍ରହ୍ମାଅସ୍ତ୍ର ଟିଏ
ଲଗାଅ ଜଗତ ହିତେ.....( ୮)

ନୂତନ ଚେତନା ଜାଗରଣ ହେବ
କୋଟି ଜନତାଙ୍କ ମୁଖେ
କଲମ କାନ୍ଦଣା ଜାଗ୍ରତ ଆଣିବ
ସମାଜ ସୁଧାର ହିତେ......( ୯)

ଇଷାଣପୁର, ଯାଜପୁର

# ଦୀପାବଳୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ପ୍ରେମର ଦୀପଟେ ଜାଳଦିଅ ଆଜି
ପ୍ରିତିର ଦିପାଳୀ ଦେଇ
ଅମାବାସ୍ୟାର ଏ ଘନ ଅନ୍ଧକାର
ତମସା ଯିବ ଦୁରେଇ ।
ଦୀପାବଳୀର ଏ ଶୁଭ ଅବସରେ
ହିଂସା, ଦ୍ୱେଷ ଦିଅ ଜାଳ
ଜାତି, ଧର୍ମ ବର୍ଣ୍ଣ ଭିନ୍ନତାକୁ ତେଜି
ଜାଳ ପ୍ରେମର ଦିପାଳୀ ।
ଓଡିଆ ଜାତିର ସ୍ୱାଭିମାନ ଏହି
ପୟା ଅମାବାସ୍ୟା ରାତି
ଆତସବାଜିରେ ପ୍ରକଂପିତ ହେଉ
ଦୂରହେଉ ମନୁ ଭିତି ।
ପରପାରେ ଥାଇ ହେ ପୂର୍ବପୁରୁଷ
ବଡବଢୁଆ ହେ ତୁମେ
ଆଶିଷର ବର୍ଷା ଅଜାଡି ଦିଅ ହେ
ଏହି ମରତରେ ଧାମେ ।

ପ୍ରତିଦ୍ୱାରେ ଦ୍ୱାରେ ସୁସଜ୍ଜିତ କର
ଆଲୋକର ଦୀପମେଳେ
ଶୁଭ କଳସକୁ ସଜାଇ ଦିଅହେ
ତୁଳସୀ ଚଉଁରି ମୂଳେ ।
ଆଜିର ଦିନରେ ପ୍ରଭୁ ରାମଚନ୍ଦ୍ର
ଫେରିଥିଲେ ତାଙ୍କପୁରେ
ଅଯୋଧ୍ୟାର ବାସୀ ତାଙ୍କରି ସ୍ୱାଗତେ
ପାଳଥିଲେ ଆନନ୍ଦରେ ।
ଦୁଷ୍ଟ ଶକ୍ତି ଯେତେ ନପିତି ମର୍ତ୍ତ୍ୟରୁ
ଶାନ୍ତିର ପ୍ରତିଷ୍ଠା କରି
ପୂର୍ବପୁରୁଷ ପିଣ୍ଡ ଦେଇ ଆଜି
ତାଙ୍କରି କଥା ସୁମରି ।
ବଡବଡୁଆ ହୋ ଅନ୍ଧାରରେ ଆସ
ଆଲୁଅରେ ତୁମେ ଜାଅ
ତୁମରି ଆଶିଷେ ଜନମାନସକୁ
ସୁଦୟା ରଖିଥାଅ..ସୁଦୟା ରଖିଥାଅ..... ।

କଲ୍ୟାଣପୁର, ଭୁଇଁପୁର, ଯାଜପୁର, ପାଣିକୋଇଲି

# ନିର୍ମଳ ଓଡିଶା ଗଠନରେ ସୁନ୍ଦର ଗ୍ରାମ



ଭାସ୍କର ଚନ୍ଦ୍ର ଖଣ୍ଡା

ଓଡିଶା ଏକ ଗ୍ରାମ ବହୁଳ ରାଜ୍ୟ। ଆମ ରାଜ୍ୟ 30 ଟି ଜିଲ୍ଲା, 50972 ଟି ଗ୍ରାମକୁ ନେଇ ଗଠିତ। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଭାଷାରେ ଦେଶର ଉନ୍ନତି କରିବାକୁ ହେଲେ ଗାଆଁର ଉନ୍ନତି ଆବଶ୍ୟକ। ସେଥିପାଇଁ ସେ ସ୍ୱଚ୍ଛତା କୁ ଅଗ୍ରାଧିକାର ଦେଇ ଆତ୍ମନିର୍ଭରଶୀଳ ଗ୍ରାମର ପରିକଳ୍ପନା କରିଥିଲେ। ଆମ ଦେଶ, ଆମ ରାଜ୍ୟ ତା'ର ଗାଆଁକୁ ନେଇ ବଂଚଛି। ଆମ ଶରୀରରେ ଯେଉଁ ରକ୍ତ ପ୍ରବାହିତ ହେଉଛି, ଶରୀର ରୂପକ ରାଜ୍ୟରେ ଗାଆଁ ହେଉଛି ତା'ର ଧମନୀ। ଧମନୀର ଅନୁପସ୍ଥିତିରେ ଯେପରି ରକ୍ତ ପ୍ରବାହ ଅସମ୍ଭବ, ସ୍ୱଚ୍ଛ ସୁନ୍ଦର ଗ୍ରାମ ବିନା ନିର୍ମଳ ଓଡିଶା ଗଠନ ସେହିପରି ଅସମ୍ଭବ।

କଥାରେ ଅଛି ଗାଆଁ ପରିମଳ ଧୋବା ତୁଠରୁ । ଜନ ଗଣନା 2011 ଅନୁଯାୟୀ ଆମ ଭାରତ ବର୍ଷରେ ଯେଉଁଠି 6୪.୪4% ଜନବସତି ଗ୍ରାମାଞ୍ଚଳରେ ବାସ କରନ୍ତି, ଆମ ରାଜ୍ୟ ଓଡ଼ିଶାରେ ସେଇଠି ୪3.34% ଜନବସତି ଗ୍ରାମାଞ୍ଚଳରେ ବାସ କରନ୍ତି। ଆମ ଦେଶରେ ରାଜନୀତିଜ୍ଞ, ଯୋଜନା ପ୍ରସ୍ତୁତ ଅଧିକାରୀ ପ୍ରତ୍ୟେକ ପଞ୍ଚବାର୍ଷିକ ଯୋଜନାରେ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ପଞ୍ଚାୟତ ରାଜ ଗଠନ ସହିତ ଗ୍ରାମାଞ୍ଚଳର ବିକାଶ ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ଯଥା ( ଆଇ. ଆର. ଡି. ପି.) ସାମୁହିକ ଗ୍ରାମାଞ୍ଚଳ ବିକାଶ ଯୋଜନା, ( ଆର. ଏଲ. ଇ. ଜି. ପି.) ଜମି ନଥିବା କୃଷୀଙ୍କ ପାଇଁ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଇତ୍ୟାଦି ବହୁବିଧ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଯାତାୟତର ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଦୂର ଦୂରାନ୍ତରେ ଅବସ୍ଥିତ ଛୋଟ ଛୋଟ ଗାଆଁ ଗୁଡିକୁ ସଡକପଥରେ ସଂଯୋଗ କରା ଯାଇଛି।

ଆମ ରାଜ୍ୟର ଗ୍ରାମାଞ୍ଚଳର ବାସିନ୍ଦା ମୁଖ୍ୟତଃ କୃଷି ଉପରେ ନିର୍ଭର କରନ୍ତି। ଜଳସେଚନର ସୁବିଧା ସହିତ, କ୍ଷୁଦ୍ର କୃଷୀ, ମୂଲିଆ, ଦିନ ମଜୁରିଆ, କ୍ଷୁଦ୍ର କାରିଗର ମାନଙ୍କର ବିକାଶ ପାଇଁ କୋଅପରେଟିଭ ବ୍ୟାଙ୍କ ଏବଂ ଅନ୍ୟ ସରକାରୀ ବ୍ୟାଙ୍କ ପକ୍ଷରୁ କମ୍ ସୁଧ ହାରରେ ଋଣ ପ୍ରଦାନର ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ଫାଇନାନ୍ସିଆଲ ଇନକ୍ଲୁଜନ ଯୋଜନା କାର୍ଯ୍ୟକାରୀ କରାଯାଇ ଗ୍ରାମାଞ୍ଚଳରେ ବାସ କରୁଥିବା ଗରୀବ ଜନସାଧାରଣଙ୍କ ପାଇଁ '0' ବାଲାନ୍ସ ଖାତା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଖୋଲିବା ସହିତ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ପ୍ରଦାନ କରାଯାଇଛି। ସୁଦୂର ଗ୍ରାମାଞ୍ଚଳକୁ ସଡକପଥ ସହିତ ବିଦ୍ୟୁତ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି।

ସର୍ବୋପରି, ବର୍ତ୍ତମାନ ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱ ଦେଇ ସମସ୍ତ ଗ୍ରାମବାସୀଙ୍କ ମଧ୍ୟରେ ନିଜ ଗ୍ରାମକୁ ପରିଷ୍କାର ପରିଚ୍ଛନ୍ନ ରଖିବାର ପରାମର୍ଶ ସହିତ ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ ଉପରେ ବିଶେଷ ଧ୍ୟାନ ଦିଆଯାଇଅଛି। ଗ୍ରାମାଞ୍ଚଳରେ ଶିକ୍ଷା ଏବଂ ଡାକ୍ତରଖାନା ସୁବିଧା ଉପଲବ୍ଧ କରାଯିବା ସହିତ, ଜୀବନ ବୀମା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଜୀବନ ଜ୍ୟୋତି ଯୋଜନା, ଅଟଳ ପେନସନ ଯୋଜନା କାର୍ଯ୍ୟକାରୀ କରାଯାଇ, ସଚେତନତା ସୃଷ୍ଟି କରାଯାଉଛି। ଫସଲର ସୁରକ୍ଷା ପାଇଁ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ମାଧ୍ୟମରେ ସରକାର କୃଷକମାନଙ୍କ ପାଇଁ ଫସଲହାନି ହେଲେ ତା'ର କ୍ଷତିପୂରଣର ବ୍ୟବସ୍ଥା କରିଛନ୍ତି।

ଗାଆଁ ପରିବେଶ ସୁନ୍ଦର ହେଲେ ଆମେ ଯେ ନିର୍ମଳ ଓଡିଶା ଗଠନ କରିବାରେ ସମର୍ଥ ହେବୁ, ଏଥିରେ ସନ୍ଦେହ ନାହିଁ। ଆମ ଗାଁ ଆମ ବିକାଶ ଯୋଜନା ମାଧ୍ୟମରେ ଆମ ରାଜ୍ୟ ଓଡ଼ିଶାରେ ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପାଦନ କରାଯାଉଅଛି। ସେଥିପାଇଁ ବିଭିନ୍ନ ଉନ୍ନୟନ ଯୋଜନା ସହିତ ଜନ ସମାଜରେ ସଚେତନତା ଜାଗ୍ରତର ଯଥେଷ୍ଟ ଆବଶ୍ୟକତା ରହିଛି। ଗ୍ରାମାଞ୍ଚଳର ଯୁବକ ମାନେ ଉଚ୍ଚଶିକ୍ଷା ଲାଭ କରି ସହରାଭିମୁଖୀ ହୋଇ ପଡିଛନ୍ତି। ଯଦିଓ ସରକାରଙ୍କ ତରଫରୁ ଗ୍ରାମାଞ୍ଚଳରେ ଡାକ୍ତରଖାନା ବ୍ୟବସ୍ଥା କରାଯାଇଛି ତଥାପି ସରକାରୀ ବୃତ୍ତିରେ ଥିବା ତଥାକଥିତ

ଉଚ୍ଚଶିକ୍ଷିତ ଡାକ୍ତର, ଆଜି ଗ୍ରାମାଞ୍ଚଳରେ ନିଯୁକ୍ତି ପାଇ ସେଠାରେ ସ୍ଥାୟୀ ରୂପେ ରହି ଚିକିତ୍ସା ପ୍ରଦାନରେ ଅବହେଳା କରୁଛନ୍ତି ।

ସେମାନେବି ତ ମଣିଷ । ଗ୍ରାମବାସୀ ଦିନ ମଜୁରିଆ କଣ ମଣିଷ ନୁହଁନ୍ତି? କେଉଁଠି ହଜି ଯାଇଛି ଆଜି ଆମର ମାନବିକ ମୂଲ୍ୟବୋଧ? ଏହା କଣ ଆମ ଉଚ୍ଚ ଶିକ୍ଷିତ ହେବାର ପରିଚ୍ଛୟକ? ସେତେବେଳେ ସମାଜର ଉନ୍ନତି ହୁଏ, ଯେତେବେଳେ ସାମୁହିକ ଉନ୍ନତି ହୋଇଥାଏ ।

ଆମକୁ ସଚେତନ ହେବାର ଆବଶ୍ୟକତା ରହିଛି । ଗ୍ରାମାଞ୍ଚଳ ଆଉ ସହରାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟର ତାରତମ୍ୟକୁ ସଂକୁଚିତ କରି, ଗ୍ରାମାଞ୍ଚଳରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇ ଉନ୍ନତିର ପଥକୁ ଅନୁସରଣ କରିବାକୁ ହେବ ।

ଆଜି ମନେ ପଡେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଓଡ଼ିଆ କବି ସଚ୍ଚି ରାଉତରାୟଙ୍କ ସେଇ ଲେଖା :

ଛୋଟ ମୋର ଗାଁଟି
ଭୂଗୋଳ ପୋଥି ପତରେ ପଛେ
ନଥାଉ ତାର ନାଁ ଟି

ମାଟିର ସେଇ ସରଗ ମୋର
ସେଇଠି ଅଛି ମୋ ଛଟି ଘର
ଜନ୍ମବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି
ଛୋଟ ମୋର ଗାଁଟି

ସହରାଞ୍ଚଳର ପ୍ରଦୁଷଣରୁ ମୁକ୍ତ, ଯେଉଁଠି ପ୍ରଭାତର ଶାନ୍ତ ଶୀତଳ କିରଣ ଝରିପଡେ ପ୍ରଭୁ ବୁଦ୍ଧଙ୍କ ଆଶୀର୍ବାଦ ଭଳି, ଯେଉଁଠାରେ ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ଆଉ ମମତାର ବିନ୍ଦୁ ଝରି ପଡୁଥାଏ, ସେଇ ଗାଆଁର ଉନ୍ନତି ପଥରେ ସମସ୍ତେ ଆଗେଇ ଯାଇ ତାକୁ ଆଉ ଥରେ ନବ ବଧୂ ପରି ସଜାଇ ସରସ ସୁନ୍ଦର କରି ଗଢି ତୋଳିବାରେ ସମସ୍ତଙ୍କର ଗୁରୁ ଦାୟିତ୍ୱ

ରହିଛି। ଯେଉଁ ଗାଆଁର ଗୃଷୀ ମୁଣ୍ଡ ଝାଳ ତୁଣ୍ଡରେ ମାରି ଆମ ସମସ୍ତଙ୍କ ଭରଣପୋଷଣର ଗୁରୁ ଦାୟିତ୍ୱ ବହନ କରୁଛି ତା'ର ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ସମସ୍ତେ ଆଗଭର ହେବା ଉଚତ।

ଜାତିର ପିତା ମହାତ୍ମା ଗାନ୍ଧୀ ଦିନେ ସ୍ୱପ୍ନ ଦେଖିଥିଲେ, ଆତ୍ମନିର୍ଭରଶୀଳ ଗ୍ରାମର ଗଠନ ଦିଗରେ। ଯେଉଁ ଗାଆଁରେ ସମସ୍ତ ଆବଶ୍ୟକୀୟ ସାମଗ୍ରୀର ଉତ୍ପାଦନ ସହିତ ସେଇ ଗ୍ରାମରେ କ୍ରୟ ବିକ୍ରୟ ହୋଇ ଗ୍ରାମବାସୀ ମାନେ ସୁଖ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରି ପାରିବେ। ଆସନ୍ତୁ ଏଇ ମହତ ସ୍ୱପ୍ନକୁ ସମସ୍ତେ ମିଶି ହାତରେ ହାତ, କାନ୍ଧରେ କାନ୍ଧ ମିଳାଇ ତାକୁ ସାକାର କରିବା। ଏଥିରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି।

କେବଳ ଯୋଜନା କଲେ ତାହା ଫଳବତୀ ହୁଏ ନାହିଁ। ଯୋଜନାର କାର୍ଯ୍ୟକାରିତାକୁ ସମୟ ସମୟରେ ମୂଲ୍ୟାଙ୍କନ କରି ଦୋଷ ତ୍ରୁଟିକୁ ଦୂର କରିବାକୁ ହେବ। ଏଥିପାଇଁ ଦୁର୍ନୀତି ମୁକ୍ତ ସମାଜର ଆବଶ୍ୟକତା ରହିଛି। ଆମର ପଞ୍ଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରି ଗ୍ରାମସଭା ମାଧ୍ୟମରେ ପ୍ରତ୍ୟେକ ବିକାଶ ମୂଳକ କାର୍ଯ୍ୟରେ ଜନ ସହଭାଗିତା କ୍ଷେତ୍ରରେ ସଚେତନତା ଜାଗ୍ରତ କରି ମନପ୍ରାଣ ଦେଇ ନିଷ୍କପଟତା ସହ ଜନ ପ୍ରତିନିଧି ମାନଙ୍କୁ କାର୍ଯ୍ୟ ସମ୍ପାଦନ କରିବାକୁ ହେବ।

ଆସ ଆଜି ଆମେ ସରସ ସୁନ୍ଦର ଗ୍ରାମର ଆବଶ୍ୟକତାକୁ ସାକାର କରି ନିର୍ମଳ ଓଡିଶା ଗଠନରେ ସହାୟକ ହେବା।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ମହିମା
ପଡୁ ନାହିଁକିରେ ତୋର ମନେ।

ବନ୍ଦେ ଉତ୍କଳ ଜନନୀ।

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ହୃଦୟ କହୁଛି



ପ୍ରକାଶ ସାହୁ

ସବୁ ସମୟ ରେ
ସୁଖ ଆଉ ଭୋଗବିଳାଶ ରେ
ରହିବାକୁ ଇଛା କରୁଥିବା
ଏହି ହୃଦୟ ଆଜି କନ୍ତୁ ଏକ ଭିନ୍ନ
ଇଛା ପ୍ରକଟ କରିଛି
ବୋଧେ ହୃଦୟ କୁ ଆଜି ର
ସମାଜିକ ଚନ୍ଦ ଗଭୀର ପ୍ରଭାବ ପକାଇଛି
ସେ ପାଇଁ ଆଜି ଏ ପରିବର୍ତ୍ତନ ।

ଆଜି ହୃଦୟ କହୁଛି
ତା ଦୁଆର କବାଟ ଖୋଲି
ଚାଲି ଆସିବାକୁ ରାଜ ରାସ୍ତା କୁ
ଆଖି ମିଟମିଟ କରି ଚାହୁଁଥିବା
ଅନାଥ ଭିକମଗା ଶିଶୁ କୁ
କଛି ଖାଦ୍ୟ ଦେଇ ତା ପେଟ ର
ଯନ୍ତ୍ରଣା କୁ ଲିଭେଇ ଦେବାକୁ
ତା ଦେହ ରେ ଛିଣ୍ଡା କନା ଖଣ୍ଡେ
ଘୋଡାଇ ଦେବାକୁ
ଦଦରା ଗିନା ରେ ଗଣ୍ଡେ ମୁଢି କି ଚୁଡା
ଦେଇ ତା ଅବୁଝା ମନ କୁ ବୁଝାଇବାକୁ ।

ହୃଦୟ କହୁଛି
ଜରାଶ୍ରମ ରେ ରହୁଥିବା
ସେହି ବୃଦ୍ଧ ପିତା ମାତା ଙ୍କୁ
କଛି ଆଶ୍ୱାସନ ଦେବାକୁ
କଛି କ୍ଷଣ ପାଇଁ ନିଜ ଲୋକ ଙ୍କ
ଖାଲି ସ୍ଥାନ ପୁରା କରିବାକୁ
କୋହ ଆଉ ଲୁହ କୁ ପୋଛି
ତାଙ୍କ ଦୁଃଖ ରେ ଭାଗ ବସାଇବାକୁ

ହୃଦୟ କହୁଛି
ପ୍ରଭୁ ତୁମ ଦୁଆର କୁ
ବାବୁ ମା ଡାକ ର ଚକ୍କାର
ଟଙ୍କାଟିଏ ପାଇଁ କେତେ ନେହୁରା
ଡାକ ଶୁଭିଥାନ୍ତି ସେମାନେ
ପ୍ରଭୁ ଦରଶନ ତୁଚ୍ଛ
ଟଙ୍କେ କ ଆଠଣା
ଏତକ ହୋଇଗଲେ ଆଉ ସବୁ ମିଛ

ହୃଦୟ କହୁଛି
ନର୍କ ରେ ସିଝୁଥିବା
ଗୁଣ୍ଣୁ ଗୁଣ୍ଣୁ ହେଉଥିବା ଅବଳା ର
ଦୁଆର କୁ ଉଦ୍ଧାର କରିବା ପାଇଁ
ଲକ୍ଷ୍ମଣ ଗାର ସେପଟୁ
ବଧୂ ବେଶେ ସଜୁଥିବା
ତା କଅଳଆ ଛନ ଛନ ମନ କୁ
ଆଜି ହୃଦୟ କହୁଛି.......

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଆ କା ମା ବୈ



ଡମ୍ବରୁଧର ବାଗ

ଆଷାଢ ମାସ ର ଦ୍ୱିତୀୟା ତିଥିରେ
ଜଗନ୍ନାଥଙ୍କ ର ରଥ ।
ଗଡି ଗଡି ଯାଏ ସବୁ ଦୁଃଖ ନେଇ
ଖୋଲିଦିଏ ମୁକ୍ତି ପଥ ।
କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ
ବନ୍ଦାଣ ହୁଏ ବୋଇତ ।
ସର୍ବ ପାପ ନାଶ କରିଯାଏ ଜାଣ
ସୁଖ ପାଆନ୍ତି ଭକତ ।
ମାର୍ଗଶିର ମାସ ଶେଷ ଗୁରୁବାରେ
ଆସିଥାନ୍ତି ଲକ୍ଷ୍ମୀ ମାତ ।
ଘର ଘର ବୁଲି ଦୁଃଖ ବୁଝିଥାନ୍ତି
ଉଡାଇ ତାଙ୍କର ନେତ ।
ବୈଶାଖ ମାସରେ ପ୍ରଭୁ ବିର୍‌ଜନ୍ତି
ଦିଅନ୍ତି ଭକ୍ତ ଦର୍ଶନ ।
ସର୍ବ ଭକ୍ତ ଜନ କରିଣ ଦର୍ଶନ
ଲଭିଥାନ୍ତି କୋଟି ପୁଣ୍ୟ ।
ସେଥି ପାଇଁ ବୋଧେ ଏ ଗ୍ଣରି ମାସ
ଅଟଇ ଧରମ ମାସ ।
ଭଗତ ଜନେ ସାଧୁ ଗୁଣି ଜନେ
କରନ୍ତି ନିତ୍ୟ ହବିଷ ।
ଆସିଥାଏ ଯେବେ କାର୍ତ୍ତିକ ମାସଟି
ଲ୍‌ଗଇ କେତେ ଆନନ୍ଦ ।

ଦିଶଇ ଆକାଶେ ତାର୍‌ଫୁଲ କେତେ
ଶୁଭୁଥାଏ ଶଙ୍ଖ ନାଦ ।
ଘରେ ଘରେ ହୁଏ ଭଜନ କର୍ତ୍ତନ
ମାଁ ବୃନ୍ଦାବତୀ ପାଶ ।
ପୁର୍‌ଣ ପାଠରେ ପ୍ରକମ୍ପିତ ହୁଏ
ଝରୁଥାଏ ସୁଧା ରସ ।
ନଦୀ ତୀର ପୁଣି ପଡଇ ଉଚ୍ଛୁଳ
ହୁଳହୁଳ ଶଙ୍ଖ ନାଦେ।
ସ୍ମରଣ କରିଣ ଉତ୍କଳର ଗାଥା
ଗାଉଗାଉ ପ୍ରତିପାଦେ।
ଗର୍ବ ଲ୍‌ଗେ ଶୁଣି ଇତିହାସ କଥା
ମନେ ପଡେ ବୋଇତକୁ ।
ସାଧବ ପୁଅ ଯେ ଆଣୁଥିଲେ ଧନ
ଆମ ଏହି ର୍‌ଇଜକୁ ।
ଅଛି ପରମ୍ପର୍‌ ଅଛି ଯେ ସଂସ୍କୃତି
ଲିଭିବନ ଜମା କେବେ ।
ମନ ଉଲ୍ଲାସରେ ଭସାଇବା ଗ୍ଚଲ
ଏକ ହୋଇ ନାଆ ସର୍ବେ।
ଆସ ଲେ୍‌ ସଙ୍ଗାତ ଆସ ଲେ୍‌ ମିତଣୀ
ଆସ ଆସ ସୁଧି୍‌ ଜନ ।
ଆକାମାବୈ ବୋଲି ପ୍ରଭ୍‌ତୁ ପ୍ରଭ୍‌ତୁ
କରିବା ବୋଇତ ବନ୍ଦାଣ ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଜୀବନ ତୃଷ୍ଣା ଏତେ ଅନା ବନା



ଶାନ୍ତିଲତା ମିଶ୍ର

ସାନ ଭଉଣୀ ଲୀନାର ସ୍ୱାମୀ ହଠାତ୍ କରି ଚାଲିଗଲେ । ଆଜିକୁ ଆଠ ଦିନ ହୋଇଗଲା ସାନ ଭଉଣୀର ଆଖିରୁ ଲୁହ ଶୁଖୁନି । କି ବିକଳ ତାର କାନ୍ଦଣା, ଘରକୁ ଯୋଉମାନେ ଆସୁଚନ୍ତି ବନ୍ଧୁ ବାନ୍ଧବ ସମସ୍ତେ ଆହା ଆହା କରୁଛନ୍ତି । ବାପା ବୋଉ ପ୍ରଥମେ ଶୁଣି ହତବାକ୍ ହୋଇଗଲେ । ଏବେ ନିଜକୁ ସମ୍ଭାଳି ନେଇ ଝିଅକୁ ସମ୍ଭାଳି ଚାଲିଛନ୍ତି । ସାଙ୍ଗ ସାଥି ଯୋଉମାନେ ଆସୁଛନ୍ତି ତାକୁ କୁଣ୍ଢାଇ ଧରି କାନ୍ଦୁଚନ୍ତି । ତାର ଶୁଖି ଆସୁଥିବା ଲୁହକୁ ଆହୁରି ତ୍ୱରାନ୍ୱିତ କରି ଚାଲି ଯାଉଚନ୍ତି । ବୟସ ବା ତାର କେତେ । ଏଇ ପଇଁତିରିଶ ହେବ । ଏ ବୟସରେ କେହି କଣ ବିଧବା ହେବାକୁ ଚାହିଁବ । କି ଦୁଃଖ ସତରେ ।

କେବଳ ତାଙ୍କୁ ଛାଡିଦେଲେ ସମସ୍ତେ ଲୀନାର ଦୁଃଖରେ ମର୍ମାହତ । ବୋଉ କାନ୍ଦୁଥିଲେ ବି କେତେ ଥର ଆସି ତାର କଟାକ୍ଷ ଭରା ଆଖି ରୀନାଙ୍କ ଉପରେ ନିକ୍ଷେପ କରି ଚାଲି ଯାଉଛି । ସେ ଦୃଷ୍ଟିକୁ ରୀନା ଭଲ ଭାବରେ ପଢି ପାରୁଥିଲେ ବି କିଛି ପ୍ରତିକ୍ରିୟା ଦେଖୋଉ ନଥିଲେ । ସେ ଜାଣି ପାରୁଥିଲେ ବୋଉର ଆଖି କହୁଛି ଭଉଣୀ ଦୁଃଖରେ ଆଖିରୁ ଦୁଇ ଟୋପା ଲୁହ ଗଡେଇବା ତ ଦୂରର କଥା କିଛି ସାନ୍ତ୍ୱନା ବାଣୀ ବି ତୋ ମୁହଁରୁ ବାହାରୁନି । ଧନ୍ୟ ତୁ ଭଉଣୀ । ଲୋକ ଲଜ୍ୟାକୁ ତୋର ଖାତର ବି ନାହିଁ । ଲୋକେ ତାକୁ କଣ ଦେଖିବେ ତେ ତ ଦେଖି କରି ଯାଉଚନ୍ତି । ଏଡେ ପଥର ତୁ, ଛି ଛି..

ବାପା ବୋଉ ଏଇଲେ ଝିଅ ପାଖରେ ମାସେ ବା ଦୁଇ ମାସ ରହିବେ । ରୀନା କିନ୍ତୁ ତେର ଦିନ ସରିଗଲା ପରେ ଆଉ ଏଠିକୁ ଆସିବେନି । ଏକା ସହରରେ ରହିଥିବାରୁ ଆସିବାକୁ ପଡୁଛି ପ୍ରତ୍ୟେକ ଦିନ । ନଚେତ ସେ ଏ ଡ୍ରାମା ପ୍ରହସନ ଦେଖିବାକୁ କେବେ ବି ଆସୁ ନଥାନ୍ତେ । ହିନ୍ଦୁ ନିୟମ ଅନୁସାରେ ତେର ଦିନ ତ ପାଳିବାକୁ ହେବ । ଭାଇ ଭାଉଜ ବି ଆସୁଛନ୍ତି ଯାଉଛନ୍ତି ତାଙ୍କ ପରି । ସାନ ଭଉଣୀ ଲୀନା ଭଲ କରି ଜାଣିଥିଲା ତାର ଏ କୃତ୍ରିମ କାନ୍ଦଣା ଆଉ ଅଭିନୟର କଥା ବଡ ଭଉଣୀ ରୀନା କେବେ କାହା ଆଗେ ଭୁଲରେ

ବି କହିବନ । ଘର ପରିବାରର ଇଜ୍ଜତ ମହତ ଯୋଗୁ । ତେଣୁ ସେ ତାର ଅଭିନୟରେ ବେଶ୍ ସଫଳ କାମ ହୋଇ ଗ୍ଲିଛି । ସମସ୍ତଙ୍କ ସାନ୍ତ୍ୱନା ପୂର୍ଣ୍ଣ ସମବେଦନାକୁ ବେଶ ସତର୍କତାର ସହିତ ସାଉଁଟି ଗ୍ଲିଛି ।

ବିବାହ ପରେ ଲୀନା ତାର ସ୍ୱାମୀ ସହିତ ମୋଟେ ଖୁସି ନଥିଲ୍ । କେବେ ସ୍ୱାମୀକୁ ବି ଖୁସି କରି ପାରି ନଥିଲ୍ । ତାପରେ ସ୍ୱାମୀ ତାର ମଦ, ସିଗାରେଟ ଓ ଅନ୍ୟାନ୍ୟ ଡ୍ରଗ୍ ବ୍ୟବହାର କରିବା ଆରମ୍ଭ କରିଦେଲେ । ନଶାଗ୍ରସ୍ତ ଅବସ୍ଥାରେ ଅନେକ ଥର ଝଗଡା ଏପରିକି ହାତ ମଧ ଉଠେଇଛନ୍ତି । ଏ ସବୁରୁ ମୁକ୍ତି ପାଇଁ ଲୀନା ପ୍ରତ୍ୟେକ ଦିନ ନଦ ବଟିକା ତାର ସ୍ୱାମୀଙ୍କ ଖାଇବାରେ ଦେଇ ଘରେ ଶୁଆଇ ରଖୁଥିଲ୍ ।

ରୀନାଙ୍କ ସାଙ୍ଗ ନମ୍ରତା ଜଣେ ନର୍ସ, ତାଙ୍କୁ ନଜର ମନଗଢା ଦୁଖ କାହାଣୀ କହି ନଦ ବଟିକା ସବୁ ଆଣୁଥିଲ୍ ଲୀନା । ଲୀନାକୁ ବି ରୀନାଙ୍କ ସାନ ଭଉଣୀ ହିସାବରେ ନମ୍ରତା ତାକୁ ଭଲ ଭ୍ବରେ ଜାଣିଥିଲେ । ନମ୍ରତା ସେ ପର୍ଯ୍ୟନ୍ତ ଚୁପ ରହିଥିଲେ ଯେ ପର୍ଯ୍ୟନ୍ତ ତାଙ୍କ ସାନ ଭ୍ଇ ବିକ୍ରମକୁ ଲୀନା ସହିତ ତାର ନବିଡ ବନ୍ଧୁତ୍ୱକୁ ଦେଖି ନଥିଲେ । ତାଙ୍କ ଦୟାର ବେଶ ଫାଇଦା ଉଠାଇଛ ଲୀନା । ଆଗୁଁଠି ପ୍ରବେଶରୁ ବାହୁ ପ୍ରବେଶ କଲ୍ ପରି ତାଙ୍କୁ ଲ୍ଗିଲ୍ । ରାଗରେ ସେ ଜଳ ଯାଇଥିଲେ ।

ଯୋଉଦିନ ସବୁ ରୀନାଙ୍କୁ ଆସି କହିଥିଲେ ନମ୍ରତା, ରୀନା ରାଗିବେ କ ଗାଳ ଦେବେ ଲୀନାକୁ କଛି ବୁଝିପାରି ନଥିଲେ । ପ୍ରଥମେ ତ ସ୍ତବ୍ଧ ହୋଇ ଯାଇଥିଲେ । ନଜର ସ୍ୱାମୀକୁ ଧୋକା ଦେବା ସଙ୍ଗେ ସଙ୍ଗେ ନଜକୁ ବି ଠକୁଛି । ଅନ୍ୟମାନେ ଏପରି ଏକ ଅନୈତିକ ସଂପର୍କରେ ଯାହା କ୍ଷତିଗ୍ରସ୍ତ ହେବେ ତାହା ଅଲଗା । କାରଣ ବିକ୍ରମ ବି ବିବାହିତ ଏବଂ ତାର ଗୋଟିଏ ବର୍ଷକର ଝିଅଟିଏ ବି ଅଛି । ବାପା ବୋଉଙ୍କୁ ଏ ବିଷୟରେ କଛି ନଜଣେଇ ନଜେ ଯଦି କଛି ସମାଧାନର ବାଟ ଖୋଜି ପାରନ୍ତେ ରୀନା, ତେବେ ଭଲ ହୁଅନ୍ତା ।

ତାପରେ ଭଉଣୀ ଘରକୁ ବୁଲିଯିବା ଆଳରେ ସେ ଅନେକ ଥର ଯାଇ ଅଜାଣୁଆ ଭ୍ବରେ ସବୁ ପ୍ରମାଣ ସଂଗ୍ରହ କରିଥିଲେ । ଏ ବିଷୟ ନେଇ ଦିନେ ପ୍ରକାରନ୍ତରେ କଥା ଉଠେଇ ତାକୁ ବୁଝେଇ ଥିଲେ । କନ୍ତୁ ତାର କୌଣସି ପରିବର୍ତ୍ତନ ନଦେଖି ଗାଳ ଗୁଲଜ ବି କରି ଥିଲେ । ସେଇ ଦିନ ଠୁ ଦୁଇ ଭଉଣୀଙ୍କ ଭିତରେ ମନୋମାଳନ୍ୟ । ଏପରିକି ତା ଘରକୁ ନ ଯିବାକୁ ସାନ ଭଉଣୀ ମନା କରିଦେଇଥିଲ୍ ।

ନମ୍ରତା ଠାରୁ ଶୁଣନ୍ତି ସେମାନଙ୍କ ଅବାଧ ମିଳାମିଶା । ଏକାଠି ସିନେମା ଯିବା, ରେଷ୍ଟୁରାଣ୍ଟରେ ଯାଇ ଖାଇବା, ପାର୍କରେ ଯାଇ ଘଣ୍ଟା ଘଣ୍ଟା ବସି ଗପିବା । ଏ ସବୁ ବିଷୟ ନେଇ ବାପା ମାଙ୍କୁ କିଛି କହି ଦୁଃଖି କରିବାକୁ ଚାହୁଁ ନଥିଲେ ରୀନା । ସେ ଭାବୁଥିଲେ ଭଉଣୀକୁ ସୁଧାରି ନେବେ କୌଣସି ନା କୌଣସି ଉପାୟରେ । ଆଜି ନହେଲେ କାଲି । ହୁଏତ କିଛି ସମୟ ଲାଗିପାରେ । ସେ ଏ ସଂପର୍କକୁ ବେଶୀ ଦିନ ତିଷ୍ଠି ରହିବାକୁ ଦେବେନି ।

କିନ୍ତୁ ସେପରି କିଛି ହେବା ପୂର୍ବରୁ ତାର ସ୍ୱାମୀଙ୍କର ଏପରି ହଠାତ ଚାଲିଯିବା କାହାକୁ କେତେ ଦୁଃଖ ହେଲା ସେ ଜାଣନ୍ତି । କିନ୍ତୁ ଲୀନାକୁ ମୋଟେ ଦୁଃଖ ହୋଇ ନାହିଁ ସେ ଭଲ ଭାବରେ ଜାଣନ୍ତି । ତାଙ୍କର ମୃତ୍ୟୁର କାରଣ ଅତ୍ୟଧିକ ଡ୍ରଗ ବା ନିଦ ବଟିକା ସେବନ ଦ୍ୱାରା ହୋଇଛି ବୋଲି ଡାକ୍ତର ମତ ଦେଇଥିଲେ ହେଁ ସେ ଜାଣନ୍ତି ଏହା ଅପମୃତ୍ୟୁ ନୁହେଁ ଏହା ସୁଚିନ୍ତିତ ପରିକଳ୍ପନା ଏକ ଚକ୍ରାନ୍ତ ଜନିତ ମୃତ୍ୟୁ ।

ରୀନାଙ୍କ ସ୍ୱାମୀଙ୍କର ଦୁଇ ମାସ ହେବ ଅନ୍ୟ ଏକ ପାଖ ସହରକୁ ବଦଳି ହୋଇ ଯାଇଥିଲା । ରୀନାଙ୍କର ନିଜ ସହର ଛାଡି ଯିବାକୁ ଇଚ୍ଛା ନଥିଲା । ତାପରେ ବାପ ମା ଭାଇ ଭଉଣୀ, ସାଙ୍ଗ ସାଥିଙ୍କୁ ଏଠି ଛାଡି ସେଠି ଏକା ଏକା ରହିବାକୁ ଭଲ ଲାଗିବନି ବୋଲି ସେ ସ୍ୱାମୀଙ୍କ ସଙ୍ଗେ ଯାଇନଥିଲେ । ମାତ୍ର ଘଣ୍ଟାଏ ଦୂରତାରେ ସେ ରହୁଥିଲେ । ସ୍ୱାମୀ ତାଙ୍କର ପ୍ରତି ସପ୍ତାହରେ ଆସି ତାଙ୍କୁ ଓ ସାତ ବର୍ଷର ପୁଅକୁ ଦେଖିଯିବେ ବୋଲି କଥା ଥିଲା । ସେ ମଧ୍ୟ ଯେତେବେଳେ ଇଚ୍ଛା ସେତେବେଳେ ଯାଇ ପାରିବେ ପୁଅକୁ ନେଇ ।

କିନ୍ତୁ ନା ସେଦିନ ତେର ଦିନ ସରି ଯାଇଥିଲା । ଘରକୁ ଆସି ରୀନା ଜିନିଷ ପତ୍ର ବାନ୍ଧି ସ୍ୱାମୀଙ୍କ ସହର ଅଭିମୁଖେ ଯାତ୍ରା କରିଥିଲେ ବୋଉର ସବୁ କୁଭାଷା କଟୁକ୍ତିକୁ ପଛରେ ପକେଇ । ଅଜାଗା ଘା ଇଏ, ଦେଖି ହେବନି କି ଦେଖେଇ ହବନି ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଜୀବନ ଦୀପ



ଆଶୁତୋଷ ମେହେର

ଜୀବନ ଦୀପ ମୋ ଜଳ ଜଳ ଯାଉ
ଦୁନଆଁ ଅଂଧାର ମାରି
ପର ପାଇଁ ଏଇ ମହତ ଜୀବନ
ଧିରେ ଧିରେ ଯାଏ ସରି ।।୦।।

ଏମିତି କାହାରି କରମେ ଥାଏ ଯେ
ଲଢିବାକୁ ଭାଗ୍ୟ ସାଥେ
ପର ପାଇଁ ଜଳ ତରଳ ଯିବାକୁ
ଜୀବନ କୁ ଢାଳ ପଥେ
ସେଇ ତ ଫୁଟଇ ସାର୍ଥକ ହୋଇ ଯେ
ଫୁଲ ରେ ମହକ ଭରି......
.............ପର ପାଇଁ ଏଇ ମହତ ଜୀବନ
ଧିରେ ଧିର ଯାଏ ସରି ।। ୧ ।।

ତରଳ ଯାଏ ମୁଁ ନତି ଏଇ ମତେ
ମୋ ଜୀବନ ଗୀତ ସିଏ
ପର ଲୁହ ପୋଛି ହସ ଧାରେ ଭରେ
ସୁଖ ଗାରେ ଖାଲି ଦିଏ
ସାର୍ଥକ ମୋହରି ଜୀବନ କବିତା
ସୁରେ ସୁରେ ଯାଏ ଭରି........
..........ପର ପାଇଁ ଏଇ ମହତ ଜୀବନ
ଧିରେ ଧିର ଯାଏ ସରି ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଲ୍ଗୁର୍ ଶୈଶବ



ଅନୁସୂୟା ମିଶ୍ର

ଆଜି ବି ସେ
କ୍ଷଣେ ହସେ କ୍ଷଣେ ରୁଷିଯାଏ,
ଆର କ୍ଷଣେ  ପୁଣି
ପୋଛିଦିଏ
ତୋର- ମୋର ଭ୍ବ ଯେତେ,
ନାଚଉଠେ ଗୋଟାପଣେ
ଅଜଣା ଏକ ଅନାବିଳତାର ଛନ୍ଦେ,
ଢାଳଦିଏ ସମ୍ପୂର୍ଣ୍ଣ ନଜକୁ
ପ୍ରତିଟି ଆଞ୍ଜୁଳରେ
ଅକପଟ ଆତ୍ମୀୟତା ଭରେ ।

ଆଜି ବି ସେ  ଖୁବ୍ ଗୁହେଁ
ଫିଙ୍ଗିଦିଅନ୍ତା
ବେଖାପ ଏଇ ବୟସର ଖୋଳପାଟା,
ଧାଇଁଯାଆନ୍ତା ଅନେକ ଦୂରକୁ
ଆଙ୍କିବସନ୍ତା ନଜସ୍ୱ ଦୁନଆଟିଏ..
ଲ୍ଗି ଲ୍ଗି ଧାଡ଼ିଏ ପାହାଡ଼,
ପାହାଡ଼ ସନ୍ଧିରେ ସୂର୍ଯ୍ୟ,
ପାହାଡ଼ ତଳେ ଗୁଳଛପରର ଗୋଟେ ଘର
ଆଉ ଘରକୁ ଘେରି କଛି ନଡ଼ିଆର ଗଛ,
ଆଗରେ ଛଳ ଛଳ ଝରଣାଟିଏ
ଝରଣା ସେପାଖେ ଅସରନ୍ତି ସବୁଜିମା

ଦିଗବଳୟର ଶେଷ ଯାଏଁ,
ଉପରେ,
ଠା ନୀଳ ଠା ପାଉଁସିଆ ଆକାଶରେ
ଉଡ଼ି ବୁଲୁଥାଏ ମୁକ୍ତ ବିହଙ୍ଗଟିଏ,
ଏକା ସିଏ ହିଁ ଜାଣେ, ସମସ୍ତଙ୍କର ସିଏ
ପୁଣି କାହାର ବି ନୁହେଁ।

ଆଜି ବି, କେବେ କେବେ
ବିଜନ ଏକ ବେଳା ବକ୍ଷେ
ମାଡ଼ି ଆସେ ଅମାନିଆ ଲହଡ଼ିଟେ
ଭାଙ୍ଗିଯାଏ ବାଲିଘର
ଧୋଇଯାଏ ସ୍ୱପ୍ନ ଯେତେ ତାର,
ପଡ଼ି ରହେ
ସ୍ମୃତିର ଶାମୁକାରୁ ମୁଠେ।
ସେ ଶାମୁକାରେ କୋଉ ଜୀବନ ଥାଏ..
ନା ସେ କଥା କୁହେ
ନା ଲୁହ ପୋଛିଦିଏ !
ସମୟର ସେଇ ସନ୍ତକ ସବୁକୁ
କେଇ ଘଡ଼ି ବୁକତଳେ ଜାକି ଧରି
ସାଗରର ନିଷ୍ଠୁର ସିଦ୍ଧାନ୍ତ ସହ
ସନ୍ଧି କଲା ବେଳେ
ଅଜାଣତେ ବଡ଼ ହୋଇଯାଏ
ଲାଗୁର୍ ଶୈଶବଟିଏ
ନିଜ ମଧ୍ୟେ, ସମସ୍ତ ଅନିଛା ସତ୍ତ୍ୱେ।

ଶତାବ୍ଦୀ ନଗର, ୟୁନିଟ୍- ୮, ଭୁବନେଶ୍ୱର

# ତୁମ ପାଇଁ



ନିର୍ମଳ କୁମାର ଦଳାଇ

ଆଗୋ ପ୍ରିୟତ୍ତମା
ସୁନ୍ଦରୀ ସୁଷମା
ତୁମ ପ୍ରୀତି ସ୍ପନ୍ଦ ବନ୍ଧନ ପାଇଁ ,
ସ୍ୱପ୍ନ ମୟ ମନ ମୋର
କାହିଁ କେତେ କାଳୁ ରହିଛି ଚାହିଁ ।

ବସନ୍ତର ବାସ
ପ୍ରେମର ପରଶ
ତୁମ ମନେ ବୋଳ ଦେବା ପାଇଁ ,
ପ୍ରତୀକ୍ଷରତ ମୁଁ
ତୁମ ଆସିବା ବାଟରେ ଗୋଲାପ ବିଛେଇ ।

ଜହ୍ନ ର ଜୋଛନା
ମେଘର ମୂର୍ଚ୍ଛନା
ପ୍ରେମ ସିନ୍ଦୁକରେ ସାଇତି ରଖିଛି,
ହୃଦୟ ବେଦୀକୁ
ଲକ୍ଷେ ତାରାରେ ସଜେଇ ଦେଇଛି ।

ମଳୟ ମନ୍ଥର
କୋଇଲି ଅଧିର
ତୁମ ଲାଜରେ ଲାଜେଇବା ପାଇଁ,
ଅବିଳମ୍ବେ ଆସ
ରାତି ସରିଲାଣି ସ୍ୱପ୍ନ ବାକ ଅଛି ତୁମରି ପାଇଁ

ସହକାରୀ ଶିକ୍ଷକ,
ରଇପୁର ହାଇସ୍କୁଲ ରଇପୁର,
ଜିଲ୍ଲା : ଯାଜପୁର

# କ୍ଷୁଦ୍ରଗଳ୍ପ

# "ପାପ ଉପାଖ୍ୟାନ"



ବିନୟ ମହାପାତ୍ର

ଅଫିସ୍ ସାମ୍ନା ଗ୍ଚ ଦୋକାନରୁ ବାହାରିଲ୍ ବେଳକୁ ନଜର ଆସିଲ୍ ଘନଶ୍ୟାମ ବାବୁ ତାଙ୍କର ବାଇକ୍ ଟାକୁ ପେଲିପେଲି ନେଉଛନ୍ତି । ବଡ ବିକଳ ଲ୍ଗିଲ୍, ତାଙ୍କର ଏପରି ଦୟନୀୟ ଅବସ୍ଥା ଦେଖି । ଏତେ ମୋଟା ଲେ୍କଟା, ବିଚର୍ ଏତେବଡ ପେଟନେଇ କେତେ କଷ୍ଟରେ ଗ୍ଲେ, ତା ପରେ ବୋଝ ଉପରେ ଏଇ ଲଳତା ବିଡା । ଏବେ ଏଇ ମୋଟର ସାଇକେଲକୁ ପୁଣି ପେଲି ପେଲି ନେବାକୁ ହେବ । ପଗ୍ଚରିଲି, ସାର୍ କଣ ହେଲ୍କ ? ବାଇକ୍ କଣ ଷ୍ଟାଟ ହେଉନ ? ଘନଶ୍ୟାମ ବାବୁ ମୁହଁ ଟେକ ଥରେ ଅନେଇଲେ, ଗ୍ଚହାଣୀରେ ତାଙ୍କର ବଡ ବିବଷତା ନଜର ଆସୁଥିଲ୍ ଆଉ କ୍ରୋଦ୍ଧ ବି ! କହିଲେ, "ହ୍ୟାପୋ, ମୋ ବାଇକର ହାୱା କଏ ବାହାରକରି ଦେଇଛି । ଆଖ ପାଖରେ ପଞ୍ଚରବାଲ୍ ବି କେହି ନାହିଁ । ଅଧମାଇଲି ର୍ସ୍ତା ପେଲିପେଲି ନେବାକୁ ହେବ । କହିଲି ଆଜ୍ଞା ପଞ୍ଚର ବି ହୋଇଥାଇପାରେ, ଖର୍ଦିନ କୋଉ ପୁରୁଣା ପ୍ୟାଚ୍ ଉଠିଯାଇଥିବ ବୋଧେ । ଘନଶ୍ୟାମ ବାବୁ ବିରକ୍ତ ହୋଇ କହିଲେ, ନାଇଁହୋ, ନୁଆ ଟାୟାର ଟ୍ୟୁବ୍ ପକେଇଥିଲି ଏଇ ମାସେହେଲ୍ । ପୁରୁଣା ପଞ୍ଚର ଜମାରୁ ନଥିଲ୍ । ଏଇ ଶଳା ଆମ ଅଫିସଲେ୍କ କଏ ଏଇ କାଣ୍ଡ କରିଛି । ଏମାନେ ନଜ ଆଖିରେ କାହାର ଉନ୍ନତି ଦେଖି ସହି ପାରିବେନ । ମୁଁ କଣ ଉତ୍ତର ଦେବି ଭ୍ବିପାରୁ ନଥିଲି, ଖାଲି ଛୋଟିଆ ହଁ ଟିଏ କହି ରହିଗଲି । ପୁଣି ସମବେଦନା ଦେଖେଇ କହିଲି, "ହଁ ଆଜ୍ଞା, ଫ୍ଲାଟ ଟାୟାରରେ ବାଇକ୍ ପେଲି ନେବାରେ ଯେ କେତେ କଷ୍ଟ ମୋତେ ଜଣାଅଛି, ସେ ଅନୁଭୂତି ମୋର ଅଛି । ଥରେ ଦି'ଥର ର୍ସ୍ତାରେ ମୋ ବାଇକ୍ ବି ପଞ୍ଚର ହୋଇଛି । ଘନଶ୍ୟାମ ବାବୁ କୁନ୍ଥେଇ କୁନ୍ଥେଇ ବାଇକ୍ ପେଲି ପେଲି ଗ୍ଲିଗଲେ । ସେ ର୍ସ୍ତାର ବୁଲ୍ଣିରେ ଲୁଚଗଲ୍ ପରେ, ମୋ ପାଖରେ ଠିଆ ହୋଇଥିବା ଆର୍ତ୍ତତ୍ରାଣ ଫିକ୍ କନା ହସିଦେଲ୍ । ଆର୍ତ୍ତତ୍ରାଣ ଆମ ଅଫିସର ପିଅନ୍, ପଗ୍ଚରିଲି, ହେଃ ହସୁଚୁ କଣ ? ତା ଅବସ୍ଥା ଦେଖି ତୋ ମନରେ ଟିକଏ ବି ଦୟା ଆସୁନ ? ତୋ ନାଆ ଆର୍ତ୍ତତ୍ରାଣ କଏ ରଖିଲ୍ ବା' । ଆର୍ତ୍ତତ୍ରାଣ ହସି ହସି

କହିଲା, ଆଜ୍ଞା, ମୋ ନାଆଟା ସିନା ଆର୍ତ୍ତତ୍ରାଣ, ହେଲେ ଲୋକଙ୍କ ଦୁଃଖ ଭଞ୍ଜନ କରି ପାରୁନ ! ସେଥିପାଇଁ ତ ଦୁଷ୍ଟ ଲୋକଙ୍କୁ ଦୁଃଖ ଦେଇ ଟିକଏ ଖୁସି ହେଉଛି !

: ମାନେ?

ମାନେ, ଘନଶ୍ୟାମ ବାବୁଙ୍କୁ ଏ ଦଣ୍ଡ ମୁଁ ଦେଇଛି । ଶଳା ସକାଳୁ ସଂଞ୍ଜ ଯାଏ ବସି ଲାଞ୍ଚ ଖାଇ ଖାଇ ପେଟଟାକୁ ଓଦର ପରି ଫୁଲେଇ ସାରିଲାଣି । ଦୟା ମାୟା କହିଲେ ଲୋକଟା ପାଖରେ ଟିକଏ ବି ନାହିଁ, ଗରୀବ ଧନୀ ବୁଢା ଟୋକା କଛି ଫରକ୍ କରୁନ । ଫାଇଲ ଆସିଲା ମାନେ ହାତ ପତେଇ ଦେଉଛି, ଦେ କେତେ ଦେଉଚୁ ଦେ ! ଖାଇ ଖାଇ ଦେଖୁନ, କେତେ ବଡ ପେଟଟାଏ କଲାଣି ! ଦଶ ମାସର ଗର୍ଭିଣୀ ମାଇପିଙ୍କ ପରି ଦିଶୁଛି । ଆଜି ବିଚ୍ଚରୀ ବଧବା ସ୍ତ୍ରୀ ଲୋକଟିଏ ଆସିଥିଲା ତାର ଭତ୍ତା ପାଇଁ, ଗରୀବ ସ୍ତ୍ରୀ ଲୋକଟା ବିଚ୍ଚରୀ, କଙ୍କାଳ ଗଣି ହେଇଯିବ, ଭଲ ଲୁଗା ଖଣ୍ଡିଏ ବି ତା ପାଖରେ ନାହିଁ ପିନ୍ଧିବାକୁ । ସାଙ୍ଗରେ ଦିଟା ବିମାରିଆ ଛୁଆ । ତା ଫାଇଲକୁ ବି ଅଟକେଇ ରଖିଛି । କହିଲା ଦି'ଶହ ନଦେଲେ ଫାଇଲ ଆଗକୁ ବଢିବନ, ବିଚ୍ଚରୀ ନଗ୍ଶ ହୋଇ ଫେରିଗଲା । ନଗ୍ଶ ହୋଇ ଫେରିବା ବେଳେ ତା ଆଖିର ସେଇ ଲୁହ, ତାରି ନଶ୍ୱାସ, ଅଭିଶାପ ହୋଇ ପଡିଲା ୟାରି ଉପରେ । ଭଗବାନ ମୋତେ କହିଲେ ତାକୁ ଦଣ୍ଡ ଦେ, ଆଉ ମୁଁ ତା ବାଇକର ହାଓ୍ୱା ଖୋଲିଦେଲି ।

: ବଡ ପାପଟାଏ କରିଦେଲୁରେ ତୁ ଆର୍ତ୍ତତ୍ରାଣ ! ଆର୍ତ୍ତ ହସିଲା, କହିଲା, କାଲି ସକାଳୁ ମନ୍ଦିର ଯିବି ପରା ।

: ପଚ୍ଚରିଲି, କାହିଁକି ?

ପାପ ଛଡେଇବାକୁ ଆଜ୍ଞା, ହସି ହସି ଆର୍ତ୍ତତ୍ରାଣ ଜବାବ ଦେଇ କହିଲା, ଆଜ୍ଞା କଥାରେ କହନ୍ତି, ଦିଅଁ ଦରଶନ କଲେ କୁଆଡେ ପାପ ଗୁଚ୍ଚି ଯାଏ, ଆଉ ତ ଆଉ, ଥରେ ରାମ ନାମ ନେଲେ ଯେତେ ପୂଣ୍ୟ ଅର୍ଜନ ହୁଏ, ମଣିଷ ତାର ସାରା ଜୀବନରେ ଏତେ ପାପ କରି ପାରେନା । ଏଇ ଦେଖ କହି, ରାମ ରାମ ଦି ଥର କହି ପକେଇଲା, ଆଉ କହିଲା, ହେଇ ଦେଖ, ଗଲା ଏଇ ଜନ୍ମର ସବୁ ପାପ ନାଶ ହୋଇଗଲା ଗୋଟିଏ ଥର ରାମ ନାମରେ, ଆଉ ଥରେ ରାମନାମରେ ଆଗଲା ଜନ୍ମର ବି ଆଡଭାନ୍ସ ପ୍ରିମିୟମ ଜମା ହୋଇଗଲା ।

ଆର୍ତ୍ତତ୍ରାଣର ଏ ଯୁକ୍ତିଶୁଣି ମୋତେ ହସ ଲାଗିଲା, ହସି ହସି କହିଲି, ଆରେ ସେମିତି ହେଲେ ଘନଶ୍ୟାମ ବାବୁ ରିଟାୟାର୍ଡ ହେଲାପରେ ହରିଦ୍ୱାର ଯାଇ ଗଙ୍ଗାସ୍ନାନ କରି ସବୁ ପାପ ଧୋଇ ଆସିବେନ ? ତୋତେ ଦଣ୍ଡ ଦେବା କଣ ଦରକାର ଥିଲା । ଆଉ କଣ ବାକିରହିଲା ଯେ । ସିଏ ପାପ ବି ଆଜି କଲେ, ଦଣ୍ଡ ବି ଆଜି ପାଇଲେ । ତାଙ୍କର ପ୍ରାୟଶ୍ଚିତ ହୋଇଗଲା ।

ଗଙ୍ଗାସ୍ନାନ କଥା ଶୁଣି ଆର୍ତ୍ତତ୍ରାଣ ବହେ ହସିଲା, କହିଲା, ମୋର ଗୋଟେ ଗପ ମନେ ପଡୁଚ ଆଜ୍ଞା, ଥରେ କିଏ ଜଣେ ବାବାଜୀ କହୁଥିଲେ ଶୁଣିଥିଲି । ଆପଣ ଶୁଣିବେ?

କହିଲି, ରହ, ଚାଲ ସେଇଠି ଆଉ କପେ କପେ ଚା' ହେଇ ଯାଉ, ତା ପରେ ତୋ ଗପ ଶୁଣିବା ।

ସଂଜ ନଇଁ ଆସୁଥଲା, ଅଫିସ୍ ଛୁଟିହେବାର ଅଧଘଣ୍ଟାରୁ ଅଧିକ ସମୟ ହେଲାଣି। ସମସ୍ତେ ପ୍ରାୟ ଚାଲି ଗଲେଣି । ରଘୁଆ ଚା' ଦୋକାନ ବି ଖାଲି, ସେ ତାର ଦୋକାନ ସଜାଡିବାରେ ଲାଗିଛି । ଛୋଟୁ, ପ୍ଲେଟ, ଚାହା ଗ୍ଲାସ କପ୍ ସବୁ ଧୋଇବାରେ ବ୍ୟସ୍ତ । ରଘୁଆ ଦୋକାନରେ ପହଞ୍ଚି କହିଲି, ଆରେ ରଘୁ ଚା' ଦି'କପ୍ ତିଆରି କର। ରଘୁ ଥରେ ଆମକୁ ଚାହିଁ କହିଲା, ଆଜ୍ଞା, ଖିର ସରିଗଲାଣି, ଆଉ ଚା' ବନେଇ ହବନି । ଚୁଲା ଉପରେ କେଟିଲରେ ଦୁଇ ଚାରିକପ୍ ଚାହା ବଳିଛି, ଦଶ ମିନଟ୍ ଆଗରୁ ସାଉତ୍ ବାବୁଙ୍କ ପାଇଁ କରିଥିଲି । ଏଇଟା ସବୁବେଳେ ରଘୁର ରେଡିମେଡ୍ ଉତ୍ତର, ସକାଳ ତିଆରୀ ଚା'କୁ ବି ସଂଧାରେ ଦଶ ମିନଟ୍ ଆଗରୁ ବନେଇଚ କହି ପିଲେଇ ଦିଏ । ଅଗତ୍ୟା କିଛି ଉପାୟ ନଦେଖି, ହଉ ଦେ କହି ବସିଗଲୁ ସାମ୍ନାରେ ପଡିଥିବା ଖାଲି ବେଞ୍ଚଟା ଉପରେ । ରଘୁ ରଡିଟାଏ କରି କହିଲା, ହେଇରେ ଛୋଟୁ ବାବୁଙ୍କୁ ଦିଟା ଚାହା ଦେଇଯା, ବିସ୍କୁଟ କି ନମିକି ଦିଟା ଦେବି ଆଜ୍ଞା - ଆମ ଆଡକୁ ଚାହିଁ ପଚାରିଲା । କହିଲି, ନାହିଁ ନାହିଁ ଖାଲି ଚାହା ଦୁଇଟା ଦେ ।

ଚା' ପିଉ ପିଉ ଆର୍ତ୍ତତ୍ରାଣକୁ କହିଲି, ହଁ ଏବେ କହ, କଣ କାହାଣୀ କହୁଥିଲୁ। ଆର୍ତ୍ତ ଚା' ଗ୍ଲାସରେ ଗୋଟାଏ ସୁଡକ ଲଗାଇ କହିଲା, ଏଇଟା ବହୁତ ଦିନର ପୁରୁଣା କଥା, ଥରେ ଜଣେ ଜମିଦାର ଗଙ୍ଗାସ୍ନାନ କରିବାକୁ ହରିଦ୍ୱାର ଯାଇଥିଲେ । ବଡ ଧର୍ମପରାୟଣ ବ୍ୟକ୍ତି ଥିଲେ ଜମିଦାର ବାବୁ । ଜୀବନ ସାରା ଦାନ ଧର୍ମ କରିବା, ଲୋକଙ୍କ ସେବା କରିବାରେ କଟେଇ ଦେଇଥିଲେ । ଏମିତି ଗଙ୍ଗାରେ ଗାଧୋଉ ଗାଧୋଉ ମନରେ କଣ ଆସିଲା

କେଜାଣି, ଭାବିଲେ 'ଦୁନିଆ ଯାକର ପାପି ଆସି ଗଙ୍ଗାରେ ସ୍ନାନ କରୁଛନ୍ତି, ଗଙ୍ଗା ମାଆ ସମସ୍ତଙ୍କର ସବୁ ପାପ ଧୋଇ ନେଉଛି, ଏତେ ପାପ ସାଙ୍ଗରେ ନେଇ ଗଙ୍ଗା ମାତା କରୁଛି କଣ ?' ଶେଷରେ ନିଜର ଉତ୍କଣ୍ଠାକୁ ଚାପି ରଖି ପାରିଲେନି, ଗଙ୍ଗା ମାଆକୁ ପଚାରି ବସିଲେ;

: ହେ ଗଙ୍ଗା ମାଆ, ସଂସାର ଯାକର ପାପି ତୋରି ଶରଣରେ ଆସୁଛନ୍ତି, ତୋରି ପବିତ୍ର ଜଳରେ ସ୍ନାନ କରି ସବୁ ପାପ ଧୋଉଛନ୍ତି । ଏତେ ପାପ ଧୋଇ ତୁମେ ସେ ସବୁ ପାପକୁ ନେଇ କଣ କରୁଛ ?

ଗଙ୍ଗା ମାଆ ସଙ୍ଗେ ସଙ୍ଗେ ପ୍ରକଟ ହୋଇ ଟିକଏ ହସି କହିଲେ; "ବତ୍ସ, ମୁଁ ପତୀତପାବିନି ଗଙ୍ଗା, ମୋ ଜଳରେ ସ୍ନାନକଲେ ପାପିର ପାପ ଧୋଇଯାଏ । ହେଲେ ପାପ ସାଙ୍ଗରେ ମୋର ବା' କଣ କାମ ? ପାପି, ତପି, ଯୋଗୀ, ଭୋଗୀ, ସାଧୁ, ସନ୍ତ ସମସ୍ତେ ଆସି ମୋ ପବିତ୍ର ଜଳରେ ସ୍ନାନ କରନ୍ତି, ମୋର ଜଳର ପବିତ୍ରତା ପାପି ମଣିଷର ପାପ ଧୋଇନିଏ । ଯେମିତି ସାବୁନ ଲଗେଇଲେ ଦେହର ମଳ ସବୁ ଧୋଇ ହୋଇଯାଏ ସେମିତି । ହେଲେ ମୋର ପାଣି ତ ପୋଖରୀ ପରି ଗୋଟିଏ ଜାଗାରେ ଜମା ହୋଇ ରହେନି । ମୋର ଜଳଧାର ନିରନ୍ତର ଏହିପରି ବୋହି ଚାଲିଛି ଏବଂ ଶେଷରେ ଗଙ୍ଗାସାଗରରେ ସମୁଦ୍ରରେ ମିଶି ଯାଉଛି । ସେଇ ପାଣିରେ ସମସ୍ତ ପ୍ରାଣୀଙ୍କର ପାପ ସବୁ ଭାସି ଭାସି ଯାଇ ସମୁଦ୍ରରେ ପହଞ୍ଚି ଯାଉଛି ।"

: ଜମିଦାରଙ୍କର ଉତ୍କଣ୍ଠା ବଢି ବଢି ଚାଲିଲା, ପୁଣି ଗଙ୍ଗା ମାଆକୁ ପଚାରିଲେ, ସବୁ ପାପ ସମୁଦ୍ରରେ ଜମା ହୋଇଯାଉଛି ତାହାହେଲେ । ତେବେ ଏତେ ସବୁ ପାପନେଇ ସମୁଦ୍ର ତ ସଂସାରର ସବୁଠାରୁ ବଡ ପାପି ହୋଇ ଗଲା !

ଗଙ୍ଗା ମାଆ ଟିକେ ହସି କହିଲେ, "ନାହିଁରେ, ସମୁଦ୍ର ହେଲା ରତ୍ନାକର, ରତ୍ନ ରଖିବା ତା କାମ, ପାପ ରଖି ସିଏବା କଣ କରିବ ? ସିଏ ବି ପାପକୁ ପାଖରେ ରଖେନା, ଯେମିତି ଖରାଦିନ ଆସିବ, ତାର ପାଣି ସବୁ ବାଷ୍ପ ହୋଇଯିବ, ସେଇ ବାଷ୍ପ ସାଙ୍ଗରେ ପାପ ସବୁ ଉପରକୁ ଉଠିଯାଇ ମେଘରେ ମିଶିଯିବେ" ।

: ଆଚ୍ଛା, ତାହାହେଲେ ମେଘ ସବୁଠାରୁ ବଡ ପାପି, ଜମିଦାର ଗଙ୍ଗା ମାଆଙ୍କୁ କହିଲେ । ଗଙ୍ଗା ମାଆ ହସି ହସି କହିଲେ, "ନାହିଁ, ମେଘ କାହିଁକି କାହା ପାପର ଭାଗିହେବ, ମେଘର

ବା ଆୟୁଷ କେତେ ? ଖଣ୍ଡଦିନ ପରେ ବର୍ଷା ଋତୁ ଆସିବ, ମେଘ ଭସିଭସି ସାରା ଆକାଶରେ ବ୍ୟାପୀ ଯିବ, ତା ସାଙ୍ଗରେ ପାପର ରଙ୍ଗରେ କଳା ଦିଶୁଥିବା ମେଘସବୁ ମାଡି ଆସିବେ, ତା'ପରେ ମେଘ ବର୍ଷିଯିବ ବରକୋଳିଆ ପାଣି ଟୋପା, ଆଉ ସେଇ ପାଣି ସାଙ୍ଗରେ ସବୁଯାକ ପାପ ବି ଢାଳିଯିବ, ଯାହାର ପାପ ତାହାରି ଉପରେ ବରଷିଦେଇ ଗଳିଯିବ । ତୁମ ପାପ ପୁଣି ତୁମ ପାଖକୁ ଓ୍ୱାପସ୍" ।

ଜାଣିଲେ ଆଜ୍ଞା, ଯାହାବି କରନ୍ତୁ ପାପ, ପାପିକୁ ଛାଡି କୁଆଡେ ଯାଏନ । ସବୁବେଳେ ସାଙ୍ଗରେ ରହେ, ପାପର ହିସାବ ଅଲଗା, ପୂଣ୍ୟର ଅଲଗା । ପୂଣ୍ୟ ପାଇଁ ଯେପରି ସୁଖ ମିଳବ ପାପ ପାଇଁ ସେତେକ ଦଣ୍ଡ ମିଳବ ।

ଆର୍ତ୍ତତ୍ରାଣ ଗୋଟାଏ କ୍ୱାଲିଫାଏଡ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରି ପୁରା ପାପ ଉପଖ୍ୟାନର ତର୍ଜମା କରିଗଲା, କହିଲା ପାପ ପୂଣ୍ୟ କଛି ବ୍ୟାଙ୍କ ଖାତା ନୁହଁ ଯେ ଡେବିଟ୍ କ୍ରେଡିଟ୍ ହେଉଥିବ । ଶହେ ପାପ କଲି, ପଚାଶ ପୂଣ୍ୟ, ଜମାଖର୍ଚ୍ଚ ହିସାବ ପରେ ବଳକା ରହିଲା ପଚାଶ, ସେଇଟା ଗଙ୍ଗାରେ ଯାଇ ବିସର୍ଜନ କରିଦେବି, ବ୍ୟାଡଡେବ୍ଟ ରାଇଟ୍ଅପ୍ ହୋଇଯିବ ! ସେମିତି କଛି ହୁଏନ ଆଜ୍ଞା । ସବୁ ହିସାବ ଏଇଠି ହୁଏ । ଦେବା, ନେବା, ପାଇବା, ନପାଇବା ସବୁ ଏଇଠି ହିସାବ ନକାଶ ପଇଠ କରି ଫେରିବାକୁ ହେବ । ଆଗଲା ପିଛିଲା ଜନ୍ମର କଛି ନେଣ ଦେଣ ବାକ ରହେନ । ଏଠି ସବୁ ନଗଦ କରବାର । ଯେମିତି କରିବ, ସେମିତି ଏଇଠି ଭୋଗିକ ଯିବ । କୋଳ ଗଛ ଲଗେଇ ତ କେହି ଆମ୍ବ ତୋଳ ପାରିବ ନାହିଁ ନା । ତାକୁ ଖଟା କୋଳ ହିଁ ଖାଇବାକୁ ମିଳବ, କୋଳଗଛର ମୂଳକୁ ଗଲେ ପାଦରେ କଣ୍ଟା ଫୁଟିବ । ତେଣୁ ସାଧୁ ହେ, ସାବଧାନ ରୁହ, ଅବଧାନେ ଏତିକ ପଢେଇଛନ୍ତି ଆଜ୍ଞା ।


କଟ୍ ସ୍କୋୟାର, ପଟିଆ
ଭୂବନେଶ୍ୱର, ଓଡିଶା

# ମୁଁ ଭୋଟ ଦେଇଛି



ସନାତନ ମହାକୁଡ

ସବୁଥର ଭଳ ନର୍ବାଚନ ଦିନ ଆସିଛି
ନୂଆ ତାଲିକାରେ ନେଉଳର ନାମ ଉଠିଛି ।
ବଡ ସକାଳୁ ଉଠି ଦର୍ପଣେ ମୁହଁ ନରେଖି
ଖୁସି ମନେ ଚାଲିଲା ରାସ୍ତାର ବାମକୁ ଦେଖି ।
ଦଳୀୟ ଗାଡିରେ ନଚଢି ଗଲା ପାଦେ ଚାଲି
ସଙ୍ଗେ ନେଲା ଫଟୋ ପତ୍ର କାଳେ ଦେଖିବେ ବୋଲି ।
ପ୍ରଥମ କରି ନେଉଳ ଆଜି ଦେବ ଭୋଅଟ
ସେଥିପାଇଁ ନେଇ ନାହିଁ କାହାଠାରୁ ନୋଅଟ ।
ନାଗରିକ ସିଏ ସ୍ୱାଧୀନ ଭାରତ ବର୍ଷର
ସବୁ ଜାଣି ପାରୁଛି ତାର ଦାବୀ ଅଧିକାର ।
ଶୀଘ୍ର ପହଞ୍ଚିଲା ଯାଇ ଭୋଟ କେନ୍ଦ୍ର ପାଖରେ
ଚରିକୁଟି ହାତେ ଧରି ପ୍ରବେଶିଲା ଭିତରେ ।
ସଯତନେ ଭୋଅଟ ଦେଇ ଆସିଲା ବାହାରି
ବୀର ପରି ଫେରିଲା ନ ଶୁଣି କଥା କାହାରି ।
ଘରେ ପହଞ୍ଚିବା ପରେ ନେଉଳୀକୁ କହିଲା
ପ୍ରସ୍ତୁତ ହୁଅ ଭୋଟ ଏହିପରି ଦେବୁ ଭଲା ।
ମୁଁ ଭୋଟ ଦେଇଛି, ସବୁ ଚହ୍ନେ ଛକ ମାରିଛି
ମୋହର ଦେଇ ସଭିଙ୍କ ମନ ଖୁସି କରିଛି ।
ତୁମେ ବି ଯିବ, ସବୁ ଚହ୍ନରେ ଛକ ମାରିବ
ଭଲ ହେବ ଆମ ପାଇଁ ଶତ୍ରୁ କଏ ନ ଥିବ ।



ବେରୁଆଁବାରୀ, ନୟାଗଡ, ଓଡିଶା।



# ନକ୍ସା

ବିଦ୍ୟାଧର ସେଠୀ

ଏଇତ ଆମ ପରମ୍ପରାର ଇତିହାସ
ଲିପିବଦ୍ଧ ଯାହା ପୁରୁଣା ଫର୍ଦ୍ଦରେ
ବୁଢା ବରଗଛର ଓହଳ ପରି
ମାଟିକୁ ଛୁଇଁଛୁଇଁ ଯାଏ ଯେମିତି
ସତେ ଅବା ବୁଢୀ ଅସୁରୁଣୀର
ଅଲ୍‌ବଲ୍ ମୁକୁଳା କେଶଗୁଚ୍ଛ
ବିବର୍ଣ୍ଣ ଚେହେରାରେ ସମିଶ୍ରିତ
ବିକୃତ ପ୍ରତିଛବିଟିଏ ।
କିଏ କହେ ପୂର୍ବଜନ୍ମ କର୍ମଫଳ
ଅଦୃଶ୍ୟ ଭାଗ୍ୟବଳେ ଭୋଗିବାକୁ ହୁଏ
ଅବଶ୍ୟ ନିୟତିର ନିଷ୍ଠୁର ନିର୍ଦ୍ଦେଶ
ଅବା ସମୟର ଲୁଚକାଳି ଖେଳ
ବଦଳେନା ବାସ୍ତବର ରୂପରେଖ
ନିଷ୍ପ୍ରଭ ଲାଗେ ସୁନେଲି ସ୍ୱପ୍ନ ଯେତେ
ମିଳାଇ ଯାଏତ ପାଣିର ଫୋଟକା ପରି
ଅହର୍ନିଶ ଅଦିନିଆ ଝଡର ସ୍ପର୍ଶରେ ।

ମାଟିରେ ମାଟି ହୁଏ ମାଟିର ମଣିଷ

ନଜର ଅପ୍ରାକୃତିକ ପ୍ରତିବିମ୍ବ

କେବେ ନଜ ଛାଇରେ ଲୁଚଯାଏ

ପୁଣି କେବେ ରହିରହି ଶୁଭେ

ବିକରୁଣ ପ୍ରତିଶବ୍ଦ

ଗୋଟି ଶ୍ରମିକର କପାଳରୁ କେବେ

ବହିଯାଏ ବିନ୍ଦୁବିନ୍ଦୁ ଝାଳ

ସଭ୍ୟତାର ନକ୍ସା ଆଙ୍କୁ ଆଙ୍କୁ

ବିଜୟର ଭେରୀ ବାଜେ ସିନା

ଅସହିଷ୍ଣୁତାର ଧୂମ୍ର ବଳୟରେ

କଠୋର ସତ୍ୟକୁ ସାମ୍ନା କରିବା

ତା ପାଇଁ ହୁଏ ଦୁଃସହ ନଷ୍ଟୟ ।

ଅମାବାସ୍ୟାର ଘନ ଅନ୍ଧକାରେ

କେବେ ସେ ତାର୍‌ ଗଣେ ଆକାଶରେ

ବୁଝି ପାରେନା ଜୀବନର ମୂଲ୍ୟ


ଦାଦନ ଖଟୁଥିବା ମାଟିର ମଣିଷଟି

କେତେବେଳେ ଅକାଳରେ ଝରିପଡେ

ସମୟ ସୁଅରେ....... ।

ବ୍ୟକ୍ତିଗତ ସହାୟକ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ବାଲେଶ୍ବର

# ଭିନ୍ନ ଜଣେ ସାବିତ୍ରୀ ( ସ୍ମୃତି ରେ କଳାହାଣ୍ଡି - 1)



ଲୋପାମୁଦ୍ରା ମିଶ୍ର

ମୁଁ ନୂଆ କରି ବାହା ହୋଇ ସ୍ଵାମୀ ଙ୍କ ସହ କଳାହାଣ୍ଡି ରେ ରହୁଥାଏ । କଳାହାଣ୍ଡି ଜିଲ୍ଲା ର ଜୟପାଟଣା ଗୋଷ୍ଠୀ ସ୍ଵାସ୍ଥ୍ୟକେନ୍ଦ୍ର ରେ ହଜବ୍ୟାଣ୍ଡ ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥାନ୍ତି । ଜଙ୍ଗଲ ପାହାଡ ଘେରା ସେହି ସୁନ୍ଦର ପରିବେଶରେ ମୋ ରହଣି ର ଅନୁଭୂତି ଥିଲା ଖୁବ ନିଆରା । ହସ୍ପିଟାଲ କଲୋନୀର ସରକାରୀ କ୍ଵାର୍ଟର୍ସ ରେ ଆମେ ରହୁଥାଉ । ସକାଳୁ ଝରକା ଖୋଲିଲେ ହସ୍ପିଟାଲ କୁ ଚତୁର୍ପାର୍ଶ୍ଵ ରୁ ଘେରି ରହିଥିବା ସୁନ୍ଦର ପାହାଡର ଅପୂର୍ବ ଦୃଶ୍ୟ ମତେ ବିମୋହିତ କରେ । କଳାହାଣ୍ଡି ରେ ଆମେ ଖୁବ କମ ଦିନ ରହିଥିଲୁ । ସେହି ସଂକ୍ଷିପ୍ତ ରହଣିକାଳ ମଧ୍ୟରେ ଅନେକ ଛୋଟ ବଡ ଘଟଣା ମୋର ଅଭୁଲା ସ୍ମୃତି ହୋଇରହିଯାଇଛି । ତନ୍ମଧ୍ୟରୁ ଗୋଟିଏ ଘଟଣା ଆମର ମୁଖିଗୁଡା ଜଗନ୍ନାଥ ମନ୍ଦିର ଦର୍ଶନ ର କାହାଣୀ । ସେଦିନ ଥାଏ ସାବିତ୍ରୀ ବ୍ରତ ଓଷା । ଆମ ପଡୋଶୀ ନାୟକ ବାବୁ ଆସି ୟାଙ୍କୁ କହିଲେ, "ସାର, ପୂଜା ପାଇଁ ମୁଖିଗୁଡା ଜଗନ୍ନାଥ ମନ୍ଦିର ଫ୍ୟାମିଲି ସହ ଗ୍ଲଲନ୍ତୁ । ମୁଁ ବି ମିସେସ ଙ୍କୁ ନେଇ ସେଠି କୁ ଯାଉଛି "। ଇଏ କହିଲେ, "ହଁ ପ୍ରସ୍ତାବ ଟି ମନ୍ଦ ନୁହେଁ । ଇଏ ( ମାନେ ମୁଁ ) ସେଠାକୁ ଗଲେ ଇନ୍ଦ୍ରାବତୀ ଡ୍ୟାମ ବି ଦେଖିପାରିବେ । ମନ୍ଦିର ଦେଖା କଦଳୀ ବିକା ଦୁଇଟି ଯାକ କାମ ହେଇପାରିବ"। ମୁଖିଗୁଡା ରେ ଏକ ସୁନ୍ଦର ଜଗନ୍ନାଥ ମନ୍ଦିର ଥିବା ସହ ମନ୍ଦିରଠୁ ଅଳ୍ପ କଛି ଦୂରରେ ଅଛି ଇନ୍ଦ୍ରାବତୀ ଡ୍ୟାମ ପ୍ରୋଜେକଟ । ମନ୍ଦିର ପୂଜା ସହ ମୁଁ ଇନ୍ଦ୍ରାବତୀ ହାଇଡ୍ରୋ ପାୱାର ଡ୍ୟାମ ପ୍ରୋଜେକଟ ମଧ୍ୟ ଦେଖିପାରିବି, ସେଥିପାଇଁ ମୁଁ ଖୁବ ଉତ୍ସାହିତ ଥିଲି । ଆମେ ଠିକ ସକାଳ ୮ ଟା ରେ ମୁଖିଗୁଡା ଅଭିମୁଖେ ବାହାରିଲୁ। ଆମ ସହ ମୋ ହଜବ୍ୟାଣ୍ଡ ଙ୍କର ସହକର୍ମୀ ନାୟକ ବାବୁ ଓ ଅଗରୱାଲ ବାବୁ ନିଜ ନିଜ ପତ୍ନୀ ମାନଙ୍କ ସହ ବାହାରିଲେ । ଆମେ ସେଠି ତିରିଶ ମିନଟ ଭିତରେ ପହଂଚଗଲୁ ।

ବାସ୍ତବିକ ମନ୍ଦିର ଟା ଖୁବ ସୁନ୍ଦର ଥିଲା । ସେହି ଠାରୁ ଡ୍ୟାମ ର ଦୃଶ୍ୟ ବି ଅଳ୍ପ ଅଳ୍ପ ଦେଖାଯାଉଥିଲା । ମନ୍ଦିର ପରିବେଶ ଥିଲା ଅତୀବ ଶାନ୍ତ ଓ ସୁନ୍ଦର । ନାୟକ ବାବୁଙ୍କ ପତ୍ନୀ ବହୁତ ଧାର୍ମିକା ଓ ଈଶ୍ୱରବିଶ୍ୱାସୀ । ସେ ମନ୍ଦିରର କଳାକୃତି ଏବଂ ମନ୍ଦିର ପରିବେଶ ର ସୌନ୍ଦର୍ଯ୍ୟ ଦେଖିବାରେ ବେଶୀ ସମୟ ନଷ୍ଟ ନକରି ଶୀଘ୍ର ଦିଅଁ ଦର୍ଶନ କରି ପୂଜାରେ ବସିବାକୁ ଗ୍ଚହିଁଲେ । ଆମେ ଆଉ ବିଳମ୍ବ ନକରି ପୂଜା ପାଇଁ ଭିତରକୁ ଗଲୁ । ମନ୍ଦିର ଭିତରେ ଖୁବ କମ ଲୋକ ଥାନ୍ତି । ପ୍ରାୟ ଦଶ ବାର ଜଣ ସ୍ତ୍ରୀ ଲୋକ, କିଛି ଛୋଟ ପିଲା ଓ ଅଳ୍ପ କେହିଜଣ ପୁରୁଷ ଲୋକ । ସମସ୍ତେ ତଳେ ମନ୍ଦିର ଚଟାଣ ରେ ବସିଥିଲେ । ମୋ ନଜର ଏକ ବୃଦ୍ଧ ଦମ୍ପତି ଙ୍କ ଉପରେ ପଡିଲା । ପତ୍ନୀ ଙ୍କ ବୟସ ସତୁରୀ- ପଞ୍ଚସ୍ତରୀ ହେବ ଆଉ ତାଙ୍କ ବୃଦ୍ଧ ସ୍ୱାମୀଙ୍କ ବୟସ ଅଶୀ ବର୍ଷରୁ କଦାପି କମ ହେବନ । ବୃଦ୍ଧା ଠାକୁରଙ୍କ ଆଡକୁ ହାତ ବଢେଇ ମନେ ମନେ କଣ ଗୁଣୁଗୁଣାଉଥାନ୍ତି ପୁଣି ନିଜ ସ୍ୱାମୀ ଙ୍କ ମଥାରେ ହାତ ରଖି ଆଉଁସି ଦେଉଥାନ୍ତି । ମୁଁ ଏହି ସୁନ୍ଦର ଦୃଶ୍ୟ ଟି ନାୟକ ମ୍ୟାଡ଼ାମ ଙ୍କୁ ଦେଖାଇଲି । ସେ ବି ଆନନ୍ଦପୂର୍ଣ ନୟନରେ ଯୋଡିଟିକୁ ଟିକେ ଦେଖିଲେ ।

ପୂଜା ସରିଲା । ଆମେ ( ମୁଁ ଓ ମିସେସ ନାୟକ ) ମନ୍ଦିର ପାହାଚରେ ଆସି ବସିଥାଉ, ସେହି ବୃଦ୍ଧ ଦମ୍ପତିଙ୍କୁ ତଳକୁ ଓହ୍ଲାଉଥିବାର ଦେଖିଲୁ । ବୃଦ୍ଧା ମହିଳା ଜଣଙ୍କ ନିଜ ପତି ହାତ ଧରି ତଳକୁ ଆଣୁଥିଲେ । ମିସେସ ନାୟକ ଉଠିଯାଇ ସେମାନଙ୍କୁ ସାହାଯ୍ୟ କଲେ । ମନ୍ଦିରରେ ଭକ୍ତଙ୍କ ପାଇଁ ପ୍ରତ୍ୟକ ଦିନ ସ୍ୱାଦିଷ୍ଟ ଅରୁଆ ଅନ୍ନ ପ୍ରସାଦର ବ୍ୟବସ୍ଥା ହେଇଥାଏ । ସେହି ନିଆରା ସୁସ୍ୱାଦୁ ଅରୁଆ ପ୍ରସାଦ ବି ସେଠାର ଆଉ ଏକ ବିଶେଷତ୍ୱ । ବୃଦ୍ଧା ନିଜ ସ୍ୱାମୀଙ୍କୁ ଯେଉଁଠି ପ୍ରସାଦ ସେବନ ହେଉଥିଲା ସେଠି ଛାଡି ଆସି ଆମ ପାଖେ ବସିଲେ । ମିସେସ ନାୟକ ଉପବାସ ରଖିଥିବାରୁ ପ୍ରସାଦ ସେବନ ପାଇଁ ଯାଇନଥିଲେ । ଅଗରୱାଲ ମ୍ୟାଡ଼ାମ ଅଣଓଡ଼ିଆ, ସେ ଏ ବ୍ରତ ରଖିନଥିଲେ ତେଣୁ ଅନ୍ୟସମସ୍ତଙ୍କ ସହ ସେ ବି ପ୍ରସାଦ ପାଇବାକୁ ଯାଇଥିଲେ । ମୁଁ ଏ ବ୍ରତ ଉପବାସରେ ବିଶ୍ୱାସ ରଖୁନଥିଲେ ମଧ ସ୍ୱାସ୍ଥ୍ୟଗତ ସମସ୍ୟା ହେତୁ ମନ୍ଦିରର ଅରୁଆ ଅନ୍ନ ନଖାଇ ଘରେ ଆସି ଖାଇବାକୁ ସ୍ଥିର କରିଥିଲି । ଆମେ ତିନଜଣ ସେଠି ଅନ୍ୟମାନଙ୍କର ଭୋଜନ ଶେଷ ହେବାକୁ ଅପେକ୍ଷା କରି ବସିଥାଉ, ମୁଁ ମୋ ମନର ଉତ୍କଣ୍ଠା କୁ ଅଟକାଇ ନପାରି ବୃଦ୍ଧା ମହିଳାଙ୍କୁ ପଗ୍ଚରିଲି, "ମାଉସୀ ଆପଣ ଏ ବୟସ ରେ ବି ବ୍ରତ ରଖିଛନ୍ତି? ଭଗବାନ ନିଶ୍ଚୟ ମଉସା ଙ୍କୁ ଦୀର୍ଘଜୀବୀ କରିବେ" । ମୋ କଥା ରେ ସେ ବିଶେଷ ଉତ୍ସାହିତ ହେଲା ପରି ଲାଗିଲେନାହିଁ

ବରଂ ଟିକେ ଗମ୍ଭୀର ଦିଶିଲେ । ସେ ତାଙ୍କ ନରମ ଓ ଥରିଲା ଗଳା ରେ କହିଲେ, "ଦୀର୍ଘଜୀବୀ? ? ଆହୁରି ବେଶୀ ଦୀର୍ଘ ଜୀବନ ପାଇ ସେ କଣ କରିବେ ଲୋ ମାଆ? ମୁଁ ତ ଠାକୁରଙ୍କୁ ଏଇଆ କହିଲି ତାଙ୍କୁ କେମିତି ମୋ ଆଗରୁ ନେଇଯା' "। ମାଉସୀଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । ମିସେସ ନାୟକ ରାଗିଲା ପରି କହିଲେ, "ମାଉସୀ ! ଆଜି ପରି ଦିନରେ ଏମିତି କଥା ପାଟିରେ ଧରିପାରୁଛନ୍ତି କେମିତି? ସଧବା ନାରୀ ଆପଣ । ଅହିସୁଲକ୍ଷଣି ର ଆଶୀର୍ବାଦ ମାଗିବା ବଦଳେ ଏପରି ଅଶୁଭ କଥା କହୁଛନ୍ତି ।" ମିସେସ ନାୟକ ଙ୍କୁ ଦୁଃଖଭରା ଆଖିରେ ଅନେଇ ବୃଦ୍ଧା ଜଣଙ୍କ କହିଲେ, "ଅହିସୁଲକ୍ଷଣୀ? ? ମୁଁ ଏତେଟା ସ୍ୱାର୍ଥପର ନୁହେଁ ଲୋ ମାଆ ଯେ ଭଗବାନଙ୍କୁ ଅହିସୁଲକ୍ଷଣୀ ହେବାପାଇଁ ପ୍ରାର୍ଥନା କରିବି ।" ମୁଁ ବିସ୍ମିତ ହୋଇ ତାଙ୍କର ଏହି ବିପରିତମୁଖୀ ପ୍ରାର୍ଥନା ର କାରଣ ପୁଛନ୍ତେ, ସେ କହିଲେ "ବୁଝିଲ ଝିଅ, ଆମେ ବୁଢା ବୁଢୀ ଦୁଇଜଣ ଏଇ ମନ୍ଦିର ସେପଟେ ରହୁ । ଗୋଟିଏ ବୋଲି ପୁଅ ଆମର । ଭାରି ଭଲ ପାଠପଢ଼ିଲା । ଖୁବ ପଢିଲା । ପାଠପଢି ବଡ ଇଞ୍ଜିନଅର ହେଇଛି । ବୋହୂ ବି ଇଞ୍ଜିନଅର ଚାକରୀ କରିଛି । ଆମର ଗୋଟେ ଗୁଲୁଗୁଲିଆ ନାତି ବି ଅଛି । ସେମାନେ ସମସ୍ତେ ଏବେ ଆମେରିକା ରେ । ତେର ବର୍ଷ ହେଲା ଆମେ ବୁଢ଼ାବୁଢ଼ୀ ଆମ ପୁଅ, ବୋହୂ, ନାତି ଙ୍କୁ ଦେଖିନୁ । ସେମାନଙ୍କୁ ଛାଡ଼ି ଏ ସଂସାର ରେ ଆମର ନଜର ବୋଲି କେହିନାହିଁ । ଆଗରୁ ପୁଅ କେତେବେଳେ କେମିତି ଫୋନ କରୁଥିଲା । ଏବେ ସେ ତା କାମ ରେ ଏତେ ବ୍ୟସ୍ତ ରହୁଛି ଯେ ଆମେ କେମିତି ଅଛୁ ଫୋନ କରି ପଚାରିବୁଝିବାକୁ ତାକୁ ବେଳ ମିଳୁନ । ମୋ ବୁଢାଙ୍କୁ ତ ଦେଖୁଛ । ଠିକ ରେ ଚାଲାବୁଲା କରିପାରୁନାହାନ୍ତି । ଆଖିକୁ ବି ଆଉ ଭଲ ଦିଶୁନ । ସବୁବେଳେ ରୋଗ ଲାଗିରହିଛି । ଏଇ ବୁଢୀ ବୟସରେ ମୁ ହିଁ ତାଙ୍କ ସାହାରା । ମୋ ବିନା ସେ ଗୋଟେ ମିନଟ ବି ଚଳପାରିବେନ । ତୁମେ କୁହ ଝିଅ, ମୁଁ ଯଦି ଅହିସୁଲକ୍ଷଣୀ ହେବା ଲୋଭରେ ଠାକୁରଙ୍କୁ କହିବି ମତେ ଆଗ ନେଇଯିବା ପାଇଁ, ତାଙ୍କ କଥା କଏ ବୁଝିବ? ସେ ବେସାହାରା ହେଇଯିବେନ? ହଁ ପୁଅ ଖବରପାଇ ଆସିବ । ମୁଁ ଶୁଣିଛି ଏମିତି ପରିସ୍ଥିତି ଉପୁଜିଲେ, ସେ ତା ବାପାଙ୍କ ଦାଇତ୍ୱ ବୃଦ୍ଧାଶ୍ରମ କୁ ଦେଇଦେବ । ଇଏ କଣ ମୋ ବିନା ସେ ବୃଦ୍ଧାଶ୍ରମ ରେ ଶାନ୍ତି ରେ ରହିପାରିବେ । ଶେଷ ବେଳକୁ ନଜର ହେଇ କଏ ଥିବ ତାଙ୍କ ପାଖେ? ମୁଁ ସେଥିପାଇଁ ଈଶ୍ୱର ଙ୍କ ପାଖେ ବିନତୀ କରୁଛି କେମିତି ମୋରି କୋଳ ରେ ମଥା ରଖି ସେ ଆଖିବୁଜି ଦିଅନ୍ତୁ । ମୁଁ ବରଂ ମୋ ବାକି ଜୀବନ ଏକା ଏକା କୋଉଠି ବି କାଟିଦେବି, ତାଙ୍କୁ ଏ ସଂସାର ରେ ଏକା କରି ଛାଡ଼ିଯାଇ ପାରିବିନ । ମୁଁ ଚାଲିଗଲେ କଏ ତାଙ୍କ ଖାଇବା ପିଇବା କଥା ବୁଝିବ? ପଂଚାବନ ବର୍ଷ ହେଲା ମୋରି

ହାତରନ୍ଧା ସେ ଖାଉଛନ୍ତି । ମୁଁ ବାଢ଼ି ନଦେଲେ ସେ ଶାନ୍ତି ରେ ଗଣ୍ଡେ ଖାଇବି ପାରନ୍ତିନ । ଏବେ ତ ସେ ଦିନ ଗ୍ତି ବି ଜାଣି ପାରୁନାହାନ୍ତି । କଏ କହିବ ତାଙ୍କୁ କେତେବେଳେ ସକାଳ ହେଲ୍ ଆଉ କେତେବେଳେ ସଞ୍ଜ? କଏ ତାଙ୍କ ଦିହପା କଥା ବୁଝିବ? ମୋ ପରି କଏ ତାଙ୍କ ଖିଆଲ ରଖିବ? କାହା ଭରସାରେ ମୁଁ ତାଙ୍କୁ ଏକା ଛାଡ଼ି ଅହିସୁଲକ୍ଷଣୀ ହେଇ ଗ୍ଲିଯିବି? ଦରକାର ନାହିଁ ମୋର ସେ ଅହିୟ ଡେଙ୍ଗୁର୍ ।" ଶେଷ ଆଡକୁ ମାଉସୀ ଙ୍କ ସ୍ୱର କରୁଣ ଶୁଭୁଥିଲ୍ । କଣ୍ଠ ହେଇଯାଉଥିଲ୍ ବାଷ୍ପରୁଦ୍ଧ । ତାଙ୍କ ଆଖିରୁ ଅଜାଣତରେ ଅଶ୍ରୁ ଝରିଆସୁଥିଲା। ସେ ଅଶ୍ରୁ ଆମ ଦୁହିଁଙ୍କ ହୃଦୟ ଭେଦି ଆମ ଆଖିକୁ ମଧ ଓଦା କରିଦେଲ୍ । ମିସେସ ନାୟକ ଜଣେ ସମ୍ବେଦନଶୀଳ ମହିଳା । ସେ ଖୁବ ଜୋରରେ କାନ୍ଦିଉଠିଲେ ।

ଏହି ବୃଦ୍ଧା ନାରୀ ଙ୍କର ତାଙ୍କ ସ୍ୱାମୀ ପ୍ରତି ଥିବା ଅନାବିଳ, ନିସ୍ୱାର୍ଥପର ଭଲପାଇବା ହିଁ ତ ପ୍ରକୃତ ପ୍ରେମ । ମୁଁ ପରିସ୍ଥିତିକୁ ଟିକେ ସହଜ କରିବା ପାଇଁ ସେ ମାଉସୀ ଙ୍କୁ ତାଙ୍କ ନାତି କଥା ପଗ୍ରିଲି । ମନ୍ଦିର ପ୍ରାଙ୍ଗଣ ରେ ଖେଳୁଥିବା ଗୋଟେ ତିନ ଗ୍ରି ବର୍ଷ ର ପିଲ୍ କୁ ଦେଖେଇ ମାଉସୀ କହିଲେ, "ସେତିକ ବଡ ହେଇଥିଲ୍ ମୋ ପୁପୁଲୁ ଯେବେ ମୁଁ ତାକୁ ଦେଖିଥିଲି । ଦେଖିବାକୁ ପୁର୍ ତା ବାପା ପରି, ଖାଲି ରଙ୍ଗ ଟା ଯାହା ମାଆ ର ଆଣିଛି । ଭ୍ରି ଚଗଲ୍ । ଜେଜେମା ଜେଜେମା କହି ମୋ ପିଛା ଛାଡେନ । ଏବେ ତ କେତେବଡ଼ ହେଇଯିବଣି ମୋ ଧନମଣୀ ।" ମାଉସୀ ତାଙ୍କ ନାତି କଥା କହୁଥିଲ୍ ବେଳେ ଚକ୍ଷୁ ତାଙ୍କର ଉଜ୍ଜ୍ୱଳ ହୋଇଉଠିଲ୍ । ଆମ କଥାବାର୍ତ୍ତା ଭିତରେ ଅନ୍ୟମାନେ ଆସି ପହଞ୍ଚି ସାରିଥାନ୍ତି । ଆମେ ମାଉସୀଙ୍କ ଠାରୁ ବିଦାୟ ନେଇ ଫେରିଲୁ ।

ଫେରନ୍ତା ର୍ସ୍ତା ରେ ମିସେସ ନାୟକ ଭୀଷଣ ଅନ୍ୟମନସ୍କ ଜଣାପଡୁଥାନ୍ତି । ପଗ୍ରିଲି, "କଣ ଭ୍ବୁଛନ୍ତି? " । କହିଲେ, "କଛି ଭ୍ବୁନ । ମନେ ମନେ ଜଗନ୍ନାଥ ଙ୍କୁ ପ୍ରାର୍ଥନା କରୁଛି, ସେ ମାଉସୀଙ୍କ ମନସ୍କାମନା ନିଶ୍ଚୟ ପୂରଣ କରନ୍ତୁ"। ଗୋଟେ ଭ୍ରି ଭ୍ରି ମନ ନେଇ ଘରକୁ ଫେରିଲୁ । ସେ ଘଟଣା କୁ ପାଞ୍ଚ ବର୍ଷ ପୂରି ଗଲ୍ଣି । ଜାଣିନ ଭଗବାନ ସେ ପରମ ପତିପ୍ରାଣା ମହିଳାଙ୍କ ବିନତୀ ଶୁଣିଲେ କ ନାହିଁ....

ନନ୍ଦିପୁର, ଦଶରଥ ପୁର, ଯାଜପୁର

# ଜୀବନର କ୍ଷଣ କ୍ଷଣ



ରାଜଶେଖର ସି. "ଚମା"

ବିଗତ ହେଲେଣି କ୍ଷଣଭଙ୍ଗୁର ଜୀବନର କ୍ଷଣ କ୍ଷଣ,

ନିତିଦିନ ଲଢ଼ିବାକୁ ପଡ଼େ ଭିନ୍ନ ବିଭିନ୍ନ ରଣ,

ନିଜ ମେଧା ଜ୍ଞାନର ସଦା ନେବା ଶରଣ,

ସମପ୍ରାଣ ଥିବା ପର୍ଯ୍ୟନ୍ତ ହର୍ଷିତ ରହିବାର ନେବା ପ୍ରଣ।

ଶ୍ରୀଜୀଉଙ୍କ ପ୍ରତି ଆସ୍ଥା ବିଶ୍ୱାସ ରଖିବା ଅନୁକ୍ଷଣ,

ତୀର୍ଥସ୍ଥାନର ନିଶ୍ଚୟ କରିବା ଦର୍ଶନ ଭ୍ରମଣ,

ସାକ୍ଷାତ ହେବେ ଅଗଣିତ ପରିଚିତ ଅପରିଚିତ ଭକ୍ତଗଣ,

ଆଧ୍ୟାତ୍ମିକ ପରିବେଶରେ ଲିପ୍ତଥାଏ ପୁଣ୍ୟ କ୍ଷେତ୍ରର କଣକଣ।

ସ୍ୱକର୍ମ ପ୍ରତି ସର୍ବଦା ରହିବା କର୍ତ୍ତବ୍ୟ ପରାୟଣ,

ସତ୍ସଙ୍ଗ ସଦଗୁରୁଙ୍କ ସଚ୍ଚରିତ୍ରରୁ ଶିଖିବା ସଦବ୍ୟବହାର ସୁଗୁଣ ସଦଗୁଣ,

ଆଶୀର୍ବଚନ ପ୍ରଦାନ କରିବେ ଗୁରୁଜନ ବନ୍ଧୁଗଣ,

ମାତାପିତାଙ୍କ ଅବଦାନ ଧର୍ମଶିକ୍ଷାର କରିବା ସଦାଗ୍ରହଣ।

ସ୍ମରଣରେ ରଖିବା ନିଜ ପ୍ରାଚୀନ ପାର୍ବଣ,

ଆମ ସନାତନ ରୀତିନୀତି ବହୁ ସଲକ୍ଷଣ ସୁଲକ୍ଷଣ,

ସକଳ ପ୍ରାଣୀ ପ୍ରକୃତି ପ୍ରତି ଅଛି ଯାହାର ସ୍ନିଗ୍ଧ ସମର୍ପଣ ସଂକର୍ଷଣ,

ଆମ ଜଗନ୍ନାଥ ସଂସ୍କୃତି ସଭ୍ୟତାର କରିବା ସଂରକ୍ଷଣ।

ସୁକର୍ମ ସହ ସାର୍ଥକ କରିବା ଜୀବନର କ୍ଷଣକ୍ଷଣ,

ହେଇ ନପାରେ ସବୁ ଆକାଂକ୍ଷା ଅଭିଳାଷାର ପୂରଣ,

ସୁଚନ୍ତା ସୁବାକ୍ୟ ସୁବିଗ୍ଯର ସହ କରିବା ମନୋଜ୍ଞ ମେଳଣ,

ଯଥାସମ୍ଭବ ଉପାର୍ଜ୍ଜିତ ତତ୍ତ୍ୱଜ୍ଞାନର କରିବା ବିବରଣ ବିତରଣ।

chvrajasekhar@gmail.com

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭିନ୍ନ ଏକ ବୃକ୍ଷ



ସାଗର ପ୍ରଧାନ

ସମୟ ନଈର ନିର୍ଜନ ଶଯ୍ୟାରେ
ମୁଁ ଏକ ନିସଂଗ ବୃକ୍ଷ
ସ୍ରୋତର ପ୍ରଭାବେ ରହିଛି ଏକାକୀ
ନିଜକୁ କରି ମୁଁ ଦକ୍ଷ ।

ଦିନ ପରେ ରାତି ରାତି ପରେ ଦିନ
ବଦଳେ ସମୟ ଗତି
ସୁଖର କିରଣ ଛୁଁଏନା ମୋ ଦେହେ
ଦୁଃଖରେ ମରେ ମୁଁ ନିତି

ଅନ୍ୟ ଖୁସି ଦେଖି ମନ ପୁରିଯାଏ
ଦୁଃଖ ବି କନ୍ଦାଏ ମୋତେ
ଆଖିରୁ ଲୋତକ ଝରିଯିବ କାଳେ
ସେ ଲାଗି ନୀରବ ସତେ ।

ପକ୍ଷୀ ନୀଡ଼ ବାନ୍ଧେ ଝଡ ବତାସ ରେ
ମୋ ଦେହ ରହେ ରହିବା ପାଇଁ
ଝଡ ଥମି ଗଲେ ଦୂରେ ଉଡି ଯାଏ
ଦେଖା ତାର ମିଳେ ନାହିଁ ।

ପ୍ରୀତି ଫଗୁଣର ପରଶେ ମୋ ଅଙ୍ଗେ
କେତେ ଫୁଲ ଉଙ୍କି ମାରେ
ପନ୍ନ ଝଡା ଦେଲା ଫୁଲ ମରିଗଲା
ମନ ମୋର ଝୁରି ମରେ ।

କାହାକୁ କହିବି କଏ ବା ଶୁଣିବ
ସେ ପାଇଁ ରହେ ନୀରବ
ଡର ଲାଗେ କାଳେ ସବୁ ନଜ ଲୋକ
କାଟି ଦେବେ ମୋ ଠୁ ଭାବ ।

ନଦାଘ ନଆ ଜାଳ ଦିଏ ମୋତେ
ଜଳୁଛି ଆପଣା ଘର
କାହାକୁ ନଜର କହିବାଠୁ ଭଲ
ନଜେ ହିଁ ହେବି ନଜର ।

ପାନ୍ନପୁର, ଗଂଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ଯ ଏହା ପଠାନ୍ତୁ । ଏହାଦ୍ଵାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ଲେଖା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ । ଏହାକୁ ସଂଗ୍ରହ କରିବାକୁ ଲେଖକଙ୍କୁ ଲାଗିଥିଲା ଦୀର୍ଘ ୨୦ ବର୍ଷ । ଲେଖକ ତାଙ୍କର ଏହି ଅମୂଲ୍ୟ ପୁସ୍ତକଟିକୁ ବେଦାନ୍ତୀ ମାଧ୍ୟମରେ ଧାରାବାହିକ ହିସାବରେ ପ୍ରକାଶିତ କରିବା ପାଇଁ ରାଜି ହୋଇଥିବାରୁ ବେଦାନ୍ତୀ ପରିବାର ତରଫରୁ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କୁ ସାଧୁବାଦ ।)

- ଅରବିନ୍ଦ ମିଶ୍ର

## ପ୍ରଶ୍ନ - ୪ : କର୍ମ ଅନୁଯାୟୀ ମଣିଷ ଫଳପ୍ରାପ୍ତ ହୁଏ- ଏ ସମ୍ପର୍କରେ ଆପଣଙ୍କର ମତ କ'ଣ?

### - ଉତ୍ତର-

- ଯେ ଯେଉଁ କର୍ମ କରେ ସେ ସେପରି ଫଳ ପାଇଥାଏ । ଉଦାହରଣ ସ୍ୱରୂପ ବେଲଗଛ ଲଗାଇ ସେଥିରୁ ଆମ୍ବ ଫଳ ପାଇବା ସମ୍ଭବ ନୁହେଁ । ତେଣୁ ଯେଉଁ କର୍ମ ଆମେ କରିଥାଉଁ ସେହି ପରିଣାମ ହିଁ ଭୋଗ କରିବାକୁ ଆମେ ବାଧ୍ୟ ହେଉ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଠିକ୍ କଥା, କର୍ମ ଅନୁଯାୟୀ ଫଳ ମିଳେ । ଆମେ ଯେତେ ଯେପରି ଚଷିବା ସେତେ ସେପରି ଫଳ ପାଇବା । ବ୍ରହ୍ମ ସମର୍ପିତ ନିଷ୍କାମ କର୍ମ, ଭକ୍ତି ଓ ଜ୍ଞାନ ଆମକୁ ଇହ ଓ ପରଲୋକରେ କୈବଲ୍ୟ ଆଣିଦେବ । ପ୍ରାରବ୍ଧ ଅନୁସାରେ ଇହଜନ୍ମ ଲାଭ କରି ଯେପରି ଫଳ ମିଳୁଛି ଇହଜନ୍ମର କର୍ମାନୁସାରେ ପରଲୋକ ଲାଭରେ ତଦନୁସାରେ ଫଳ ଭୋଗ କରିବାକୁ ପଡ଼େ ବୋଲି ବିଶ୍ୱାସ କରାଯାଏ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ଏହା ଅନେକାଂଶରେ ସତ୍ୟ । କର୍ମ ଅର୍ଥ କାର୍ଯ୍ୟ ।

[ ଡ. ସଚ୍ଚି ରାଉତରାୟ]

- ଭାଗ୍ୟ ଓ କର୍ମ ଉଭୟ ଫଳପ୍ରାପ୍ତିର ନିୟାମକ । ସତ୍ କାର୍ଯ୍ୟ କଲେ ଭଲ ଫଳ ମିଳିବ ବୋଲି ଆଶା କରିବା ବୃଥା, କାରଣ କୃତଘ୍ନତା ଆଧୁନିକ ଯୁଗର ବୈଶିଷ୍ଟ୍ୟ ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଏହା ସତ୍ୟ, କିନ୍ତୁ ଜୀବାତ୍ମାର ଅନୁଭୂତି ଗୋଟିଏ ଦେହରେ ସୀମିତ ନ ଥିବାରୁ କର୍ମଫଳ କେବଳ ଗୋଟିଏ ଦେହଭିତ୍ତିକ ଜୀବନରେ ଫଳି ନ ପାରେ । ଗୋଟିଏ ଆମ୍ବଗଛରେ ବର୍ଷେ ବର୍ଷେ ବହୁତ ଆମ୍ବ ହୁଏ, ପୁଣି ଅନ୍ୟ ବର୍ଷ ହୁଏନାହିଁ । ବିନା କର୍ମରେ ଫଳଲାଭ ହେଉଥିଲେ ସମସ୍ତେ ସୁଖୀ, ସୁସ୍ଥ ଓ କୋଟିପତି ହୋଇଯାଆନ୍ତେ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋର ମତ କର୍ମ ଅନୁଯାୟୀ ଫଳପ୍ରାପ୍ତ ହୁଏ । କିନ୍ତୁ ସେ କର୍ମ ନିଷ୍କାମ କର୍ମ ହେବା ଉଚିତ ।

[ ଜଷ୍ଟିସ୍ ନବକୁମାର ଦାସ]

- ନିଶ୍ଚିତ ଭାବରେ ମୁଁ ଏଥିରେ ବିଶ୍ୱାସ କରେ ଯଦିଚ କିଛି ବ୍ୟତିକ୍ରମ ଘଟିଥାଏ ଅନ୍ୟାନ୍ୟ କାରଣରୁ ।

[ ପ୍ରଫେସର ରାଧାନାଥ ରଥ]

- ହଁ, କର୍ମ ଅନୁସାରେ ମଣିଷ ଫଳପ୍ରାପ୍ତ ହୁଏ । କିନ୍ତୁ କେଉଁ କାର୍ଯ୍ୟ? ତା'ର ଏହା କେବଳ ଏ ଜନ୍ମର କର୍ମ ନୁହେଁ । ଏ ଫଳ ଲାଭ ନିର୍ଭର କରେ ତା'ର ପୂର୍ବଜନ୍ମଗୁଡ଼ିକର ସମୂହ କର୍ମ ଉପରେ ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ମୋ ମତ ହେଉଛି ମନୁଷ୍ୟ କର୍ମ କଲେ ତଦନୁସାରେ ଫଳ ମିଳେନା । ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରନ୍ତି, କନ୍ତୁ ଇଚ୍ଛା ଅନୁସାରେ ଫଳ ପାଆନ୍ତି ନାହିଁ । ପୂର୍ବ ସଞ୍ଚିତ କର୍ମର ପ୍ରଭାବ ତା' ଉପରେ ପଡ଼େ । ଏହିଠାରେ ଆମେ ଭାଗ୍ୟକୁ ବିଶ୍ୱାସ କରୁ ।

"ଯଥା ହ୍ୟେକେନ ଚକ୍ରେଣ ନ ରଥସ୍ୟ ଗତିର୍ଭବେତ୍
ତଥା ପୁରୁଷକାରେଣ ବିନା ଦୈବଂ ନ ସିଧତେ ।"

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ପୃଥିବୀରେ ଅନେକ ଧର୍ମ, ଧର୍ମଶାସ୍ତ୍ର ଅନେକ ପ୍ରକାରର ଓ ଅନେକ ସ୍ତରର । ସବୁ ଧର୍ମଶାସ୍ତ୍ରରେ ମଣିଷ କର୍ମ ଅନୁଯାୟୀ ଫଳ ପାଏ ବୋଲି ଲେଖାଯାଇନାହିଁ । ଆଧାମ୍ ଏହିଭଳ ଉକ୍ତିରେ ଆଦୌ ବିଶ୍ୱାସ କରେନାହିଁ ।

[ ଅଧ୍ୟାପକ ଚତ୍ତରଞ୍ଜନ ଦାସ]

- କର୍ମର ତଥାକଥିତ ଭଲମନ୍ଦ ଅନୁଯାୟୀ ମଣିଷ ସୁଫଳ ଅଥବା କୁଫଳ ପାଏ ବୋଲି ମୁଁ ମନେକରେ ନାହିଁ । କାରଣ ଭଲମନ୍ଦ ବିଗ୍ଧର ସାପେକ୍ଷ, ସମାଜଗତ ଏବଂ ଉପସ୍ଥିତ ଦେଶ- କାଳ- ପାତ୍ରର ସମୂହ ସ୍ୱାର୍ଥ ନେଇ ଗଢ଼ିଉଠେ ଗୁରୁ- ସନ୍ଥମାନଙ୍କ ମାଧ୍ୟମରେ । ତେବେ ମୁଁ ବିଶ୍ୱାସ କରେ ଯେ ବିବର୍ତ୍ତନର ପ୍ରମାଣିତ ଧାରା ଅନୁଯାୟୀ ମଣିଷର ପ୍ରବୃତ୍ତି ଓ ମନୋବୁଦ୍ଧିର ସଂଘର୍ଷ ତାକୁ ଯଥାକ୍ରମେ ଟାଣିନଏ କୌଣସି ଗୋଟାଏ ଦିଗକୁ, ଯାହା ଉତ୍ତରଣମୁଖୀ ।

[ କଶୋରୀ ଚରଣ ଦାସ]

- 'କର୍ମଫଳ' ହେଉଛି ଗୋଟିଏ ଶାଶ୍ୱତ ବିଶ୍ୱାସ । କୁକର୍ମ ପାଇଁ କୁଫଳ ଓ ସୁକର୍ମ ଲାଗି ସୁଫଳ- ଏହା ମହାପୁରୁଷମାନଙ୍କର ମତ । ଏହି ଚରନ୍ତନ ବିଶ୍ୱାସ ନମନ୍ତେ ମନୁଷ୍ୟ ନଜକୁ ସଂଯତ ରଖିପାରିଛି ।

[ ଡ. ମନ୍ମଥ ନାଥ ଦାସ]

- ମୋର ଧାରଣା ଏହା ସତ୍ୟ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- କର୍ମରେ ମୁଁ ବିଶ୍ୱାସ କରେ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ସନ୍ଦେହ କ'ଣ ଅଛି? ମଞ୍ଜି ଅନୁସାରେ ଗଛ ହୁଏ । ଆମ୍ବ ଟାକୁଆରୁ ଅଙ୍ଗୁର ଲତା ହେବ କି?

[ ପ୍ରଫେସର ପଠାଣି ପଟ୍ଟନାୟକ]

- କର୍ମ ଛଡ଼ା ଆଉ କେତେକ ଜିନିଷ ଅଛି, ଯାହା ଫଳପ୍ରାପ୍ତିକୁ ନିୟନ୍ତ୍ରଣ କରେ ।

[ ଡ. ଲଡୁକେଶ୍ୱର ଶତପଥୀ]

- କର୍ମଫଳ ମନୁଷ୍ୟ ନିଶ୍ଚିତ ଭୋଗ କରିଥାଏ । ଏହା ଏକ ବୈଜ୍ଞାନିକ ପ୍ରକ୍ରିୟା, ଭଲରୁ ଭଲ ନଚେତ୍ ଖରାପରୁ ଖରାପ । ନିଶା ବା ମାଦକଦ୍ରବ୍ୟ ଧରିଲେ ଯେପରି ସର୍ବନାଶ, କିନ୍ତୁ ସାତ୍ତ୍ୱିକ ଖାଦ୍ୟ ଖାଇଲେ ଯେପରି ଅସୁସ୍ଥତା ନାଶ ଓ ଆୟୁ ବୃଦ୍ଧି ।

[ ହରିହର ବାହିନୀପତି]

- ନିଶ୍ଚୟ । କିନ୍ତୁ କର୍ମର କାଳ ନିର୍ଣ୍ଣୟ କଷ୍ଟକର । ଏଇ ଜନ୍ମର କର୍ମ କି ପୂର୍ବଜନ୍ମର କର୍ମ ନିର୍ଣ୍ଣୟ କରିବା କଠିନ । କର୍ମ କରିବା ସଙ୍ଗେ ସଙ୍ଗେ ଫଳ ମିଳିବାର ବିଧିବଦ୍ଧ ନିୟମ ନାହିଁ । କାହାକୁ କେତେବେଳେ କର୍ମର ଫଳ ମିଳିବ କହିହେବ ନାହିଁ । କିନ୍ତୁ କର୍ମ ଅବଶ୍ୟ ଫଳ ଦେଇ ବିନଷ୍ଟ ହୁଏ ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- କର୍ମ ଅନୁଯାୟୀ ମଣିଷ ଫଳପ୍ରାପ୍ତ ହୁଏ - ଏହା ମୋର ମତ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ଭାଗ୍ୟରେ ଯାହା ଲେଖା ହୋଇଥାଏ ତାହା ହିଁ ହୁଏ, ଅର୍ଥାତ୍ କର୍ମ ଅନୁଯାୟୀ ଫଳ ପ୍ରାପ୍ତ ହୁଏ ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- କର୍ମ ଅନୁଯାୟୀ ମଣିଷ ଫଳପ୍ରାପ୍ତ ହୁଏ- ଏ ବିଶ୍ୱାସ ମୋର ନାହିଁ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- କର୍ମଫଳ ସିଦ୍ଧାନ୍ତ ଅଭ୍ରାନ୍ତ । ତାହାର କୌଣସି ବିକଳ୍ପ ନାହିଁ । କର୍ମ ଅନୁସାରେ ଫଳ ମିଳେ - ଏହା ପରମାତ୍ମାଙ୍କ ନ୍ୟାୟ ଓ ଦୟା ଉଭୟ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- କର୍ମରୁ କର୍ମଫଳ ମିଳିବା ସ୍ୱାଭାବିକ । ତେବେ କର୍ମରୁ ଫଳ ଆଶା ନ କରିବା ବ୍ୟକ୍ତି ଅଧିକ ସଫଳ । ଏହାକୁ ନିଷ୍କାମ ଯୋଗ ( କର୍ମ) କହନ୍ତି ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ମୋ ମତରେ ମଣିଷ ଭଲ କାମ କଲେ ଭଲ ଫଳ ଓ ମନ୍ଦ କାମ କଲେ ମନ୍ଦ ଫଳ ପାଏ । ଯଦି ପାର୍ଥିବ ଐଶ୍ୱର୍ଯ୍ୟକୁ ସେ ପ୍ରାପ୍ତିର ମାନଦଣ୍ଡ ବୋଲି ଭାବେ ତାହା ଭୁଲ । ଆତ୍ମସନ୍ତୋଷ ହେଉଛି ତା'ର ଭଲ କାମର ଫଳ ।

[ ଡ. ରେଖା ମହାନ୍ତି]

- କର୍ମ ଓ ଭାଗ୍ୟ ଉଭୟ ଆବଶ୍ୟକ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏହା ସତ୍ୟ । 'ଉତ୍କଟ କର୍ମ'କୁ ବାଦ୍ ଦେଲେ ଅନ୍ୟାନ୍ୟ କର୍ମ ଯଥା ପ୍ରାରବ୍ଧ, କ୍ରିୟମାଣ ଏବଂ ସଞ୍ଚିତ କର୍ମ ପ୍ରଭୃତି ଅନୁତାପ, ସତ୍କର୍ମ, ସତଚିନ୍ତା, ନାମଜପ, ସାଧୁସଙ୍ଗ ଏବଂ ଗୁରୁକୃପା ଦ୍ୱାରା ଦୂରୀଭୂତ ଅଥବା ନିଷ୍ଟିହ୍ନ ହୋଇଯାଇପାରେ ।
  'ଉତ୍କଟ କର୍ମ' ର ଫାଶରୁ ମୁକ୍ତିଲାଭ କରିବା ଅତ୍ୟନ୍ତ କଠିନ... ଅନେକ କ୍ଷେତ୍ରରେ ଅସମ୍ଭବ । ତଥାପି ବିଶେଷ ଭଗବତ୍ କୃପା ଲାଭ ହେଲେ ସବୁକିଛି ସମ୍ଭବ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ଏହା ସତକଥା, କିନ୍ତୁ ଏହାଛଡ଼ା ( କର୍ମ ଛଡ଼ା) ପ୍ରାରବ୍ଧ ( ପୂର୍ବଜନ୍ମର କର୍ମ) ଓ ପ୍ରଭୁକୃପା (କେତେକ ଏହାକୁ 'ସୌଭାଗ୍ୟ' ବୋଲି କହନ୍ତି) ମଧ୍ୟ ସମ୍ପୂର୍ଣ୍ଣ ଫଳପ୍ରାପ୍ତିରେ ସହାୟକ ହୁଏ । ଏହା କେଉଁ ଭାବରେ ଘଟିବ ତା' କହିବା କଷ୍ଟକର ।

[ ଡାକ୍ତର କବି ପ୍ରସାଦ ମିଶ୍ର]

- ମୁଁ ଏକମତ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- କର୍ମ ହେଉଛି ପୂର୍ବଜନ୍ମର ସଂସ୍କାରଜନତ ଫଳ । ପୂର୍ବେ ଆତ୍ମା ଯାହା ଯାହା କରିଥାଏ, ସେହି କାର୍ଯ୍ୟ ପ୍ରକୃତି ହୋଇ ତାହାଠାରେ ସଞ୍ଚିତ ଥାଏ । ମୃତ୍ୟୁ ପରେ ପୂର୍ବଜନ୍ମ ପାଇଲେ ସେହି ନୂତନ ହୋଇ ଗ୍ରହଣ କରିଥିବା ଆତ୍ମାର ସେହି ସଂସ୍କାର ଜୈବ ପ୍ରକୃତି ରୂପେ ଦେଖାଦିଏ । ସେହି ପ୍ରକୃତି ଅନୁସାରେ ପ୍ରତି ପ୍ରାଣୀର ବା ମନୁଷ୍ୟର ଆଗ୍ରହ, ବିଗ୍ରହ, କର୍ମ ଋତି, କାମନା, ଫଳପ୍ରାପ୍ତି ସବୁ ସ୍ୱତନ୍ତ୍ର ହୁଏ । ପ୍ରାଣୀମାନେ ନିଜ କର୍ମସୂତ୍ରରେ ବନ୍ଧା ଏବଂ ଏହା ମଧ୍ୟ ସେହି ଜନ୍ମଜନ୍ମର ସଂସ୍କାରପ୍ରେରିତ ଫଳ । ବିନା କାର୍ଯ୍ୟରେ କେହି ମହାନ୍ ଶୁଭଫଳ ଲାଭ କରିବା, ବହୁତ କାର୍ଯ୍ୟ କରି ଜଣେ ଅଶୁଭ ଫଳ ପାଇବାର ଦୃଷ୍ଟାନ୍ତ ହିଁ ଦୈବଶକ୍ତି ବୋଲି କଥିତ ହୁଏ । ଏହି ସମସ୍ତ ଫଳ ହେଉଛି ପ୍ରାକ୍ତନ ଜନ୍ମ ପାଇଁ ଭିନ୍ନ ଭିନ୍ନ ପ୍ରକାର ।

[ ଡ. ରତ୍ନାକର ସାହୁ]

- ମୁଁ ଏକମତ ନୁହେଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ସତ୍ୟ । କର୍ମ ଅର୍ଥ ବର୍ତ୍ତମାନର ସ୍ୱକୀୟ କର୍ମ ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ସମ୍ପୂର୍ଣ୍ଣ ସତ୍ୟ ନୁହେଁ । କାରଣ ସୌଭାଗ୍ୟବଶତଃ ବା ପୂର୍ବଭାଗ୍ୟବଶତଃ ଅଳ୍ପ କର୍ମ କରି ବା ଆଦୌ କର୍ମ ନ କରି ମଧ୍ୟ ସୁଫଳ ପାଉଥିବା ଏବଂ ଅନେକ ସତ୍କର୍ମ କରି ମଧ୍ୟ ଅନବରତ କୁଫଳ ଭୋଗୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଏ ଦୁନିଆରେ କମ୍ ନୁହେଁ । ତେଣୁ ଆପଣ ଯାହା ପ୍ରଶ୍ନ କରିଛନ୍ତି ତାହା ଅର୍ଦ୍ଧସତ୍ୟ ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ହଁ । କର୍ମନେଇ ଫଳ । ଶରୀର ନେଇ ବଳ । କର୍ମଶକ୍ତିଠାରୁ ବଡ଼ ଶକ୍ତି ଆଉ ନାହିଁ । କର୍ମବାଦରେ ମୁଁ ବିଶ୍ୱାସ କରେ । କର୍ମରୁ କର୍ମା । ଯିଏ ଯେମିତି କର୍ମ କରେ, ସିଏ ସେମିତି ଫଳପ୍ରାପ୍ତି ହୁଏ - ଏହା ବିଜ୍ଞାନସମ୍ମତ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- କର୍ମ କଲେ ହିଁ ଫଳ ଈଶ୍ୱର ଦେଇଥାଆନ୍ତି । ତମେ କର୍ମ କର, ଫଳ ଆଶା କରନାହିଁ । କର୍ମ ଉପରେ ତମର ଅଧିକାର ଅଛି, ଫଳ ଦୈବୀ କୃପା ଉପରେ ନିର୍ଭର କରେ, ସେ ଆପେ ଆପେ ପହଞ୍ଚିବ । ଏହା କ'ଣ ଗୀତାର ବାଣୀ ନୁହେଁ?

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- କର୍ମ ମଣିଷର ଭବିଷ୍ୟତ ଜୀବନକୁ ନିୟନ୍ତ୍ରିତ କରି ନ ଥାଏ । ମୋର ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ଈଶ୍ୱରଙ୍କଠାରେ ବିଶ୍ୱାସ କରେ ସେ ନିଷ୍ଚୟ ସତ୍କର୍ମ କରିବ । କିନ୍ତୁ ସତ୍କର୍ମ ମଣିଷକୁ ଧାର୍ମିକ ରୂପେ ପରିଗଣିତ କରେନାହିଁ । ମାତ୍ର ଈଶ୍ୱର ତାଙ୍କର ଅନୁଗ୍ରହ ଓ ଦୟା ଦ୍ୱାରା ମଣିଷକୁ ଧାର୍ମିକ ବୋଲି ପରିଗଣିତ କରନ୍ତି । କେବଳ କର୍ମଦ୍ୱାରା ନୁହେଁ ଈଶ୍ୱରଙ୍କ ଦୟା ଯୋଗୁଁ ମଣିଷ ତା' ଜୀବନରେ ଫଳ ପାଇଥାଏ ଏହା ମୋ ମତ । ମଣିଷ ଯଦି ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଭଲ କର୍ମ କରେ ତେବେ ସେ ଭଲ ହୋଇପାରିବ । ଭଲ ନ ହେଲେ ଭଲ କାମ କପରି କରିବ?

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଏହି ପ୍ରଶ୍ନର ଉତ୍ତର ଦେବା ଆଗରୁ ମୁଁ କର୍ମ ସମ୍ପର୍କରେ କିଛି ସ୍ପଷ୍ଟୀକରଣ ଦେବି । କର୍ମ ଅନ୍ଧ ନିୟମ ନୁହେଁ । କର୍ମ ମଣିଷର କାର୍ଯ୍ୟକୁ ବୁଝାଏ, ଯାହା ଭଲ କିମ୍ବା ମନ୍ଦ। ସୁତରାଂ ମଣିଷ ନିଜର ଭଲ ମନ୍ଦ କର୍ମ ଅନୁଯାୟୀ ଫଳପ୍ରାପ୍ତ ହୁଏ । ଯଥା- ସ୍ୱର୍ଗରେ ପୁରସ୍କାର କିମ୍ବା ନରକରେ ଶାସ୍ତି ଚିରସ୍ଥାୟୀ ।

[ ଡ. ଲୁଇ ସଭ୍ୟସୁନ୍ଦର, କାଥଲିକ୍]

- କର୍ମ ଅନୁଯାୟୀ ମଣିଷ ଫଳ ପାଏ । କିନ୍ତୁ କର୍ମଫଳ ପାଇବାର କାଳ ନିର୍ଦ୍ଧାରିତ ନ ଥିବାରୁ କେତେବେଳେ ସୁକର୍ମ ଉପରେ ପୂର୍ବକୃତ କୁକର୍ମର ଫଳ ବା ବର୍ତ୍ତମାନର କୁକର୍ମ ପରେ ପୂର୍ବକୃତ ସୁକର୍ମର ଫଳ ମିଳୁଥିବାରୁ ମଣିଷ ବିବ୍ରତ ହୁଏ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

କର୍ମ କଲେ କ'ଣ ସତରେ ଫଳ ମିଳେ? ବାସ୍ତବିକ ଏହା ମଣିଷକୁ ସନ୍ଦେହ ବଳୟ ଭିତରକୁ ନେଇଯାଏ । ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜଣେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତ ଲିଙ୍ଗରାଜ ଶତପଥୀଙ୍କ ଉତ୍ତର ଏଠାରେ ବେଶ୍ ପ୍ରଣିଧାନଯୋଗ୍ୟ । ସେ କହିଛନ୍ତି କର୍ମଛଡ଼ା ଆଉ କେତେକ ଜିନିଷ ଅଛି, ଯାହା

ଫଳପ୍ରାପ୍ତିକୁ ନିୟନ୍ତ୍ରଣ କରେ । ବୋଧହୁଏ ଆଉ କେତେକ ଜିନିଷର ଅର୍ଥ ହୋଇପାରେ ପୂର୍ବଜନ୍ମ କର୍ମ ବା ଧର୍‌ଧରି ବା ଆଉକଛି ଇତ୍ୟାଦି । ସ୍ୱର୍ଗତ ଶ୍ରୀରାମ ଚନ୍ଦ୍ର ଦାଶଙ୍କ ମତରେ ଭାଗ୍ୟ ଓ କର୍ମ ଉଭୟ ଫଳପ୍ରାପ୍ତିର ନିୟାମକ । ଜଣେ ବିଶିଷ୍ଟ ବୟୋଜ୍ୟେଷ୍ଠ ପ୍ରଶାସକ ସ୍ୱର୍ଗତ ମଇନୁଦ୍ଦିନ ଅହମଦଙ୍କ ଉତ୍ତର ବେଶ୍ ଚମତ୍କାର ହୋଇପାରିଛି । ତାଙ୍କ ମତରେ କର୍ମଫଳ ପାଇବାର କାଳ ନିର୍ଦ୍ଧାରିତ ହୋଇ ନ ଥିବାରୁ କେତେବେଳେ ସୁକର୍ମ ପରେ ପୂର୍ବକୃତ କୁକର୍ମର ଫଳ ବା ବର୍ତ୍ତମାନର କୁକର୍ମ ପରେ ପୂର୍ବକୃତ ସୁକର୍ମର ଫଳ ମିଳୁଥିବାରୁ ମଣିଷ ବିବ୍ରତ ହୁଏ। ଶାସ୍ତ୍ର ଚର୍ଚ୍ଚାଠାରୁ ଯେହେତୁ ଆମ୍ଭେ ବହୁ ଦୂରରେ ତେଣୁ ସାଧାରଣ ଭାବେ କର୍ମ ଦ୍ୱାରା ଫଳପ୍ରାପ୍ତି ଆକଳନ କରିବା କଷ୍ଟସାଧ୍ୟ ବ୍ୟାପାର । ପ୍ରକୃତ ସତ୍ୟକୁ ନିରୂପଣ କରିବା ପ୍ରଶ୍ନବାଚୀ ସୃଷ୍ଟି କରେ ।

( ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା।
ଦୂରଭାଷ – 9861145687

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# କଏ କହେ ତୁମେ ଅଟ ବଡ ଠାକୁର



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

କଏ କହେ ତୁମେ ଅଟ ବଡ ଠାକୁର
ମୁଁ କହେ ତୁମେ ଅଟ ଯେ ପଥର
ଦଗାଦିଆ ଠାକୁର ତୁମ୍ଭେ
ଡାକ ମୋ ଶୁଣିବ କୁହ ଯେ କେବେ
ସଂସାରିକ ଦୁଃଖ କଷ୍ଟ ଦେଇ
ହୁଅ ଯେ ଆନନ୍ଦ
ଚରନ୍ତନ ସୁଖ କେବେ ଦେବ କୁହ ସଦାନନ୍ଦ
ଶ୍ରୀକ୍ଷେତ୍ରେ ବସି ମୁରୁକ ମୁରୁକ ହସି
ମୋ ନୟନର ଅଶ୍ରୁକୁ ନେଇଯାଅ
ତୁମ୍ଭେ ସବୁ ପୋଛି
ତୁମେ ତ ଅଟ ମୋର ହୃଦୟର ସାଇଁ
ଗାଳଦେଲି ବୋଲି କେବେ ହେଁ ର୍‌ଗିବ ନାହିଁ
ଭରସା ଅଛି ତୁମଠାରେ ମୋର
ଚରନ୍ତନ ସୁଖ ଦେବ ଯେ
ରହି ହୃଦୟେ ମୋହର

# ପ୍ରଭୁ କାର୍ତ୍ତିକେଶ୍ୱର



ପ୍ରେମଶିଲା ରାଉତ

ଆଶ୍ୱିନ ଗଲା କାର୍ତ୍ତିକ ଆସିଲା ଆସିଲା ଶୀତ କାକର
ଶୀତ ଦିନେ ପର୍ବ ବିଜେ କରନ୍ତି
ପ୍ରଭୁ ଶ୍ରୀ କାର୍ତ୍ତିକେଶ୍ୱର ।
କାର୍ତ୍ତିକ ମାସର ଶୀତ ସକାଳ
ଲାଗେ ଭାରି ଅଳସୁଆ
ଶୀତ ର ପ୍ରକୋପେ କଷ୍ଟ ଲାଗେ ସତେ
ରାତି ପାହାନ୍ତା ଗାଧୁଆ ।
ଗାଧୁଆ ସାରି ମାଁ ଚଉରା ମୂଳେ ।
ପକାଏ ରଙ୍ଗ ମୂରୁଜ
ଧୂପ ଦୀପ ଓ ନାନା ଜାତି ଫୁଲେ
ପ୍ରଭୁଙ୍କୁ କରଇ ସଜ ।
ପୂଜା ପାଠ ଓ ଗୀତା ଭାଗବତେ
ବିତାଏ ସାରା ମାସ
ନୀରାମିଷ ଖାଏ ଆମିଷ ଛୁଏନ
ରାନ୍ଧେ ସେ ନୀତି ହବିଷ ।

ସନ୍ଧ୍ୟା ବେଳେ ମାଁ ଚଉରା ମୂଳେ

ଜାଳଇ ସନ୍ଧ୍ୟା ଦୀପାଳୀ

ମନ ହରଷରେ ଶୁଭ ମାନସେ

କରି ପ୍ରଭୁ ଠାରେ ଅଳ ।

ଭୋଗ, ନୈବେଦ୍ୟ ଦିଏ ସବୁଦିନେ

କରେ ପ୍ରଭୁ ଉପାସନା

କାର୍ତ୍ତିକେଶ୍ୱର ଙ୍କୁ ପୂଜିଲେ ନଷ୍ଟେ

ପୂର୍ଣ୍ଣ କରିବେ କାମନା ।

କାର୍ତ୍ତିକେଶ୍ୱର ଯେ ବଡ ଦୟାଳୁ

ସଭିଙ୍କୁ ଦିଅନ୍ତି ବର

ତାଙ୍କ ପାଦ ପଦ୍ମେ ଲୟ ରଖିଥିଲେ

ଲଭିବା ସରଗ ଦ୍ୱାର ।

ଗ୍ରାମ- ବୃନ୍ଦାବାହାଲ, ଜିଲ୍ଲା – କଳାହାଣ୍ଡି

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ନେଲୁ ଆଜି ଶପଥ



ପୂର୍ଣ୍ଣଚନ୍ଦ୍ର ରଣା

ସେହି ମୋ ପୂର୍ଣ୍ୟ ଭୂମି
ସେହି ମୋ ଜନନୀ
ସେହି ତ ଜଗତ ଜିତା
ସୁନ୍ଦର ଧରଣୀ ॥( ୧)
ଆମେ ସବୁ କୁନ କୁନ
ସନ୍ତାନ ତା କୋଳର
ଏକା ସାଥେ କରୁ ବାସ
ସେହି ମାତା ଆମର ॥( ୨)
ଜୟ ଜୟ କାର୍ ତାର
ଶୁଭୁ ଅଛି ଜଗତେ
ସ୍ନେହ ପ୍ରିତି ପ୍ରେମ ଏଠି
ଦୁନଆଁରେ ପ୍ରକଟେ ॥( ୩)
ସୁନ୍ଦର ତା ଭାଷା ଆଉ
ସୁନ୍ଦର ତା ଭାବନା
ସୌନ୍ଦର୍ଯ୍ୟରେ ଭରିଅଛି
ତାର କେତେ ପ୍ରେରଣା ॥( ୪)

ରଖିବା ସୁଭାବ ପୁଣି
ରଖିବା ତ ଭରଷା
ସେହି ମାତା ବିଜୟନୀ
ହେବ ସ୍ନେହ ପରଷା ॥ ॥( ୫)
ଆମେ ସବୁ କୁନ ତାର୍
ନେଲୁ ଆଜି ଶପଥ
ଗାଇବୁ ଭାରତ ନାମ
ଆସୁ ପଛେ ବିପଦ ॥( ୬)

ହାଟସିଂହାପୁର, ଯାଜପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ରିଗା, ବର୍ଷା, "ଇଣ୍ଡିଆନ୍ ରାଜା' ଓ ଜଗନ୍ନାଥ



ଡକ୍ଟର ବିଜ୍ଞାନୀ ଦାସ

ସକାଳ ପାଞ୍ଚଟାରୁ ଉଠି ଖୁବ୍ ଶୀଘ୍ର ନିତ୍ୟକର୍ମ ସାରିଦେଲେ ସେମାନେ, ସୁବ୍ରତ ଓ ଶୁଭ୍ରା । ତାପରେ ସୁବ୍ରତ ଗାଧୋଇବାକୁ ଗଲେ । ଗାଧୋଇ ସାରି ହୋଟେଲ୍ ଦେଇଥିବା କଫି-ମେକରରେ ଦୁଇକପ୍ କଫି ତିଆରିକଲେ ସେ । ସେତେବେଳେ ଶୁଭ୍ରା ଗାଧୋଇବାକୁ ଗଲା। ସୁବ୍ରତ ସବୁବେଳେ ଅଧୈର୍ଯ୍ୟ। ନିଜ ଅଧୈର୍ଯ୍ୟ ଅଭ୍ୟାସ ମୁତାବକ ସିଏ ଡାକ ଛାଡିଲେ, "ଶୀଘ୍ର ଗାଧୁଆ ସାରେ, ପାଞ୍ଚଟା ତିରିଶି ହୋଇଗଲା।"

ଶୁଭ୍ରା ଶୁଣି ବି ନ ଶୁଣିବା ପରି ଗୀତର ଲହର ଛୁଟେଇ ଆରାମରେ ଗାଧୋଇଲା ଓ ପୋଛିପାଛି ହୋଇ ରୁମ୍ ଭିତରକୁ ଆସିଲା। ସୁବ୍ରତ ପାଟିକଲେ, "ଏତେ ସମୟ କଣ କଏ ଗାଧାଏ ? ଜଲଦିଜଲଦି କଫି ପିଇଦେ ଓ ପ୍ରସ୍ତୁତ ହୋଇ ଯା। ଆମକୁ ସାଢେ ଛଟା ସୁଦ୍ଧା ଟ୍ରାମ୍ ଧରିବାର ଅଛି; ତାହେଲେ ବସ୍‌ର ଚେକଇଂ ଟାଇମ୍ ଛଟା ପଇଁତାଳିଶ ପୂର୍ବରୁ ପହଞ୍ଚିପାରିବା।"

ଶୁଭ୍ରା କିଛି କହିଲାନି। ଜମା ପାଞ୍ଚଟା ପଇଁତାଳିଶି ହୋଇଛି, ଏମିତି ତରତର ହେଉଛନ୍ତି। ସିଏ ଆରାମରେ ବସି କଫି ପିଇଲା, ଜାମାପଟା ପିନ୍ଧିଲା ଓ ବ୍ୟାଗ୍‌ପ୍ୟାକେ୍ର କିଛି ବିସ୍କୁଟ୍ ଓ ମିକ୍ସ୍‌ଚର୍ ରଖିଲା। ପର୍ସରେ କ୍ୟାମେରା, ବ୍ୟାଟେରି, ସେଲ୍‌ଫୋନ୍ ଓ କ୍ରେଡିଟ୍ କାର୍ଡ ସବୁ ରଖିଲା ଓ ଜୋତାପିନ୍ଧି ସୁବ୍ରତଙ୍କୁ କହିଲା, "ମୁଁ ଏବେ ପ୍ରସ୍ତୁତ, ଚାଲ ଯିବା।"

ସେତେବେଳକୁ ୬ଟା ୧୫ ହୋଇଥିଲା। ତଥାପି ଶୀଘ୍ର ଗଲେ କିଛି କ୍ଷତି ନାହିଁ। ଏମିତି ଭାବି ସେମାନେ ଦ୍ୱିତୀୟ ମହଲାରୁ ତଳକୁ ଆସିଲେ। ହୋଟେଲ୍‌ର ବାହାରକୁ ଆସି ଦେଖିବା ବେଳକୁ ପ୍ରବଳ ବର୍ଷା। ପୁଣି ସୁବ୍ରତ ଉପରକୁ ଗଲେ ଓ ଦୁଇଟି ଛତା ଧରି ତଳକୁ ଆସିଲେ। ସିଏ ଛତା ଆଣିବା ପରେ ଦୁହେଁ ହୋଟେଲ୍‌ର ବାହାରକୁ ଆସିଲେ ଓ ୩ ମିନିଟ୍

ଗୁଲିଗୁଲି ହୋବୁୟାମା ଟ୍ରାମ୍ ଷ୍ଟପରେ ପହଞ୍ଚିଗଲେ । ଟ୍ରାମ୍ ନମ୍ବର ୪ ଗୋଟିଏ ମିନଟ୍ ପରେ ପହଞ୍ଚିଗଲା ଓ ସେମାନେ ସେ ଟ୍ରାମରେ ବସି ବୁସିୟାମ୍ ବସ୍ଷ୍ଟାଣ୍ଡରେ ପହଞ୍ଚିଗଲେ।

ଲକ୍ସ୍ ଏକ୍ସ୍ପ୍ରେସ୍ ବସ୍ ସବୁ ସେ ବସ୍ଷ୍ଟାଣ୍ଡରୁ ବିଭିନ୍ନ ସହରକୁ ଯାଉଥାଏ, ରୁଷ୍ର ସେଣ୍ଟ ପିଟର୍ସ୍ବର୍ଗ, ଫିନ୍ଲାଣ୍ଡର ହେଲ୍ସିଙ୍କି, ଇସ୍ତୋନିଆର ଅନ୍ୟ ସବୁ ସହର ଯଥା ଟାର୍ଟୁ, ନାର୍ଭା ଇତ୍ୟାଦି । ଲାଟ୍ଭିଆର ରାଜଧାନୀ ରିଗାକୁ ଯାଉଥିବା ବସ୍ ଆସି ଟ୍ରାକ୍ ନମ୍ବର ୮ରେ ଠିକ୍ ୬ଟା ୪୫ରେ ପହଞ୍ଚିଗଲା । ସାଙ୍ଗେସାଙ୍ଗେ ଅପେକ୍ଷାରତ ଯାତ୍ରୀମାନେ ଧାଡିକରି ଠିଆ ହୋଇଗଲେ । ରିଗାକୁ ଯାଉଥିବା ଯାତ୍ରୀମାନଙ୍କର ଟିକେଟ୍ ସାଙ୍ଗକୁ ପାସ୍ପୋର୍ଟ ବି ଯାଞ୍ଚ କରାଗଲା, କାରଣ ରିଗା ଆଉ ଏକ ଦେଶର ସହର । ପାସ୍ପୋର୍ଟ ଓ ଟିକେଟ୍ ଯାଞ୍ଚ ହୋଇସାରିବା ପରେ ସୁବ୍ରତ ଓ ଶୁଭ୍ରା ଆସି ନିଜ ପାଇଁ ଉଦ୍ଦିଷ୍ଟ ସିଟ୍ ୧୧- ଏ ଓ ୧୧- ବି ରେ ବସିଲେ । ବସ୍ ଭିତରେ ଟଏଲେଟ୍ ଥିଲା ଓ କଫି ତିଆରି କରିବାର ଯନ୍ତ୍ର ବି ଥିଲା । କିଛି ଯାତ୍ରୀ ଟଏଲେଟ୍ ଗଲେ, ଆଉ କିଛି ଯାତ୍ରୀ କଫି କରି ପିଇଲେ । ବସ୍ ଠିକ୍ ୭ଟାରେ ଟାଲିନ୍ ଛାଡି ରିଗା ଅଭିମୁଖେ ଯାତ୍ରା କଲା ।

ବସ୍ ଭିତରେ ସବୁ ସିଟ୍ ସହିତ ଆଇପ୍ୟାଡ୍ ରହିଥିଲା ଓ ବସରେ ଓ୍ୱାଇଫାଇ ମଧ୍ୟ ଥିଲା । ସେ ଆଇପ୍ୟାଡ୍ରେ ଚେକ୍କରି ସୁବ୍ରତ ଦେଖିଲେ ଯେ ରିଗାରେ ବର୍ଷା ହେବାର ଅଛି । ଶୁଭ୍ରାର ମନ ଫିକା ପଡିଗଲା । ସିଏ ଆତୁର ହୋଇ ଜଗନ୍ନାଥଙ୍କୁ ସ୍ମରଣ କଲା, "ହେ ପ୍ରଭୁ ଦୟାକର, ଏ ବର୍ଷା ବନ୍ଦ କରିଦିଅ । ରିଗାରେ ବର୍ଷା ନ ହେଉଥାଉ । ନହେଲେ ଆମର ଏ ରିଗା ଦର୍ଶନ ପୂରା ବେକାର ହୋଇଯିବ ।'' ବର୍ଷା ଯଦି ଏମିତି ହେବ, ତାହେଲେ ସେମାନେ ବୁଲିବେ କେମିତି ? ପ୍ରଥମେ ତ ନୂଆ ସହର, କେବଳ ୟୁରୋପ୍ର ଅନ୍ୟାନ୍ୟ ସହର ସବୁ ବୁଲିବୁଲି ଅଭିଜ୍ଞତା ହୋଇଥିବାରୁ ସେଇ ଭରସାରେ ଅନୁମାନ କରି ସେମାନେ ନିଜେନିଜେ ରିଗା ଦର୍ଶନ କରିବାର ସାହସ କରିଛନ୍ତି । ବାସ୍ତବରେ ସେମାନେ ଇଚ୍ଛା କରିଥିଲେ ଭିୟାଟାର୍ ଟୁରରେ ଯିବା ପାଇଁ । ହେଲେ ସେ ଟୁର୍ର ଟାଇମଟେବୁଲ୍ ଅନୁଯାୟୀ, ସେମାନେ ଆଜି ଫେରିପାରି ନଥାନ୍ତେ । ଆସନ୍ତା କାଲି ସେମାନଙ୍କର ଆମେରିକା ଫେରିଯିବାର ଅଛି । ସେଥିପାଇଁ ସେମାନେ ସ୍ଥିରକଲେ ନିଜେନିଜେ ଯିବେ, ଯିବାକୁ ୪ ଘଣ୍ଟା ଲାଗିବ, ଫେରିବାକୁ ୪ ଘଣ୍ଟା ଲାଗିବ ଓ ସେମାନେ ୫ ଘଣ୍ଟାରେ ସିଟି ସେଣ୍ଟର୍ ଯାଇ ବୁଲିବୁଲି ଦେଖିବେ । ହେଲେ ସବୁ ଯୋଜନାକୁ ଭଣ୍ଡୁର କରିଦେଲା ଏ ବର୍ଷା ।

ନିଜ ଭାଗ୍ୟକୁ ନିନ୍ଦିଲା ଶୁଭ୍ରା । ତା' ସହିତ ସବୁବେଳେ ଏମିତି କାହିଁକି ହୁଏ କେଜାଣି ? ଯେତେବେଳେ ସିଏ ଯାହା ଗୋଟିଏ କରିବାକୁ ଇଚ୍ଛା କରିବ, କିଛି ନା କିଛି ପ୍ରତିବନ୍ଧକ ଆସିବ । ଖରା ବଦଳରେ ବର୍ଷା ହେବ, ଅସମୟରେ ଟ୍ରାଫିକ୍ ଜାମ୍ ହେବ, ଭଲକଥାଟାକୁ ଅନ୍ୟମାନେ ଖରାପ ଅର୍ଥରେ ନେବେ, ଅଜଣା ଅଶୁଣା ଲୋକ ବି ହଠାତ୍ ଶତ୍ରୁ ପାଲଟିଯିବେ। ଏସବୁର ସଂଯୋଗ କିଛି ବୁଝିପାରେନି ଶୁଭ୍ରା । କେବଳ ନିଜ ଭାଗ୍ୟକୁ ନିନ୍ଦେ ଓ ଜଗନ୍ନାଥଙ୍କୁ ମନଇଚ୍ଛା ଅଭିମାନ କରି ଗାଳିଦିଏ । ତାପରେ ପୁଣି ପ୍ରାର୍ଥନା କରେ ଓ ନିଜକୁ ସମର୍ପିଦିଏ । ନହେଲେ ଆଉ କଣ ରାସ୍ତା ଅଛି କି ?

ବର୍ଷା ସେମିତି ଚାଲିଥାଏ । ରାତିରେ ଭଲକରି ଶୋଇନଥିବାରୁ ଆଖି ଲାଗି ଆସୁଥାଏ । ତଥାପି ନୂଆ ଦେଶଟିର ସହର ମାନଙ୍କୁ, ପରିବେଶକୁ ଦେଖିବାର, ଅନୁଭବ କରିବାର ପ୍ରବଳ ଜିଜ୍ଞାସା ପାଇଁ ନିଦକୁ ନିୟନ୍ତ୍ରଣରେ ରଖିବାକୁ ବାରମ୍ବାର ଚେଷ୍ଟା କରୁଥାଏ ଶୁଭ୍ରା । ଦେଖୁଦେଖୁ ଦୁଇଘଣ୍ଟା ବିତିଗଲା, ଇସ୍ତୋନିଆର ପାର୍ନୁ ସହର ପହଞ୍ଚିଗଲା । ସେଠି କିଛି ଯାତ୍ରୀ ଓହ୍ଲେଇଲେ । ଠିକ୍ ଟାଲିନ୍ ସହରର ବସ୍ଷ୍ଟାଣ୍ଡ ଭଳି ଏଠିକାର ବସ୍ଷ୍ଟାଣ୍ଡ । ସେଠି ବସ୍ ଚାଳକ ସମସ୍ତଙ୍କୁ ୫ ମିନଟ୍ ରେଷ୍ଟ ରୁମ୍ ଯିବାକୁ ସମୟ ଦେଲା । ଉଭୟ ସୁବ୍ରତ ଓ ଶୁଭ୍ରା ଓହ୍ଲେଇଲେ ରେଷ୍ଟ ରୁମ୍ ଯିବାକୁ । ଅନେକ ତରତର ହେଉଥାନ୍ତି ସମସ୍ତେ । ହେଲେ ରେଷ୍ଟ ରୁମ୍ ଯିବାକୁ ୟୁରୋ ପଚଶ ସେଣ୍ଟ ଦରକାର । ଶୁଭ୍ରା ପାଖରେ ଖୁଚୁରା ନଥିଲା । ତେଣୁ ସିଏ ହତୋତ୍ସାହ ହୋଇ ଫେରିବାକୁ ଉଦ୍ୟତ ହେଉଛି ତ ଆଉ ଜଣେ ମହିଳା ଆସିଲେ ଓ ଖୁଚୁରା ପକେଇ ରେଷ୍ଟ ରୁମ୍ର ଦ୍ୱାର ଖୋଲିଲେ । ଶୁଭ୍ରା ସହିତ ଅପେକ୍ଷାରତ ଆଉ କିଛି ମହିଳା ମଧ୍ୟ ଏକାସାଙ୍ଗରେ ପଶିଗଲେ । ଶୁଭ୍ରା ତରତର ହୋଇ ଆସି ବସରେ ପହଞ୍ଚିଲା ବେଳକୁ ସୁବ୍ରତ ଫେରିନାହାନ୍ତି ।

କାଳେ ବସ୍ ଛାଡିଦେବ, ସେଇ ଚିନ୍ତାରେ ରହିଲା ଶୁଭ୍ରା । ସେତିକିବେଳକୁ ବସ୍ର ଆସିଷ୍ଟାଣ୍ଟ ଜଣେ ଆସି ଲୋକଙ୍କୁ ଗଣିଲା । ଶୁଭ୍ରା ତାଙ୍କୁ କହିଲା, "ମୋ ସ୍ୱାମୀ ରେଷ୍ଟ ରୁମ୍ ଯାଇଛନ୍ତି, ଫେରିନାହାନ୍ତି ।"

ତରତର ହୋଇ ଫେରିଲେ ସୁବ୍ରତ । ଶୁଭ୍ରା ପଚାରିଲା, "ଏତେ ଅସାବଧାନତା କଣ ପାଇଁ ? ବସ୍ ଯଦି ଛାଡି ଦେଇଥାନ୍ତା ?"

"ମୁଁ କଣ କରିବି ? ପେଟ ଖଲାସ ନକରି ଆସିଥାନ୍ତି କେମିତି ?"

"ହଉ ହେଲା, ଆମେ ଆଉ ପରବର୍ତ୍ତୀ ଷ୍ଟପରେ ବାହାର ରେଷ୍ଟ ରୁମ୍‌କୁ ନଯାଇ ବସ୍ ଭିତରର ରେଷ୍ଟ ରୁମ୍‌କୁ ଯିବା । "

ବସ୍ ଛାଡିଲା । ଶୁଭ୍ରା ସୁବ୍ରତଙ୍କୁ କହିଲା, "ଲୋକ ସବୁ କେମିତି କଫି କରି ପିଉଛନ୍ତି, ତମେ ଟିକେ କରି ଆଣୁନ ? "

ସୁବ୍ରତ କଫି କରିବାକୁ ଗଲେ । ଚିନି କେଉଁଠି ଅଛି ଜାଣି ପାରିଲେନି । ସେ ବିନା- ଚିନିର କଫିକୁ ଶୁଭ୍ରା ହାତରେ ଧରାଇ ଦେଇ ନିଜ ପାଇଁ କରିବାକୁ ଗଲେ । ଶୁଭ୍ରା କଫି ପିଇବା ବେଳକୁ ଚିନି ବିନା ଅଦ୍ଭୁତ ସ୍ୱାଦ ଲାଗୁଛି । ସିଟ୍ ସାମନାରେ ପାନୀୟ ରଖିବାକୁ କିଛି ସ୍ଥାନ । ଚିନି କେମିତି ମିଳାଇବା ଜାଣିଲେ, ଆଉଥରେ କଫି ତିଆରି କରି ପିଇବ ଓ ଏ କଫିକୁ ଫୋପାଡିଦେବ ଭାବି, ଶୁଭ୍ରା କଫି କପ୍‌କୁ ରଖିଦେଲା ଯେ, ବସ୍‌ର ଗତି ଜନିତ ତ୍ୱରଣ ପାଇଁ ସିଏ ଚହଲି ଉଠି ତଳେ ଓ ଶୁଭ୍ରାର ପର୍ସ ଉପରେ ପଡିଗଲା । ଏବେ ସେ ତଳକୁ ଓ ପର୍ସକୁ କାଗଜ ରୁମାଲରେ ପୋଛି ସଫା କରିବାର ଅଧିକ କାମ ଲାଗିଗଲା ।

ଶୁଭ୍ରା ସୁବ୍ରତଙ୍କ ଉପରେ ରାଗିଲା । ଟିକେ ଦେଖି ଶୁଣି କଫି କରିବା ଶିଖିକରି ଅଳ୍ପ କଫି ଆଣିଥିଲେ ହୋଇନଥାନ୍ତା । ମେଞ୍ଚାଏ ନେଇ ଆସିଲେ, ପୁଣି ଚିନି ବିନା । ସୁବ୍ରତ ଓଲଟା ଜବାବ ଦେଲେ, "ତୁ ତାହେଲେ ଗଲୁନି କଫି କରିବା ପାଇଁ । ଏଥର ଆଉ ମତେ କିଛି କହିବୁନି । ତୁ ନିଜେ କରିବୁ । "

ପର୍ସରେ ଗୋଟିଏ ଗପ ବହି ନେଇଥିଲା ଶୁଭ୍ରା । ସେଇଟିକୁ ଖୋଲି ପଢିବାରେ ଲାଗିଲା । ବସ୍ ଚାଲିଥାଏ, ବର୍ଷା ପଡୁଥାଏ । ରିଗା ସହରରେ ପହଞ୍ଚିବା ପୂର୍ବରୁ ବାଲ୍‌ଟିକ୍ ସମୁଦ୍ର ତୀରରେ ଥିବା ରାସ୍ତା ଦେଇ ବସ୍‌ଟି ଚାଲୁଥିଲା । ବାଲ୍‌ଟିକ୍ ସମୁଦ୍ରର ଢେଉ କୂଳରେ ପିଟି ହେଉଥାଏ । ମନରେ ରୋମାଞ୍ଚ ଖେଳ ଯାଉଥାଏ । ପାଖରେ ଅଧିକ ସମୟ ଥିଲେ ସେମାନେ ବାଲ୍‌ଟିକ୍ ସମୁଦ୍ରକୂଳ ବିଚ୍ ରେ କିଛି ସମୟ କଟେଇଥାଆନ୍ତେ । ହେଲେ ସେସବୁ ହୋଇପାରିବନି । ପୁଣି ଆଉ କେବେ ଆସିଲେ ହୁଏତ ସେ ଆଶା ପୂରଣ ହୋଇପାରିବ ।

ଏମିତି ଦେଖୁଦେଖୁ ଦିନ ୧୧ଟା ୨୦ ମିନିଟ୍‌ରେ ବସ୍ ରିଗା ବସ୍‌ଷ୍ଟାଣ୍ଡରେ ପହଞ୍ଚିଗଲା । ବସ୍‌ଷ୍ଟାଣ୍ଡଟିର ବାହାର ଏମିତି କିଛି ଖାସ୍ ଦିଶୁନଥିଲା । ହେଲେ ଭିତରେ ସବୁ ଶୃଙ୍ଖଳିତ ଦିଶୁଥିଲା । "ଇନ୍‌ଫରମେସନ୍" ରେ ପଚାରି ସେମାନେ ରିଗା ସହରର ମାନଚିତ୍ର ଆଣିଲେ

ଓ ଦର୍ଶନୀୟ ସ୍ଥାନ ମାନଙ୍କ ବିଷୟରେ ପଚ୍ଛରି ବୁଝିଲେ । ତାପରେ ପବ୍ଲିକ୍ ଟ୍ରାନ୍ସପୋର୍ଟ ପାଇଁ ଗୋଟିଏ ଦିନର ପାସ୍ କଣିଦେଲେ । ସେଥିରେ ଯେ କୌଣସି ଯାନରେ ବସି ସହରର ଯେ କୌଣସି ସ୍ଥାନକୁ ଯାଇପାରିବ । ବସ୍ଷ୍ଟାଣ୍ଡରେ ଯେଉଁ ରେଷ୍ଟ ରୁମ୍ ଥିଲା, ତା' ଭିତରକୁ ଯିବା ପାଇଁ ୟୁରୋ ପଚଶ ସେଣ୍ଟ ପଡୁଥିଲା । ପ୍ରଥମେ ସେମାନେ ରେଷ୍ଟ ରୁମ୍କୁ ଗଲେ ଓ ତାପରେ ବସ୍ ନମ୍ବର୍ ୧ ଧରିଲେ ସହର ଭିତରକୁ ଯିବା ପାଇଁ । ହେଲେ କିଛି ସମୟ ପରେ ଏମିତି ଅନୁଭୂତ ହେଲା ଯେମିତି ବସ୍ଟି ସେମାନେ ଯାଉଁଥିବା ଦର୍ଶନୀୟ ସ୍ଥାନର ଅନ୍ୟଦିଗରେ ଗତି କରୁଛି । ତେଣୁ ସେମାନେ ଗୋଟିଏ ଷ୍ଟପ୍ ରେ ଓହ୍ଲେଇ ପୁଣି ସେଇ ୧ ନମ୍ବର୍ ବସ୍କୁ ଅନ୍ୟ ଦିଗରୁ ଧରିଲେ । ଭାଗ୍ୟକୁ ସିଟ୍ ମିଳିଗଲା । ହେଲେ ବସ୍ ରେ ଭାରି ଭିଡ ଥାଏ । ହଠାତ୍ ବସ୍ ଭିତରକୁ ପଶିଲେ ଗୋଟିଏ ପରିବାର, ସ୍ୱାମୀ, ସ୍ତ୍ରୀ, ଓ ପିଲା ଦୁଇଟି । ଏହି ସମୟରେ ଟିକେଟ୍ ଚେକ୍ କରିବା ପାଇଁ ବସ୍ ଇନସପେକ୍ଟର୍ ଆସିଲା ଓ ଚେକ୍ କରିବା ବେଳକୁ ସେ ସ୍ୱାମୀଟିର ଟିକେଟ୍ ସରିଯାଇଥିଲା । ତାକୁ ସେ ଇନସପେକ୍ଟର୍ ପଚଶ ୟୁରୋ ଫାଇନ୍ କଲା । ତାପରେ ସେ ସ୍ୱାମୀ, ସ୍ତ୍ରୀ ନଜ ଭିତରେ ତାଙ୍କ ଭାଷାରେ କଣ ଯୁକ୍ତିତର୍କ କଲେ ଓ କିଛି ସମୟ ପରେ ଓହ୍ଲେଇଗଲେ । ଶୁଭ୍ରା ଓ ସୁବ୍ରତଙ୍କୁ ମଧ ଟିକେଟ୍ ଦେଖେଇବାକୁ ପଡିଲା ଓ ସେମାନେ ସେଇ ମୁହୂର୍ତ୍ତରୁ ଟିକେଟ୍କୁ ଠିକ୍ ଭାବେ ସାଇତି ରଖିବାର ସଂକଳ୍ପ ନେଲେ ।

ରିଗା ସହରର ଅପେରା ହାଉସ୍ ଷ୍ଟପ୍ ପହଞ୍ଚିଲା । ସୁବ୍ରତ ଓ ଶୁଭ୍ରା ଓହ୍ଲେଇଲେ । ଅନେକ ଥଣ୍ଡା ପଡିଥାଏ । ବ୍ୟାଗ୍ପ୍ୟାକ୍ରୁ ଜ୍ୟାକେଟ୍ ବାହାର କରି ଶୁଭ୍ରା ପିନ୍ଧିଲା । ଅପେରା ହାଉସ୍ ସାମନାରେ ବଡ ସୁନ୍ଦର ଫୁଲ ବଗିଚା । ପାର୍ଶ୍ୱରେ କେନାଲ । ଫୁଲ ବଗିଚାରେ ସେମାନେ କିଛି ଭାରତୀୟଙ୍କୁ ବୁଲୁଥିବାର ଦେଖିଲେ । ଅପେରା ହାଉସ୍ ପାଖରୁ କିଛି ଲୋକ ଡଙ୍ଗାରେ ଯାଉଥିଲେ । ହେଲେ ଏତେ ଶୀତ ହେଉଥିଲା ଯେ, ସେଥିରେ ପାଣିରେ ଗଲେ ଆହୁରି ଶୀତ ହେବ ଭାବି ସେମାନେ ଆଉ ଡଙ୍ଗାରେ ଗଲେନ ।

ଏବେ ଜଗନ୍ନାଥ ଶୁଭ୍ରାର ଡାକ ଶୁଣିଥିଲେ । ବର୍ଷା ପୂରା ଛାଡିଯାଇଥିଲା । ଆକାଶରେ ବାଦଲ ଥିଲା ଓ ବେଳେବେଳେ ବାଦଲ ହଟି ସୂର୍ଯ୍ୟ ରଶ୍ମି ଭୂମିକୁ ଛୁଇଁ ଯାଉଥିଲା । ଏମିତି ସବୁକଥାରେ ଜଗନ୍ନାଥଙ୍କୁ ଡାକେ ବୋଲି ସୁବ୍ରତ ବହୁତ ଥଟ୍ଟା କରନ୍ତି । "ଜଗନ୍ନାଥ ଯେମିତି କେବଳ ତୋ ପାଇଁ ରହିଛନ୍ତି । ଆରେ ତାଙ୍କୁ ତ ହଜାର ହଜାର ଭକ୍ତ ଡାକୁଛନ୍ତି, ସିଏ କଣ ଫାଙ୍କା ଅଛନ୍ତି ଯେ, ତୋ ଡାକ ଶୁଣି ହଠାତ୍ ସବୁ କାମଧନ୍ଦା ଛାଡି, ସବୁ ଭକ୍ତଙ୍କୁ ପଛରେ

ପକେଇ ତୋ ପାଖକୁ ଦଉଡି ଆସିବେ ? ତାପରେ ଏମିତି ଛୋଟଛୋଟ କଥାରେ ଜଗନ୍ନାଥଙ୍କୁ ଡାକ ତାଙ୍କୁ ହଇରାଣ କଲେ, ସିଏ ବଡ କଥା ବେଳକୁ ମିଛୁଆ ଗାଈଆଳ ପିଲା ଭଳି ଅବସ୍ଥା କରେଇବେ ।" ହେଲେ ଶୁଭ୍ରାର ଅନେକ ବିଶ୍ୱାସ । ସିଏ ଜଗନ୍ନାଥଙ୍କୁ ଯେ କୌଣସି କଥାରେ ମନଦେଇ ଡାକଲେ, ତାକୁ କେମିତି ଇଙ୍ଗିତ ମିଳେ । କେଉଁ ଡାକ ସିଏ ଶୁଣିବେ, କେଉଁ ଡାକ ନ ଶୁଣିବେ, ଜଣା ପଡିଯାଏ । ଆଜି ବି ଲାଗୁଥିଲା, ରିଗାରେ ପହଞ୍ଚିବା ବେଳକୁ ବର୍ଷା ଛାଡିଯିବ ଆଉ ସତକୁ ସତ ସେଇଆ ହିଁ ହେଲା ।

ସେମିତି ଦୁଇଟି କଥା ମନେ ପଡିଲା ଶୁଭ୍ରାର । ଗତବର୍ଷ କ୍ରିଷ୍ଟମାସ୍ ସମୟରେ ଘରେ ସମସ୍ତେ ଭର୍ତ୍ତି । ଦୁଇଟି ପୁତୁରା ଓ ପୁତୁରାବୋହୂ, ଦୁଇଟି ଝିଆରୀ ଓ ସେମାନଙ୍କ ପରିବାର, ବଡପୁଅ ଓ ଦୁଇ ଝିଅ, ସମସ୍ତେ । ଘରେ ଯେଷେଇବାସ ହୋଇ ମେଞ୍ଚାଏ ବାସନ ସିଙ୍କ୍ ରେ ପଡିଛି । ସମସ୍ତେ ଡିନର୍ ଖାଉଛନ୍ତି ଓ ଗପୁଛନ୍ତି । ସାନଝିଅ ରେଷ୍ଟ ରୁମ୍ ଗଲା ଓ ଆସି ଜଣେଇଲା, ପାଣି ଆସୁନ । "ପାଣି ଆସୁନ ?" ସମସ୍ତେ ଚମକପଡିଲେ । ସୁବ୍ରତ ଯାଇ ତଳେ ପାଣି ପମ୍ପ ଚେକ୍ କଲେ । ସତକୁ ସତ ପମ୍ପ୍ ଗୋଟିଏ ଖରାପ ଥିଲା । ଏବେ କଣ କରାଯିବ । ସମସ୍ତଙ୍କର ଭାଳେଣି ପଡିଲା । ଘରେ ଏତେ ଗୁଡିଏ ଲୋକ । ଅନ୍ତତଃ ସମସ୍ତେ ତ ଟଏଲେଟ୍ ଯିବେ ? ସୁବ୍ରତ ସମସ୍ତଙ୍କୁ କହିଲେ, "ଆଜି ରାତିଟା ସମସ୍ତେ ଚଳେଇ ନଅ । କାଲି ଆମେ ସକାଳେ ଟଏଲେଟ୍ ପାଇଁ ପୋଖରୀରୁ ପାଣି ଆଣି ଟାଙ୍କିରେ ଭର୍ତ୍ତି କରିଦେବା । ଆଉ ଦାନ୍ତଘଷା ଇତ୍ୟାଦି ସବୁ ବୋତଲ ପାଣିରେ କରିଦେବା । ସକାଳେ ନହେଲେ ଷ୍ଟୋର୍ ଯାଇ ସେଠିକାର ରେଷ୍ଟ ରୁମ୍ ରେ ନିଜର ନିତ୍ୟକର୍ମ ସାରିବା।" ଶୁଭ୍ରା ବିଚଳିତ ହୋଇପଡିଲା ଓ ଅଭ୍ୟାସ ମୁତାବକ ଜଗନ୍ନାଥଙ୍କୁ ଡାକିଲା । "ଏମିତି ବେଳାରେ ଏମିତି ଖେଳ କାହିଁକି ଖେଳିଲ ପ୍ରଭୁ ? କାଲି ସକାଳେ ହେଲେ ଖେଳିଥାନ୍ତ । ଏ ରାତିଟାରେ ଏତେ ଲୋକଗହଳି ସମୟରେ ତମର ଏମିତି ଖେଳିବାକୁ ମନହେଲା ? କିଛି କର ପ୍ରଭୁ । ପାଣି ଆସୁ ।" ହେଲେ ଜଗନ୍ନାଥ ଶୁଣିଲେନି । ସେ ରାତିରେ ସମସ୍ତେ ନିଜକୁ ନିୟନ୍ତ୍ରଣରେ ରଖିଲେ । ବୋତଲ ପାଣିରେ ପରଦିନ ଦାନ୍ତ ଘଷିଲେ ଓ ଜାମ ଲଗା ପାଉଁରୁଟି ଖାଇ ସମସ୍ତେ ସକାଳୁ ବାହାରକୁ ବାହାରିଗଲେ । ଅପରାହ୍ନରେ ଜଣେ ମେକାନିକ୍ ଆସିଲା ଓ ନୂଆ ପମ୍ପ୍ ଆଣି ଖଞ୍ଜିଲା । ତାପରେ ପାଣି ଆସିଲା । ଯେମିତି ପରିବାରର ସମସ୍ତେ ଜୀବନ ପାଇଲେ । ସକାଳୁ କେହି ଭଲରେ ଗାଧୋଇ ନଥିଲେ କି ଧୁଆଧୁଇ ବି ହୋଇନଥିଲେ । ସୁବ୍ରତ ଥଟ୍ଟା କରିଥିଲେ, "ଏବେ ସେ ମେକାନିକ୍କୁ ଜଗନ୍ନାଥ ଭାବି ମୁଣ୍ଡିଆଟିଏ ମାରେ । ସିଏ ହିଁ ତ ପାଣି ଅଣେଇଦେଲା ।"

ହେଲେ ଶୁଭ୍ରା ସେ ଥଟ୍ଟାକୁ ଅନ୍ୟଅର୍ଥରେ ନେଲା । ସେ ମେକାନିକ୍‌ର ଯୋଗାଯୋଗ କଏ କଲେ ? ସେଇ ଜଗନ୍ନାଥ ନା!

ଆଉ ଗୋଟିଏ ଘଟଣାରେ ଶୁଭ୍ରା ଜଗନ୍ନାଥଙ୍କୁ ଡାକଥିଲା ଓ ଠିକରେ ଜଗନ୍ନାଥ ଶୁଣି ବ୍ୟବସ୍ଥା କରିଦେଇଥିଲେ । ସେତେବେଳେ ବଡଝିଅ ପିଟ୍‌ସ୍‌ବର୍ଗରେ ପଢୁଥିଲା । ଥ୍ୟାଙ୍କସ୍ ଗିଭିଙ୍ଗ୍ ଛୁଟିରେ ଝିଅକୁ ଆଣିବାକୁ ସେମାନେ ପିଟ୍‌ସ୍‌ବର୍ଗ ଯାଉଥିଲେ । ମେରୀଲାଣ୍ଡରୁ ପିଟ୍‌ସ୍‌ବର୍ଗ ଯିବାକୁ ପାହାଡିଆ ରାସ୍ତା ଅତିକ୍ରମ କରିବାକୁ ପଡେ । ଯିବାବେଳକୁ ସେଦିନ ସେ ପାହାଡ ପାଖ ରାସ୍ତାରେ ଏତେ ବରଫ ପଡିଲା ଯେ, ଝିଅକୁ ଧରି ଫେରିପାରିବେ ବୋଲି ସେମାନେ ଭାବି ପାରିଲେନ । ଏଣେ ସାନଝିଅଟି ଏକା ଘରେ ଥାଏ । କଣ କରିବେ, କଣ କରିବେ ଭାବି ଶୁଭ୍ରା ଜଗନ୍ନାଥଙ୍କୁ ଡାକଡାକ ଗଲା । ଆଉ ଫେରିବା ବେଳକୁ ବରଫପଡିବା ବନ୍ଦ ହୋଇଯାଇଥିଲା । ରାସ୍ତାରେ ଲୁଣ ପକେଇ ରାଜ୍ୟର କର୍ମଚାରୀମାନେ ରାସ୍ତା ସଫା କରିଦେଇଥିଲେ । ସେମାନେ ଭଲରେ ଭଲରେ ଘରକୁ ଫେରିଥିଲେ ।

ଶୁଭ୍ରାର ସେଇଭଳି ଅନୁଭବ ଆଜି ମଧ୍ଯ ଥିଲା । ବିଶ୍ୱାସ ବି ଥିଲା । ନିଶ୍ଚୟ ରିଗାରେ ପହଞ୍ଚିବାବେଳକୁ ବର୍ଷା ଛାଡିଯାଇଥିବ । ସତକୁ ସତ ସେଇଆ ହିଁ ହେଲା । ଶୁଭ୍ରାର ଖୁସିକୁ ଦେଖେ କଏ ? ଏବେ ବୁଲାବୁଲି ଠିକ୍ ହେବ ।

ଅପେରା ହାଉସ୍‌ରୁ ଚାଲିଚାଲି ସେମାନେ ପହଞ୍ଚିଲେ ଫ୍ରିଡମ୍ ମୋନୁମେଣ୍ଟରେ । ସେଠି ବି ଅନେକ ଭାରତୀୟଙ୍କୁ ଦେଖିଲେ ସେମାନେ । ହୁଏତ ଛାତ୍ରଛାତ୍ରୀ ହୋଇଥିବେ; ସେମାନେ ବୟସରେ ଅନେକଟା କମ୍ ଲାଗୁଥିଲେ । ସେ ମୋନୁମେଣ୍ଟ ପାଖରେ ଅନେକ ଫଟୋ ଉଠାଇ ସେମାନେ ପରବର୍ତ୍ତୀ ଦର୍ଶନୀୟ ସ୍ଥାନ କଣ ଦେଖିବା ପାଇଁ ମାନଚିତ୍ର ଯାଞ୍ଚ କଲେ। ତାପରେ ମାନଚିତ୍ର ଦେଖିଦେଖି ରିଗା କାସ୍‌ଲ୍ ଆଡେ ଚାଲିଲେ । ବେଳେବେଳେ ଚାଲୁଥିବା ଲୋକମାନଙ୍କୁ ପଚାରି ଦେଉଥିଲେ ଓ ସେମାନେ ମଧ୍ଯ ରାସ୍ତା ବତାଇ ଦେଉଥିଲେ । ଏମିତି ଚାଲିଚାଲି ସେମାନେ ଡାଉଗାଭା ନଦୀ କୂଳରେ ପହଞ୍ଚିଗଲେ । ସେତେବେଳେ ନଦୀ କୂଳରେ ମାରାଥନ୍ ଚାଲିଥାଏ । ହଜାର ହଜାର ଲୋକ ମାରାଥନରେ ଦୌଡୁଥାନ୍ତି; ଗୀତ ଓ ବାଦ୍ୟର ଶବ୍ଦରେ ସେ ସ୍ଥାନ ଝଙ୍କୃତ ହେଉଥାଏ । ଲାଟ୍‌ଭିଆ ଦେଶର ଏକଶତ ବର୍ଷର ସ୍ୱାଧୀନତା ପାଳିତ ହେଉଥାଏ ।

ସମୁଦ୍ର କୂଳରେ ପବନ ବାଜି ଆହୁରି ଶୀତ ହେଲା । ତେଣୁ ସୁବ୍ରତ ଓ ଶୁଭ୍ରା ସମୁଦ୍ର କୂଳରୁ ଫେରି ଡାଉନ୍‌ଟାଉନ୍ ଦିଗରେ ଗ୍ଲିଲେ । ଗ୍ଲୁଗ୍ଲୁ ସେମାନେ ଟାଉନ୍ ସ୍କୋୟାରରେ ପହଞ୍ଚିଗଲେ । ବଡ ସୁନ୍ଦର ସେ ଟାଉନ୍ ସ୍କୋୟାର୍ । ସେଠି ଅନେକ ଗହଳ ଥାଏ । ସେ ସ୍ଥାନରେ "ଦି ହାଉସ୍ ଓଫ୍ ଦି ବ୍ଲାକ୍ ହେଡ୍‌ସ୍" କୋଠାଟି ଅତି ସୁନ୍ଦର ଡିଜାଇନ୍‌ର ଓ ଦେଖାଣିଆ ହୋଇଥାଏ । ତାର ସାମନାରେ ଥାଏ ଟାଉନ୍ ହଲ୍ ବିଲ୍‌ଡିଙ୍ଗ୍ । ସେ ଦୁଇଟି ବିଲଡିଙ୍ଗର ମଝିରେ ଥାଏ ରୋଲାଣ୍ଡ ମୂର୍ତ୍ତି । "ଦି ହାଉସ୍ ଓଫ୍ ଦି ବ୍ଲାକ୍ ହେଡସ୍" ଭିତରକୁ ଯାଇ ଟୁର୍ ବିଷୟରେ ବୁଝିଲେ । ହେଲେ ଟୁର୍‌ର ସମୟ ଓ ଟିକେଟ୍‌ର ମୂଲ୍ୟ ଯାଞ୍ଚ କରିସାରିବା ପରେ, ଆଉ ଟୁରରେ ଯିବାକୁ ମନ ବଳେଇଲେନ । ସେତେବେଳକୁ ସାଢେ ଗୋଟିଏ ବାଜିଲାଣି । ସକାଳୁ କଛି ଠିକରେ ପେଟରେ ପଡିନ । ଯାହା ମିକ୍ସର୍, ବିସ୍କୁଟ୍ ଖାଇଥିଲେ, ସେସବୁ ହଜମ ହୋଇସାରିଥିଲା । ସୁବ୍ରତ ବ୍ୟସ୍ତ ହେଲେ । "ଗ୍ଲେ କୋଉଠି ଗୋଟିଏ ରେଷ୍ଟୁରାଣ୍ଟ ଦେଖି କଛି ଖାଇନେବା ।" ଶୁଭ୍ରା ମନେମନେ ଜଗନ୍ନାଥଙ୍କୁ ଡାକଲା, "ଏମିତି ଗ୍ଲୁଗ୍ଲୁ, ବୁଲୁବୁଲୁ ଭାରତୀୟ ଭୋଜନାଳୟଟିଏ ବାଟରେ ପଡନ୍ତାନ ?"

ଓଲ୍‌ଡ୍ ଟାଉନ୍‌ର ସମସ୍ତ କୋଠା ସୁନ୍ଦର ଡିଜାଇନ୍‌ର ଥାଏ । ସେସବୁ ଦେଖିଦେଖି ଗ୍ଲୁଗ୍ଲୁ ସେମାନେ ସେଣ୍ଟ ପିଟର୍‌ସ୍ ଚର୍ଚ୍ଚ ପାଖରେ ପହଞ୍ଚିଲେ । ସେ ଚର୍ଚ୍ଚଟି ରିଗାର ପ୍ରସିଦ୍ଧ ଚର୍ଚ୍ଚ । ଚର୍ଚ୍ଚ ଭିତରକୁ ଯାଇ ବୁଝିଲେ ଯେ ଉପରର ଅବଜରଭେସନ୍ ଟୁର୍ ପାଇଁ ଆହୁରି କୋଡିଏ ମିନଟ୍ ଅପେକ୍ଷା କରିବାକୁ ପଡିବ । ସେମାନଙ୍କ ସାମନାରେ ଅନେକ ଯାତ୍ରୀ ଟୁର୍ ଯିବାପାଇଁ ଅପେକ୍ଷା କରିଥିଲେ ଓ ଲାଇନରେ ଠିଆ ହୋଇଥିଲେ । ସୁବ୍ରତ ହିସାବ କଲେ ଯେ, ସେମାନଙ୍କୁ ପରବର୍ତ୍ତୀ ଟୁରରେ ଯିବାକୁ ମିଳବନ ଓ ତା' ପରର ଟୁର୍ ପାଇଁ ପୁଣି ଅଧିକ କୋଡିଏ ମିନଟ୍ ଅପେକ୍ଷା କରିବାକୁ ପଡିବ । ତେଣୁ ଆଉ ଅବଜରଭେସନ୍ ଟାଓ୍ୱାର୍‌କୁ ନ ଯାଇ ସେମାନେ ଚର୍ଚ୍ଚ ବାହାରକୁ ଆସିଲେ ।

ହଠାତ୍ ଡାହାଣ ଆଡକୁ ଗ୍ହିଁଦେବା ବେଳକୁ "ଇଣ୍ଡିଆନ୍ ରାଜା ରେଷ୍ଟୁରାଣ୍ଟ" ଆଖିରେ ପଡିଲା। ଶୁଭ୍ରାର ଆନନ୍ଦର ସୀମା ରହିଲାନ । "ଗ୍ଲ, ଏଇଠି ଲଞ୍ଚ୍ ଖାଇନେବା ।" - ଶୁଭ୍ରା କହିଲା ।

"ହେଲେ, ସେ ରେଷ୍ଟୁରାଣ୍ଟରେ ହୁଏତ ଅନେକ ସମୟ ଅପେକ୍ଷା କରିବାକୁ ପଡିପାରେ ?"

"ଅପେକ୍ଷା କରିବାକୁ ପଡିଲେ ପଡିବ । ଅନ୍ତତଃ ଆମ ପେଟ ତ ଶାନ୍ତ ହୋଇଯିବ ନା । ନହେଲେ ଏଠୁ ଫେରିବା ବେଳକୁ ତ ଟାଲିନରେ ରାତି ୧୧ଟା ବାଜିଯିବ । କଛି ଖାଇପାରିବାନ । "

ସୁବ୍ରତ ରାଜିହେଲେ । ସେତେବେଳକୁ ସେମାନେ ରିଗାର ଅନେକ ଲ୍ୟାଣ୍ଡମାର୍କସ୍ ସ୍ଥାନ ଦେଖି ସାରିଲେଣି । ତେଣୁ ଖାଇବା ପାଇଁ କଛି ସମୟ ବିତେଇଦେଲେ କଛି ସେମିତି ହରେଇ ଦେବେନ । ଏମିତି ଭାବି ସେମାନେ ରେଷ୍ଟୁରାଣ୍ଟରେ ପଶିଲେ । ରେଷ୍ଟୁରାଣ୍ଟରେ ଭିଡ । ଅନେକ ଭାରତୀୟ ଓ ଅନ୍ୟ ପରିଦର୍ଶକ ମାନେ ଆରାମରେ ବସି ଖାଉଥିଲେ ଓ କଥାବାର୍ତ୍ତା କରୁଥିଲେ । ଭାଗ୍ୟକୁ ଗୋଟିଏ ଦୁଇଜଣିଆ ଟେବୁଲ୍ ଖାଲି ହେଲା ଓ ସୁବ୍ରତ ଓ ଶୁଭ୍ରାଙ୍କୁ ରେଷ୍ଟୁରାଣ୍ଟର ଆସିଷ୍ଟାଣ୍ଟ ଆଣି ସେଇ ଟେବୁଲରେ ବସେଇଲା । ମେନୁ ଦେଖି ସେମାନେ ଗୋଟିଏ ଆମ୍ବଲସି, ଗୋଟିଏ ଦହିଲସି ମଗେଇଲେ ଓ ଲଞ୍ଚ୍ ପାଇଁ ଫୁଲକୋବି ତରକାରୀ ଓ ମିଶାମିଶି ପରିବା ତରକାରୀ ସହିତ ଭାତ ଓ ରୁଟି ମଗେଇଲେ । ପ୍ରାୟ କୋଡିଏ ମିନଟ୍ ଭିତରେ ସେମାନଙ୍କ ଖାଦ୍ୟ ଆସିଗଲା । ଭୋକରେ ହନ୍ତସନ୍ତ ହୋଇ ଅପେକ୍ଷା କରିଥିବା ପେଟ ଏବେ ସୁସ୍ୱାଦୁ ଭୋଜନ ପାଇ ପରିତୃପ୍ତ ହେଲା । ମନରେ ଭରିଗଲା ଜୋଶ, ଶରୀରରେ ଭରିଗଲା ଫୂର୍ତ୍ତି । ସେମାନେ ଖାଉଖାଉ ପରବର୍ତ୍ତୀ ଦର୍ଶନୀୟ ସ୍ଥାନ ମାନଙ୍କ ବିଷୟରେ କଥା ହେଲେ ଓ କେଉଁବାଟେ ବୁଲିବୁଲି ଯିବେ, ସେ ବିଷୟ ମାନଚତ୍ର ଦେଖି ଠିକ୍ କରିନେଲେ ।

ଖାଇସାରି ସେମାନେ ଚର୍ଚ୍ଚର ପଛପଟ ରାସ୍ତାରେ ଫେରିବାକୁ ବାହାରିଛନ୍ତି ତ, ସେଠି କେତେକ ଖୋଲା ଦୋକାନ ସବୁ ପଡିଥିବାର ଦେଖିଲେ । ଲାଟ୍‌ଭିଆର ହସ୍ତକର୍ମ ଜିନଷ ସବୁ ବିକ୍ରି ହେଉଥାଏ । ତେବେ ଭାରତର ହସ୍ତକର୍ମ ଜିନଷ ସହିତ ତୁଳନା କରି ସେମାନେ କଛି ସେମିତି ସ୍ୱତନ୍ତ୍ରତା ଦେଖିଲେନ, ତେଣୁ କଣିଲେନ । ଏହି ସମୟରେ ହଠାତ୍ ଅନ୍ଧାର ଘୋଟିଗଲା ଓ ବର୍ଷା ପଡିବା ଆରମ୍ଭହେଲା । ସୁବ୍ରତ ତାଙ୍କ ବ୍ୟାଗ୍‌ପ୍ୟାକ୍‌ରୁ ଛତା ବାହାରକଲେ ଓ ସେମାନେ ବର୍ଷାରୁ ରକ୍ଷା ପାଇବା ପାଇଁ ଗୋଟିଏ ଦୋକାନ ସାମନାରେ କଛି ସମୟ ଠିଆ ହୋଇ ଅପେକ୍ଷା କରି ରହିଲେ । ପୁଣି ୫- ୭ ମିନଟ୍ ପରେ ବର୍ଷା ଛାଡିଗଲା ଓ ଆକାଶରେ ସୂର୍ଯ୍ୟ ଦେଖାଦେଲେ । ଏବେ ସେମାନେ ବସ୍ ନମ୍ବର ୫ରେ ବସି ରିଗାର ଅନ୍ୟ ପଟକୁ ଗଲେ । ସେଠି କଛି କାରଣ ପାଇଁ ଟ୍ରାଫିକ୍ ଜାମ୍ । ଅଗତ୍ୟା ରାସ୍ତା ମଝିରେ ଓହ୍ଲାଇ ସେମାନେ ପୁଣି ସେଇ ବସ୍ ନମ୍ବର ୫ରେ ଚଢି ଅନ୍ୟଦିଗରେ ଆସିଲେ ଓ ବସ୍

ଷ୍ଟେସନ୍ ପାଖରେ ପହଞ୍ଚିଲେ । ବସ୍ ଷ୍ଟେସନ୍‌ରୁ ପୋଲରେ ଗ୍ଲୁଲି କେନାଲର ଅନ୍ୟ ପଟରେ ଥିବା ସେଣ୍ଟ୍ରାଲ୍ ମାର୍କେଟ୍‌କୁ ଗଲେ । ରିଗାର ସେଣ୍ଟ୍ରାଲ୍ ମାର୍କେଟ୍ ୟୁରୋପ୍‌ର ସର୍ବ ବୃହତ୍ ମାର୍କେଟ୍ । ସେଠି ସବୁ ବଡ ବଡ କୋଠା ଭିତରେ ମଲ୍ ଭଳି ବିଭିନ୍ନ ଦୋକାନ ଖୁନ୍ଦି ହୋଇ ରହିଥାଏ । ହଜାର ହଜାର ଲୋକ ଚଳପ୍ରଚଳ ହେଉଥାନ୍ତି । ଏମିତି ସବୁ ଦୋକାନ ବୁଲିବୁଲି ସେମାନେ କଛି ଏଣୁତେଣୁ ଜିନଷ ଯଥା କାଠର କର୍ଚୁଲି, କାଠର ଗୋଟିଏ ମାଲସ ହେବା ଜିନଷ ଇତ୍ୟାଦି କଣିଲେ । ଶୁଭ୍ରା ଗ୍ଲୁହୁଁଥିଲା କଛି ବିଶେଷ ପୋଷାକ କଣିଥାନ୍ତା; ହେଲେ ସେମିତି କଛି ଦେଖିବାକୁ ମିଳଲାନ । ସେଠି ବାହାରେ ପଡିଥିବା ଦୋକାନରୁ ସେମାନେ ଫେରିବା ବାଟରେ ଖାଇବା ପାଇଁ କଛି କଦଳୀ ଓ ଅଙ୍ଗୁର କଣିଲେ । କାରଣ, ରାସ୍ତା ଭୋଜନର କଛି ସୁଯୋଗ ହିଁ ନଥିବ ।

ସେତେବେଳକୁ ପାଞ୍ଚଟା ବାଜିଥିଲା । ବସ୍ ଫେରିବାକୁ ଆହୁରି ଦୁଇଘଣ୍ଟା । ଦୂରରୁ ଗୋଟିଏ ସୁନ୍ଦର କୋଠାଟିଏ ଦୃଷ୍ଟିଗୋଚର ହେଲା । ସେମାନେ ସେଇ କୋଠାକୁ ଦେଖିଦେଖି ରାସ୍ତା ଅନୁସରଣ କଲେ ଓ ଶେଷରେ ସେ କୋଠା ପାଖରେ ପହଞ୍ଚିଲେ । ସେ କୋଠାଟି "ପାନାରୋମା ରିଗା" କୋଠା ଥିଲା । ଭିତରେ ପଶି କାଉଣ୍ଟରରେ ପଗ୍ଲରିଲେ । ଉପରକୁ ଯିବାକୁ ଜଣକା ପିଛା ସେମାନେ ୫ ୟୁରୋ ନେଉଥିଲେ । ଉପରକୁ ଗଲେ ସାରା ରିଗାକୁ ଦେଖିହେବ ବୋଲି କାଉଣ୍ଟରରେ ଥିବା ବ୍ୟକ୍ତି ଜଣକ କହିଲେ । ଏଣୁ ସୁବ୍ରତ ଦୁଇଟି ଟିକେଟ୍ କଣିଲେ । ସେମାନେ ଏଲିଭେଟରରେ ୧୭ ମହଲା ପର୍ଯ୍ୟନ୍ତ ଗଲେ । ସେଠାରୁ ଆଉ ଗ୍ଲରିଟି ମହଲା ପାହାଚରେ ଚଢି ଶେଷ ମହଲାରେ ପହଞ୍ଚିଲେ । ସତରେ ଅତି ସୁନ୍ଦର ସେ ସ୍ଥାନ । ସେଠାରୁ ସାରା ରିଗା ସହରକୁ ଦେଖି ହେଉଥିଲା । ହେଲେ ସେଠି ଏତେ ପବନ ହେଉଥିଲା ଯେ ନଜକୁ ଉଡିଯିବା ଭଳି ଲାଗୁଥିଲା । ଭଲରେ ଫଟୋ ବି ଉଠେଇ ହେଲାନ ଯେହେତୁ ପୋଷାକ ଓ କେଶ ପବନରେ ଉଡି ଅସଂଜତ ହୋଇଯାଉଥିଲେ । ହେଲେ ସାରା ରିଗା ସହରକୁ ସବୁ କୋଣରୁ ଦେଖି ମନ ତୃପ୍ତ ହୋଇଗଲା ।

ଏବେ ଘଣ୍ଟାରେ ୬ଟା ବାଜିଗଲା । ସୁବ୍ରତ ଓ ଶୁଭ୍ରା ତଳକୁ ଆସିଲେ ଏବଂ ସେଠାରୁ ଗ୍ଲୁଲିଗ୍ଲୁଲି ପୁଣି ବସ୍ ଷ୍ଟାଣ୍ଡକୁ ଆସିଲେ । ବସ୍ ଷ୍ଟାଣ୍ଡ ପାଖରେ ଥିବା ଓଲ୍ଡ ଟାଉନରେ ଅଧଘଣ୍ଟାଏ ବୁଲାବୁଲି କଲେ ଓ ସୋଭନର୍ ଦୋକାନରୁ ସ୍ମୃତିରକ୍ଷା ପାଇଁ କଛି କଣାକଣି କରି ଫେରିଆସିଲେ । ପ୍ରକୃତରେ ସୁବ୍ରତଙ୍କୁ ଭୋକ ଲାଗୁଥିଲା ଓ ସିଏ ସବ୍‌ୱେ ଭଳି ଦୋକାନ ଖୋଜୁଥିଲେ । ହେଲେ କୌଣସି ସବ୍‌ୱେ ଦୋକାନ ଦୃଷ୍ଟିରେ ପଡିଲାନ । ତେଣୁ ସେମାନେ

ବସ୍‌ଷ୍ଟାଣ୍ଡକୁ ଫେରିଆସିଲେ । ସନ୍ଧ୍ୟା ସାତଟା ବେଳକୁ ବସ୍ ରିଗା ଛାଡି ଟାଲିନ୍ ଅଭିମୁଖେ ଯାତ୍ରା କଲା । ସେମାନେ ଏତେ କ୍ଳାନ୍ତ ହୋଇପଡିଥିଲେ ଯେ, ବସ୍ ଭିତରେ ସିଟରେ ବସୁବସୁ ନିଘୋଡ ନିଦରେ ଶୋଇପଡିଲେ । ଟାଲିନରେ ବସ୍ ରାତି ଏଗାରଟା ୩୦ ବେଳକୁ ପହଞ୍ଚିଲା । ଟାଲିନରେ କିନ୍ତୁ ଝିପିଝିପି ବର୍ଷା ହେଉଥିଲା । ବସ୍‌ରୁ ଓହ୍ଲାଇ ୩ ମିନଟ୍‌ର ବାଟ ଚାଲି ସେମାନେ ଆସି ଟ୍ରାମ୍ ନମ୍ବର୍ ୪ କୁ ଅପେକ୍ଷା କଲେ । ଟ୍ରାମ୍ ୩ ମିନଟ୍ ଭିତରେ ପହଞ୍ଚିଲା ଓ ହୋବୁୟାମା ଷ୍ଟେସନରେ ଆସି ୧୧ଟା ୪୦ ବେଳକୁ ପହଞ୍ଚିଗଲା । ସେଇଠୁ ପାର୍କ- ଇନ୍ ହୋଟେଲ୍‌କୁ ଆସି ସେମାନେ ଆସନ୍ତା କାଲିର ଆମେରିକା ଫେରନ୍ତା ଯାତ୍ରା ପାଇଁ ଲଗେଜ୍ ପ୍ୟାକ୍ କଲେ । ରାତି ଚାରିଟାରେ ଆଲାର୍ମ୍ କ୍ଳକ୍ ସେଟ୍ କରି ସେମାନେ ଶୋଇବାକୁ ଗଲେ ।

ବିଛଣାରେ ପଡୁପଡୁ ସୁବ୍ରତ ନିଘୋଡ ନିଦରେ ଶୋଇପଡିଲେ । ହେଲେ ଶୁଭ୍ରାକୁ ନିଦ ହେଲାନି । ସିଏ ଆଜିର ଦୁଃସାହସ ପଦକ୍ଷେପକୁ ମନେ ପକାଉଥିଲା । ଏତେ ସୁନ୍ଦର ସହର ରିଗା, ହେଲେ ସେ ବିଷୟରେ ଏହା ପୂର୍ବରୁ ସେ କିଛି ବି ଶୁଣିନଥିଲା । ସମସ୍ତେ ୟୁରୋପ୍‌ର ସହର ମାନଙ୍କ ଭିତରେ ଲଣ୍ଡନ୍, ପ୍ୟାରିସ୍, ଆମ୍‌ଷ୍ଟର୍‌ଡାମ୍, ଜେନଭା, ରୋମ୍, ଏଥେନ୍‌ସ୍ ଫ୍ରାଙ୍କଫୋର୍ଟ ଇତ୍ୟାଦି ବିଷୟରେ କୁହନ୍ତି; ହେଲେ ଏ ବାଲ୍‌ଟିକ୍ ଦେଶ ଗୁଡିକରେ ଯେ ଏତେ ଇତିହାସ ଓ ସୌନ୍ଦର୍ଯ୍ୟ ଭରିରହିଛି, ସେ ବିଷୟରେ ସେମାନେ ଏଭଳି ଦୁଃସାହସ କରିବାରୁ ହିଁ ଜାଣିଲେ । ସେଥିପାଇଁ ଶୁଭ୍ରା ଜଗନ୍ନାଥଙ୍କୁ ଧନ୍ୟବାଦ ଦେଉଥିଲା । ଜଗନ୍ନାଥ ସିନା ଦୟାକଲେ ବୋଲି ରିଗାରେ ବର୍ଷା ଛାଡିଗଲା, "ଇଣ୍ଡିଆନ୍ ରାଜା" ରେଷ୍ଟୁରାଣ୍ଟ ମିଳିଗଲା ଓ ସେମାନେ ଭଲରେ ଯାଇ ଭଲରେ ଫେରିଆସିଲେ । ରିଗା ଭ୍ରମଣ ଜୀବନର ଏକ ସୁନ୍ଦର ସ୍ମୃତି ହୋଇ ରହିଲା । ସେଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଶୁଭ୍ରା ଶୋଇପଡିଲା ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଈଶ୍ୱର ସବୁଠି ଅଛନ୍ତି



ଶଶଧର ମହାପାତ୍ର

ତୁମକୁ ଗ୍ୱହିଁଲେ ଲ୍ଗୁଥାଏ ପ୍ରଭୁ
ଦେଉଛ ଅଳପ ହସି
ଯେଉଁ ଦିଗୁ ଗ୍ୱହିଁ ତୁମେ ଚକାଡୋଳା
ସେ' ଦିଗେ ଗ୍ୱହିଁଛି ବସି

ବୁଡି ଯାଇଅଛି ପ୍ରେମ ସାଗରରେ
ତୁମ ମୁହଁ ଗ୍ୱହିଁଗ୍ୱହିଁ
ହାତ ନଧରିଲେ ପାଣି ପିଇପିଇ
ତଳେ ଲ୍ଗିଯିବି ମୁହିଁ

ଭଲପାଏ ବୋଲି ପଡିଗଲି ଦିନେ
ତୁମରି ପ୍ରେମର ଜାଲେ
କଏ ଉଠାଇବ କୁହ ଚକାଡୋଳା?
ଆଣ୍ଠୁଗଣ୍ଠି ଭ୍ଙ୍ଗିଗଲେ

ଜୀବ ଯଦି ଯାଏ ତୁମ ମୁହଁ ଗ୍ୱହିଁ
ସେଥିରେ ଆପତ୍ତି ନାହିଁ
ଏ' ଘଟରୁ ନେଇ ଆଉ ଏକ ଘଟରେ
ସ୍ଥାନ ଆଦୌ ଦିଅ ନାହିଁ

ଶୁଣୁଛି ତୁମର ଗୁଣ ଓ ଗାରିମା
ବାଟରେ, ଘାଟରେ କେତେ
ନାକରେ, କାନରେ ପୁର୍‌ଉଛ ପାଣି
କୁହନ୍ତି ଯାହାକୁ ଯେତେ

ତୁମ ସଙ୍ଗେ ମୋର ପହିଲି ପ୍ରେମଟା
ଲାଗିଥିଲା ସତେ ଭଲ
ଯେବେ କହିଦେଲି ତୁମେ ଦଗାଦିଆ
ଗହୁଁଥିଲ ବଲବଲ

କାହାକୁ ଦେଉଛ ସାହା, ଭରସା
ଯିଏ ଲୋଡେ ଆଶା ବାଡି
କାହାକୁ ମାରୁଛ ନଖ ଓ ଦାନ୍ତରେ
ନିଜ ଜଂଘେ ଦେଇ ଫାଡି

ନୁହେଁ ମୁଁ ରାଜା ନୁହେଁ ବଳବାନ
ସାଧାରଣ ମଣିଷଟେ
ଟିକେ ଠେଲିଦେଲେ ତଳେ ପଡିଯାଇ
ପ୍ରାଣ ଯିବ ଅଧା ବାଟେ

ହୃଦର ସ୍ପନ୍ଦନ କମି ଆସିଲାଣି
ଦେହରୁ ଗଲାଣି ବଳ
ଗଲୁଗଲୁ ଗୋଡ ପଡେ ଏଠିସେଠି
ଆଖି ଦିଶେ ଜଳଜଳ

ହାତ ଥରିଲାଣି, କାନକୁ ଶୁଭୁନି
ପାଟିକୁ ରୁଚୁନି ଆଉ
ହେ ବଡ ଠାକୁର ଥରେ ଦୟାକର
ଧୀରେ ଧୀରେ ଜୀବ ଯାଉ

ହିଡେନ୍ ଭଲି ଲେନ୍, ସିଲଭର୍ ସ୍ପିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ତୋ ପାଇଁ...



ସ୍ମିତା ତ୍ରିପାଠୀ

ତୋତେ ଦେଖିଲା ପରେ, ମନ କେଇତି ହୋଇଯାଏ
ସପନ ରେ ରାଜା ଆସିଲା ପରି ଏ ମନ ସତେ କ ଖୋଜିହୁଏ ॥
ତତେ ଦେଖିଲା ପରେ ଜୀବନ ଟା କାଇଁକି ଅଲଗା ବାସେ,
ମୋ ମନ ତ ନାଇଁ ତୋ ବିନୁ କଛି ଆଶେ ॥
ତତେ ମୁଁ ଖୋଜି ହୁଏ ସହରର ରାଜରାସ୍ତେ
କେବେ ବି ଫେରିନ ନରାଶ ମନେ ଆସ୍ତେ ଆସ୍ତେ ॥
ତତେ ମୁଁ ସାଇତି ଦିଏ ମୋରେ ହୃଦୟେ
କହି ନ ପାରି ହସି ଦିଏ ମୋହ ପରାୟେ ॥
ତୁ କନ୍ତୁ ଢାଳଦେଉ ହସ ର ମୋତେ
ସରେ ନାଇଁ ସେ ଖେଳ ର ଗୋଟି ॥
ଜିତାପଟ ରେ ତୁ ହସି ଦେଉ ଯେବେ
ରାହିଁ ରହେ ମୁଁ ମନ ହୁଏ ନାଇଁ ଆଖି ଫେରେ ନାଇଁ ॥
ତୋରି ପାଦେ କଣ୍ଟା ଫୁଟିଲେ ଝରିଯାଏ ମୋ ଦେହୁ ଲହୁ
ସହି ତ ପାରେ ନାଇଁ ସଦାବେଳେ ରାହେଁ ତୋରି ଓଠରୁ ଝରୁ ମହୁ ॥
ମନ ଥାଏ ତୋ ହାତେ ହାତ ଛନ୍ଦି ରାଲିବି
ପ୍ରକୃତି ର ସବୁଜିମା ରେ ମଜ୍ଜିଯିବି ॥
ଖୋଜିବି ସେଇ ଝରଣା
ନ ଥିବ ମନେ ଡର
ଫୁଲ କୁ ଫୁଲ ଚୁମୁଥିବେ ବିଭିନ୍ନ ପ୍ରକାର ॥
ତତେ ମୁ କାଇଁ ଏତେ ଖୋଜେ ମୋ ପାଶେ
ତତେ ଦେଖିଲେ ଆଖିରେ ପଲକ ନ ପଡେ ॥
ତୋରି ନାମେ କ ଅଛି ମୋହ

ଦେଖୁଥାଏ ତତେ ନଇତି ଯେବେ ଉଠେ କୋହ ॥
ତୋ ପାଖେ ସବୁ ତ କରିଦିଏ ଅଳ
ତୁ ତ ମୋ କହ୍ନେଇ ମନ ହେଇଯାଏ ଚହଲି ॥
ତୋରି ହୃଦୟେ ଲୋଟି ପଡିବାକୁ ହୁଏ ମୋ ମନ
ଆଜି ବି ତତେ ଗୁହେଁ, ଦେଇ ପ୍ରେମ ଅଞ୍ଜନ ॥
ତୋରି ପଥେ ଦେଇ ଦେବି ମୋ ଜୀବନ
ନ ଗୁହେଁ ମୁଁ କେବେ କଷ୍ଟ ପାଉ ତୋ ମନ ॥
ଭଲ ପାଏ ବୋଲି କହିବା ସତେ କ ଏ ପାପ
ନ କହି ତୋରି ନାମେ ବଂଚବାଟା ନଷ୍ଟାପ ॥
ସହି ତ ସାରିଛି ଆଉ କ ଅଛି ବାକ
ସପନ ମୋର ଗୋଟେ, ଧରିନେ ମୋତେ ହୃଦୟେ ଯାକ ॥
ତୋତେ ମନ ଦେଇ ଦେଲା ପରେ ବି ଅବୁଝା ରହେ
ଖୋଜିବୁଲେ ଜୀବନର ପ୍ରତି କ୍ଷଣେ
ତଥାପି ଅନେକ ବାକ ରହିଯାଏ ॥
ପ୍ରେମ ଯେ କେବଳ କହି ତ ଯାଏ
ସପନେ ସପନେ ଆସି ମହକେଇ ଦିଏ ॥
କହିବିନ କହିବିନ ହେଇ ଦିନେ କହିଦେଲି ତତେ ଲାଜେଇ
ମୁରୁକ ହସ ଦେଇ ନେଲୁ ତୁ ମୋତେ ଆପଣେଇ ॥
ସତରେ ମୁଁ ଝରି ଗଲି ଅଶ୍ରୁ ପାତେ
ସେ ତ ଦୁଃଖ ର ନୁହଁ ସୁଖର ମତେ ॥
ତୋ ଆଖିରେ ଆଖି ଦେଲେ ମିଶେଇ
ହଜି ତ ଯାଏ ସବୁ କଷ୍ଟ
ସତେକ ତୁ ମୋ କଳା କହ୍ନେଇ ॥
ପ୍ରେମ ତୋର ସବୁ ନ ଦେ କଛି କଥା ନାଇଁ
ବିନ୍ଦୁଏ ପ୍ରେମ ନେଇ ବଂଚଯିବି
ତୋରି ନାମେ ହିଁ ରହିଯିବି ॥

ଗ୍ରମେଶ୍ୱର ସାହି, ଖଲରୀ
ହୁଲୁରିଶିଙ୍ଘା, ଅନୁଗୁଳ- ୭୫୯୧୨୨

# ଏତିକି ଗୁହାରି ମୋର



ସିଦ୍ଧେଶ୍ୱର ତ୍ରିପାଠୀ

ଚକା ନୟନହେ
ନଶୁଖୁ ମୋ ଆଖି ଲୁହ
ଲୁହ ଶୁଖିଗଲେ କାଳେ ଭୁଲିଯିବି
ଦେଖିବାକୁ କଳା ମୁହଁ
ଚକାନୟନ ହେ
ନଶୁଖୁ ମୋ ଆଖି ଲୁହ - - -

ଯେତେକ ସପନ ସପନରେ ରହୁ
ଅଦେଖା କୋହରେ ଛାତି ଭରିଯାଉ
ନିନ୍ଦା ଅପଜସ ମିଳୁ ଥାଉ ପଛେ
ଥାଉ ତୁମ ପଦେ ଲୟ
ଚକା ନୟନ ହେ
ନଶୁଖୁ ମୋ ଆଖି ଲୁହ - - - -

ପେଟ ଭୋକ ପଛେ
ପେଟେ ଯାଉ ମରି
କରୁଛିହେ ପ୍ରଭୁ ଏତିକି ଗୁହାରି
ଏ ଷଢ ରିପୁଙ୍କ କବଳରୁ ମୋତେ
ଥରୁଟେ ଉଧାରି ନିଅ
ଚକା ନୟନ ହେ
ନଶୁଖୁ ମୋ ଆଖି ଲୁହ - - - - -

ଅଲୋଡା ଜୀବନ ଭରି ହୀନମାନ
ମାୟା ମରୀଚିକା ଦିଅଇ ଦହନ
ତୁମକୁ ଖୋଜିବି ସବୁ ଭୁଲିଯିବି
ନଥିବ କାହାକୁ ଭୟ
ଚକା ନୟନହେ
ନଶୁଖୁ ମୋ ଆଖି ଲୁହ
ଲୁହ ଶୁଖି ଗଲେ କାଳେ ଭୁଲିଯିବି
ଦେଖିବାକୁ କଳା ମୁହଁ
ଚକାନୟନହେ
ନଶୁଖୁ ମୋ ଆଖି ଲୁହ - - - -

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ବୁଢା ନାଉରୀ



ସୀତାରାମ ଦାଶ

ଅରୁନ୍ଧତୀ ପାହାଡ଼ର ବକ୍ଷ ଚରି ଏକ ଚରସ୍ୱତା ନଦୀ ବହିଯାଇଛି, ନା ତାର ଅରୁଣୀମା। ନଦୀର ଉଭୟ ପାର୍ଶ୍ୱରେ ତାଳ, ତମାଳ ଭର୍ ଅନେକ ଗ୍ରାମ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ମନଲୋଭା ସ୍ଥାନ ଯେ କୌଣସି ପ୍ରକୃତି ପ୍ରେମୀଙ୍କ  ମନକୁ ନିଶ୍ଚିତ ଆନମନା କରିବ ।

ଶୀତ ଋତୁରେ ଅନେକ ଫସଲ ହୁଏ ନଦୀ ପଠାରେ। ଶରତ ଋତୁରେ କାଶତଣ୍ଡି ଫୁଲ ଢାଙ୍କିଦିଏ ରୂପାର ଗୃଦର। ଅପୂର୍ବ ସୌନ୍ଦର୍ଯ୍ୟରେ ଶୋଭିତ ମନୋରମ ସ୍ଥଳ ହେଲେ ବି ଅରୁଣୀମା ନଦୀ ବାଧକ ସାଜେ ଯାତାୟାତରେ। ନଦୀର ଏ ପାରରୁ ସେ ପାରକୁ ଯିବାପାଇଁ ଏକ ମାତ୍ର ବିକଳ୍ପ ନାଆ ( ଡ଼ଙ୍ଗା) । ପ୍ରାୟ ପଚ୍ଚଶ ଟି ଗାଁର ଲୋକେ ନିର୍ଭର କରନ୍ତି ଡଙ୍ଗା ଉପରେ।

କଛିଦିନ ହେଲା ପୋଲଟିଏ ତିଆରି ହୋଇଛି ନଦୀ ଉପରେ। ଅବଶ୍ୟ ସରକାରଙ୍କ ଉଦାସୀନତା ଏବଂ କଣ୍ଟ୍ରାକ୍ଟରଙ୍କ ଅବହେଳା ଯୋଗୁ ନିର୍ଦ୍ଧାରିତ ସମୟ ସୀମାର ପାଞ୍ଚବର୍ଷ ବିଳମ୍ବ ହୋଇଯାଇଛି। ତଥାପି ଲୋକମାନଙ୍କ ମନରେ ଅନେକ ଉତ୍ସାହ, ହସଖୁସିର ଲହରୀ ଖେଳଯାଇଛି ପୁର୍ ଅଂଚଳରେ। ଅନେକ ବର୍ଷର ଅପେକ୍ଷା ର ଅନ୍ତ ଘଟିଛି। ଲୋକମାନଙ୍କ ପାଇଁ ପୋଲଟି ପାଲଟି ଯାଇଛି ଏକ ଦର୍ଶନୀୟ ସ୍ଥାନ। ସନ୍ଧ୍ୟାରେ ବେଶ ଭିଡ଼ ଜମୁଛି ପୋଲ ଉପରେ।

ଅପୂର୍ବ ସଂଯୋଗ, ପୋଲର ଉଦୟ ସହ ଡଙ୍ଗାର ଅସ୍ତ ଘଟିଛି। ଡଙ୍ଗାଟି ହଠାତ ହୋଇଯାଇଛି ଅଲୋଡା, ଆଖୋଜା ଏବଂ ଅଦରକାରୀ। ସମସ୍ତ ହସ, ଖୁସିର ମାହୋଲ ଭିତରେ ଜଣେ କନ୍ତ କାନ୍ଦୁଛି ଗୁମୁରି ଗୁମୁରି। ସମସ୍ତଙ୍କ ହସ ଖୁସିରେ ଭାଗିଦାର ହୋଇପାରିନ। ନିଜର ଏକ ମାତ୍ର ରୋଜଗାର ପନ୍ଥାକୁ ହରାଇ ବସିଛି ବୁଢା ନାଉରୀ ଜଣକ। ଦିନେ ଡଙ୍ଗାଟି ଥିଲା ତାର ଚର ସହଚର। ହସ ଲୁହର ସାଥି। ଅନେକ ସ୍ମୃତି ଭରା କାହାଣୀ ଯୋଡି ହୋଇ ରହିଛି ଏଇ ଡଙ୍ଗାରେ। ଅନେକ ଜୋସ୍ନାବିଧୌତ ରଜନୀ କଟିଛି ଏଇ ଡଙ୍ଗାରେ। ହେଲେ ଆଜି ଡଙ୍ଗାଟି ସମସ୍ତଙ୍କ ପାଇଁ କେବଳ ଅତୀତର ମୂକସାକ୍ଷୀ।

୧୯୮୨ ମସିହାର ପ୍ରଳୟଙ୍କରୀ ବନ୍ୟାରେ, ନିଜ ଜୀବନକୁ ପାଣି ଛଡେଇ ଏଇ ଡଙ୍ଗାରେ ଅନେକ ଧନ ଜୀବନ ରଖା କରିଥିବାରୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ନାଉରୀ ର ଆଖ୍ୟା ପାଇଥିଲେ। ତାପରେ ନିଜର କୌଳିକ ବୃତ୍ତି କୁ ନେଇ ଖୁବ ଗର୍ବ କରନ୍ତି ନାଉରୀ ମଉସା। ଆର ସାହିର ସନା ଭାଇର ଦେହ ଖରାପ ବେଳେ ବାଟ ଘାଟର ସୁବିଧା ନ ଥିବାରୁ ଡଙ୍ଗାରେ ନେଇ ପହଞ୍ଚାଇ ଥିଲେ ଡାକ୍ତରଖାନାରେ। ଭାଗ୍ୟକୁ ଡାକ୍ତରଖାନା ବି ଥିଲା ନଦୀ କୂଳରେ। ଏହିପରି ଅନେକ ଜନ ହିତକର କାର୍ଯ୍ୟ କରି ବେଶ ନା କମାଇଥିଲେ ନାଉରୀ ମାଉସା।

ନିଜର ପ୍ରାଣପ୍ରିୟା କୁ ବାସର ଦୀପର କ୍ଷୀଣ ଆଲୋକରେ କଥା ଦେଇଥିଲେ, ନିଜର ଅତି ପ୍ରିୟ ନାଆ ରେ ବୁଲାଇ ନେବାକୁ ନଦୀ ପଥରେ ଅନେକ ଦୂରକୁ। ଅରୁନ୍ଧତୀ ପାହାଡ଼ର ସୌନ୍ଦର୍ଯ୍ୟ କୁ ଉପଭୋଗ କରିବାକୁ ଏକାନ୍ତ ଭାବରେ। ହେଲେ ବାସ୍ତବ ଜୀବନରେ ସମ୍ଭବ ହୋଇ ପାରି ନ ଥିଲା। କାରଣ ବର୍ଷକ ବାରମାସ ଡଙ୍ଗା ଘାଟ ଭିଡ଼ ଜମୁଥିଲା। ଅନେକ ଯାତ୍ରୀ ଯାତାୟାତ କରୁଥିଲେ, ଅନେକ କଥା ବ୍ୟଥାର ସାକ୍ଷୀ ଥିଲେ ନାଉରୀ ମଉସା। ହେଲେ ନିଜର ଛୋଟିଆ ଆଶା ପୂରଣ କରିପାରି ନ ଥିଲେ ସମ୍ପୂର୍ଣ୍ଣ ଜୀବନ କାଳ ମଧ୍ୟରେ। ଏହା ଥିଲା ଜୀବନର ସବୁଠୁ ବଡ ଅବଶୋଷ।

ସକାଳ ପଞ୍ଚଟାରୁ ଡ଼ଙ୍ଗା ଘାଟ ଖୋଲୁଥିଲା ରାତି ଦଶଟା କମ୍ବା ଏଗାରଟା ପ୍ରର୍ଯ୍ୟନ୍ତ। ହାଡ଼ଭଙ୍ଗା ପରିଶ୍ରମ କରି ମଧ୍ଧ ପାରିଶ୍ରମିକ ମିଳୁଥିଲା ଖୁବ କମ। କାରଣ ପାଖାପାଖି ସମସ୍ତ ଗ୍ରାମର ଲୋକ ମାନେ ଦେଉଥିଲେ ବିଡା। ବିଡା ମାନେ ବର୍ଷକୁ ଥରେ କଛି ଧାନ ଆଉ ନଡା। ତାହା ପୁଣି ବିଲରୁ ବିଲ ବୁଲି ବୁଲି ସଂଗ୍ରହ କରିବାକୁ ପଡୁଥିଲା। ଆଉ ଧାନ କହିଲେ ଅମଳ ହୋଇ ନ ଥିବା କଛି ଧାନ ହଳା। ମୋଟା ମୋଟି କହିବାକୁ ଗଲେ ପରିବାର ପିଛା ୫/ ୬ କଲୋ ଧାନ ମିଳୁଥିଲା। କେହି ଦୂର ଦୁରାନ୍ତ ଲୋକ ଆସିଲେ ଦେଉଥିଲେ ଟଙ୍କାଏ କମ୍ବା ୨ ଟଙ୍କା। ସବୁ ପରେ ବି ନାଉରୀ ଜଣକ ଥିଲେ ଖୁବ ସ୍ନେହି ଆଉ ନମ୍ର। କେବେ କାହାକୁ ମୁହଁ ଖୋଲି ପଇସାଟିଏ ମାଗନ୍ତିନି।

ସନ୍ତୋଷ ପରମ ସୁଖ। ଏହି ନ୍ୟାୟ ରେ କେବେ ବି ଉଦାସ ହୋଇ ନାହାନ୍ତି। ସବୁ ଭଗବାନଙ୍କ ଇଛା କହି ସୁଖ ଦୁଃଖକୁ ଆପଣେଇ ନଅନ୍ତି। କେବେ କେମିତି ନଦୀର ମାଛ ବି ମିଳଯାଏ। ଦୁଃଖ ସୁଖରେ କଟିଯାଏ ଦିନ। ବେଳେବେଳେ ସମୟ ମିଳଲେ ରାଧାନାଥ ରାୟ ଙ୍କ "ଚଲିକା ସାୟନ୍ତନ" କୁ ମନେ ପକାନ୍ତି...

ପ୍ରାଚୀ ମୂଳ ଏବେ ମିନଜୀବୀ ନାବେ
ଗୃୟାକାରେ ଚନ୍ଦ୍ର ଦିଶେ ଠାବେ ଠାବେ

ମତ୍ସ୍ୟ ଧରି ସେହୁ ସମୁଦ୍ର ମୁହାଣେ
ନିଜ ଗୃହ କଥା ଭାବି ଏକ ଧ୍ୟାନେ

ଭାଲେରି ଶିଖରେ ସନ୍ଧ୍ୟା ତାରା ଦେଖି
ଆସନ୍ତି ପଟିକା ମହଲ୍ଲାସେ ଟେକ।

ହେଲେ ଆଜି ଜୀବନର ଅପରାହ୍ନରେ ନାଆ ର ଆଦର ଅଛି ନା ନାଉରୀର। ପାଖରେ ଧନ ଅଛି ନା ରୋଜଗାରର ପନ୍ଥା। ପିଲାମାନେ କଥା କଥାରେ କହୁଛନ୍ତି କଣ ଆମ ପାଇଁ

କରିଛ । ଜୀବନ ଟା ବୋଧେ ଏମିତି। ଯେତିକି ଧାଇଁବ ସେତିକି ପାଇବ । ଆଜି ପୁଅ ବୋହୁ କହୁଛନ୍ତି ପୁରୁଣା ଡ଼ଙ୍ଗାଟିକୁ ଭାଙ୍ଗି ଜାଳେଣି କାଠ ଭାବରେ ବିକିଦେବାକୁ। କିଛିଦିନ ପାଇଁ ଚାଉଳ ତ ହୋଇଯିବ। ଅଭାବ ଅନଟନରେ କେତେ ଦିନ ବଂଚବା। କିନ୍ତୁ ନାଉରୀ ମଉସା ଏକ ଜିଦ ମୁଁ ବଞ୍ଚିଥିବା ପ୍ରଯ୍ୟନ୍ତ ଡଙ୍ଗାରେ କାହା ହାତ ଲଗେଇ ଦେବିନି। ଏଥିପାଇଁ ଅନେକ ଥର କଳି ଝଗଡା ହେଲାଣି ।

ଏବେ ନାଆଟି ପୋଲ ନିକଟରେ ଖୁଣ୍ଟ ପୋତାଯାଇ ବନ୍ଧା ହୋଇଛି। ସେଥିପ୍ରତି କାହାର ଧ୍ୟାନ ନାହିଁ। ହେଲେ ଡଙ୍ଗା ପ୍ରତି ଆପଣାପଣ ଟା କମିନି ନାଉରୀ ମଉସାଙ୍କର । ନାଉରୀ ଜଣଙ୍କ ପ୍ରତିଦିନ ଥରେ ଦୁଇ ଥର ଆସି ଅଳ୍ପ ଦୁରରୁ ଦେଖି ଚାଲି ଯାଆନ୍ତି। ପୁରା ଜୀବନ......୬୦ ବର୍ଷର ସ୍ମୃତି କୁ ସାଉଁଟିଲେ ସବୁକିଛି ଦିଶେ ଝାପ୍ସା। କେତେ ଖରା, କେତେ ବର୍ଷା, କେତେ ଶୀତ କାକର ଏବଂ କେତେ ତିକ୍ତ, ମଧୁର ଅନୁଭୁତିର ସାଥି ଏଇ ଅରୁଣୀମା ନଦୀ। ଆଉ ଏଇ ନାଆ। ୬୦ ବର୍ଷ.....କେତେ ଶୀଘ୍ର ଖସି ଯାଇଛି ହାତ ମୁଠାରୁ। ଏସବୁ କଣ ଭୁଲି ହେବ ନା ଅତୀତକୁ ଫେରି ହେବ? ଅତୀତକୁ ତ ଫେରି ହବନି ସତ, ସାଇତି ତ ହେବ।

ସାନମୂଳାଇ, ଗୋବିନ୍ଦପୁର, କଟକ

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଦୀପାଳିର ଶେଷ ଦୃଶ୍ୟ

ଅଧ୍ୟାପକ ଶରତ କୁମାର ଦାସ

ଥପ୍ ଥପ୍ କରିଡି ପଡୁଛି ମହମ
ସରି ସରି ଆସୁଛି ଦୀପାବଳି
ସରି ସରି ଆସୁଛି ମିଂଜି ମିଂଜି
ଜଳୁଥିବା ଦୀପର ସଳିତା
ନିଷ୍ପ୍ରଭ ହେଲାଣି ସଂଜର
ମଧୁର କୋଳାହଳ
ପବିତ୍ର ସମ୍ମୋହନ ।

ନିସ୍ତେଜ ହେଲାଣି
ଆତସବାଜିର ତୀବ୍ର ପ୍ରକମ୍ପନ
ଲିଭି ଲିଭି ଆସୁଛି
ନାଲି ନେଳି ଆଲୋକର ମାଳା
ଲୁହ ଝରାଉଛି ନବବଧୂ ବେଶେ
ସୁସଜ୍ଜିତା ଏ ସହର
ରାଜପଥ, ନଭଶ୍ଚୁମ୍ବି ଅଟ୍ଟାଳିକା
ତୋରଣ, ମନ୍ଦିର ।

ସମୟର ଘୋଡା ଦୌଡ
ଧାଉଁଛି ଆଗକୁ ଆଗକୁ
ଟେବୁଲ ଘଣ୍ଟା ର ଅବାରିତ
ଟିକ୍ ଟିକ୍ ଶବ୍ଦ ରେ,
ରାତ୍ରି ର ଗାଢ ନୀରବତା
ସ୍ପଷ୍ଟ ବାରି ହୋଇ ପଡୁଛି
ଝିଂକାରୀ ର ଝଂକାର ତାଳେ ତାଳେ ।

ସବୁତକ ଆତ୍ମୀୟତା
ଅସ୍ପଷ୍ଟ ହେଲାଣି ଧୀରେ ଧୀରେ
ସମ୍ପର୍କର ସ୍ୱର ବେସୁର୍ ଶୁଭୁଛି
ରକ୍ତ ପିପାସୁ ଜହ୍ଲାଦମାନେ
ସକ୍ରିୟ ହେଲେଣି ପୁନଶ୍ଚ
ଲୁଟିନେବାକୁ
ଯାହା କଛି ବାକ ଅଛି
ମଣିଷପଣିଆ ଓ ନଷ୍କପଟ
ଦରଦି ହୃଦୟ ।

ସମୟର ସୁସଜ୍ଜିତ ପୂର୍ଣ୍ଣକୁମ୍ଭ
ବିବର୍ଣ୍ଣ ହେଲାଣି
ଫିକା ଫିକା ଲାଗିଲାଣି
ମାଟିର ସୌହାର୍ଦ୍ଦ
ଆକାଶର ନର୍ମଳ ସୌନ୍ଦର୍ଯ୍ୟ ।

ସରି ସରି ଆସୁଛି ଆୟୁଷ
ଅବସାଦ ଓ ଅନ୍ତର୍ଦାହ ର
ନଷ୍ଠୁର ଘାତଚକ୍ରରେ
ଝରିପଡୁଛି ସ୍ୱେଦ ବିନ୍ଦୁ
ଆଂଜୁଳା ଆଂଜୁଳା ଲୁହ,
ତଥାପି ସଂଘର୍ଷ ଗ୍ଭଲିଛି ଗ୍ଭଲିଥିବ
ସମୟର ବଡଦାଣ୍ଡ ରେ
ଝଲମଲ ହେଉଥିବ
ପାଦଚହ୍ନ ଯୁଗରୁ ଯୁଗ ପର୍ଯ୍ୟନ୍ତ ।

ବଡବିଲ ମହାବିଦ୍ୟାଳୟ , ବଡବିଲ
ଜିଲ୍ଲା- କେନ୍ଦୁଝର- ୭୫୮୦୩୫

ବେଦାନ୍ତୀ

# ସମୟ



ରାଜେଶ ପୂଜାରୀ

ସମୟ ଗୋଟିଏ ମୁକ୍ତ ବୁଲ୍ ବୁଲ୍
ଯାହାକୁ ହୁଏନା ଧରି,
କୌଣସି ଶିକାରୀ ପାରିବ ତିଆରି
ତା ପାଇଁ ଗୋଟେ ପଞ୍ଜୁରୀ ।

ସେ' ଗୋଟେ ଏମିତି ବେପରୁଆ ଝର୍ଣ୍ଣା
ଝରଇ ଦିଗ ବିଦିଗ,
ନଦ୍ରାରେ ତନ୍ଦ୍ରାରେ ଅବିରତ ଭାବେ
ଅସ୍ଥିର ତାହାର ବେଗ ।

ସମୟ ଗୋଟିଏ ସଜ ଫୁଲ ଟିଏ
ବାସ୍ନା ଯାର ଭିନ୍ନଭିନ୍ନ,
କେତେବେଳେ ଦୁଃଖ ହୁଡ଼ହୁଡ଼୍ ଆସେ
କେବେ ଯେ ସୁଖ ଅନନ୍ୟ ।

ସମୟ ଆଞ୍ଜୁଳେ ଅଧିର ପବନ
ବହେ ଯାହା ନିଃଶବ୍ଦରେ ,
ଯେଉଁ ପଥ ଥରେ ଅତିକ୍ରମ କରେ
ସେ' ପଥେ ଆଉ ନଫେରେ ।

ସମୟ ଗୋଟିଏ ସ୍ମୃତିର ଡାଏରୀ
ଜୀବନ କାହାଣୀ ଲେଖେ,
କେବେ ସେ ଶକୁନ କେବେ
ଅଶକୁନ ନୂଆଁ ନୂଆଁ ରଙ୍ଗ ମାଖେ।

ସମୟ ଧାଡ଼ିଏ ଅବୁଝା କବିତା
ପଡେନାହିଁ ଯତିପାଦ,
ହେଲେ ସମୟକୁ ଯେ ଜଗି ଚଳଇ
ନାହିଁ ଜମା ପରମାଦ।

ସମୟଟା କେବେ ଅମୃତ ଲହର
ପୁଣି କେବେ ଜ୍ୱାଳାମୁଖୀ,
ଯେ' ଜାଣେନ ଗ୍ଭଲି ତାହାରି ତାଳରେ
ସିଏ ତ ସର୍ବଦା ଦୁଃଖି।

ଯେତେ ଯାହା ସମୟେ ଯେ ନୁହେଁ ଅଧିର
ସିଏ ବଡ଼ ଭ୍ଗ୍ୟବାନ
କାଳକ୍ରମେ ତାର ହସ୍ତଗତ
ହୁଏ ଇଚ୍ଛିତ ସୁ- ଫଳ ମାନ ।

ସଂପାଦକ 'ଲହରୀ'
ସା- କୁଶମେଲ, ପୋ.ଅ- କପିଲପୁର,
ଭ୍ୟା- ପଞ୍ଚଗାଁ, ଜିଲ୍ଲା- ଝାରସୁଗୁଡ଼ା,

# ବେସୁର୍ ରାଗିଣୀ



ସିପ୍ରା ନାମତା ( ନମ୍ରତା)

ସପିଙ୍ଗ ମଲ ରୁ ବାହାରିବା ବେଳକୁ ସାଗରିକା କୁ ହଠାତ ରାସ୍ତା ରୋକୋ, ପୋଡା ଜଳା , ଭଙ୍ଗା ରୁଜା ଭଳ ଘଟଣା ର ସମ୍ମୁଖୀନ ହେବାକୁ ପଡିଲା । ସେ ପୁଣି ରାସ୍ତା କଡରୁ ମଲ ଭିତରକୁ ପଶି ଆସିଲା । ସିକ୍ୟୁରିଟି କହିଲା, "ମ୍ୟାଡାମ କିଛି ସମୟ ରହିଯାନ୍ତୁ, ଟିକେ ନର୍ମାଲ ହୋଇଗଲେ ଚାଲିଯିବେ । " ମନେ ମନେ ଭାବିଲା ସେ, ହଁ ଠିକ୍ କଥା ଟି କହିଛି ସିକ୍ୟୁରିଟି । ସିକ୍ୟୁରିଟି ତା ସିଟ ରେ ଯାଇ ବସିଗଲା । ଆଉ ପକେଟ ଅଣ୍ଡାଳୁଥିବାର ଲକ୍ଷ୍ୟ କରୁଥାଏ ସାଗରିକା । ଭାରି ବ୍ୟସ୍ତ ଲାଗୁଥାଏ । ସିଟ ରୁ ଉଠିପଡ଼ି ଚାରିଆଡ଼କୁ ଈଷତ ନଜର ଘୁରାଇ ଆଣୁଥିଲା ବେଳେ କିଛି ଗୋଟାଏ ପାଇଯିବାର ଖୁସି ରେ ଆଖି ଦୁଇଟା ବଡ ହୋଇଗଲା । ଘଟଣା ଚକ୍ରରେ ସେ ଗେଟ ବାହାରକୁ ଆସିଥିଲା ବେଳେ ଭିଡ ଭିତରେ ଗୋଳମାଳରେ ପକେଟରୁ ଫୋନଟି ପଡି ଯାଇଥିଲା । ଯାହା ହେଉ ବଞ୍ଚିଗଲା ମଣିଷ ...ଓଃ ହୋ ...ସତରେ, କଣ ଯେ ହୋଇଥାନ୍ତା ଏଇନେ !! ସାଗରିକା ସିକ୍ୟୁରିଟି ର ସ୍ୱାଗତୋକ୍ତି ରୁ ତା'ର ଅସହାୟତା ଓ ଦାରିଦ୍ର୍ୟ କୁ ନଜର ଅତୀତ ଜୀବନ ସହ ତୁଳନା କରୁଥାଏ । ସତରେ କଣ ଏମାନେ ମଣିଷ ? କେବଳ ନଜର ପାରିବା ପଣିଆକୁ ବନ୍ଧା ରଖି ଶାସନ କଳରେ ପେଷି ହୋଇଯିବା ହିଁ ହେଉଛି ଜୀବନ । ହଁ, ଜୀବନ ଏମିତି ସବୁବେଳେ କିଛି ନା କିଛି ଘଟଣା ପ୍ରବାହ ରେ ଚାଲିଥାଏ । ଭଲ ହେଉ କି ମନ୍ଦ ହେଉ । ଦୁଇ ଦୁଇଟା ପୋଲିସ ଗାଡି ସାଇରନ ମାରି ଚାଲିଗଲେ । ମଲରେ ମଧ୍ୟ କୁହା ସରିଲାଣି କଷ୍ଟମରମାନେ ଶୀଘ୍ର ବିଲ କରି ନେଇ ପ୍ରସ୍ଥାନ କରନ୍ତୁ, ମଲକୁ ବନ୍ଦ କରାଯିବ । ସାଗରିକା ସଚେତନ ହେଲା । ଏଠୁ ବହାରିଯିବା ପାଇଁ ତାକୁ ମଧ୍ୟ କିଛି ନା କିଛି ବ୍ୟବସ୍ଥା କରିବାକୁ ହେବ ନିଶ୍ଚୟ । ଯଦିଓ ତା ପାଇଁ ବ୍ୟସ୍ତ ହେବାକୁ କେହି ନାହାନ୍ତି, ତଥାପି ଜଣେ ବୃଦ୍ଧାଙ୍କୁ ରଖିଛି ନିଜ

ପାଖରେ । ଝିଅ ଗୋଟିଏକୁ ପାଳଛି ଅନେକ ଶିଶୁ ଅବସ୍ଥାରୁ । ଏବେ ଦେଶ ବାହାରେ ପଢୁଛି । ଷ୍ଟାଇପେଣ୍ଡ ପାଉଛି । ସାଗରିକା ବିଶେଷ ଶିକ୍ଷିତା ନୁହେଁ, ତେଣୁ ବେଶୀ ବଡ ବଡ ସଂସ୍କାର ଘଟଣା ତଥା ସେ ସମ୍ପର୍କିତ ସୂତ୍ର ଗୁଡିକୁ ମନେ ରଖିପାରେ ନାହିଁ । ତେଣୁ ସ୍ପଷ୍ଟ ଭାବେ କାହାକୁ କଛି ବୁଝାଇ କହିପାରେନା ସେ ।

- - - - - - - - - - - - - -

ବାପା ମାଆ ଙ୍କ ଇଛାରେ ବିବାହ କରିଥିଲା ସେ କନ୍ତୁ, ତା ଭାଗ୍ୟ ରେ କୌଣସି ପ୍ରକାର ସୁଖ ନ ଥିଲା ଯେମିତି । ସାଗରିକା ର ଦର୍ଶନ ଅନ୍ୟ ମାନଙ୍କ ଠାରୁ ଭିନ୍ନ ଥିଲା ତେଣୁ ସ୍ୱାମୀ ଛାଡପତ୍ର ଦେଇ ଅଲଗା ହୋଇଗଲେ । କୌଣସି ଆପତ୍ତି କମ୍ବା ଅଭିଯୋଗ କରି ନ ସେ । ଯେଉଁଠି ମନର ମେଳ ନାହିଁ ସେଠାରେ ଏକତ୍ର ରହିବାରେ କଛି ପ୍ରୟୋଜନ ନାହିଁ ବୋଲି ଧରି ନେଲା ସେ । କନ୍ତୁ ଏଥିପାଇଁ ତାକୁ ବହୁମୂଲ୍ୟ ଦେବାକୁ ପଡିଛି । ସମାଜ ର ଅନେକ କଟୁଉକ୍ତିକୁ ନୀରବରେ ସହିନେଇ ବାଟ ଗ୍ଭଲି ବାକୁ ପଡିଛି । ଅନେକ ଲାଂଛନା , ଅପବାଦ, ତାସ୍ଛଲ୍ୟ, ଛି ..ଛାକର, ଶୁଣି ଶୁଣି ପଥର ପାଲଟିଛି ସେ । ତଥାପି ହାର ମାନ ନାହିଁ । ଯୋଗ୍ୟତାର ମାପ କାଠିରେ ପରିବର୍ତ୍ତନ ଆଣିଛି । ଏଥିପାଇଁ ଅନେକ କଷ୍ଟ , ଅନେକ ସାଧନା କରିବାକୁ ପଡିଛି ତାକୁ । ପରେ ପରେ ଅନେକ ପରିବର୍ତ୍ତନ ଆସିଛି ସମାଜ ରେ ମଧ୍ୟ । ପରିବାରରୁ ହରାଇଥିବା ପ୍ରତିଷ୍ଠା ପୁଣି ଥରେ ଫେରାଇ ଆଣିବାରେ ସକ୍ଷମ ହୋଇଥିଲା ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ । ସେଦିନ ମିସେସ ମହାପାତ୍ର କହିଲେ, - - ସାଗରର ଗଭୀରତାକୁ ଯେମିତି ମପାଯାଇ ପାରେନାହିଁ ଠିକ୍ ସେମିତି ତୁମ ଭିତରେ କଣ ଗ୍ଭଲିଥାଏ ସବୁବେଳେ ବୁଝିବା କଷ୍ଟ ଆଉ ତୁମ ହୃଦୟ ର ଗଭୀରତା କୁ ମଧ୍ୟ ମାପିବା କଷ୍ଟ । - - କାହିଁକି ଏମିତି କହୁଛନ୍ତି ? ମୁଁ ସେମିତି କଣ ବଡ କାମଟେ କରିଦେଇଛି କି ? କହିଲା ସାଗରିକା । - - ଏକୁଟିଆ ଏତେ ବଡ ସଂସାରରେ ତୁମେ ଏକା ଏକା କେମିତି ନଷ୍ପତ୍ତି ନେଇପାର ? - - ଏକା ଆଉ କୋଉଠି ଯେ ? ଏଇ ତ ମୋ ଗ୍ଭରିକଡେ ଆପଣ ମାନେ ସମସ୍ତେ ଅଛନ୍ତି । ସବୁବେଳେ ଏମିତି ଚରହରିତ ଅରଣ୍ୟ ମଧ୍ୟରେ ଏମିତି ମୋ ଜୀବନ କଟିଯାଉ, ଏଇୟା ହିଁ ଭଗବାନ ଙ୍କ ପାଖରେ ମିନତୀ । ହଁ, ସେ ସବୁବେଳେ ଚରହରିତ ରହିବାର ସ୍ୱପ୍ନ ଦେଖେ । ଅନେକ ସୋସିଆଲ ୱାର୍କ କରେ । ସେଇ କରିବାଟା ସତରେ କଣ ତା'ର ମାନସିକତା ନା ସମୟ ର ଯଥାର୍ଥ ଉପଯୋଗ ! ଯା

ଭିତରୁ କେଉଁଟା ଠିକ୍ ବୁଝିପାରେନ ସେ ଅନେକ ସମୟରେ । ନିଜ ଭିତରେ ଯେଉଁ ଖାଲିପଣ ସୃଷ୍ଟି ହୋଇଥିଲା ସ୍ୱାମୀ ପରିତ୍ୟାଗ କରିବା ପରେ ସେଇ ପରିସ୍ଥିତିରେ ଅନେକ କିଛିର ସମ୍ମୁଖୀନ ହେବାକୁ ପଡିଥିଲା, ଆଉ ସେଇସବୁ "କିଛି" କୁ ମୁକାବିଲା କରିବାକୁ ଆପ୍ରାଣ ଚେଷ୍ଟା କରିଥିଲା ସେ । ଅନେକ ସହୃଦୟ ବ୍ୟକ୍ତି ମିଳିଥିଲେ ଦ୍ୱିତୀୟ ବିବାହ ନିମନ୍ତେ । କିନ୍ତୁ ତାଙ୍କର ସଂଗୁପ୍ତ ଇଛାକୁ ବୁଝିପାରି ସେଥିରୁ ଓହରି ଆସିଥିଲା ସେ । ତାଙ୍କର ଦୁଇ ସନ୍ତାନ ମାତୃହରା ହେବା ଦ୍ୱାରା ସମ୍ପୂର୍ଣ୍ଣ ରୂପେ ମାତୃତ୍ୱର ସ୍ନେହ ପ୍ରତ୍ୟର୍ପଣ ପାଇଁ ସାଗରିକା କୁ ତା'ର ଗର୍ଭାଶୟଟିକୁ କାଟିଦେଇ ଫିଙ୍ଗିଦେବାକୁ ପଡିବ । ହେଲେ ସେଥିରେ କିଛି ବି ଆପତ୍ତି ନ ଥିଲା ତା'ର । କିନ୍ତୁ କୌଣସି ଏକ କାମ ରୁ ଫେରିବା ରାସ୍ତା ରେ ଝିଅଟିଏ କୁ ଦେଖି ତା'ଲୁହ ଛଳ ଛଳ କାନ୍ଦୁରା ମୁହଁ ର ହତାସିଆ ଭାବକୁ ଦେଖି ଛାତି କରତି ହୋଇଯାଇଥିଲା । ସେ ଝିଅକୁ କୋଳରେ ଆଉଜାଇ ଆଣିଥିଲେ ମଧ ପୋଲିସ ରେ ଖବର ଦେଇ ଶେଷରେ ଦାବୀଦାର କେହି ନ ମିଳିବାରୁ ନିଜ ପାଖରେ ରଖିବାର ନିଷ୍ପତ୍ତି ନେଇଥିଲା । ସେତେବେଳେ ଏଇ ଶିଶୁ ପାଇଁ ମାଆ ର ଆବଶ୍ୟକତା ଅଧିକ ବୋଲି ତାକୁ ଲାଗିଲା । ତେଣୁ ସେ ଭଦ୍ରବ୍ୟକ୍ତିଙ୍କ ପ୍ରସ୍ତାବକୁ ପ୍ରତାଖ୍ୟାନ କରିଦେଇ ଥିଲା । ଝିଅ ମାନଙ୍କ ପାଇଁ ନିରାପତ୍ତା ହିଁ ଏ ଦୁନିଆ ରେ ମହରଗ । ସବୁକିଛି ମିଳିପାରେ ଅର୍ଥ ବଦଳରେ । କିନ୍ତୁ ନିରାପତ୍ତା ନୁହେଁ । ଲକ୍ଷ୍ୟହୀନ ଭାବେ ଅନେକ ସ୍ଥାନ ବୁଲିଛି ସାଗରିକା । ସବୁଠି ଦେଖିଛି ସେଇ ଗୋଟେ ଅସହାୟତା ଓ ଦୁସ୍ଥ କରୁଣ ଚିତ୍ର । ନିଜର ଅତୀତଟା ବି ତ ଅନେକ ମୁହୂର୍ତ୍ତରେ ଖିନଭିନ ହୋଇଯାଇଛି । ଲଜ୍ଜା ଲାଗେ ଏମିତି ଏକ ସମାଜ ରେ ରହିଥିବା ଯୋଗୁଁ । ଯୋଉଠି ପୁରୁଷ ନିଜର ସତ୍ତାକୁ ବଜାୟ ରଖିବା ପାଇଁ ସବୁକିଛି କରିପାରେ । ଶାନ୍ତି ଲାଭ ପାଇଁ ଯୋଗୀ, ମୁନିଙ୍କ ଆଶ୍ରମ ଯିବା ମଧ ନିରାପଦ ନୁହେଁ । ଏମିତି କିଛି ଦଳିତ ମହିଳାଙ୍କୁ ଏକଜୁଟ କରିବାକୁ ଅବଶେଷରେ ସଫଳ ହୋଇଥିଲା ସେ । ସେଇ ଲାଂଛିତା ପୀଡିତା ମାନଙ୍କର ମନୋବେଦନା କୁ ସାହସରେ ରୂପାନ୍ତରିତ କରିବାରେ ଅନେକ ପ୍ରୟାସ କରିବାକୁ ପଡିଥିଲା । ବିଭିନ୍ନ ସ୍ଥାନରୁ ପତିତା ମାନଙ୍କୁ ଏକଜୁଟ କରିବା କିଛି କମ କଥା ନୁହଁ । ଅନେକ ଘାତ, ପ୍ରତିଘାତ ତଥା ନିଜର ଶାରୀରିକ, ମାନସିକ ଆଘାତକୁ ଖାତିର ନ କରି ପ୍ରଥମ ପଦକ୍ଷେପ ରେ ସେ ଏକ ନୂତନ ଦିଗ ସୃଷ୍ଟି କରିପାରିଥିଲା ଏଇ କିଛି ତିରିଶ ପଇଁତିରିଶ ମହିଳା ଙ୍କୁ ନେଇ । ଆସ୍ତେ ଆସ୍ତେ

ସେଇମାନେ ହିଁ ଦଳ ସମ୍ପ୍ରସାରଣ କରିଆସୁଛନ୍ତି । ଅନେକ ସଚେତନତା ମୂଳକ କାର୍ଯ୍ୟକ୍ରମ ରେ ସେମାନଙ୍କର ଯୋଗଦାନ ବେଶ ଗୁରୁତ୍ୱପୂର୍ଣ୍ଣ । ସେ ତା'ର ଦଳର ନାମ ରଖିଛି "ଓମେନ ପାଇଲଟ", ଏବଂ ଅଗ୍ନନକ ସାହଯ୍ୟ ପାଇଁ ତାଙ୍କ ଦଳ ସବୁବେଳେ ପ୍ରସ୍ତୁତ ହୋଇ ରହିଥାନ୍ତି । ସଦ୍ୟ ବୈଧବ, ସ୍ୱାମୀ ପରିତ୍ୟକ୍ତ, ସାମାନ୍ୟ ବୟସ୍କା ଅବିବାହିତା ମହିଳା , ପୁଅ କନ୍ୟା ଦ୍ୱାରା ଅତ୍ୟାଗ୍ଯରିତ ମହିଳା, ନିଃସନ୍ତାନ କାରଣରୁ ସପତ୍ନୀ ସହିତ ରହୁଥିବା ମହିଳା, ନିଜର ଆର୍ଥିକ କ୍ଷମତା ନ ଥାଇ ପରିବାର ଉପରେ ବୋଝ ହୋଇ ରହୁଥିବା ଏବଂ ଆହୁରି ଅନେକ କାରଣରୁ ମାନସିକ ବିଷାଦରେ ରହୁଥିବା ନାରୀଙ୍କର ପ୍ରତକ୍ଷ୍ୟ ତଥା ପରୋକ୍ଷ ସହଭାଗିତାରେ ସାଗରିକା ଆଉ ଟିକେ ଉତ୍ସାହିତ ହୁଏ ଅଧିକ କଛି କରିବାକୁ । ସରକାରଙ୍କର ମଦ ଉପରେ ଅଙ୍କୁଶ ହଟେଇଦେବା ଦ୍ୱାରା ଖୋଲା ଖୋଲି ନିର୍ଦ୍ଧୁମ ବେପାର ଚାଲିଲା, ନାରଣପୁର ର ରାସ୍ତା ଘାଟରେ ମଦର ସୁଅ ଛୁଟିଲା । କଛି ମହିଳା "ଓମେନ ପାଇଲଟ" ଦଳ ର ସାହାରା ଖୋଜିଲେ । ସମଗ୍ର ଦଳକୁ ଏକଜୁଟ କରି ତାଙ୍କ ଦଳ ଦୁଇଶ ସରିକ ମହିଳା ମୋର୍ଚ୍ଚା କାଢ଼ିଲେ ମଦ ବିରୁଦ୍ଧରେ । ସବୁ ମଦ ତିଆରି ହେଉଥିବା ସ୍ଥଳରେ ଭଙ୍ଗା ରୁଜା ଚାଲିଲା । ମଦୁଆ ମାନଙ୍କୁ ଧରି ବାନ୍ଧିପକାଇ ପିଟିଲେ ମହିଳା ମାନେ । ପରବର୍ତ୍ତୀ ଫଳାଫଳ ଥିଲା, ସେ ଗାଁ ରେ ମଦ ତିଆରି ଉଠିଗଲା । କାଁ ଭାଁ ଯଦି କେହି ହାତ ଦେଲା ତା ହେଲେ ସେ ଲୋକ ର ଗୋଡ ଭାଙ୍ଗିଲେ ମହିଳା ଦଳ । ଧୀରେ ଧୀରେ ଶାନ୍ତି ଫେରିଲା ନାରଣ ପୁରକୁ ।

- - - - - - - - - - -

"ଅପା, ମସଜିଦ ପାଖରେ ଭୀଷଣ ଦଙ୍ଗା । ଲାଠି ଖେଳରୁ ଆରମ୍ଭ । "ଫୋନରେ ସେପଟୁ କେହି ଜଣେ କହୁଥିଲା । ସାଗରିକା ଏଇ ହିନ୍ଦୁ ଅଣହିନ୍ଦୁଙ୍କ ସହ ଆଗରୁ ଥରେ ମୁକାବିଲା ର ସମ୍ମୁଖୀନ ହୋଇଥିଲା । କନ୍ତୁ ସେ ଦୀର୍ଘ କୋଡିଏ ବର୍ଷ ଗତ ହେଲାଣି । ସେତେବେଳେ ପରିସ୍ଥିତି ଏଭଳ ଭୟଙ୍କର ନଥିଲା । ସେତେବେଳେ ସାହଯ୍ୟ କରିବାକୁ ତା ପାଖରେ ଅମୀୟ ଥିଲେ । ଲୋକମାନେ ତାଙ୍କ କଥା କୁ ବୁଝିଥିଲେ । କାରଣ ମୁସ୍ତାକ, ରେଶମା , ଆହୁରି କେତେ ମୁସଲିମ ବନ୍ଧୁ ଥିଲେ ତାଙ୍କ ସହିତ । ସେଥିପାଇଁ ବିଶେଷ ଅସୁବିଧା ହୋଇ ନ ଥିଲା । କନ୍ତୁ ଏବେ ତ ଟିକେ ଟିକେ କୁ ଗଣ୍ଡଗୋଳ, ମାରପିଟ । କ'ଣ କରିବ ଭାବୁଥାଏ ସାଗରିକା । ଇତସ୍ତତଃ ହୋଇ ବୁଲୁଥାଏ ସେ ପୁଣି ଫୋନ ଆସୁଥାଏ - - - - ଅପା ,

ମସଜିଦ ତଳ ସାହିର ଶୀଳା କୁ କେତୋଟି ମୁସଲିମ ଟୋକା ଉଠେଇ ନେଇଗଲେ । ଏବେ ତ କଛି କରିବାକୁ ହେବ । ତୁମେ ଆସୁଛ ତ ? - - - ସାଗରିକା, କହ କ'ଣ କରିବା ? ବେଳକୁ ବେଳ ପରିସ୍ଥିତି ଭୟଙ୍କର ହେଉଛି । ପୋଲିସକୁ ଖବର ଯଦିଓ ହୋଇସାରିଛି ମାତ୍ର ସମସ୍ତେ ଜାଣନ୍ତି ଯେ କାଛୁଆ ପୋଲିସର କେତେ ଦମ । ନରୁର କଥାରେ ସାଗରିକା କୁ ଆହୁରି ବ୍ୟସ୍ତ ଲାଗିଲା । ଶୀଳାର କଛି ଅସୁବିଧା ହୋଇଯିବନ ତ ? କେଜାଣି କାହିଁକ ଛାତିଟା ଧଡ ଧଡ ହେଉନ ତ । ହୁଏତ ଅସୁବିଧା ବିଶେଷ ଭାବେ ନାହିଁ, କେବଳ ଭୟ ଦେଖାଇବା ପାଇଁ ଏମିତି କରି ପାରି ଥାନ୍ତି । ଆଖି ଆଗରେ ଜଣକର ଚେହେରା ନାଚ ଉଠିଲା ।କବୀର .....ହଁ ..କବୀର ..ସେ ହିଁ ତାକୁ ଏ ବିପଦ ରୁ ଉଦ୍ଧାର କରିପାରିବ । ଏକ ଆତ୍ମ ପ୍ରତ୍ୟୟର ଭାବ ଉକୁଟି ଉଠିଲା ମୁହଁରେ । ପୁରୁଣା ଖାତା ରୁ କେଇଟା ନମ୍ବର ବାହାର କରି କଲ କଲା । ନା ...କୌଣସି ନମ୍ବର ଲାଗୁନାହିଁ । ଉଦାସ ହୋଇଗଲା ସେ । ଗୋଟେ ଲେଣ୍ଡ ଲାଇନକୁ ଡାଏଲ କଲା । ଛ ସାତ ଥର କରିବା ପରେ ସେପଟୁ ରିସିଭ ହେଲା ଫୋନ । ଓଃ .ପ୍ରଭୁ ବଞ୍ଚି ଗଲା ମଣିଷ । ନରାଶ ହେବାକୁ ପଡିଲା ତାକୁ । କବୀର ର ଘର ଲୋକେ ସେ ଭଦ୍ର ବ୍ୟକ୍ତିଙ୍କୁ ଘର ଦ୍ୱାର ବିକ୍ରୀ କରିଦେଇ ଅନ୍ୟତ୍ର ଚାଲିଯାଇଛନ୍ତି । କବୀର ଦୀର୍ଘଦିନ ହେବ ତାଙ୍କ ସହିତ କୌଣସି ସମ୍ପର୍କ ରଖି ନ ଥିବାରୁ ସେ କବୀର ର ଫୋନ ନମ୍ବର ଜାଣି ନ ଥିଲେ । କନ୍ତୁ, ଆଶା ତଥାପି ଥାଏ, କେଉଁଠୁ ନା କେଉଁଠୁ ତାକୁ ନମ୍ବର ଟି ମିଳପାରେ, ଏ ଭାବନା ଟି ମନ କୁ ଆସୁଥିବା ବେଳେ, ସେଇ ବୃଦ୍ଧ ବ୍ୟକ୍ତି ଘରକୁ ଆସିଥିବା କେହି ଜଣେ ଆଗନ୍ତୁକ କବୀର କୁ ଜାଣିଥିବାରୁ ତାଙ୍କୁ କବୀର ର ନମ୍ବର ଦେବାରେ ସାହାଯ୍ୟ କଲେ । ନମ୍ବର ମିଳଗଲା ଏବେ ଅନେକ କାମ ସେ ଘରେ ବସି ବସି କରିପାରିବ । ସାଗରିକା କବୀର କୁ ଫୋନ କଲା .......।

- - - - - - - - - - - - -

କବୀରକୁ ଅନେକ ଦିନ ନଜ ପାଖରେ ରଖିଥିଲା ସାଗରିକା । ପ୍ରାୟ ଛଅ ସାତ ବର୍ଷ ର ହୋଇଥିଲା ବେଳେ ଖାଇବା ପାଇଁ ଅନେକ କଷ୍ଟ ପାଉଥିଲେ କବୀର ପରିବାର କାରଣ ନଅ ଦଶ ଟି ପିଲା କବିଲାକୁ ନେଇ ତାଙ୍କ ପରିବାର । ସେ ପୁଣି ଗୋଟିଏ ସ୍ତ୍ରୀ ପକ୍ଷରୁ । ଆହୁରି ଦୁଇ ତିନଟି ସ୍ତ୍ରୀ ଥିଲେ ଆରଫନ ମିଆଁ ର । କନ୍ତୁ କବୀର କୁ ଖୁବ୍ ଭଲ ଲାଗୁଥିଲା । ସେଥିପାଇଁ ତାକୁ ଅନେକ ସମୟରେ ଖାଇବାକୁ ଦେଉଥିଲା ଓ ପଢିବାକୁ ପ୍ରେରଣା ବି

ଦେଉଥିଲା । ମାତ୍ର ପାଠରେ ବେଶୀ ମନ ନ ଥିଲା କବୀର ର । ସେ ଭଲ ଖେଳୁଥିଲା । ତେଣୁ ପ୍ରତ୍ୟେକ ଫୁଟବଲ ଖେଳର ପ୍ରତିଯୋଗିତା ରେ ଭାଗ ନେଉଥିଲା ଏବଂ ସାଗରିକା ହିଁ ତାକୁ ସେ ଦିଗରେ ଆଗେଇବା ପାଇଁ ସବୁକଛି କରିଥିଲା । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବିଚାରର ମଧ୍ୟ ପରିପକ୍ୱତା ବଢେ । ଅନେକ କାମ ରେ ସାଗରିକା କବୀର ର ସାହାଯ୍ୟ ଲୋଡିଥାଏ । ମଝିରେ ମଝିରେ ଆସୁଥାଏ ଦେଖା କରିବାକୁ, ହେଲେ ଏଇ କଛି ବର୍ଷ ହେବ ଏ ଅଞ୍ଚଳ ରୁ କୁଆଡେ ଚାଲିଯାଇ ଥାଏ ଯେ ତା'ର କଛି ଖୋଜ ଖବର ଆଉ ସାଗରିକା ପାଖରେ ନ ଥିଲା । ଯାହା ବି ହେଉ କନ୍ତୁ ଡାକଦେବା ମାତ୍ରକେ କବୀର ଧାଇଁ ଆସି ସାଗରିକା ର କାମ ହାଲୁକା କରିଦେଇଥିଲା। ଜୀବନର ଘାତ ପ୍ରତିଘାତ କୁ ଶୁଣାଇ ଚାଲିଥାଏ । - - - - ଠିକ୍ ଅଛି, କବୀର ତୋତେ ଏବେ ଆଉ କୁଆଡେ ଯିବାକୁ ହେବନ । ତୁ ମୋ ପାଖରେ ରହିବୁ । ମୋତେ ସାହାଯ୍ୟ କରିବୁ । ନା ...କ'ଣ କହୁଛୁ । କବୀର ମୁଣ୍ଡ ହଲାଇ ସ୍ୱୀକୃତି ଦେଲା । ଶୀଳା ଉଦ୍ଧାର ପାଇବା ସେତେ ସହଜ କାମ ନ ଥିଲା ଯେତେ ଟା ସାଗରିକା ଭାବୁଥିଲା । କବୀରକୁ ମଧ୍ୟ ଅନେକ ପାମ୍ପଡ଼ ବେଲିବାକୁ ପଡିଥିଲା । ଶୀଳାକୁ ଉଠେଇ ନେଇଥିବା ଯୁବକ ଜାଫର ର ଭଉଣୀ ଗୋଟେ ଥିଲା ଏବଂ ସେଇ ଭଉଣୀକୁ ହାତ କରି ଶୀଳା କୁ ଉଦ୍ଧାର କରିବାରେ ସଫଳ ହୋଇଥିଲା କବୀର ।

- - - - - - -

ଡ୍ରଇଂ ରୁମରେ ସେଦିନ ଅନେକ ଲୋକଙ୍କ ସମାଗମ । କାରଣ ଖୋଜି ବୁଝୁ ବୁଝୁ, ସେ ମଧ୍ୟରେ କଛି ରାଜନେତା ସାମିଲ ଥିବାର ଜାଣିବାକୁ ପାଇଲା ସେ । ସାଗରିକାର କାମକୁ ଆଖି ଆଗରେ ରଖି ନର୍ବାଚନରେ ଅଂଶ ଗ୍ରହଣ କଲେ ଭୋଟ କଣିବାରେ ଅସୁବିଧା ହେବନ। କାରଣ ଲୋକମାନେ ଏଇଭଳ ସାମାଜିକ କାର୍ଯ୍ୟକ୍ରମ କରୁଥିବା ନାରୀ ନେତ୍ରୀ ମାନଙ୍କୁ ଅବଶ୍ୟ ପସନ୍ଦ କରିବେ ।......ହା,, ହା,, କ ବିଚତ୍ର ଏଇ ଦୁନଆ ସତରେ । ଯେତେବେଳେ ସେ ନଃସହାୟ ଥିଲା ସେତେବେଳେ କୋଉ ନେତା କ ନେତୃସ୍ଥାନୀୟ ଲୋକ ଏଇ ସମାଜ ତାକୁ ସାହାଯ୍ୟ ଦେବାକୁ ଆସି ନ ଥିଲେ । ଅଥଚ ଆଜି ସେ କେଇଜଣଙ୍କୁ ସାହାଯ୍ୟ ଦେଇପାରିଛି ବୋଲି, କେଇଜଣଙ୍କର ସାହାଯ୍ୟ ହୋଇପାରିଛି ବୋଲି ନଜ ସ୍ୱାର୍ଥ ପାଇଁ, ବେଶ ଦଉଡି ଆସିଛନ୍ତି । ଦିନେ ଥିଲା ସେ ସ୍ୱାମୀ ପରିତ୍ୟକ୍ତ, ବେସାହାଯ୍ୟ, ନଜ ପାଇଁ ସାହାଯ୍ୟଟିଏ ଖୋଜି ବୁଲୁଥିବା ନହାତି ଅଦରକାରୀ, ଅସନା, ଅପରିଚ୍ଛନ୍ନ ମହିଳାଟିଏ।

ଆଜି କନ୍ତୁ ବେଶ ଦାମୀ ହୋଇପାରିଛି । ଗୁଟକରୀଟିଏ ମାଗିବାକୁ ଯାଇ ସମାଜର ଏଇମିତି ଠେକାଦାର ମାନଙ୍କ କବଳରୁ କେମିତି ଅନ୍ତର୍ବସ୍ତ୍ର ଶୂନ୍ୟ ହେଉ ହେଉ ଆଉ ମୁହୂର୍ତ୍ତେ ମାତ୍ର ପାଇଁ ବର୍ତ୍ତି ଯାଇଥାଏ, ସେକଥା ମନେପଡିଲେ ଦେ୍ହ ଟାଙ୍କୁରି ଉଠେ। ଟି ପୟ ଉପରେ ଥୁଆ ହୋଇଛି ମୋଟା ମୋଟା କେଇଟା ଟଙ୍କାର ବିଡ଼ା । ଅନ୍ୟ ଦଳଟି ଆସନ୍ତା କାଲି ସକାଳେ ଆସିବ କହି ବିଦାୟ ନେଇ ଯାଇଛି । ନିର୍ବାଚନ ନୋମିନେସନ ପାଇଁ ନାଁ ଦିଆଯିବ। - - - ସାଗରିକା ଦେବୀ, ଆପଣ ଏ ମଧ୍ୟ ରେ ଅନେକ ନାମ ହୋଇସାରିଛି ଯେ, ଆଉ ଦଳ ମାନେ ଆସିଲେ ଆପଣ ମନା କରିବେ ନାହିଁ । କହୁଥିଲା ଗୃଟୁକାର ଜଣେ। ଏମାନେ ହେଉଛନ୍ତି ଛତା । ବର୍ଷା ଯୁଆଡେ, ଖରା ଯୁଆଡେ, ସେଇ ପଟକୁ ଢଳୁଥିବେ । ସାଗରିକା ଏହା ମଧ୍ୟରେ ଦେବୀ ରୂପେ ଅଭିହିତା ହୋଇସାରିଥାଏ । ଖାଲି ଥରେ ମାତ୍ର ସ୍ୱୀକୃତି ଦେଲେ ଏଥର ତା'ଦେବୀତ୍ୱ ର ପୂଜା ଆରମ୍ଭ କରାଯିବ । ଏକ ବିଦ୍ରୂପ ଭରା ହସ ଫୁଟିଉଠୁଥିଲା ତା ମୁହଁ ରେ । ହାତରେ ଆଡେଇ ଦେଇ କହିଲା ସାଗରିକା - - "ନା, ବିଶ୍ୱମୋହନ ବାବୁ, ସେସବୁ ର ଆବଶ୍ୟକତା ନାହିଁ । ମୁଁ ଏତେ ପର୍ଯ୍ୟନ୍ତ ଦେବୀ ହୋଇପାରିନ । ତେଣୁ ମୋ ଦେବୀତ୍ୱ ର ପୂଜନ ପାଇଁ ଏ ସବୁ ଆଦୌ ଦରକାର ନାହିଁ । ଦେବୀତ୍ୱ ପ୍ରାପ୍ତି କ'ଣ ଏତେ ସହଜ ????? ନେତୃଗଣ ଙ୍କ ପ୍ରସ୍ଥାନ ପରେ ସାଗରିକା ଆଖିରୁ ଚବୁକ ଦେଇ ଦୁଇ ଟୋପା ତତଲା ଲୁହ ନଗିଡି ଆସିଲା । ବର୍ଷ ବର୍ଷ ର ସଂଚତ କୋହ ଛାତିପାଖରେ ହାବୁକା ମାରୁଥିଲା । ସ୍ୱାଗତୋକ୍ତି କରୁଥିଲା, - - ସତ ରେ ସେ ଦେବୀ ହୋଇଯାଇଛି ? ଏ ସମାଜ କେତେ ଜଘନ୍ୟ ହୋଇପାରେ ! ଏକ ଘୃଣ୍ୟ ମାନସିକତା କୁ ଦୂର କରାଇବାରେ ସହାୟକ ହୁଏନାହିଁ କନ୍ତୁ କାହାର ଅସହାୟତା ରୁ ବେଶ ଫାଇଦା ଉଠାଇପାରେ । ଜୀବନର ଯନ୍ତ୍ରଣା ସବୁ ସମୁଦ୍ରର ଜୁଆରିଆ ଲୁଣିପାଣି ପରି ଖୁବ୍ ତିକ୍ତ , ଅଥଚ ସେସବୁ କୁ ବାଦ ଦେଇ ଜୀବନର ଚକ ଗଡେନା ଆଗକୁ । ତା ଦେବୀତ୍ୱ ର ପୂଜା ଆରମ୍ଭ ହୋଇଯାଇଛି । ଦେବୀ ହେବାକୁ ଯେ ଅନେକ କଷ୍ଟ, ତ୍ୟାଗ ଦରକାର, ନିଜ ରକ୍ତ, ମାଂସ ହାଡକୁ ଟିକ ଟିକ କରି କାଟି ଦେବାକୁ ପଡେ । ନିଜ ଇଛା, ଅନିଚ୍ଛା ର ତଣ୍ଟି ଚପି ଦେବାକୁ ହୁଏ। ଏ ସବୁକୁ ଯାହା ସେ ଅତି ପିଲାଟି ଦିନ ରୁ କରିଆସୁଛି। କନ୍ତୁ ସେତିକରେ କଣ ଦେବୀତ୍ୱ ପ୍ରାପ୍ତି ହୋଇପାରେ ? ନା ...ନା ....ସେ କେବେ ଦେବୀର ଆସନ ପାଇପାରେନା । ଦେବୀ ସିଏ, ଯିଏ ନିଜର ଭକ୍ତ ର ଆକୁଳ ଆହ୍ୱାନ କୁ ସମ୍ମୁଖୀନ କରେ

ଏବଂ ଦୂର କରେ । କେବଳ ମାତ୍ର ଅତି ସାଧାରଣ ମଣିଷ ଟିଏ ସେ । ନା - - ନା - - - ସେ ଦେବୀତ୍ୱ ପ୍ରାପ୍ତି ଚାହେଁନା । ସାଧାରଣ ମଣିଷଟିଏ ଯେମିତି ତା'ର ସମସ୍ତ ସ୍ୱାଧୀନତା ର ଆନନ୍ଦ, ଅଧିକାର ନେଇ ବଞ୍ଚିରହେ, ଠିକ୍ ସେମିତି ରହିବାକୁ ସେ ଚାହେଁ । ସାଧାରଣ ମଣିଷ ର ହସ, କାନ୍ଦ, ପ୍ରେମ, ବିରହ ରେ ବଞ୍ଚିବାକୁ ଚାହେଁ । ଲୋଡା ନାହିଁ ସେ ପାଷାଣ ମୂର୍ତ୍ତି ରେ ଲମ୍ବା ସିନ୍ଦୁର ଗାର କି ଗଜରା ହାର, ଦାମି ଉପଢୌକନ, ଆଉ ଚବିଶ ଘଣ୍ଟା ର ହାରି ଗୁହାରି ପରି ଲମ୍ବା ଧାଡି । ଦେବୀଙ୍କୁ ଯେ କେତେ କଷ୍ଟ ହୁଏ ସେକଥା ସାଧାରଣ ମଣିଷ ବୁଝିପାରେନି । ନିଜ ଜୀବନର ଯନ୍ତ୍ରଣା କୁ ଦେବୀଙ୍କୁ ସମର୍ପଣ କରିଦେଇ ନିଶ୍ଚିନ୍ତ ହେବାକୁ ଚାହେଁ । ଏମାନେ ତାକୁ ଟଙ୍କାରେ କିଣି ନେବାକୁ ଆସିଛନ୍ତି । ତା'ର ସମସ୍ତ ମୌଳିକତା କୁ ପାଦରେ ଦଳିଦେବା ପାଇଁ ବସିଛନ୍ତି । ନିଜ ସ୍ୱାର୍ଥସାଧନ ପାଇଁ ଅନ୍ୟ କାନ୍ଧ ରେ ବନ୍ଧୁକ ରଖିବାକୁ ଚାହୁଁଛନ୍ତି । କେତେ ସ୍ୱାର୍ଥପର ସତେ ଏଇ ମଣିଷ ମାନେ । ଅନେକ ବାର ଧିକ୍କାର କଲା ସାଗରିକା ଏଇ ସମାଜ କୁ । କିନ୍ତୁ ତଥାପି ବଞ୍ଚିବାକୁ ହେବ ଏଇ ସମାଜ ରେ ସବୁ ଯନ୍ତ୍ରଣା କୁ ପିଇ ନେଇ । ସାଗରିକା ନିଜକୁ ଦମ୍ଭର ସହ ବାନ୍ଧୁଥିଲା , କାରଣ ତାକୁ ଏଇ ସ୍ୱାର୍ଥନ୍ୱେଷୀ ଦୁନିଆରେ ସମାନ୍ତରାଳ ପଥରେ ଚାଲିବାକୁ ହେବ । ହଁ ...କିଛି ଅନ୍ୟାୟ ର ପ୍ରତିରୋଧ କରି କରି ଚାଲିବାକୁ ହେବ । ଏସବୁ ଯନ୍ତ୍ରଣା ଯେ ତା'ର ଏକାନ୍ତ ଆପଣାର । ଜୀବନ କାହା ପାଇଁ କିଣ ସେକଥା ତ ସେ କହିପାରିବନି କିନ୍ତୁ ତା'ର ଯେ ସବୁ ଛନ୍ଦ, ଲୟ, ତାଳ କେହି କାହା ସହ ଖାପ ଖାଉ ନାହାନ୍ତି ସେ ବିଷୟ ନିଜ ଛଡା ଆଉ କିଏ ବା ଅଧିକ ଜାଣିବ । ତା ଜୀବନରେ କେବଳ କେଇଟା ଛିଣ୍ଡା ତାରକୁ ନେଇ ଏମିତି ବେସୁରା ରାଗିଣୀ ଟିଏ ତୋଳୁଥିବ ।!!!!!

ତୁଳସୀଚଉରା, ପୋ- ବାରିପଦା, ମୟୁରଭଞ୍ଜ, ଓଡିଶା

# ସୌଧ କଳ୍ପନାର



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଜୀବନ ନଈରେ ଝରଣାର ଧାରେ
ତୁମେ ହିଁ ତ ଜଳାଧାର,
ବୁଭୁକ୍ଷୁ ଛାତିରେ ନିତି ତୃଷ୍ଣା ଝରେ
ତୁମେ ହିଁ ତ ଅନ୍ନାହାର ।
ଯୌବନ ଯାମିନୀ ପ୍ରୀତି ଅର୍ଦ୍ଧାଙ୍ଗିନୀ
ତୁମେ ହିଁ ତ ଗଳାହାର,
ସପନରେ ସଖା ନିତି ହୁଏ ଦେଖା
ତୁମେ ସୌଧ କଳ୍ପନାର ।
ମନ ମନ୍ଦିରରେ ମାନସୀ ରୂପରେ
ତୁମେ ହିଁ ତ ଅବତାର,
ଲୁହ ପୋଛୁଥିବ ପ୍ରୀତି ବାଣ୍ଟୁଥିବ
ତୁମେ ହିଁ ତ ଗଙ୍ଗାଧାର ।
ଆରତ ବେଳରେ ଥିବତ ସାଥିରେ
ତୁମେ ହିଁ ତ ଆପଣାର,
ପ୍ରୀତିପଦ୍ମ ପ୍ରିୟା ଭିବ ପଦ୍ମାସନେ
ତୁମେ ହିଁ ତ ଆଦରର ।

ସୌଦାମିନୀ ନାୟକ, ବଙ୍କିଆ, ବିରମହାରାଜପୁର

# ଲେଖିଦେ ଛାତିରେ ମୋର



ପ୍ରକାଶ କୁମାର ଗୁନ୍ଧ

କାହିଁକ ଲେଖୁଛୁ ବାଲିର ଶେଯରେ
ନାଆଁଟିକୁ ଗୋରୀ ତୋର
ଲେଖିବାର ଯଦି ଏତେ ଇଛା ଅଛି
ଲେଖିଦେ ଛାତିରେ ମୋର ।

ଚିରି ମୋର ଛାତି ଦେଖି ନେବୁ ସାଥି
ଯେତେବେଳେ ଇଚ୍ଛା ହେବ
ଛାତିରେ ମୋଆର ନାଆଁଟି ତୋହର
ଦୀପ ହୋଇ ଜଳୁଥିବ ।
କେବେ ଲେଖିବୁନ ମାଟିର କାନ୍ଥରେ
ବରଷାକୁ ଭରି ଡର ।
ଲେଖିବାର ଯଦି ଏତେ ଇଚ୍ଛା ଅଛି
ଲେଖିଦେ ଛାତିରେ ମୋର ॥

ଢେଉ ଛୁଇଁ ଗଲେ ବେଳାଭୂଇଁ ତାର
ନାଆଁ ତୋର ଯିବ ଲିଭି
ବରଷା ଧୋଇଲେ ମାଟିର କାନ୍ଥକୁ
କେତେବେଳେ ଯିବ ଭାଙ୍ଗି
କେବେ ଲିଭିବନ କେବେ ଭାଙ୍ଗିବନ
ଏ ଛାତିଟା ଏମିତି ଘର ।
ଲେଖିବାର ଯଦି ଏତେ ଇଚ୍ଛା ଅଛି
ଲେଖିଦେ ଛାତିରେ ମୋର ॥

ଜୟପୁର ଶାସନ, ପିପିଲି ପୁରୀ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ବରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସୋନ ପାପଡ଼ି



ଆଶା ସାହୁ ( ଆରତୀ)

"ସକାଳୁ ସକାଳୁ କାହିଁକି ଗୋଟେ ବକର ବକର ଲଗେଇଛ କହିଲ? ଦୁର୍ଭାଗ୍ୟ ଏମିତି ଯେ ବୁଧବାର ଦିନ ପଡ଼ିଛି ଦୀପାବଳି। ଆଗେରେ ଛୁଟି ନାହିଁ କି ପଛେରେ ଛୁଟି ନାହିଁ। ଭଲ୍, ଶୁକ୍ରବାର କି ଶନିବାର ପଡ଼ି ଥାନ୍ତା ବୋଇଲେ ମଣିଷ ଦୁଇଦିନ ଆରାମ ରେ ଶୁଅନ୍ତା।" ତକିଆ ଟାକୁ କାନ ଉପରେ ଗୁଡ଼ି ରଖି କହୁଥିଲ ଅରବିନ୍ଦ।

"ହଁ ଭଲ? ଶୁକ୍ରବାର ମୋର ସନ୍ତୋଷୀ ବ୍ରତ, ସୋମବାର ଶୀବୋପବାସ। ମୁଁ ଖାଲି ଖଟି ଖଟି ମରିବି। ଆଉ ତୁମେ ମାନେ ସବୁ ଗେଫିବ, ନାଇଁ? କହି ଦେଉଛି, ଏଥର ସେ ସୋନ ପାପଡ଼ି ଡବା ମୁଁ କାହାକୁ ହେଲେ ଦେବି ନାହିଁ ଟି। କଣ ଭିନ୍ନ ଜିନିଷ ଆଣ। ଗଲ ଦୀପାବଳି ର ଦୁଇଟା ସୋନ ପାପଡ଼ି ଡବା ଥୁଆ ହୋଇଛି ଆହୁରି। ତୁମ ଅଫିସ କଲିଗ ମାନେ ମଧ ସେହି ବଳକା ସୋନ ପାପଡ଼ି ଡବା ମାନଙ୍କର ଶୁଦ୍ଧିକ୍ରିୟା କରିଛନ୍ତି ବୋଧେ ତୁମ ପାଖରେ। ବଡ଼ ନାମଜାଦା ମିଶ୍ର ବ୍ରାହ୍ମଣ କି ନା। ଏକାବେଳକେ ଦଶଟା ଡବା ମିଳ ଯାଇଛି। ମୁଁ ସେଗୁଡ଼ା କାହାକୁ ହେଲେ ଗିଫ୍ଟ କରିବି ନାହିଁ ଜମା। ସମସ୍ତଙ୍କୁ ହସିବାର ଖୋରାକ ମିଳଯିବ। ହେଇ ଦେଖୁନ, ହ୍ୱାଟସ୍ ଏପ୍ ରେ ମେସେଜ ଭାଇରଲ ହୋଇଛି-

ପାଞ୍ଚଟି ଅକ୍ଷରେ ନାମ ମୋହର,
କାଲି ଥିଲି ମୁହିଁ ତ ଜଣକର,
ଆଜି ହୋଇ ଗଲି ଆଉ କାହାର,
କାଲି ପୁଣି ଯିବି ଆରେକ ଘର।

ହେଇ ଉଠିଲ, ମୁଁ ନୂଆ କରି କଛି ଦୀପାବଳ ଗିଫ୍ଟ ଦେବାକୁ ଗ୍ଲହେଁ। ଡେରି ହେଲେ ଏହି ଇନୋଭେଟିଭ ଆଇଡିଆ ଟା ଅଲଗା କାର ମୁଣ୍ଡରେ ଯଦି ଢୁକ ଗଲ୍ ନା।"

ସୁମିତ୍ରା ର ନନ୍ ଷ୍ଟପ କଚର କଚର ବନ୍ଦ ହେବାର ନାଁ ନେଉନ। ମଣିଷ ଶୋଇବ ଆଉ କଣ।

"ହ ଇ ହୋ ,ସେହି ଡବା ସବୁ ବାଣ୍ଟି ଦେଲେ କଣ ପାଞ୍ଜି ଅଶୁଦ୍ଧ ହୋଇ ଯିବ? ଧନତ୍ରାସ କୁ ତ ଲ୍ଲେନ୍ ତ୍ରାସ କରି ପକାଇଲ, ଗୋଟିଏ ତିରିଶ ହଜାରିଆ ହାରରେ ହାତ ମାରି। ମୋ ପକେଟକୁ ଏମିତି ହାଲକା କରି ଦେଲ ଯେ, ପୋଲିସ ଖାନତଲ୍ଲସି ରେ ବି କଛି ମିଳବ ନାହିଁ। ସେଥିରେ ବି କମ୍ପିଟିସନ୍, କଣ ନା ସମସ୍ତେ ସୁନା କଣୁଛନ୍ତି ମୁଁ ବି କଣିବି। ଶ୍ୟେଃ। କ ଧନ ତେରସ୍ କେଜାଣି, ସୁନା ଦୋକାନରେ ସତେକ ସୁନା ମାଗଣାରେ ବଣ୍ଟା ହେଉଛି। ଗ୍ଲର୍ଲି ଗ୍ଲପ୍ଲିନଙ୍କ 'rush for gold' ମନେ ପଡ଼ି ଯାଉଛି। ପୁଣି କଣ ଦୋକାନ ମାନଙ୍କରୁ ଝାଡୁ ବି ଶେଷ। ଝାଡୁ କଣା ବି ଭ୍ରାଇରଲ ହେଲ୍ଣି। ସାଧୁ ବାଣୀର ସାଧୁ ଜଣକ ତାକୁ ଆହୁରି ସଂକ୍ରାମକ କରି ଦେଇଛନ୍ତି। ହଁ ଭଲ, ଦୀପାବଳ ପରଦିନ କେତେକ ଘରେ patent medicine ପାଲ୍ଲରେ ଦରକାର ଆସିବ। ହେଇଟି, ନହେଲେ ଗୋଟେ କାମ କରୁନ, ଘରେ ମଣ୍ଡା, କାକରା, ବରା, ନମିକ ଇତ୍ୟାଦି ତିଆରି କରି ଦେଉନ? ବଜାର ମିଠା କୁଆଡ଼େ ଭେଜାଲ, କେମିକାଲ। ରସଗୋଲ୍ଲା, ପନୀର କୁଆଡ଼େ ଟିସୁ ପେପର ରେ ତିଆରି ହେଉଛି।"

"ହଁ, ବଢ଼ିଆ ଆଇଡିଆ? ମୁଁ ପାର୍ଲର ଯିବି ଭାବୁଛି, ଆଉ ତୁମେ କହୁଛ ଗ୍ଲେଷେଇ ଘରେ ଝାଳ ନାଳ ହୋଇ ଆରିସା କାକରା ଛାଣିବି। ହେଇ ପାରିବନ, ହେଇ ପାରିବନ। ସମସ୍ତେ ସଜ ହୋଇ ରାଜରାଣୀ ଦେଖାଯିବେ ଆଉ ମୁଁ ଗ୍ଲକରାଣୀ ଦେଖାଯିବି, ନାଇଁ? "

ଅରବିନ୍ଦ ଟିକେ କୌତୁକରେ ଅନ୍ତର ଭାବନାକୁ ଯୋର କରି ଚପାଇ ରଖି କହିଲ୍,"ନା ମ"
"ଯେତେ ଝାଳନାଳ ହେଲେ ମଧ୍ୟ ତୁମର ପ୍ରାକୃତିକ ସୌନ୍ଦର୍ଯ୍ୟ କୁ କଏ ଟପି ଯିବ? ତୁମର ସେ ଐଶ୍ୱର୍ଯ୍ୟା ରାୟ ଭଳ ନୀଳ ନୟନ, ଆଲିଆ ଭଟ୍ଟ ଭଳ ତୀର୍ଯ୍ୟକ ହସ- "

"ହଃ ରଖ ହୋ ତୁମ ସୁହାଗ, ମୁଁ ଭାବୁଛି ଆମେ paper boat ର ଜୁସ୍ ପ୍ୟାକେଟ ଦେଲେ କେମିତି ହୁଅନ୍ତା? "

"ଠିକ କଥା ଯେ, ହେଲେ ଏତେ ଗୁଡ଼ାଏ ଖର୍ଚ୍ଚ। ତୁମ ଗୁଣବନ୍ତ ପୁଅର ପୁଣି ବର୍‌ଦ, ଏଥର ସେ ବାଣ ଫୁଟେଇବନ, ଗ୍ରିନ୍ ଦିୱାଲି ମନେଇବ, ସେଥିପାଇଁ ତାର ଗୋଟେ ଆଇ ଫୋନ ଦରକାର। ତାପରେ ସେ ସୋନ ପାପଡ଼ି ଡବା ସବୁ ହେବ କଣ? ପୁଣି ମେଞ୍ଚେ ସେଥିରୁ ଆସିବ ଏଥର।"

"ମୁଁ କଛି ଜାଣିନ, ହେଲେ ସେଥିରୁ କଛି ଧୋବା, ବାହାଦୂର, କାମବାଲୀ, ଝାଡୁ ବାଲୀ ଙ୍କୁ ଦେଇ ଦେବି, ବାକ ଦେଖିବା। ତୁମେ ଗଲ ଏବେ। ମୁଁ ଯାଏ, ପାର୍ଲର ବାଲୀ ଦଶଟାରେ ଆସିବାକୁ କହିଥିଲା।"

* * * * * ପାଞ୍ଚଦିନ ପରେ* * **

"ନେ ବାବା, ଏଇ ଗୋଟେ ଗ୍ଲାସ ଜୁସ୍ ପିଇ ଦେ, ପ୍ଲିଜ"

ସୁମିତ୍ରା ର ପୁଅକୁ ଆକୁଳ ଅନୁନୟ,

"ଆରେ, କହିଲି ନା, ଆଉ ମୋ ଦ୍ୱାର୍ ହେବନ। ତୁ ପିଇ ଦେଉନୁ? ଗ୍ଚରି ଦିନ ହେଲା ଦିନକୁ ପାଞ୍ଚ ଛଅ ଥର ଜୁସ୍ ପିଆଇ ପିଆଇ ମୋ ଟେଷ୍ଟ ମୋ ମୁଡ ବିଗାଡ଼ି ସାରିଲୁଣି। ମୁଁ ଆଉ ଜୁସ୍ ପିଇ ପାରିବିନ। ଭୋମିଟିଂ ହେଇ ଯିବ। ଯା ପାପାଙ୍କୁ ଦେ।"

ପୁଅର ଗ୍ରେକ୍ ଠୋକ୍ ଜବାବ।

ଅରବିନ୍ଦ ସିଆଡେ ରବିବାର ଦିନଟାରେ ଦିପ୍ରହରେ ନ ଶୋଇ ଜୁସ୍ ପ୍ୟାକେଟ ଗଣୁଛି । ଆଉ, ବଳକା ଅନେଶ୍ୱତ ଟା ପ୍ୟାକେଟ ତାକୁ ଖତେଇ ହେଉଛନ୍ତି।

ଆଶା ସାହୁ, ବସନ୍ତ ବିହାର, ନୂଆ ଦିଲ୍ଲୀ

# ମାଆ ଓ ବାପା



ତୁଷାରକାନ୍ତ ପ୍ରସାଦ

ମା ଜଗିଥାଏ ଦୁଆର ବନ୍ଧରେ,
ପୁଅର ଫେରିବା ବାଟ।
ବାପା କହନ୍ତି ପିଲାଟା ଆମର,
ସାଙ୍ଗସାଥୀ ମେଳେ ନଷ୍ଟ ।

ଘରକୁ ଫେରିଲେ ମା ଖୁସି ହୁଏ,
ପୁଅ ଫେରିଲାଣି ମୋର।
ବାପାଙ୍କ ସେଇ ନତିଦିନ କଥା,
ଆସିଗଲା କୁଳାଙ୍ଗାର ।

ଖାଇ ବସିଥିଲେ ମା କହୁଥାଏ,
ମନଭରି ପୁଅ ଖାଉ।
ବାପା କହନ୍ତି ବହୁତ ଖାଇଲା,
ଏବେଠୁଁ କୁଆଡେ ଯାଉ ।

ପଇସା ମାଗିଲେ ମା ଦିଏ ଆଣି,
ମାଗିବା ଠାରୁ ଅଧିକା।
ବାପା ଗରଗର ହୋଇ କହନ୍ତି,
ଏ କଣ କରିବ ଟଙ୍କା ।

ଦେହ ଖରାପରେ ଦେଖିବ ଥରେ,
ଦୁହିଁଙ୍କ ଶୁଖିଲା ମୁହଁ।
ଦୁହେଁ ଡାକୁଥିବେ ଇଶ୍ୱର ପାଶେ,
ଶିଘ୍ର ଭଲକରି ଦିଅ ।

ମା କଥା ସିନା ଲାଗଇ ମଧୁର,
ବାପାଙ୍କ କଥାଟା କ୍ଷାର।
ମା ବାପା ପରା ଯେଉଁଠି ଥାଆନ୍ତି,
ସୁଖୀ ସେଇ ପରିବାର ।

ବରୀ, ଯାଜପୁର

# ବୃକ୍ଷ ଓ ନାରୀ



ସନ୍ତୋଷ ପଟ୍ଟନାୟକ

ପରିବାର ଠାରୁ ପରିବେଶ ସୃଷ୍ଟି
ନାରୀର ହାତ ସବୁଠି
ବୃକ୍ଷ ଆଉ ନାରୀ ସମ ଗୁଣ ବର୍ତ୍ତୀ
ପରୋପକାରେ ଦୁହେଁ ଟି....

ସ୍ନେହ, ଶ୍ରଦ୍ଧା, ପ୍ରେମ ସଦା ଝରୁଥାଏ
ସଂସାର ମଧ୍ୟେ ସାରଟି
ବୃକ୍ଷ ଓ ନାରୀ ଦୁହେଁ ଉପକାରୀ
ଏକଥା ଅନ୍ୟଥା ନୁହେଁଟି....

ନାରୀ ସାଜେ ମାତା, ଭଗିନୀ ଦୁହିତା
କେବେ ଜାୟା ପତିବ୍ରତା
ସବୁରି ରୂପରେ ପ୍ରେମ କାଙ୍ଗାଳିନୀ
ସେଇ ପଥ ପ୍ରଦର୍ଶିକା....

ବୃକ୍ଷ ବି ସେମିତି ଅମ୍ଳଜାନ ପାଇଁ
ନିତାନ୍ତ ଜରୁରୀ ଆମ
ବାସଗୃହ ଠାରୁ ଶ୍ମଶାନ ପର୍ଯ୍ୟନ୍ତ
ନିଃସ୍ୱାର୍ଥେ ଦିଅଇ ଦାନ....

ଦୁହିଁଙ୍କ ମିଳନେ ପ୍ରକୃତି ଶୋଭିତ
ଝଲସଇ ତନୁମନ
ଉପମା ଦେବାକୁ ଭାଷା ନାହିଁ ମୋର
ଦୁହିଁଙ୍କୁ କଲି ନମନ...

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ନାରୀ ଶକ୍ତିର ଶାଣିତ ପ୍ରତିଫଳନ- ନାଦିଆ ମୁରାଦ



ଡି ଶୁଭମ୍

ଜନନୀ ଆଉ ଜନ୍ମଭୂମୀ ସର୍ଗ ଠାରୁ ଗରିୟସୀ । ଉଭୟ ଚିରନ୍ତନ ଆଦ୍ୟାଶକ୍ତି ନାରୀର ପ୍ରତୀକ । ଜନନୀ, ଜାୟା, ଭଗିନୀର ରୂପରେ ରୂପବନ୍ତ ନାରୀ । ସେ ପ୍ରେମମୟୀ, ସ୍ନେହମୟୀ, ମମତାମୟୀ । ସେ ସର୍ବଂସହା । ଧରିତ୍ରୀ ଠାରୁ ବି ସେ ସହନଶୀଳା । ସେ ସଂବାହିକା, ସେ ଅବଧାରିତା । ପାରିବାରିକ ଜୀବନ ଠାରୁ ଆରମ୍ଭ କରି ସାମାଜିକ ଜୀବନ ଯାଏଁ ସେ ମଙ୍ଗଳମୁଦ୍ରାଙ୍କ ମଙ୍ଗଳମୟୀ ମାତା । ସ୍ନେହ, ପ୍ରୀତି, ପ୍ରତ୍ୟୟର ଏକ ନିଆରା ଅନୁଭବ ନାରୀ । ସେ କୁଳଲକ୍ଷ୍ମୀ, ମହାଲକ୍ଷ୍ମୀ । ଜୀବନ ନଇରେ ସେ ଏକ ରଙ୍ଗୀନ ଡଙ୍ଗା। ମାନବର ମାନସ ମନୀସାରେ ସେ ହସର ଏକ ଅନୁପମ ସରଳରେଖା । ତେବେ ଯୁଗେଯୁଗେ ନାରୀ ମାନେ ନିର୍ଯାତନା ପାଇଁ ପ୍ରତିବାଦର ସ୍ୱର ଉଠାଇଛନ୍ତି । ସେଇମିତି ଏକ ନାରୀ ଯେ ପ୍ରତିବାଦର ଏକ ଶାଣିତ ପ୍ରତିଫଳନ- ୨୦୧୮ ର ନୋବେଲ ଶାନ୍ତି ବିଜୟିନୀ- ନାଦିଆ ମୁରାଦ ।

ନାଦିଆ ମୁରାଦ- ଇରାକର ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବାରର ତରୁଣୀ । ବୟସ ମାତ୍ର ୨୫ । ୨୦୧୫ ରୁ ସବୁଠାରୁ ଭୟଙ୍କର ଆତଙ୍କବାଦୀ ସଙ୍ଗଠନ ଆଇ ଏସ ଆଇ ବିରୋଧରେ ଏକାକୀ ସଂଗ୍ରାମ ଜାରି ରଖିଛନ୍ତି । ଧର୍ମ ନାମରେ ଅଧର୍ମର ହୋଲି ଖେଳୁଥିବା ନାରିଲୋଭି କାମୁକମାନଙ୍କ ବିରୋଧରେ ବ୍ରତିବାଦର ନିଆଁ ଲଗାଇଛନ୍ତି । ଏହି ଅମାନବୀୟ ସଙ୍ଗଠନର ସଦସ୍ୟ ମାନଙ୍କ ଦାରା ଯୌନଉତ୍ପୀଡ଼ନର ଶିକାର ହେବା ପରେ ଏବେ ସେ ସାଜିଛନ୍ତି ତୀବ୍ର ପ୍ରବକ୍ତା । ଏମିତିକ ଜାତିସଙ୍ଘ ଗୃହରେ ବି ଯୁକ୍ତି ବାଢିବାରେ ପଛାଇ ନାହାନ୍ତି । ତାଙ୍କ

ପୁସ୍ତକ "ଦ ଲଷ୍ଟ ଗାର୍ଲ" ର ତଥ୍ୟ ପଢିବା ବେଳେ ମୋ ଲୋମ ବି ଟାଙ୍କୁରି ଉଠିଥିଲା । ସତରେ ସେ ଆଜିର ନାରୀ ସମାଜ ପାଇଁ ଏକ ସାର୍ଥକ ଉଦାହରଣ । ସମଗ୍ର ବିଶ୍ୱରେ ନାରୀ ନିର୍ଯାତନାର ବିଭୀସ୍ତ ଘଟଣା ତୁଳନାରେ ଭାରତରେ ଏହାର ପ୍ରଭାବ ବେଶୀ ଦେଖିବାକୁ ମିଳେ । ଏସବୁ ଦୃଶ୍ୟ ସବୁଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରେ । ନିର୍ଯାତିତା ନାରୀର ବିଭିସ୍ତତାର ଅନେକ ଦୃଶ୍ୟ ଗଣମାଧ୍ୟମର ଅନ୍ତରାଳରେ ରହିଯାଉଛି । ପୈଶାଚକ ମୋହରେ ମହୀୟାନ ଆଜିର ମାନବସମାଜ । ଯେଉଁ ମାତୃଗର୍ଭରୁ ଜଣେ ପୁରୁଷ ଜନ୍ମ ନେଇଛି, ଆଜି ସେ ନିର୍ବିଗ୍ନରେ ନାରୀ ଉପରେ ଅତ୍ୟାଚାର କରିଚାଲିଛି । ଆଜକୁ ଠିକ ଚାରିବର୍ଷ ତଳେ ଏମିତି ଏକ ଘଟଣାର ଶିକାର ହୋଇଥିଲେ ନାଦିଆ ମୁରାଦ । ଇରାକର ସିଂଜର ଜିଲ୍ଲାର ଏକ ୟେଜିଦୀବହୁଳ ଏକ ଛୋଟ ଗାଁ କୋଚୋ । ୨୦୧୪ ସେପ୍ଟେମ୍ବର ୧୫ ତାରିଖ । ସମଗ୍ର ନାରୀଜାତିର ଇତିହାସର ଏକ ଲୋମହର୍ଷଣକାରୀ ଘଟଣା । ନାଦିଆ ନିଜ ପୁସ୍ତକରେ ଲେଖିଥିବା କଥା ଶୁଣିଲେ ସତରେ ଆପଣ ବି ଚକିତ ହୋଇଯିବେ । ସେଇ ଘଟଣାର କିଛିଦିନ ପୂର୍ବରୁ ଆଇଏସଆଇଏସର ଏକ ଦଳ ଆସି ପହଞ୍ଚିଲେ ।ସମସ୍ତଙ୍କୁ ଇସଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ କରାଯାଇଥିଲା । ଆଉ ଯିଏ ନକଲା, ତତକ୍ଷଣାତ ଆରମ୍ଭ ହୋଇଗଲା ନରହତ୍ୟାର ଲୀଳା । ଏହୀ ନରସଂହାର ପର୍ବରେ ବଳିପଡ଼ିଲେ ଗାଁର ୩୦୦ରୁ ଅଧିକ ପୁରୁଷ । ନିମିଷେକ ମଧ୍ୟରେ ପୁରୁଷଶୂନ୍ୟ ହୋଇପଡ଼ିଲା ପୁରା ଗାଁ । ସତରେ ଲେଖିଲା ବେଳକୁ ମୋ ଦେହ ବି ଶୀତେଇ ପଡୁଛି । ଏଥିରେ ନାଦିଆଙ୍କ ନିଜ ଛଅ ଭାଇଙ୍କ ସହିତ ସାବତ ଭାଇ ବି ଥିଲେ । କେଇ ଘଣ୍ଟାର ଏଇ ସଂହାର ପରେ ଗାଁ ପରିବେଶ ମଶାଣି ପାଲଟିଗଲା । ଖାଲି ଏତିକରେ ସେମାନଙ୍କ ଆତ୍ମା ପରିତୃପ୍ତ ହୋଇନଥିଲା, ଏହା ସହ ଗାଁର ସମସ୍ତ ଯୁବତୀଙ୍କୁ ସେଠାରୁ ମୋସୁଲ ସହରକୁ ନିଆଗଲା । ଆଉ ସେଠାରେ ସେମାନଙ୍କୁ ଯୌନଦାସୀ ଭାବେ ରଖାଗଲା । ଲେଖିଲା ବେଳକୁ ଆଖିରେ ପାଣି ଆସିଯାଉଛି । ଏତିକରେ ଅତ୍ୟାଚାର ସରି ନଥିଲା, ଯୁବତୀ ମାନଙ୍କୁ ବଳାତ୍କାର କରିବା ସହ ପ୍ରତିରୋଧ କଲେ ନିସ୍ତୁକ ମାଡ଼ ଏମିତିକି ଚେଙ୍କ ଦିଆଯାଉଥିଲା । ନାଦିଆ ବି ଏହାର ମୁକ ସାକ୍ଷୀ । ସହି ନପାରି କେତେକ ଯୁବତୀ ଛାତରୁ ଡ଼େଇଁ ଆତ୍ମହତ୍ୟା ବି

କରିଥିଲେ । ଗୋଟିଏ ଗୋଟିଏ ଗୃହିଦିଆ କଣ୍ଢେଇ ଭଳି ସେମାନଙ୍କୁ ବ୍ୟବହାର କରୁଥିଲେ। ସତତଚେଷ୍ଟା କରିବି ସେଠାରୁ ବାହାରି ସେମାନେ ଆସିପାରୁ ନଥିଲେ ।ପାଟି କଲେ ଦିଆଯାଉଥିଲା ନିର୍ଯାତନା । ନମାଜ ପାଠ ସହିତ ବଳାତ୍କାର ବି କରୁଥିଲେ । ଭାଗ୍ୟସାଥ ଦବାରୁ କୌଶଳକ୍ରମେ ନାଦିଆ ସେଠାରୁ ଖସିଆସି ପୁର୍ନଜନ୍ମ ପାଇଥିଲେ । ନାଦିଆ ସିନା ପଳେଇ ଆସିଲେ, ଆହୁରି ଅନେକ ଯୁବତୀ ଏବେବି ସେମାନଙ୍କ କବଳରେ ଅଛନ୍ତି ।

ଆଉ ଏହା ପରଠୁ ଆରମ୍ଭ ହୋଇଥିଲା ନାଦିଆଙ୍କ ବିପ୍ଳବର ଚହ୍ନ । ପ୍ରଥମ ଯୁବତୀ ଭାବେ ଜାତିସଙ୍ଘ ଆଗରେ ନଜେ ନଭାଇଥିବା ଦୁଃଖ ସର୍ମ୍ପକରେ ବର୍ଣ୍ଣନା କରିଥିଲେ । ବିଭିନ୍ନ ଜାତୀୟ ତଥା ଆର୍ନ୍ତଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଲା ନାଦିଆଙ୍କ ଖବର । ସମସ୍ତଙ୍କୁ ସଚେତନ କରାଇବା ପାଇଁ ଗଠନ କରିଛନ୍ତି ନାଦିଆସ ଇନସିଏଟିଭ । ଶେଷରେ ୨୦୧୮ର ନୋବେଲ ଶାନ୍ତି ବିଜୟିନୀର ମୁକୁଟ ପିନ୍ଧିଛନ୍ତି ନାଦିଆ । ବୋଧହୁଏ ଆଜି ବି ଅନେକ ନାଦିଆଙ୍କ ବିଷୟରେ ଜାଣିବି ନଥିବେ । ୧୭ତମ ମହିଳାଭାବେ ସେ ନୋବେଲଶାନ୍ତି ପୁରସ୍କାର ପାଇଛନ୍ତି ।

ହେ ନାଦିଆ, ସତରେ ତୁମେ ଆଜିର ସମାଜ ପାଇଁ ଏକ ପ୍ରତିଫଳନ । ସଲାମ ତୁମର ଅଦମ୍ୟ ତ୍ୟାଗ ଓ ସାହାସ କୁ । ଏମିତି ଶହଶହ ନାଦିଆ ସୃଷ୍ଟି ହେଲେ ଏ ସମାଜ ସୁରଭର ପୁଷ୍ପରେ ସୁରଭିତ ହେବ ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ

# ଦୀପାବଳୀ

ଦିବ୍ୟ ଦିପ୍ତିମୟ ବେହେରା

ପୁଣି ବରଷକେ ଆସିଛି ସାଙ୍ଗ
ଆଣିଛି କେତେ ଯେ ଜାକ ଜକମ
ନୂଆ ପୋଷାକ କୁ ନୂଆ ମିଷ୍ଟାନ୍ନ
ସାଜ ସଜଡା ରେ ଚଞ୍ଚଳ ମନ
ସଜାଇ ରଖିଛି ନୂଆ ଦୀପ ମାଳ
ଲମ୍ବା ସଳତା ସଂଗେ ଘିଅ ତେଲ
ଦିପାବଳୀ ସେହୁ ସବୁରି ପ୍ରିୟ

ଘରକୁ ମୋହର ଦେଲି ସଜେଇ
ନାନା ଆଲୋକରେ ବଧୂ ବନେଇ
ସୁନ୍ଦର ରଙ୍ଗୋଲିରେ ଦେଲି ରଙ୍ଗେଇ
ଙ୍କ ମନୋହର ଆହା ତହୁଁ ଦିଶଇ
ବଡବଡିଆ ହୋ ଗୀତ ଅନନ୍ଦେ ଗାଇ
ପୁର୍ବ ପୁରୁଷ କୁ ଭୋଗ ଦେଲି ବଢେଇ
ଦିପାବଳୀ ସେହୁ ପ୍ରିୟ ସବୁରି
ନାନାଦି ଫଟକା ଆଣିଲି କଣି

ଚକରି ତାଳକୁ ଅନାର ହାବେଳ
ଲଙ୍କା ଚତା ସଙ୍ଗେ ରଙ୍ଗି ଝିରଝିରି
ଭାଇ ଭଉଣି ଯେତେ ସଙ୍ଗତେ ମିଳ
ଝଲସି ଉଠିଲା ଖୁସି ମନରେ ଖେଳ
ଆର ବରଷକୁ ଚାହିଁ ଗଣିଲୁ ଦିନ
ଦିପାବଳୀ ସେହୁ ସବୁରି ପ୍ରିୟ

ଜାମକାନ, ଗୁମାଡେରା
ବେଲପାହାଡ, ଜିଲ୍ଲା ଝାରସୁଗୁଡା

# ପ୍ରତୀକ୍ଷା



ଖଗେଶ୍ୱର ବାଗ

ନାହିଁ ଭ୍ଵବର ବିନମୟ ନାହିଁ ପାଇବାର ଆଶା,
ନାହିଁ ମିଳନର ଆକାଂକ୍ଷା ନାହିଁ ବିଶ୍ୱାସେ ଭରସା ।।
ରହିନ ଉଜାଗରେ ସତେ ଅବା ଚଠି ଲେଖି ନାହିଁ,
ସ୍ୱପ୍ନେ ଗଢି ନାହିଁ ସୁଖର ସଂସାର ତୁମକୁ ନେଇ ।।
କେବଳ ଏତିକ ଜାଣିଛି କଥା ହୁଅ ବେଳେ ବେଳେ,
କ୍ୱଚତ ଦେଖାହୁଏ ତୁମର ସଞ୍ଜ ଆଉ ପ୍ରାତଃ କାଳେ ।।
ଏତିକରେ କେଜାଣି କ'ଣ ହେଲ୍ ଏହି ଅନ୍ତର ଦେଶେ,
ଅଲକ୍ଷ୍ୟରେ ଖୋଜେ ତୁମକୁ ଦେଖେ ଖାଲି ମୋ ମାନସେ ।।
ମୁଁ ଜାଣିନ ଏଥିରେ କ ହେବ ତୁମେ ର୍‌ଜି ଅବା ମୋତେ,
ଚର ଦିନ ଲ୍‌ଗି ମାନସୀ ସ୍ୱୀକୃତି କ ଦେବ ସତେ ।।
କରିବିନ ବାଧ ତୁମକୁ ପାଇବାକୁ ତୁମ ସ୍ନେହ,
ମାରିବ କ ବଞ୍ଚାଇବ ଯେ ଏ ସଂସାରେ ତୁମ ମୋହ ।।
ତଥାପି ପ୍ରତୀକ୍ଷା କରିବି ତୁମ ପ୍ରତିଉ୍ତୋର ପାଇଁ,
ଅବଶିଷ୍ଟ କାଳ କାଟିବି ତୁମର ' ହଁ ', 'ନାହଁ ' ନେଇ ।।

ବୁଦ୍ଧିକୋମନା, ଜିଲ୍ଲା- ନୂଆପଡା

# ସମାନ୍ତର

ସସ୍ମିତା ବେହେରା

ଅପେକ୍ଷା ରେ ସକାଳରୁ ରାତି ଆସିହେଲା
ହେଲେ ଆସିଲାନି ତୁମର ମେସେଜ
ଅବା ଗୋଟେ ସିଂଗଲ କଲ୍...
ଏଇ କିଛି ଦିନ ହେବ
ତୁମେ ଖୁବ୍ ବଦଳି ଯାଇଛ
ହୁଏତ ତୁମ ଜୀବନରେ ମୋର ଅବଶ୍ୟକତା ଆଉ ଅନୁଭବ କରିପାରୁନ...
ଦେଖିପାରୁନ ତୁମର
ସେ ଆଲିଙ୍ଗନରେ ପୁର୍ବବତ୍ ନିବିଡ଼ତା..
ହେଲେ ସ୍ପଷ୍ଟ ବାରି ହୋଇ ପଡୁଛି
ତୁମର ସେ ମିଛ ହସ ପଛରେ
ଢାଙ୍କି ଥିବା ଘୃଣା ର ପରଦା...
ଅନେକଥର ତୁମ ଭିତରେ
ହଜି ଆବିଷ୍କାର କରିଛି ନିଜକୁ
ହେଲେ ଏବେ କାହିଁ
ସେଇ ପ୍ରଶସ୍ତ ଛାତି ଉପରେ
ମୁଣ୍ଡ ଆଉଜିଲା ବେଳେ
ଏତେ ସଂକୀର୍ଣ୍ଣତା...? ? ?

ସାତ ଜନ୍ମ ପାଇଁ ହାତରେ ହାତ ଛନ୍ଦି
କଥା ଦେଇଥିବା
ତୁମର ହାତ  ଯୋଡାକ
ଆଜି କାହିଁ କେତେ ଦୂରରେ...
ସମ୍ପର୍କରେ ସୁନା ପର
କଁଅଳବା ଆଗରୁ
ତୁମେ ଆଙ୍କିଦେଉଛ
ଆମ ଭିତରେ ସୀମାରେଖା...
ଅନ୍ତଃହୀନ ଦୂରତାର
ପରିଧି ଉପରେ ଠିଆ ହୋଇ
ତୁମକୁ ଛୁଇଁବାର
ଚେଷ୍ଟା ମୋର ବିଫଳ ହେଉଛି...
କାରଣ ତୁମେ ପାଲଟି ଯାଇଛ ବ୍ୟାସାର୍ଦ୍ଧ ବିହୀନ ବୃତ୍ତ ର କେନ୍ଦ୍ରବିନ୍ଦୁ...
ଆଉ ମୁଁ ଖୋଜି ଗ୍ଲୁଲିଛି
ଭୂମିରୁ..... ଭୂମା
ପାହାଡରୁ... ପାରାବାର...
ଝୁରି ଝୁରି ଝଡ଼ିଯିବାଟା
ଖାଲି ଯାହା ସାର ହୁଏ
ଜୀବନ ର ଚଲାବାଟରେ....!!!

ସୋଲର ଛତିଆ ଯାଜପୁର

# ଏମିତି ବି ହୁଏ



ସସ୍ମିତା ମହାନ୍ତି

ବାହାଘର ପରଠାରୁ ମୁଁ ପ୍ରାୟ ଓଡିଶା ବାହାରେ ହିଁ ରହୁଛି। ସେଥିପାଇଁ ମୋର ସାଙ୍ଗସାଥିମାନଙ୍କ ସହ ସଂପର୍କ ନଥିଲା କହିଲେ ଚଳେ। ଆମ ସମୟରେ ମୋବାଇଲ୍ ଫୋନ୍ ନଥିଲା, ଲ୍ୟାଣ୍ଡ ଫୋନ୍ ସଂଖ୍ୟା ବି ବହୁତ କମ ଥିଲା। ସଂପର୍କ ରକ୍ଷାର ଏକମାତ୍ର ମାଧ୍ୟମ କହିଲେ ଚିଠିକୁ ହିଁ ବୁଝାଏ। ବାହାଘର ପରେ ସାଙ୍ଗମାନଙ୍କ ସହିତ କିଛିଦିନ ପର୍ଯ୍ୟନ୍ତ ଚିଠି ପତ୍ର ଆଦାନ ପ୍ରଦାନ ଚାଲିଥିଲା। କିନ୍ତୁ ଜୀବନରେ ବ୍ୟସ୍ତତା ବଢିବା ସହିତ ମୋ ସ୍ୱାମୀଙ୍କର ବଦଳି ଚାକିରୀ ଚିଠି ପତ୍ର ଦେବାନେବାରେ ଅନ୍ତରାୟ ସୃଷ୍ଟି କଲା। ଆଜି ଏଠି ତ କାଲି ସେଠି। ସବୁବେଳେ ଠିକଣା ବଦଳିବାରେ ଲାଗିଥାଏ। ଏବେ ତିନି ଚାରି ବର୍ଷ ହେଲା ସ୍ମାର୍ଟ ଫୋନ୍ ଆସିଲା ପରେ ହ୍ୱାଟ୍ସଆପ୍, ଫେସ୍ ବୁକ୍ ଜରିଆରେ ଛିଣ୍ଡିଯାଇଥିବା ସଂପର୍କ ସବୁ ପୁଣି ଥରେ ଯୋଡି ହୋଇଗଲା। ନୂଆ ପୁରୁଣା କେତେ ସାଙ୍ଗ, କେତେ ଗ୍ରୁପ୍। ପଢିଲାବେଳେ ଯେଉଁମାନଙ୍କ ସହ ଦିନେ କଥା ହୋଇ ନଥିଲୁ ସେମାନେ ଆଜି ବେଶ୍ ଅନ୍ତରଙ୍ଗ ବନ୍ଧୁ। ସବୁଆଡେ ଗେଟ୍ ଟୁଗେଦର, ପାର୍ଟି, ପିକନିକ୍ ଚାଲିଛି। ଏସବୁ କିନ୍ତୁ ମୋ ଭାଗ୍ୟରେ ଜୁଟେନି। ଯେହେତୁ ମୁଁ ବାହାରେ ରୁହେ ଓ କମ ସମୟ ପାଇଁ ଓଡିଶା ଯାଏ ଇଚ୍ଛା ଥିଲେ ମଧ୍ୟ କୋଉଠି ଯୋଗଦେଇ ପାରେନି। ଶାଶୁ ଘର, ବାପ ଘର, ନଣନ୍ଦ ଓ ବନ୍ଧୁବାନ୍ଧବଙ୍କ ଘର ବୁଲୁ ବୁଲୁ ସମୟ କେମିତି ଯେ ଡେଣା ଲଗେଇ ଫୁର୍ କିନା ଉଡିଯାଏ ଜଣାପଡେନାହିଁ। ଆଉ ସାଙ୍ଗମାନଙ୍କ ପାଇଁ ସମୟ କାହିଁ ? ସେଥିପାଇଁ ସମସ୍ତଙ୍କର ମୋ ନାଁରେ ଅଭିଯୋଗ ଓ ମୋ ଉପରେ ଅଭିମାନ।

ଏଥର କିନ୍ତୁ ଆସିବା ପୂର୍ବରୁ ମୁଁ ସ୍ଥିର କରିଥିଲି ଯେମିତି ହେଉ ଅନ୍ତତଃ କିଛି ସାଙ୍ଗଙ୍କୁ ଦେଖାକରିବି। ମୋ ଆସିବା କଥା ଶୁଣି ପିଜି ସମୟର ହଷ୍ଟେଲ ସାଙ୍ଗମାନେ ଗୋଟିଏ ଗେଟ୍

ଟୁଗେଦର ରଖିଥାଆନ୍ତି । ଏ ଖବର ଶୁଣିବା ପରେ ମୋ ଖୁସି କହିଲେ ନ ସରେ । ପାଖାପାଖି ତିରିଶି ବର୍ଷ ପରେ ମୋ ସାଙ୍ଗମାନଙ୍କୁ ଦେଖିବି। କଏ କେମିତି ଦେଖା ଯାଉଥିବ, କଣ କରିବୁ, କେମିତି ଗପିବୁ ଏସବୁ ଭାବି ଭାବି ମୋ ଆଖିରୁ ନିଦ ହଜିଯାଇଥାଏ। ଆସିବା ଦିନ ଯେତେ ପାଖେଇ ଆସୁଥାଏ ମୋ ମନ ବୋଲ ମାନୁନଥାଏ। ମୋର ଏପରି ଅବସ୍ଥା ଦେଖି ମୋ ପତିଦେବ ଏବଂ ପିଲାମାନେ ମୋତେ ଚିଡଉ ଥାଆନ୍ତି। ସବୁ ଦିନେ କେହି ନା କେହି ଫୋନ୍ କରି ମୋର ଓଡିଶା ଆସିବା ପ୍ରୋଗ୍ରାମ ବିଷୟରେ ପଗ୍ଗରୁଥାଆନ୍ତି। ଯେଉଁମାନେ ଗେଟ୍ ଟୁଗେଦର ଅର୍ଗାନାଇଜ କରୁଥାଆନ୍ତି ସେମାନେ ମୋ ପସନ୍ଦ ଅପସନ୍ଦ ବୁଝି ଖାଇବା ମେନୁ ତିଆରି କରୁଥାଆନ୍ତି। ମୁଁ ସେମାନଙ୍କୁ କହିଲି ଏତେ ବ୍ୟସ୍ତ କାହିଁକି ହେଉଛ, ଖାଇବା ଯାହା ହେଲେ ଚଳିବ। ଆମେ ପଛେ ଭାତ ଡାଲମା ଖାଇବା କିନ୍ତୁ ମନଖୋଲି ଗପିବା ଓ ଖୁବ୍ ମଜା କରିବା ଯେମିତି ହଷ୍ଟେଲରେ କରୁଥିଲେ।

ମୋ କଥାକୁ ହସରେ ଉଡେଇ ଦେଇ ସେମାନେ କହିଲେ ଧେତ୍ ତୁ ସିନା ବାହାରେ ରହୁଛୁ ଯେ ଭାତ ଡାଲମା ଖାଇପାରୁନୁ ବୋଲି ଏକଥା କହୁଛୁ। ଖାଇବା ବିନା ପାର୍ଟିର କଣ ମଜାଥାଏ ? ସବୁ ଦିନେ ଘରେ ନିଜେ ରନ୍ଧାବଢା କରି ଖାଇ ଖାଇ ବିରକ୍ତ ଲାଗିଲାଣି।

ମୁଁ ହସିକି କହିଲି ହେଉ ଯାହା ତୁମର ଇଚ୍ଛା କର। ମୁଁ ତ ଏତେ ଦୂରରେ, କୌଣସି ସାହାଯ୍ୟ ବା ସହଯୋଗ କରିପାରୁନ।

ମୋ କଥା ଶୁଣି ସେମାନେ କୁହନ୍ତି ତୁ ଆଗ ଆସେ, ଆମେ ତୋତେ ଟିକିଏ ଦେଖିବୁ। ଆଉ କିଛି ଦରକାର ନାହିଁ।

ଏମିତି ନିର୍ଦ୍ଧାରିତ ଦିନଟି ଯେ କେତେବେଳେ ପହଞ୍ଚିଗଲା ମୁଁ ଜାଣି ପାରିଲିନି। ମୁଁ ଠିକ୍ ଦଶଟା ବେଳକୁ ପହଞ୍ଚିଗଲି। କିନ୍ତୁ ଇଏ କଣ କେହିତ କୋଉଠି ଦେଖାଯାଉ ନାହାନ୍ତି !! ମୁଁ ଠିକ ଜାଗାକୁ ଆସିଛି ତ !! ଭୁବନେଶ୍ୱର କେତେ ବଦଳି ଗଲାଣି !! ଗୋଟିଏ ଗୋଟିଏ

କରି ସମସ୍ତଙ୍କୁ ଫୋନ୍ କଲି । ସେମାନେ କହିଲେ ତୁ ଜମା ବି ବଦଳନୁ ଆଗପରି ସେମିତି ପଙ୍କଚୁଆଲ ଅଛୁ। ଟିକଏ ଅପେକ୍ଷା କର ଆମେ ସବୁ ଅଳ୍ପ ସମୟ ମଧ୍ୟରେ ପହଞ୍ଚୁଛୁ।

ମୁଁ ଉତ୍ସୁକ ହୋଇ ଗୃହିଁ ବସିଥାଏ । ପ୍ରାୟ ଘଣ୍ଟାଏ ପରେ ଜଣେ ଜଣେ ହୋଇ ସମସ୍ତେ ଆସି ପହଞ୍ଚିଲେ। ଘରକାମ, ଶ୍ୱେଷେଇବାସ ସାରି ପିଲାମାନଙ୍କ କଥା ବୁଝି ଆସିବାକୁ ଡେରି ହେଲା ବୋଲି ସଫେଇ ଦେଲେ। ମୁଁ କିନ୍ତୁ ଏତେ ଖୁସି ଥିଲି ଯେ ଅପେକ୍ଷା କରିବାର କଷ୍ଟ ମୋତେ ବାଧୁ ନଥାଏ। କିଛି ସମୟ କଥାବାର୍ତ୍ତା ହସଖୁସି ପରେ ସମସ୍ତେ କହିଲେ ଚ୍ଛଲ ଷ୍ଟାଟର୍ ଟିକଏ ଟିକଏ ଖାଇ ନେଇ ଗପିବା, ଡେରିରେ ଲଞ୍ଚ ଖାଇବା । ସମସ୍ତେ ଏକା ସାଙ୍ଗରେ ଉଠିଲୁ।

ନମ୍ରତା ମୋତେ ଟାଣି ନେଇ କହିଲା ଚ୍ଛଲ ଆଗେ ସୁପ୍ ପିଇବା।

ଆମେ ଦୁହେଁ ସୁପ୍ ଥିବା ସ୍ଥାନକୁ ଗଲୁ। ଗୋଟିଏ ପାତ୍ରରେ ଭେଜ୍ ଓ ଅନ୍ୟଟିରେ ନନଭେଜ୍ ସୁପ୍ ଥୁଆ ହୋଇଥାଏ। ମୁଁ ଦୁଇଟା ଭେଜ୍ ସୁପ୍ ଦେବାକୁ କହିଲି।

ନମ୍ରତା କଥା ଛଡେଇ ନେଇ କହିଲା ନାଇଁ ନାଇଁ ଗୋଟିଏ ଭେଜ୍ ଓ ଗୋଟିଏ ନନଭେଜ୍ ସୁପ୍ ଦିଅ।

ଦେଖ ମୋତେ ନନଭେଜ୍ ସୁପ୍ ଭଲ ଲାଗେନ, ମୋ ପାଇଁ ଭେଜ୍ ସୁପ୍ ଆଣେ।

ସେ କହିଲା ଠିକ୍ ଅଛି ସେଥିପାଇଁ ପରା କହିଲି ଗୋଟିଏ ଭେଜ୍ ଓ ଗୋଟିଏ ନନଭେଜ୍ ବୋଲି।

ଆମ କଥା ଶୁଣି ସର୍ଭ କରୁଥିବା ଲୋକଟି ହଡବଡେଇ ଯାଇ କହିଲା ମାମ୍ ଆପଣମାନେ କଣ ନେବେ ପ୍ରଥମେ ଠିକ୍ କରି ମୋତେ କୁହନ୍ତୁ।

ତୁମେ ଗୋଟିଏ ଭେଜ୍ ଓ ଗୋଟିଏ ନନଭେଜ୍ ସୁପ୍ ଦିଅ। ତାପରେ ମୋ ଆଡକୁ ଗ୍ଢହିଁ କହିଲା ତୁ ଏତେ ବ୍ୟସ୍ତ କାହିଁକି ହେଉଛୁ ? ହେଲା ବାବା ତୋର ଭେଜ୍ ସୁପ୍ ଓ ମୋର ନନଭେଜ୍।

ଆଶ୍ଚର୍ଯ୍ୟ ହୋଇ ମୁଁ କହିଲି ତୋର ନନଭେଜ୍ ସୁପ୍ ତୁ ପରା ଭେଜିଟେରିଆନ?

ହଁ ରେ ଭେଜିଟେରିଆନ ଥିଲି। କିନ୍ତୁ ବାହାଘର ପରେ ସବୁ ବଦଳି ଗଲା। ମୋ ଶାଶୁଘରେ ସମସ୍ତେ ନନଭେଜ୍ ପ୍ରିୟ। ଘରେ ଦୁଇ ଓଳି ନନଭେଜ୍ ରନ୍ଧା ହୁଏ। ସମସ୍ତେ ନନଭେଜ୍ ଖାଇବାକୁ ବହୁତ ବାଧ୍ୟ କଲେ। ଟିକଏ ଟିକଏ ଖାଉ ଖାଉ ମୁଁ ବି ନନଭେଜ୍ ପ୍ରେମୀ ହୋଇଗଲି।

ଏମିତି ଖାଉ ଖାଉ ନାନା ଗପର ଆସର ଜମିଲା। ଥଟ୍ଟା ମଜା ଭିତରେ ୟୁନିଭରସିଟି କ୍ୟାମ୍ପସ ଠୁ ଆରମ୍ଭ କରି ହଷ୍ଟେଲ ପର୍ଯ୍ୟନ୍ତ କଥା ପଡିଲା। ତା ସହ ଯୋଡି ହୋଇଗଲା ଘର, ପରିବାର, ସ୍ୱାମୀ, ସନ୍ତାନ, ଅଫିସ, ଶାଢୀ, ଗହଣା ଏମିତି କେତେ କଣ। କେତେବେଳେ ଲଞ୍ଚ ଟାଇମ ହୋଇଗଲା ଜଣା ପଡିଲାନି। ସମସ୍ତେ ଖାଇବାକୁ ବାହାରିଲୁ।

ଖାଉ ଖାଉ ହଠାତ୍ ମୋ ନଜର ପ୍ରତୀକ୍ଷା ଉପରେ ପଡିଲା। ଆରେ !! ଆଜି ପରା ବୁଧବାର ତୁ ଭେଜ୍ ଖାଉଛୁ ଯେ !!

ହସିକି ପ୍ରତୀକ୍ଷା ଉତ୍ତର ଦେଲା ଏବେ ମୋର ସବୁଦିନେ ଭେଜ୍।

ତୁ ପୁଣି ଭେଜ୍ !! ନନଭେଜ୍ ନହେଲେ ତୋ ପାଟିକୁ ପରା ଖାଇବା ରୁଚୁ ନଥିଲା।

ବାହାଘର ପରେ ମୁଁ ନନଭେଜ୍ ଖାଇବା ଛାଡି ଦେଇଛି।

କିନ୍ତୁ କାହିଁକି ? ? ?

ଶିବାନୀ କହିଉଠିଲା ପତି ପ୍ରେମ। ପତିଦେବ ନନଭେଜ୍ ଖାଆନ୍ତିନି ତ ସେଥିପାଇଁ ମ୍ୟାଡମ୍ ଆମର ନନଭେଜ୍ ଛାଡିଦେଲେ।

ତା କଥା ଶୁଣି ସମସ୍ତେ ହସିଲେ ଏକା ସାଙ୍ଗରେ। ପ୍ରତୀକ୍ଷା କହିଲା ତା କଥା କାହିଁକି ଶୁଣୁଛ, ଆମ ବ୍ରାହ୍ମଣ ଘରେ ସ୍ୱାମୀ ମରିଗଲା ପରେ ସ୍ତ୍ରୀମାନେ ନନଭେଜ୍ ଖାଆନ୍ତି ନାହିଁ। ମୋ ଶ୍ୱଶୁର ଖୁବ୍ କମ୍ ବୟସରେ ଚାଲି ଯାଇଥିଲେ। ଶାଶୁ ନନଭେଜ୍ ଖାଇବାକୁ ବହୁତ ଭଲ ପାଉଥିଲେ। ଶ୍ୱଶୁରଙ୍କ ଦେହାନ୍ତ ପରେ ସେ ନଖାଇବାରୁ ଘରେ ସମସ୍ତେ ନନଭେଜ୍ ଛାଡି ଦେଲେ। ମୋ ବାହାଘର ପରେ ଶାଶୁ କହିଲେ ତୁ କାହିଁକି ନନଭେଜ୍ ଛାଡିବୁ, ତୋ ମନହେଲେ ନନଭେଜ୍ ରାନ୍ଧି ଖାଇବୁ। କିନ୍ତୁ ଏକୁଟିଆ ଆଉ କଣ ଖାଇବି, ନନଭେଜ୍ ଛାଡି ଦେଲି। ପ୍ରଥମେ ପ୍ରଥମେ ଭେଜ୍ ଖାଇବା ଆଦୌ ଖାଇପାରୁ ନଥିଲି। କିନ୍ତୁ ଧୀରେ ଧୀରେ ଅଭ୍ୟାସ ହୋଇଗଲା।

ପ୍ରତୀକ୍ଷାର କଥା ମୁଁ ଫେରି ଯାଉଥିଲି ଅତୀତକୁ ବାଣୀବିହାରର ଏକ ନମ୍ବର ଛାତ୍ରୀ ନିବାସକୁ। ଫ୍ଲାଶ୍ ବ୍ୟାକ୍ ହେଲା ପରି ଅତୀତର ଘଟଣାବଳୀ ସବୁ ମନକୁ ଚାଲି ଆସୁଥିଲା। ପ୍ରତୀକ୍ଷା ଓ ନମ୍ରତା ମୋ ପାଖ ରୁମ୍ ରେ ରହୁଥିଲେ। ଦୁଇ ଜଣ ବହୁତ ଭଲ ସାଙ୍ଗ ଥିଲେ ମଧ୍ୟ ଦୁହିଁଙ୍କ ଖାଦ୍ୟ ରୁଚିରେ ଥିଲା ଆକାଶ ପାତାଳ ପ୍ରଭେଦ।ନମ୍ରତା ଥିଲା ସଂପୂର୍ଣ୍ଣ ରୂପେ ଭେଜିଟେରିଆନ। ସେ ଜନ୍ମରୁ କେବେ ନନଭେଜ୍ ଖାଇନି। କିନ୍ତୁ ପ୍ରତୀକ୍ଷା ନନଭେଜ୍ ନହେଲେ ଖାଇବା ପାଖରେ ବସେନି। ଯେଉଁଦିନ ହଷ୍ଟେଲରେ ଭେଜ୍ ଖାଦ୍ୟ ହୁଏ ପ୍ରତୀକ୍ଷା ଡାଇନିଂ ହଲ୍ ରେ ନଖାଇ ରୁମ୍ କୁ ନେଇ ଆସେ। ହଷ୍ଟେଲରେ କାମ କରୁଥିବା ମୋହନକୁ ପଇସା ପତ୍ର ଦେଇ କ୍ୟାଣ୍ଟିନରୁ ମାଛ କମ୍ବା ଚିକେନ ତରକାରୀ ମଗେଇ ଖାଏ ନଚେତ୍ ଅଣ୍ଡା ଆମଲେଟ୍ ରେ କାମ ଚଳାଏ। ରୁମ୍ ରେ ନନଭେଜ୍ ବାସ୍ନାକୁ ନମ୍ରତା ଆଦୌ ସହ୍ୟ କରି ପାରେନାହିଁ। ସେଦିନ ଦୁଇଜଣଙ୍କ ଭିତରେ ନିଶ୍ଚିତ ଝଗଡ଼ା ହୁଏ। ସେମାନେ ପରସ୍ପରକୁ

ମଧୁର ଭର୍ତ୍ସନା କରନ୍ତି । ନମ୍ରତା କୁହେ ତୁ ମୋତେ ଏତେ ହଇରାଣ କରୁଛୁ ଦେଖିବୁ ରହ ବାହାଘର ପରେ ତୁ ଆଉ ନନଭେଜ୍ ଖାଇ ପାରିବୁନ।

ପ୍ରତୀକ୍ଷା ଉତ୍ତର ଦିଏ ଆଉ କଣ ତୋ ପରି ଘାସ ଗ୍ଲେବେଇବି ? କଦାପି ନୁହେଁ ଭୋକ ଉପାସରେ ରହିବି ବରଂ ସେ ଘାସଗୁଡାକ ଖାଇପାରିବିନି। ଥରେ ଘାସ ଛାଡି ନନଭେଜ୍ ଖାଇକ ଦେଖ ତୋ ପାଟିରେ ଏମିତି ଲାଗିଯିବ ଯେ ଜୀବନ ସାରା ନଖାଇ ରହି ପାରିବୁନ।

ଆମେ ସମସ୍ତେ ଏକାଠି ହୋଇ ତାଙ୍କ ନାଟକ ଦେଖି ହସି ହସି ଗଡିଯାଉ। କେହି କାହା କଥା ଦେହକୁ ନଅନ୍ତିନି। ଦୁଇଜଣ ପୁଣି ସାଙ୍ଗ ହୋଇ ଏକାଠି କ୍ଲାସ୍ କରିବାକୁ ଯାଆନ୍ତି, କ୍ୟାମ୍ପସରେ ବୁଲନ୍ତି ଓ ଟିଭି ଦେଖନ୍ତି।

ସତରେ ଏ ଜୀବନ ବଡ ବିଚିତ୍ର। ବେଳେ ବେଳେ ଗପ ବି ସତ ହୁଏ। ସମୟଚକ୍ରରେ ପରିସ୍ଥିତି ହିଁ ପରିବର୍ତ୍ତନର କାରଣ ପାଲଟେ। ଲଘୁ ପରିହାସ ବା କୌତୁକରେ କୁହାଯାଇଥିବା କଥା କେବେ କେବେ ସତ ହୋଇଯାଏ। ଅବିଶ୍ୱାସ ମନେ ହେଉଥିବା କଥାକୁ ମଧ୍ୟ ଆମକୁ ବିଶ୍ୱାସ କରିବାକୁ ହୁଏ।

ମହାନଦୀ ବିହାର, କଟକ

"ବେଦାନ୍ତୀର ଜାନୁୟାରୀ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଡିସେମ୍ବର ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"

ଇମେଲ୍ – vedantimagazine@gmail.com / editor.vedantimagazine@gmail.com

ହ୍ୱାଟସଆପ୍ ନଂ- 9594993733

# ସ୍ମୃତିର ଠିକଣା



ନରେନ୍ଦ୍ର ସାହୁ

ଶୀଥିଳ ହୃଦୟ ଆଜି ଆଖିର ଲୁହକୁ
ଆକଣ୍ଠ ପାନ କଲାପରେ,
ପଗ୍ଭରୁଛି ଆଖିକୁ
କାହିଁକି ଦେଖୁଛୁ, କାହାକୁ ଦେଖୁଛୁ?
ହୃଦୟକୁ ଡେଇଁ, ଭାବନାକୁ ମାରି,
ଆଖିର ଆଲୋକକୁ ଅମା ଅନ୍ଧାରରେ ଠେଲି ଦେଇ
ଗ୍ଭଲି ଯାଇଥିବା ଗୋଟେ ଝାପସା ଫଟୋଚତ୍ରକୁ
କଣ କହୁଛି ସେ ତୁମକୁ?
ପୁଣିଥରେ ଧକ୍କା ଖାଇଥିବା ପାନ୍ଥଶାଳାଟି ପରି
ସହିଯିବାକୁ ଆଉ ଗୋଟିଏ ଛଳନା,
ନା, ଏକାକୀ ନର୍ଜନ ରାସ୍ତାରେ ଠିଆ ହୋଇଥିବା
ତାଳଗଛ ପରି ମୁଣ୍ଡକୁ ଉଚ୍ଚା କରି ଦେଖି ଯା'
ଲାଞ୍ଛନା ତାଡନାର କଷାଘାତରେ ଜର୍ଜରିତ
ନଶ୍ଚଳ ପାହାଡଟି ପରି
ନୀରବରେ ପଢିଗ୍ଭଲ କଳଙ୍କିତ ଅଧ୍ୟାୟକୁ।

ଏମିତି ବି କହିପାରେ ସେ ଫଟୋଚନ୍ଦ୍ର
ଠିଆ ହୁଅ ଥୁଣ୍ଟାଗଛଟି ପରି,
ମୁଁ ପୁଣି ଫେରାଇ ଦେବି
ସେହି ହଜିଲା ଦିନର ସବୁଜିମାର ସୌନ୍ଦର୍ଯ୍ୟ ସବୁକୁ,
ଯାହା ତୁମେ ହରାଇଛ କରାଳ ଗତିରେ।

ଖାଲି ସେତିକ ନୁହେଁ,
ହସ ଖୁସି ଓ ସ୍ନେହରେ ନବୁଜ ଫରୁଆକୁ ବି
ଖୋଜି ଆଣିଦେବି ଦରିଆର ପଙ୍କିଳ ହୃଦୟରୁ,
ଆଖି ତ ଭିଜିଗଲା ଲୋଚନକର ଅଳନ୍ଧୁ ପୂରିତ
ଫଟୋରୁ ନଜର ଆଣୁ ଆଣୁ,
ତତଲା ଲୁହ କହି ଦେଇଗଲା ସ୍ମୃତି ସିନା
ପାଖେ ପାଖେ ଅଛି,
ହେଲେ ପାଉନ ମୋ ସ୍ମୃତିର ଠିକଣା।

ସହକାରୀ ଶିକ୍ଷକ
ଉ:ପ୍ରା ବିଦ୍ୟାଳୟ, ଡଭର, ଗଂଜାମ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।



# ହୋଲି

ଅଶୋକ କୁମାର ପଧାନ

ଧରି ପ୍ରେମମୂର୍ତ୍ତି    ନାଚ ପୁରବାସୀ
ଢୋଲ ମୃଦଙ୍ଗ ତାଳେ
ଭୁଜଗ ନକୁଳ    ରାଧାକୃଷ୍ଣ ପରି
ଲେପନ୍ତି ଫଗୁ କପଳେ ।
ନାହିଁ ଭେଦଭାବ    ଧରି ଭ୍ରାତୃଭାବ
କାଉ ବସନ୍ତ ବଗ
ଢେଉପରି ନାଚ    ଉଠିପଡ଼ି ଆଜି
ସଭିଏଁ ଖାଆନ୍ତି ଭାଙ୍ଗ ।
ମୁଖରେ ପ୍ରମାଦ    କରେ ଧରି ରଙ୍ଗ
ପିଲାଏ ବୋଲନ୍ତି ବୁଲି
କୋଇଲି ମଧୁର    ଗୀତ ବୋଲେ ଆଜି
ଆନନ୍ଦେ ଖାଇଣ କୋଳି ।
ଲାଜରେ ଲାଜେଇ    ନୂଆବୋହୂ ଆଜି
କବାଟ ଦେଇଛି କଳି
ନଣନ୍ଦ ଦିଅର    ରଡ଼ି ଛାଡୁଛନ୍ତି
ଆସ ମୋ ଭାଉଜ ବୋଲି ।

ଇନ୍ଦ୍ର ଧନୁ ଆଣି    ଆମ୍ରବନ ମଧ୍ୟେ
ବସି କୃଷ୍ଣ ଦ୍ରୁମତଳେ
ରାଧାରାଣୀ ମାର୍ଗ    ଚାହିଁ ବସିଛନ୍ତି
ଫଗୁ ବୋଲିବେ ତା ଗଲେ ।
ଲୁଚଲୁଚ ଆସି    ଢାଳଲା ପୀରତି
ରାଧା କୃଷ୍ଣ ପାଦତଳେ
କରେ ଧରି ଧନୁ    ହିମାଂଶୁ ତାହାର
ପାଦରେଣୁ ଢାଳଦେଲେ ।
ଲାଜକୁଳୀ ଲତା    କନ୍ଦର୍ପ ସ୍ପର୍ଶରେ
ଝାଉଁଳି ମଥା ପତିଲା
ବଉଳ ମହକ    ଚତୁର୍ଦିଗେ ଭାସି
ପୀରତି ବରଷା କଲା ।
ନଈ ବନ୍ଧ ହିଡେ    ମାଟି ଦିଶେନାହିଁ
ଆଜିର ଏ ପୂର୍ଣ୍ଣିମାରେ
ପିଲାଏ ମାରନ୍ତି    ବରଡାଲୁ ଡିଆଁ
ଗାଁର ସେ ଚଂଦ୍ରଭାଗରେ ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

# ବନ୍ଧନ



ସୁବଳ ମହାପାତ୍ର

ଫେସବୁକ ରେ ପରକ୍ରିୟା ପ୍ରତି ଏତେ ମାତ୍ରାରେ ପ୍ରତିକ୍ରିୟା ଦେଖି ମୋତେ ବି ଟିକେ ଲେଖା ମଡ଼େଇଲା। କଣ ଲେଖିବି ଭାବୁ ଭାବୁ କଛି ଭାବନା ମୁଣ୍ଡରେ ପଶିଲା। ତେବେ ଏଗୁଡ଼ିକ ମୋ ନିଜସ୍ୱ ମତ, ଏକଥା କେହି ଦିହ କୁ ନେବେନି ବୋଲି ଆଶା।

ପରକ୍ରିୟା ପ୍ରୀତି ପ୍ରତି ଏତେ ପ୍ରତିକ୍ରିୟା? କିଏ କହୁଛି "ଭଲ ହେଲା" ତ କିଏ କହୁଛି "ବହୁତ ଖରାପ", କିଏ କିଏ ତ ପଗ୍ଚରି ସାରିଲେଣି "କିଏ ଫାଙ୍କା ଅଛ କି?" । ତେବେ ଏତେ ପ୍ରତିକ୍ରିୟା କାହିଁକି? କଣ ଏହି ଧାରା? କାହିଁକି ବଦଳିଲା? ସେ ଯାହାବି ହେଉ, ବିଗ୍ଚରପତି ମାନଙ୍କ ଭାଷାରେ ଯଦି ମନ ନ ମିଶୁଛି ତେବେ ତମେ ଅନ୍ୟ କାହାସହ ସମ୍ପର୍କ ରଖିଲେ ଚଳିବ। ଆଗରୁ ମାନସିକ ସମ୍ପର୍କ ତ ଥିଲା ( ଲୁଚେଇ ଗ୍ଚେରେଇ) ଦୈହିକ ବି ଥିଲା ସେ ବି ଲୁଗ୍ଚ ଗ୍ଚେରା ରେ। ଏବେ ଖୋଲା ମେଲା ରେ କର ଚଳିବ। କେହି କାହାକୁ କୌଣସି ବନ୍ଧନ ରେ ବାନ୍ଧି ରଖି ପାରିବେନି। ସମସ୍ତଙ୍କୁ ସ୍ୱାଧୀନତା ଦରକାର ।

ତେବେ ଆମେ ଆଉ ଟିକେ ଆଗକୁ ଯିବା । ସମସ୍ତଙ୍କ ଠୁ ସବୁ ବନ୍ଧନ କୁ ମୁକ୍ତ କରିବା। ( ଏସବୁ ହେବାକୁ ବେଶିଦିନ ଲାଗିବ ନାହିଁ..)

-- ଭ୍ରୁଣ ଅଙ୍କୁରୋଦଗମ ହେଲାପରେ ମା ପେଟରେ ନଅ ମାସ ରହେ, ତାକୁ ମୁକ୍ତ କର। ମା ଗ୍ଚହିଁଲେ ଏ ବନ୍ଧନ ରୁ ମୁକ୍ତ ହୋଇ ଭ୍ରୁଣ ହତ୍ୟା କରି ପାରିବ। ସେ କାହିଁକି ନିଜ ସ୍ୱାଧୀନତା କୁ ବଳି ପକେଇ ପିଲାକୁ ଦଶ ମାସ ଗର୍ଭ ରେ ରଖିବ?

-- ପିଲା ଜନ୍ମ ହେଲା ପରେ ଶିଶୁଟି କଛି ସ୍ନେହ, ପ୍ରେମ, ପାଳନ ପୋଷଣ ଦରକାର କରେ। ମା ବାପା ଙ୍କୁ ଏବେ ଏ ବନ୍ଧନ ରୁ ମୁକ୍ତ କର। ସେମାନେ ଚାହିଁଲେ ପିଲା କୁ ରାସ୍ତା କଡରେ ଛାଡି ଚାଲିଯାଇ ପାରିବେ। ତେଣିକ ପିଲା କଣ ଖାଇବ, କଣ କରିବ ସେ ନିଜେ ଚିନ୍ତା କରିବ। ବାପା ମା କାହିଁକି ଏସବୁ ର ବୋଝ ନିଜ ମୁଣ୍ଡ ଉପରକୁ ନେବେ?

-- ପିଲା ବଡ ହେଲା ପରେ ବାହା ହୁଏ। ସ୍ବାମୀ ସ୍ତ୍ରୀ ସହ ବନ୍ଧନ ରୁ ମୁକ୍ତ ଏବେ। ବିଚାରପତିଙ୍କ ନ୍ୟାୟ ରେ । ସେମାନେ କାହିଁକି ଏକ ପତି/ ପତ୍ନୀ ବ୍ରତ କରି ରହିବେ?

-- ପିଲା ଆଉ ଟିକେ ବଡ ହେଲା ପରେ ବାପା ମା ବୁଢା, ବୁଢ଼ୀ ହୋଇ ସାରିଥାନ୍ତି। ଏବେ ପିଲା ଙ୍କୁ ଏ ଦାୟିତ୍ଵ ରୁ ମୁକ୍ତ କର। ସେମାନେ ବାପା ମା ଙ୍କୁ ରାସ୍ତା କଡ଼ ରେ ଛାଡି ଦେଇ ପାରିବେ। ଯାହା କେହି କେହି କରୁଛନ୍ତି ଏବେ କିନ୍ତୁ ସମସ୍ତେ କରି ପାରିବେ । ସେମାନେ କାହିଁକି ବୁଢା ବୁଢ଼ୀ ଙ୍କୁ ପୋଷିବେ?

-- ଶେଷରେ ସମସ୍ତଙ୍କୁ ଏ ସମାଜ ରୁ ମୁକ୍ତ କର। ଯିଏ ଯାହା ପାରିବ ଖାଇବ, ଯିଏ ଯାହା ପାରିବ ପିନ୍ଧିବ, ଯିଏ ଯାହା ଚାହିଁବ କରିବ। କେହି କୌଣସି ବନ୍ଧନ ରେ ବାନ୍ଧି ହୋଇ ରହିବେ ନାହିଁ।

ଏସବୁ ଭିତରେ ଆମ ସାମାଜିକ ଶୃଙ୍ଖଳା ରହିବ ତ?

ଚାଲନ୍ତୁ ଟିକେ ପରିଣାମ ବିଷୟ ରେ ଚିନ୍ତା କରିବା....

- ଶିଶୁ ମୃତ୍ୟୁହାର ବଢ଼ିଯିବ, କିଏ କାହାର ପିଲା ଜଣା ପଡ଼ିବନି, ବାପା ମା ଛୁଆ କୁ ସେତିକି ସ୍ନେହ ପ୍ରେମ ଦେଇ ଲାଳନ ପାଳନ କରିବା କଥା, ସେତିକି ଯତ୍ନ ନେଇ ବଢ଼େଇ ପାରିବେନି ଫଳରେ ଅଧିକ ରୁ ଅଧିକ କୁସଂସ୍କାରି ପିଲା ବାହାରିବେ, ଚୋରି, ଡକାୟତି,

ଧର୍ଷଣ ସବୁ ଅପରାଧ ପୂର୍ଣ ମାତ୍ରା ରେ ବଢି ଚାଲିବ । କାହାର କାହାକୁ ଡର ଭୟ ନଥିବ । ଶିଶୁ, ପୌଢ଼, ବୃଦ୍ଧ, ସମସ୍ତେ ଡରି ମରି ଜୀବନ କାଟିବେ । କେବଳ ଯୌବନ ପାଇଁ, ଟିକେ ଶାରୀରିକ ସୁଖ ପାଇଁ ଏସବୁ ସହିବାକୁ ବାଧ୍ୟ ହେବେ ।

ତେବେ ଏହା କଣ ଆମ ସଂସ୍କାର? ଏହା କଣ ଭାରତୀୟଙ୍କ ସଂସ୍କାରି ବୁଦ୍ଧି, ଯାହାକୁ ପୁରା ବିଶ୍ୱ ର ଲୋକ ଭଲ ପାଆନ୍ତି? ବିଦେଶୀ ଲୋକ ଆମ ସଂସ୍କାର କୁ ଆପଣେଇବାକୁ ଆସୁଥିବା ବେଳେ ଆମେ ପାଶ୍ଚାତ୍ୟ ସଭ୍ୟତା କୁ ଆପଣେଇବାରେ ଏତେ ଆଗଭର କାହିଁକି?

ଆଜି ଦିନରେ କାଁ ଭାଁ କେତେଜଣ ଙ୍କୁ ଛାଡିଲେ, କଏ ଶାଶୁ ଶ୍ୱଶୁର ସ୍ୱାମୀ/ ସ୍ତ୍ରୀ ଙ୍କୁ ଡରି ରହୁଛି? କେଉଁ ପୁଅ/ ଝିଅ ମାନମାନ କରୁ ନାହାନ୍ତି? ସବୁ ଚାଲିଛି କିନ୍ତୁ ଲୁଚି ଛପି ରେ। ଆଗରୁ ଯୌଥ ପରିବାର ଥିଲା, ସମସ୍ତେ ଏକ ମନ ଏକ ପ୍ରାଣ ନେଇ ବଞ୍ଚୁଥିଲେ। ଘରେ ସମସ୍ତଙ୍କ ର ସମାନତା ଥିଲା। ସମାନ ଖାଇବେ, ସମାନ ପିନ୍ଧିବେ, ବଡ ମାନଙ୍କୁ ସମ୍ମାନ, ସାନ ମାନଙ୍କୁ ସ୍ନେହ ଥିଲା। ଏବେ ତ ସବୁ ନିଉକ୍ଲିଅର ଫ୍ୟାମିଲି। ସମସ୍ତେ ନିଜ ହାତ ରେ ଚଉଦ ପା।

ପୁଣି ପରକ୍ରିୟା ଆଉ ପାଦେ ଆଗକୁ ବିନାଶ ଆଡକୁ। ସେଥିରେ ପୁଣି ମନ ନମିସିଲେ ଛାଡପତ୍ର ର ବ୍ୟବସ୍ଥା। ତେବେ ସ୍ୱାମୀ/ ସ୍ତ୍ରୀ ଛାଡ଼ିଗଲା ପରେ ପିଲାଟିର ମାନସିକ ଅବସ୍ଥା କଥା କଏ ଚିନ୍ତା କରିବ? ବିଚାରପତି ମାନେ ତ ଦେହ ଦେଖିଲେ, ଛୋଟ ଛୁଆଟିର ମନ କଏ ଦେଖୁଛି? ?

ଲୁଚି ଛପି ଆଉ ଖୁଲମ ଖୁଲା ର ଗୋଟେ ଉଦାହରଣ ଦେଉଛି...

ଆପଣ ମାନଙ୍କୁ ଜଣେଇବାକୁ ଚାହେଁ, ଗୁଜରାଟ ରେ ମଦ ନିଷେଧ। କିନ୍ତୁ ଏକ ସର୍ଭେ ଅନୁସାରେ ଗୁଜରାଟ ର ୬୦% ଲୋକ ମଦ ପିଅନ୍ତି। ଖୋଲା ରେ ମିଳେନି ମଦ, କିନ୍ତୁ ବ୍ଲାକ

ରେ ମିଳେ। ଲୋକ ମଦ ପିଅନ୍ତି, କିନ୍ତୁ ଡର ରେ। ଘର ଭିତରେ କବାଟ ବନ୍ଦ କରି। ପରିଣାମ? ବାହାରେ କେହି ଗଣ୍ଡଗୋଳ କରନ୍ତି ନାହିଁ। ରାସ୍ତା ଉପରେ ମଦୁଆ ଙ୍କୁ ଦେଖିବାକୁ ମିଳେନ। ଡର ଥାଏ ସମସ୍ତେ ଜାଣିଯିବେ, ବାହା ହେବାକୁ ଝିଅ ମିଳିବେନ। ଲୋକ ଛି ଛି ବୋଲି କହିବେ। ମାଡ଼, ଗଣ୍ଡଗୋଳ, ମଦ ପାଇଁ ପଇସା ମଗା, ଅପରାଧ ହାର ବହୁତ କମ ଏଠି। ରାତିରେ ଝିଅ ମାନେ ଅଫିସ ରୁ ଫେରନ୍ତି, ନିର୍ଭୟ ରେ। ଧର୍ଷଣ, ଦୁଷ୍କର୍ମ ପରି ଘଟଣା ପ୍ରାୟ ବିରଳ। ମଦ ପିଇ ଦୁର୍ଘଟଣା ହାର ନାହିଁ। ସମାନ କଥା ଓଡିଶା ରେ ଦେଖନ୍ତୁ, ସବୁ ଖୁଲମ ଖୁଲା । ରାସ୍ତା କଡ଼ ରେ ମଦ ଦୋକାନ, ଗଣ୍ଡଗୋଳ ମାର ପିଟ ସବୁ ଜାଗାରେ । କିଏ ମଦ ପାଇଁ ସ୍ତ୍ରୀ ର ଗହଣା ବିକ୍ରି କଲାଣି ତ କିଏ ବାପା ମା ଙ୍କୁ ପିଟି ପଇସା ନେଲାଣି।

ତେବେ କେଉଁଟା ଭଲ, କେଉଁଟା ଖରାପ? ଆପଣ ମାନେ ଚିନ୍ତା କରନ୍ତୁ...

ଶେଷରେ, ପରକ୍ରିୟା ପ୍ରୀତି ଆଗରୁ ଥିଲା, ଅଛି, ରହିବ। ଯିଏ କରିବା କଥା କରିବେ। ପୁଅ, ଝିଅ କିଛି ଫରକ ନାହିଁ। ପରକ୍ରିୟା ରେ ଜଣେ ପୁଅ ଦୋଷୀ ହେଲେ ଜଣେ ଝିଅ ବି ଦୋଷୀ। ବାହାଘର ଗୋଟେ ବନ୍ଧନ, କେବଳ ଗୋଟେ ପୁଅ ଆଉ ଗୋଟେ ଝିଅ ଯେ ଏ ବନ୍ଧନ ରେ ବାନ୍ଧି ହୁଅନ୍ତି, ସେକଥା ନୁହେଁ, ଗୋଟେ ପରିବାର ସହ ଆଉ ଗୋଟେ ପରିବାର, ଗୋଟେ ଗାଁ ସହ ଆଉ ଗୋଟେ ଗାଁ ବାନ୍ଧି ହୁଏ ବନ୍ଧନରେ। ଆମେ କଣ ଏ ପରକ୍ରିୟା କୁ ଭିତ୍ତି କରି ଏ ବନ୍ଧନ ସବୁ ଭାଙ୍ଗିବାକୁ ବସିଛେ? ଯଦି କାହାର କିଛି ଅସୁବିଧା ହେଲା, ତା ପାଇଁ ଅନ୍ୟ ବ୍ୟବସ୍ଥା ବି ଅଛି। ତେବେ ଦେଖାଯାଉ...ଆଗକୁ କଣ ହେବ, ତାହା ଜ୍ଞାନୀ ଗୁଣି ଲୋକମାନେ ବିଚାର କରିବେ।

ଖଲାରୀ, ଅନୁଗୁଳ, ଓଡିଶା।

# ଆସିଅଛି ଦୀପାବଳି



ହରେକୃଷ୍ଣ ପଣ୍ଡା

କେତେ ନୂଆ ଆଶା କ ଆନନ୍ଦ ନେଇ
ଆସିଅଛି ଦୀପାବଳି,
ବ୍ଇଜଟା ସାର୍ ଆନନ୍ଦ ମୁଖର
ବିଜେ ହେବେ ମାଆ କାଳୀ ॥
ଝଲସି ଉଠୁଛି ରଙ୍ଗିନ ଆଲୋକେ
ମାଆଙ୍କ ପୂଜା ମଣ୍ଡପ,
ଦୁନଆଁର ଦୁଃଖ ଦୂରକରି ମାତା
ହରିବେ ସଂସାରୁ ପାପ ॥
ଆଲୋକର ପର୍ବ ଏହି ଦୀପାବଳି
ଅନ୍ଧାର ନାଶିବା ପାଇଁ,
ଅନ୍ଧାର ଭିତରେ ଦୁଃଖ ଲୁଚବସେ
ସୁଖ ବା ପାଇବା କାହିଁ ?
ପୁର ନାରୀଗଣ ପ୍ରଦୀପ ଜଳାଇ
ସଜାନ୍ତି ନଜ ଭବନ,
ସକଳେ ବ୍ୟାକୁଳ କରିବାକୁ ଥରେ
ମାଆଙ୍କର ଦରଶନ ॥
ଆସ ଚନୁ, ସାନୁ, ନତୁନ୍, କଣ୍ଢେଇ
ଆଷୁକୁ ସାଥୀରେ ଧରି,
ଘର ସଜାଇବା ପ୍ରଦୀପ ଜଳାଇ
ସୁଖ ଦେବେ ମାଆ କାଳୀ ॥

ବନ୍ୟା, ବାତ୍ୟା ଭଳ ବିପର୍ଯ୍ୟୟ ଆସି
ଦେଇଛି କେତେ ଯାତନା,
ସକଳ ଦୂରିତ ଦୂର କରିବାକୁ
କରିବା ଆମେ ପ୍ରାର୍ଥନା ॥
ପୟାଶ୍ରାଦ୍ଧ ଆଜି ପାଳବା ସକଳେ
ପିଣ୍ଡ ଦେଇ ପିତଲୋକେ,
ଜଳାଇ ଆଲୋକ ଡାକାବା ସରବେ
ଆସିବାକୁ ମର୍ତ୍ତ୍ୟଲୋକେ ॥
ବଡ଼ ବଡୁଆ ହୋ ଅନ୍ଧାରରେ ଆସି
ଆଲୁଅରେ ତୁମେ ଯାଆ ,
ଆମ ଶରଧାର ପିଣ୍ଡ ଘେନାକରି
ହୋଇଥାଅ ସଦା ସାହା ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,
ମଧୁପୁର ନୋଡାଲ ଉଚ୍ଚ ବିଦ୍ଯାଳୟ
କୁଆଁସ, ମେର୍ଦ୍ଦା କାଟିଆ ଛକ, ଯାଜପୁର

ବେଦାନ୍ତୀର ହ୍ଵାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# କୋରାପୁଟର ମାଳ- ୩



ଅଶୋକ ବିଶ୍ୱାଳ

ମୋର ପ୍ରଥମ ସଂନ୍ଧ୍ୟା ଥିଲା ପରଜା ରାଜ୍ୟରେ । ସଂନ୍ଧ୍ୟା ନଇଁ ଆସୁଥିଲା । ମୁଁ ମୋର ଆଖି ବନ୍ଦ କରିଦେଲି । ପରଜାମାନଙ୍କର ସଙ୍ଗୀତ ମୋ କାନ ପାଖରେ ନାଚ ବୁଲୁଥିଲା, ଟମକ ତାଳ ସହ ଗୀତ ସବୁ ଯେମିତି ଭାସି ଆସୁଥିଲା । ସଂନ୍ଧ୍ୟାର ମୁହୁର୍ତ୍ତ ଗୁଡିକରେ ପରଜା ଗାଁରେ ନାଚ ଉଠିବ । ସଂନ୍ଧ୍ୟା ଅଣିବ ଶକ୍ତିର ଧାର । ଗୋଡ ହୋଇ ଉଠିବ ଅସ୍ଥିର। ଶବ୍ଦରେ ଆସିଯିବ ଶରୀରରେ ଶକ୍ତି, ଆଉ ମନରେ ଆସିବ ଅସୀମ ପ୍ରେରଣା । ସେହି ନର୍ତ୍ତକମାନଙ୍କର ଭିତରେ ଭରିଯିବ ଜୀବନ । ପରଜା ଧାଙ୍ଗଡା ଆଉ ଧାଙ୍ଗଡୀ ଚନ୍ଦ୍ରର କରଣରେ ଯେମିତି ନାଚ ଉଠିବେ, ରାତିରେ ଯେମିତି ନାଚ ବୁଲିବେ, ପବନରେ ଭରିଯିବ ଡୁଙ୍ଗଡୁଙ୍ଗା ମାଦଳ, ଡମକ, ଢୋଲ, ଡିବିଡିବିର ଶବ୍ଦ । ଧାଙ୍ଗଡା ଆଉ ଧାଙ୍ଗଡ଼ୀମାନେ ଧାଡିରେ ଠିଆ ହେବେ । ସେମାନଙ୍କ ଗୋଡ ଥିବ ଖାଲି । ଶାଢୀ ଗୋଇଠିରୁ ୬/ ୭ ସେଣ୍ଟିମିଟର ଉପରେ ଥିବ ଆଉ ଉପର ଶରୀରକୁ ଘୋଡାଇ ଥିବ, ତା ପରେ ଗ୍ଭଲି ଯାଇଥିବ କାନ୍ଧ ଉପରକୁ । ଝିଅର ଡ଼ାହାଣ ହାତ ତାର ସାଥୀର ଡାହାଣ କାନ୍ଧ ଉପରକୁ ଗ୍ଭଲିଯାଇଥିବ । ବାମ ହାତ ପଛକୁ ବୁଲିଯାଇଥିବ, ବାମରେ ଥିବା ସାଥୀର ଅଣ୍ଟାକୁ ଧରିଥିବ । ସେ ନର୍ତ୍ତକମାନେ ସମସ୍ତେ ସମସ୍ତଙ୍କୁ ଧରି ରଖିଥିବେ ଆଉ ଧାଡିରେ ସେମାନେ ନାଚ କରୁଥିବେ, ଆଗ ପଛ ହୋଇ ସମସ୍ତେ ଏକା ସାଙ୍ଗରେ ନାଚୁଥିବେ । ନର୍ତ୍ତକମାନେ ଧାଡିରେ ରହିବେ ନଜର ଉଚ୍ଚତା ଅନୁସାରେ । ଆଗରେ ଥିବା ମଣିଷ ଏକ ଲମ୍ବା ମୟୂର ଚନ୍ଦ୍ରିକା ଧରି ଠିଆ ହୋଇଥିବ । ସେ ବିଭିନ୍ନ ଭଙ୍ଗୀଣ୍ଟ କରୁଥିବ । ପଛରେ ଧାଡିଟି ଆଗକୁ ଯାଉଥିବ ପଛକୁ ଫେରି ଆସୁଥିବ ମୁଣ୍ଡ ଉଠାଉଥିବ । ତା ପରେ ତଳକୁ ନଇଁ ଯାଉଥିବ ଡମକର ତାଳ ସହ । ଡମକର ଶବ୍ଦ ବଢିଯିବ, ପ୍ରଥମରୁ ଧୀର ଥିବା ଗତି ସମୟ ସହ ବଢିଯିବ, ନର୍ତ୍ତକମାନେ ତାଳର ସହ ଖୁବ୍ ଜୋରରେ ନାଚ କରି ଗ୍ଭଲିବେ । ତରୁଣର

ଜୀବନରେ ଶକ୍ତିର ପ୍ରାଚୁର୍ଯ୍ୟ । ସଙ୍ଗୀତରେ ମାଦକତା । ସେମାନେ ମା ପୃଥିବୀକୁ ପୂଜା କରୁଥିବେ ନାଚରେ, ସେମାନଙ୍କ ଗୀତରେ ।

ଶୈଳନିବାସରେ ସଂନ୍ଧ୍ୟା:

ଏଠି ଶୈଳ ନିବାସରେ ସଂନ୍ଧ୍ୟାର ଛାଇ ଲମ୍ବି ଯାଇଛି, କଳା ଛାଇ ସହିତ ଥଣ୍ଡା ପବନ ବୋହି ଆସୁଛି । ଗେଷ୍ଟ ହାଉସର ପାଇନ୍ ପତ୍ର ସବୁ ଥଣ୍ଡାରେ ଥରି ଯାଉଛନ୍ତି । ଭିତରର ଆଲୁଅରେ ହଳଦିଆ କାନ୍ଥ ଚମକୁଛି । ଭିତରର ଗରମରେ କୋଠରୀର ସଂନ୍ଧ୍ୟା ଜୀବନ୍ତ ହୋଇ ଆସୁଛି । ସେମାନେ ସମସ୍ତେ ହସୁଥିଲେ । ଅନେକ ଗୁଡିଏ ଆଖି ମିଃ ସିଂହଙ୍କ ଉପରେ ନିବଦ୍ଧ ହୋଇଗଲା । ସେମାନେ ଯେତେବେଳେ ହସୁଥିଲେ ମିଃ ସିଂହଙ୍କ ମୁଣ୍ଡର ପଗଡି ଯେମିତି ଲମ୍ବା ହୋଇଯାଉଥିଲା ।

"କାହିଁକି ତଥାପି ତୁମେମାନେ କୁହ ସର୍ଦ୍ଦାର କା ୧୨ ବଜଗୟା । ଜଣେ ବଡ ଅଫିସର, ଅନେକ ପଢାଲେଖା ଲୋକ, ଥରେ ମତେ ପଚାରିଲେ ଏହି ଏକା ପ୍ରଶ୍ନ । ଆଉ ଜାଣିଛନ୍ତି ମୋର କ'ଣ ପ୍ରତ୍ୟୁତ୍ତର କଣ ହେଇଥିବ ? ମୁଁ କେମିତି ରିଆକ୍ଟ କରିଥିବି ? " ମିଃ ସିଂହ, ଏକ ସର୍ଦ୍ଦାର । ଲୋକ ମୋତେ କହୁଥିଲେ ଗୋଟିଏ ହାତରେ ତାଙ୍କର ଥିଲା ହ୍ୱିସ୍କିରେ ଭର୍ତ୍ତି ଗ୍ଲାସ ଅନ୍ୟ ହାତରେ ଥିଲା ଗୋଟିଏ ମୋଟା କୁକୁଡାର ଖଣ୍ଡ । ସେ ଚିକେନକୁ ଭଲ ଭାବରେ କାମୁଡି ନେଲେ । ଏକାଥରେ ପ୍ରାୟ ଅଧ ଗ୍ଲାସ୍ ପିଇନେଲେ, ତା ପରେ ମୋତେ ଅନାଇଲେ ।

"ଏହା ଏକ ଷ୍ଟୁପିଡ୍ ପ୍ରଶ୍ନ । ତାଙ୍କ ଭଳି ଲୋକ ଏମିତି କେମିତି କହିପାରେ ? ସର୍ଦ୍ଦାର ଆପଣଙ୍କ ଭଳି ଜଣେ ମଣିଷ । ତେଣୁ ଏମିତି କେମିତି ହୋଇପାରେ ବାରଟା ବାଜିଲେ ସର୍ଦ୍ଦାରମାନଙ୍କ ମୁଣ୍ଡ ଖରାପ ହୋଇଯିବ ।" ସେ ନିଜର ଶ୍ରୋତାମାନଙ୍କୁ ବୁଝାଉଥିଲେ । ସେହି କମ୍ ଆଲୋକିତ ରୁମରେ ଅନ୍ୟ ଖଣିର ମ୍ୟାନେଜରମାନେ ତାଙ୍କର ଚାରିପଟେ ବସିଥିଲେ । ଚିକେନର ସୁଗନ୍ଧରେ ରୁମ୍ ଭରି ଯାଇଥିଲା, ଆଗରେ ଆଉ ଥିଲା ଭଜା ସଲ୍ଟେଡ କାଜୁ । ଆଉ ସମସ୍ତଙ୍କର ହାତରେ ଥିଲା ହ୍ୱିସ୍କିର ଗ୍ଲାସ୍ । ସେଦିନ ସଂନ୍ଧ୍ୟାର କଥାବାର୍ତ୍ତାର ଗଭୀରତାକୁ ବଢାଉଥିଲା ।

କେହି ତାଙ୍କର ପ୍ରଶ୍ନର ଉତ୍ତର ଦେଲେନାହିଁ । ସମସ୍ତେ ମିଃ ସିଂହଙ୍କ ଆଡକୁ ଅନାଇଥିଲେ । ସେ ତାଙ୍କର ଶ୍ରୋତାମାନଙ୍କୁ ଅନାଇଲେ । ସମସ୍ତେ କେମିତି ସମ୍ମୋହିତ ହୋଇଯାଇଥିଲେ ତାଙ୍କ କଥାବାର୍ତ୍ତାରେ । ତାଙ୍କର କଥାବାର୍ତ୍ତା ଯିଏ ଶୁଣିବ ନିମିଷରେ ତାଙ୍କ ପ୍ରତି ଆକର୍ଷିତ ହୋଇଯିବ । ସେ ଜାଣିଥିଲେ ଲୋକମାନଙ୍କର ଆକର୍ଷଣ କେମିତି ଅଣାଯାଏ । ଯେଉଁ ବ୍ୟକ୍ତି ନଶୁଣିବାକୁ ଚାହିଁବ, କିଛି ସମୟ ତାଙ୍କ ସାନିଧ୍ୟରେ ବସିଲେ ତାଙ୍କ କଥା ଶୁଣିବାକୁ ଇଚ୍ଛୁକ ହେବ । ସେ ତାଙ୍କର ଗ୍ଲାସକୁ ଅନାଇଲେ । ଏହା ପ୍ରାୟ ଖାଲି ହୋଇଯାଇଥିଲା । ନିଜର ହାତକୁ ଉଠାଇଲେ । ଗ୍ଲାସ ତାଙ୍କର ଓଠକୁ ସ୍ପର୍ଶ କଲା । ଆଉ ଗୋଟିଏ ଢୋକରେ ସେ ସବୁ ପାନୀୟ ଶେଷ କରିଦେଲେ । ବୟ ଧଳା ପୋଷାକରେ ପାଖରେ ଠିଆ ହୋଇଥିଲା । ସେ ସାଙ୍ଗେ ସାଙ୍ଗେ ଆସି ମିଃ ସିଂହଙ୍କ ହାତରୁ ଗ୍ଲାସ ନେଇନେଲା । ମିଃ ସିଂ ମୁଣ୍ଡ ହଲାଇଲେ ଆଉ ବୟ ଏକ ବଡ ପେଗ ବନାଇଲା । ସେଥିରେ ସେ ଥଣ୍ଡା ପାଣି ଆଉ ବରଫକୁ ପକାଇଲା । ମିଃ ସିଂ ସୋଢା ବୋତଲକୁ ଛୁଇଁଲେ ନାହିଁ । ଧଳା ଗ୍ଲାସ ବର୍ତ୍ତମାନ ସୁନେଲି ରଙ୍ଗରେ ରଞ୍ଜିତ ହୋଇଗଲା ଆଉ ମିଃ ସିଂହଙ୍କ ଆଖି ଚକ୍ ଚକ୍ କରି ଉଠିଲା ।

"ଶିଖ୍ ମାନେ ହିନ୍ଦୁ ଧର୍ମକୁ ରକ୍ଷା କରିବା ପାଇଁ ଜନ୍ମ ନେଇଥିଲେ । ୮ ଜଣ ଦୀକ୍ଷା ନେଇଥିଲେ । ଲମ୍ବା ଦାଢୀ ରଖିବା, ମୁଣ୍ଡରେ ଗେରୁଆ ପଗଡି ରହିବ ଆଉ ଅତ୍ୟାଚାରୀ ମୁସଲମାନଙ୍କ ଉପରେ ପ୍ରତିଶୋଧ । ମୁସଲମାନମାନଙ୍କର ସେତେବେଳେ ଗୋଟିଏ ଲକ୍ଷ୍ୟ, ସାରା ଦେଶକୁ ଇସଲାମ୍ ଧର୍ମରେ ଦୀକ୍ଷିତ କରିବା । ପଞ୍ଜାବ ରାଜ୍ୟରେ ସେମାନଙ୍କର ଅଶେଷ ଅତ୍ୟାଚାର । କୁମାରୀ ଝିଅ, ଅବଳା ମାନଙ୍କୁ ସେମାନଙ୍କ ପରିବାରମାନଙ୍କ ଠାରୁ ହରଣ କରି ନେଉଥିଲେ ଆଉ ନିଜର କାମନା, ଲାଳସାର ତୃପ୍ତି ପାଇଁ ହାରେମରେ ରଖୁଥିଲେ । ଶିଖ୍ ମାନେ ଘୋର ରାତିରେ ଏହି ଅତ୍ୟାଚାରୀ ଦଳକୁ ଆକ୍ରମଣ କଲେ, ସେଇ ଦୁଃଖିନୀମାନଙ୍କୁ ଉଦ୍ଧାର କରିଥିଲେ ଅତ୍ୟାଚାରୀମାନଙ୍କର ଲାଳସାରୁ । ସେତେବେଳେ ସମସ୍ତେ ଜାଣିଥିଲେ, ଗଭୀର ରାତ୍ରିରେ ୧୨ଟା ବେଳେ ଶିଖ୍ ମାନେ ମୁସଲମାନମାନଙ୍କୁ ଆକ୍ରମଣ କରିବେ । ସେମାନଙ୍କର ଅତ୍ୟାଚାର ପାଇଁ ସେମାନଙ୍କୁ ଦଣ୍ଡ ଦେବେ । ସେହି ଦିନଠାରୁ ସମସ୍ତେ କହି ଆସୁଛନ୍ତି- ସର୍ଦ୍ଦାର କା ବାରା ବଜଗେୟା । ବାରା ବଜଗେୟା ମାନେ ସେ ସମୟରେ ଶିଖ୍ ମାନେ ଦୁଃଖିକୁ ରକ୍ଷା କରିବା ପାଇଁ ଦୁଃସାହସ ପ୍ରଦର୍ଶନ କରିବେ ।" ସେ କହୁଥିଲେ । ସର୍ଦ୍ଦାମାନଙ୍କ ସାହସ କାହାକୁ ଅଜଣା ନଥିଲା ।

ସମସ୍ତେ ସଂନ୍ଧ୍ୟାକୁ ଉପଭୋଗ କରୁଥିଲେ । ଖଣିରେ କାର୍ଯ୍ୟରତ ଅଫିସରମାନେ, ସେମାନଙ୍କର ଦିନ ଆରମ୍ଭ ହୁଏ ସକାଳୁ ଖଣିରେ । ମେସିନ୍ ର ଶବ୍ଦ ଧୂଳ, ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଭୟ ରହେ ଦିନ ସାରା । ସେମାନଙ୍କ ପାଇଁ ସଂନ୍ଧ୍ୟା ହେଉଛି ଖୁସି ମନାଇବାର ସମୟ । ଗୋଟିଏ ଗ୍ଲାସ ହ୍ୱିସ୍କି ଏକ ସୁନ୍ଦର ଆରାମଦାୟକ ରୁମରେ ଅତ୍ୟନ୍ତ ଆବଶ୍ୟକ । ସେମାନେ କଥାବାର୍ତ୍ତା ହେଉଥିଲେ ଗ୍ଲାସକୁ ସାଙ୍ଗେ ସାଙ୍ଗେ ଭରି ଦିଆଯାଉଥିଲା । ଖାଇବା ଜିନିଷ ସାଙ୍ଗେ ସାଙ୍ଗେ ଦିଆଯାଉଥିଲା । ମିଃ ସିଂହ ତାଙ୍କର କଥାବାର୍ତ୍ତାକୁ ସ୍ୱାଧିନତା ସମୟ ପର୍ଯ୍ୟନ୍ତ ନେଇଗଲେ । କେମିତି ପଶ୍ଚିମ ପଞ୍ଜାବରୁ ଲୋକମାନେ ଆସିଥିଲେ ସେମାନଙ୍କର ଦୁଃଖ, ସେମାନଙ୍କର ଯୁଦ୍ଧ, ଧିରେ ଧିରେ ସେମାନଙ୍କର ବଢ଼ିବା ଆଉ ଉନ୍ନତି କରିବା, ସବୁ କଥା ଖୁସିର ଥିଲା । ମିଃ ସିଂହ ସବୁ କଥାକୁ ଠିକ୍ ଠିକ୍ ମନେ ରଖିଥିଲେ । କେମିତି ପାକସ୍ତାନମାନଙ୍କୁ ହରାଇ ଦିଆଗଲା । ତାଙ୍କର କଥାବାର୍ତ୍ତା ଅନ୍ୟ ଅଫିସରଙ୍କୁ ମଧ୍ୟ ଲାଗୁଥିଲା ଯେମିତି ସେ ନିଜ ଆଖିରେ ସବୁ ଦେଖିଛନ୍ତି, ଘଟଣାର ଧାରା ବିବରଣୀ ପରି ଲାଗୁଥିଲା । ସେ ସେଇଠି ଠିଆ ହୋଇଛନ୍ତି । ସବୁକଥା ନିଜ ଆଖିରେ ଦେଖୁଛନ୍ତି । ସବୁ କଥା ନିଜ କାନରେ ଶୁଣିଛନ୍ତି । ଜେନେରାଲମାନେ ତାଙ୍କ ଭିତରେ କ'ଣ କ'ଣ କଥା ହେଉଥିଲେ । ଅନ୍ୟ ଶ୍ରୋତାମାନେ କେବଳ ମିଃ ସିଂହଙ୍କ ପ୍ରତି କଥାରେ ଇୟେସ୍ ସାର୍ ଇୟେସ୍ ସାର୍ ଇୟେସ୍ ସାର୍ କହି ଚାଲିଥିଲେ । ସମସ୍ତଙ୍କ ତାଙ୍କ ପାଇଁ ଭକ୍ତି, ତାଙ୍କର ଜ୍ଞାନର ପ୍ରଶଂସା । ସେ ହସିଲେ ସେତେବେଳକୁ ଅତିକମରେ ୫ଟି ବଡ ପେଗ ଶେଷ କରିସାରିଥାନ୍ତି । କଥାବାର୍ତ୍ତା ଅନେକ ଆଗକୁ ଚାଲିଲା, କିନ୍ତୁ କିଏ ଉଠିବାକୁ ଚାହୁଁ ନଥିଲେ । ସେହି ଦଳରେ ମୁଁ ଏକମାତ୍ର ଥିଲି ଯିଏ ଖଣି ସହିତ ସଂପୃକ୍ତ ନଥିଲା । ମୁଁ ସେମାନଙ୍କ ସହ ପ୍ରତିଟି ମୁହୂର୍ତ୍ତ ଉପଭୋଗ କରୁଥିଲି । ସେମାନଙ୍କ କଥାବାର୍ତ୍ତାରେ ଉଷ୍ଣତା କେତେ ଭରି ଯାଇଥିଲା ।

ମିଃ ସିଂହ ମୋ ଆଡକୁ ଅନାଇଲେ । ତାଙ୍କର ବିଶାଳ ପଗଡିରେ ସେ ଓଜନିଆ ଦେଖାଯାଉଥିଲେ । ଦାଢ଼ୀକୁ ଅଠା ଦେଇ ଚପି ଦିଆଯାଇଥିଲା । ଲମ୍ବା ନିଶକୁ ନାକ ତଳେ ମୋଡି ଦିଆଯାଇଥିଲା, ଲାଗୁଥିଲା ଯେମିତି ଦୁଇଟି ଛୁରୀ ତାଙ୍କ ନାକରୁ ଦି ଆଡକୁ ବାହାରି ଯାଇଛି । ତାଙ୍କର ସ୍ୱର ଅଧିକ ଓଜନିଆ ହୋଇଯାଇଥିଲା । ମୋର ଧ୍ୟାନ ଆଉଥରେ ମିଃ ସିଂହଙ୍କର କଥା ଆଡକୁ ଆକର୍ଷିତ ହୋଇଗଲା । ମୁଁ ମୋର ଧ୍ୟାନ ତାଙ୍କ ଉପରେ ନିକେନ୍ଦ୍ରିତ କରି ରହିନପାରେ ।

"ଆପଣ ଜାଣିଛନ୍ତି ଆମେ ଆଶ୍ଚର୍ଯ୍ୟଜନକ ଭାବେ ବ୍ୟବହାର କରୁ, ଯେତେବେଳେ ଆମ ଆଗରେ ବହୁତ ବିକଳ୍ପ ଥାଏ, ଅଧିକାଂଶ ସମୟରେ ଆମେ ବୋକା ଭଳିଆ ବୋଧେ ବ୍ୟବହାର କରୁ ।" ସେ ନିଜ ଚାରିପଟେ ଥିବା ଲୋକମାନଙ୍କୁ ପଚାରୁଥିଲେ ଅନ୍ୟମାନଙ୍କ ପାଖରେ ଉତ୍ତର ନଥିଲା ।

"ଯେତେବେଳେ ଏକ ସାର୍ଟ କିଣିବା ପାଇଁ ମୁଁ ବଜାରକୁ ଯାଏ, ସବୁବେଳେ ମୁଁ ସବୁଠୁ ଭଲ ଦୋକାନକୁ ଯାଏ । ମୋ ସ୍ତ୍ରୀ ସବୁବେଳେ ମତେ ଏମିତି ଏକ ଦୋକାନକୁ ଯିବା ପାଇଁ ଆଦେଶ ଦିଏ, କିନ୍ତୁ ସେ ମୋତେ କେବେ ସାହାଯ୍ୟ କରେ ନାହିଁ । ସେ ମୋତେ କହେ ସବୁଠୁ ଭଲ ଭାବରେ ଦେଖିବା ପାଇଁ । ମୁଁ ୫୦ / ୬୦ ଟି ସାର୍ଟ ଅତିକମରେ ଦେଖେ । ତା ପରେ ଗୋଟିଏକୁ ବାଛେ, ନୂଆ ସାର୍ଟ ସହ ଘରକୁ ଫେରି ଆସେ । ମୋ ମନର ଖୁସି ଯେ ମୁଁ ଅତିକମରେ ସବୁଠୁ ଭଲ ସାର୍ଟ ବାଛିଚ । ଯେତେବେଳେ ମୁଁ ଆକୁ ଖୋଲି ଦିଏ ସାଧାରଣ ଦିନ ଆଲୁଅରେ ମୋତେ ଲାଗେ ଯେ ଏହା ସବୁଠାରୁ ଖରାପ ବାଛିବା । ଅଫିସରେ ମଧ୍ୟ ଯେତେବେଳେ ଆମେ ଏତେ ବେଶି ବିକଳ୍ପ ଦେଖୁ, ଆମେ ସାଧାରଣତଃ ସବୁଠାରୁ ଖରାପ ହିଁ ବାଛିଥାଉ ।" ସେ କହୁଥିଲେ ।

ତାଙ୍କର କଥାବାର୍ତ୍ତା ବଡ ଆମୋଦାୟକ ଥିଲା । ସମସ୍ତେ କଥାବାର୍ତ୍ତାରେ ମଜ୍ଜି ରହିଥିଲେ । ତଥାପି ମୁଁ ଟିକଏ ବାଲକୋନୀର ଦୁଆର ଖୋଲି ବାହାରକୁ ଚାଲିଗଲି । ବାହାରୁ ଥଣ୍ଡା ପବନ ମୋତେ ଭିତରକୁ ଠେଲିଦେଲା । ଭିତର ଗରମ ଟିକଏ କମ ହୋଇଗଲା । ରାତି ଅନ୍ଧାର ହୋଇଯାଇଥିଲା । ଆକାଶରେ ତାରାମାନେ ଚମକୁଥିଲେ । ବାହାରେ ଗଛର ଛାଇ ଟିକେ ଟିକେ ହଲୁଥିଲା । ଯେମିତି ଦୂରରେ ପାହାଡ ସବୁ ଜୀବନ ନେଉଥିଲା । ମୁଁ ଦୁଆର ବନ୍ଦ କରି ଘର ଭିତରକୁ ଫେରିଆସିଲି । ସଂନ୍ଧ୍ୟା ତଥାପି ବି ଉଷ୍ଣ ଥିଲା । ସମସ୍ତେ ମିଃ ସିଂହଙ୍କର ସାନ୍ନିଧ୍ୟରେ ଆମୋଦ ପ୍ରମୋଦ କରୁଥିଲେ । ତାଙ୍କ ପାଖରେ ଅସୀମ ହସିବାର ଖୋରାକ ଥିଲା ।

"ଆପଣ ଜାଣିଛନ୍ତି ମୁଁ ଏଠାରେ ଥରେ ଭାଲୁ ଦେଖିଥିଲି । ଆପଣ ବିଶ୍ୱାସ କରିପାରିବେନି!" ଏତେ ବୟସରେ ତାଙ୍କ ସ୍ୱର ବଦଳି ଯାଇଥିଲା, ଏକ ଦୁଷ୍ଟ ଛୋଟ ଛୁଆର ସ୍ୱର ଭଳି ଥିଲା । ସମସ୍ତେ ଉତ୍ତର ଜାଣିଥିଲେ କିନ୍ତୁ ମୁଁ ଜାଣିନଥିଲି । ମୁଁ ଏଣେ ତେଣେ ଅନାଇଲି । ସମସ୍ତେ ହସୁଥିଲେ ।

"ଠିକ୍ ଏଇଠି ଏହି ଝରକା ତଳେ, ଠିକ୍ ଏହି ରୁମରେ ବାଲକୋନର ତଳେ, ନାଲକୋ ଦାମନଯୋଡି ଗେଷ୍ଟ ହାଉସର ଶୈଳନିବାସରେ ଠିକ୍ ତଳେ ।" ସେ ମୋତେ ଉତ୍ତର ଦେଲେ ।

ମୁଁ ଝରକା ପାଖକୁ ଚାଲିଗଲି, କାଚ ଦେଇ ବାହାରକୁ ଅନାଇଲି, କେଉଁଠି ଭାଲୁର ଛାଇ ବି ନଥିଲା । ବାହାରେ ସୋଡିୟମ ଲାଇଟ୍ ର ସୁନେଲି ଛାଇ ପଡିଥିଲା । ସୁନେଲି ଆଲୁଅ ଖେଳ ଯାଇଥିଲା ଭଲ ଭାବରେ ବଢାଯାଇଥିବା ବଗିଚା ଉପରେ । ବଡ ବଡ ଗଛଗୁଡିକ ଆଲୁଅକୁ କଛି କଛି ଲୁଚାଇ ଦେଉଥିଲା, ପ୍ରାୟ ୪୦/ ୫୦ ମିଟର ଦୂରରେ ଅନ୍ଧାରର ରାଜୁତି ଆରମ୍ଭ ହୋଇଯାଉଥିଲା ।

"ମୁଁ ଏଠାକୁ ନବେ ଦଶକରେ ଆସିଥିଲି । ସେଇ ଦିନଠାରୁ ଅଛି । ମଝିରେ କଛି ଦିନ ପାଇଁ ବାହାରକୁ ଚାଲିଯାଇଥିଲି, ପୁଣି ଫେରି ଆସଛି । ମୁଁ ସବୁବେଳେ ଭାଲୁକୁ ରାସ୍ତାରେ ଦେଖେ । ଏଠିକାର ଭାଲୁମାନଙ୍କର ଗୋଟିଏ ଭଲ ଦର୍ଶନ- ନଜେ ବଞ୍ଚ , ଅନ୍ୟକୁ ଖୁସିରେ ବଞ୍ଚିବାକୁ ଦିଅ । ଯେତେବେଳେ ମା ସାଙ୍ଗରେ ଛୁଆ ଏହି ନୟମ ବେଳେବେଳେ ବଦଳଯାଏ। ଥରେ ବାପା, ମା, ଛୁଆ ଭାଲୁର ଦଳକୁ ମୁଁ ଦେଖିଲି ।" ଏତିକ କହି ସେ ଟିକଏ ରହିଗଲେ, ମୋ ଆଡକୁ ଅନାଇଲେ, ମୋ ମନରେ ସନ୍ଦେହ, ଆନ୍ଦୋଳନ, ମୁଁ ବିଶ୍ୱାସ କରିପାରୁନଥିଲି । ସେ ମୋ ମନର ଦ୍ୱିଧାକୁ ବୁଝିପାରିଲେ, କହିଚାଲିଲେ:

"ସେମାନେ ରାସ୍ତାରେ ଘୂରି ବୁଲୁଥିଲେ । ରାତି ୧୧ଟା ପାଖାପାଖି, ଏତେ ରାତିରେ ଭାଲୁମାନେ ଖୋଲାରେ ଘୂରି ବୁଲନ୍ତି । ଆମେ ଜୋରରେ ଗାଡିର ହର୍ଣ୍ଣ ବଜାଇଲୁ । ଆଜି ମୁଁ ଏତେ ଦିନ ପରେ ମଧ୍ୟ ମାନୁଛି ଯେ ଏଠିକାର ଭାଲୁମାନେ ବଡ ସରଳ ଭାଲୁ । ଅନ୍ୟ ଜାଗାର ଭାଲୁମାନଙ୍କ ପରି ଆକ୍ରମଣାତ୍ମକ ନୁହଁନ୍ତି, ଦୁଷ୍ଟ ନୁହଁନ୍ତି । ସେମାନେ ଆକ୍ରମଣ କରନ୍ତି ନାହିଁ । ଭାଲୁମାନେ ନଭେମ୍ବର ରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଏଠିକ ଆସନ୍ତି । ଅନ୍ୟ ମାସମାନଙ୍କରେ ଏମାନେ କାଜୁ ଖାଇବା ପାଇଁ ଜଙ୍ଗଲକୁ ଚାଲିଯାଆନ୍ତି କନ୍ତୁ ମୁଁ କହେ ସେମାନେ ତାଙ୍କର ମା ଘରକୁ ଚାଲି ଯାଇଛନ୍ତି । ସେମାନେ ଭଦ୍ର ବ୍ୟବହାର କରନ୍ତି, ଏକଦମ୍ ନରୀହ । ଦାମନଯୋଡି ସହରରେ ଘୂରି ବୁଲନ୍ତି । ବିଗତ ୧୦ ବର୍ଷ ମଧ୍ୟରେ କେବଳ ଦୁଇଟି ଭାଲୁ ଆକ୍ରମଣ ହୋଇଛି । ତା ମଧ୍ୟ ଲୋକଙ୍କର ମୂର୍ଖତା ଯୋଗୁ । ଆପଣ ବିଶ୍ୱାସ କରିପାରିବେନ ସେମାନେ ରୋଷାଇ ଘରକୁ ମଧ୍ୟ ଆସିଛନ୍ତି, ଏମିତି କ ଖାଇବା

ରୁମକୁ ସେମାନେ ଯାହା ହେଲେ ବି ସରିଫ ଭାଲୁ, ଅତି ଭଦ୍ର ବ୍ୟବହାର କରୁଥିବା ଭାଲୁ ।" ଏତିକ କହି ସେ ହସିଲେ । ଜୀବଜନ୍ତୁ ମଧ ତାଙ୍କର ରସର ଏକ ଖୋରାକ୍ । ମୁଁ ଜୀବଜନ୍ତୁଙ୍କ ଉପରେ କାହାଣୀକୁ ଉପଭୋଗ କରୁଥିଲି, କଥା କିଛି ବଦଳାଇବା ଦରକାର ଥିଲା ।

"ଆପଣଙ୍କ ସହିତ ଏମିତି କିଛି ଘଟିଛି କି ?" ମୁଁ ପଚାରିଲି । ମୋର ଉତ୍ସୁକତା ଥିଲା ବହୁତ, ସ୍ୱରରେ ମୋର ଆଗ୍ରହ ଭରି ଯାଇଥିଲା ।

"ଥରେ ମୁଁ ଦାମନଯୋଡିକୁ ଆସିଥାଏ, ଗଭୀର ରାତି । ମୁଁ ଗାଡି ଚଲାଉଥାଏ । ଡ୍ରାଇଭର ପଛରେ ବସିଥାଏ । ମୁଁ ତାକୁ ପଛରେ ବସିବା ପାଇଁ କହିଥିଲି । ଖାଲି ରାସ୍ତାରେ ମତେ ଗାଡି ଚଲାଇବାକୁ ଭଲ ଲାଗୁଥିଲା । ହଠାତ୍ ଗୋଟିଏ ଭାଲୁକୁ ରାସ୍ତା ଉପରେ ଦେଖିଲି । ମୁଁ କିଛି ମଜା କରିବାକୁ ଚାହୁଁଥିଲି । ଭାଲୁର ପାଖକୁ ଗାଡି ନେଇଗଲି । ଭାଲୁ ରାସ୍ତା ଛାଡି ଯାଉନଥିଲା । ମୁଁ ହର୍ଣ୍ଣ ବଜାଇବା ପରିବର୍ତ୍ତେ କାଚକୁ ତଳକୁ କରିଦେଲି ଆଉ ଭାଲୁକୁ ହାତରେ ଠେଲି ଦେଲି । ଭାଲୁ ବହୁତ ରାଗିଗଲା, ତା ସ୍ତ୍ରୀ ଆଗରେ ତାକୁ କିଏ ଅପମାନ କଲା, ଲଜ୍ଜାର କଥା, ତାର ପୁଣି ତ ପୁରିଷ ପଣିଆ ଅଛି, ତେଣୁ ଗାଡିକୁ ଆକ୍ରମଣ କଲା । ଆମେ ଜୋରରେ ଗାଡି ଚଲାଇ ଦୂରକୁ ଚାଲିଗଲୁ । ଭାଲୁ ସତରେ ବହୁତ ରାଗିଥିଲା- ଯଦି ଆମ ସହ ଦୁଷ୍ଟାମୀ କରିବ, ତାହାହେଲେ ଆମେ ତୁମକୁ ଛାଡିବୁନ, ତୁମକୁ କିଛି ଉଚତ ଶିକ୍ଷା ଦେବୁ । ସେ ତା ସ୍ତ୍ରୀ ଆଗରେ ନିଜର ଶକ୍ତି ଦେଖାଇଲା । ତା ପରଠୁ ସେମିତି କିଛି ଭାଲୁ ବିଷୟରେ ଘଟଣା ଘଟିନି । ଆମେ ଭାଲୁକୁ ଅନେକ ଜାଗାରେ ଦେଖିଛୁ, ରାସ୍ତାର ଉପର ଅନେକ ସମୟରେ, କନ୍ତୁ ଆମେ ହଇରାଣ କରିନାହୁଁ ସାବଧାନତାର ସହ ସେମାନଙ୍କ ଠାରୁ ଦୂରକୁ ଚାଲିଯାଇଛୁ ।" ମିଃ ସିଂହ କହୁଥିଲେ ।

"ସହରକୁ କେଉଁ ଆଡୁ ଭାଲୁମାନେ ଆସନ୍ତି?" ମୁଁ ତାଙ୍କୁ ପଚାରିଲି । ମୁଁ ଜାଣିଥିଲି ତାଙ୍କ ଭଳ ଖଣି ମ୍ୟାନେଜରଙ୍କ ପାଖରେ ଜଙ୍ଗଲ ବିଷୟରେ କହିବା କଠିନ ହେବ । ସେ କହିପାରିବେ କେଉଁ ଦିଗରୁ ଭାଲୁମାନେ ଆସନ୍ତି । ପରେ ମୁଁ ତାହାକୁ ଜଙ୍ଗଲ ବିଭାଗର ଅଧିକାରୀମାନଙ୍କ ସହ ମିଳେଇବି ।

"ସାଧାରଣତଃ ଦାମନଯୋଡି ସହରକୁ ସେମାନେ ରେଡ୍ ମଡ ପଣ୍ଡ ଅଞ୍ଚଳରୁ ଆସନ୍ତି । ସଂନ୍ଧ୍ୟା ୭ଟା ପାଖାପାଖି ଏହି ଭି.ଆ.ପି. ଗେଷ୍ଟ ହାଉସ୍ ତଳେ ଏକାଠି ହୁଅନ୍ତି । ଏହି ଜାଗାକୁ ସେମାନେ ବାଛିଛନ୍ତି, ବୋଧ ହୁଏ ସେମାନେ ଭାବନ୍ତି ସମସ୍ତେ ତାଙ୍କୁ ଦେଖନ୍ତୁ, ଜଣନ୍ତୁ ସେମାନେ ମଧ୍ଯ ଭି.ଆ.ପି." ସେ କହୁଥିଲେ ।

ତା ପରେ ସେ କହିଲେ ଏ ଭାଲୁମାନଙ୍କ ବ୍ୟବହାର ବିଷୟରେ ଯାହା ସେ ଅଙ୍ଗେ ଲିଖିଇଛନ୍ତି ବା ଅନ୍ୟମାନଙ୍କଠୁ ଶୁଣିଛନ୍ତି । ଏହି ଭାଲୁମାନେ, ଏଠାକାର ଆଦିବାସୀମାନେ ମହୁଲ ଫୁଲକୁ ପସନ୍ଦ କରନ୍ତି । ଫୁଲ ସଂଗ୍ରହ ସମୟରେ ଭାଲୁ ଓ ମଣିଷ ଭିତରେ ଅନେକ ସ୍ଥାନରେ ଆଉ ଭେଟ ହୋଇଯାଏ । ମହୁଲ ଗଛର ଗୁରିପଟେ ଭାଲୁ ଆକ୍ରମଣ ସାଧାରଣତଃ ଖୁବ୍ ସକାଳୁ ହୋଇଥାଏ । ଅନେକ ସମୟରେ ଲୋକମାନେ ଯେତେବେଳେ ସଂନ୍ଧ୍ୟାବେଳେ ଫେରନ୍ତି ଭାଲୁ ଆକ୍ରମଣ ଘଟେ । ଖୁବ୍ ସକାଳେ କମ୍ବା ସଂନ୍ଧ୍ୟାବେଳେ ଭାଲୁମାନେ ଚଳଚଞ୍ଚଳ ଥାଆନ୍ତି । ଥରେ ମୁହାମୁହିଁ ହେଲେ କଛି କାରଣ ନଥାଇ ଭାଲୁ ନଷ୍ଚିତଭାବେ ଆକ୍ରମଣ କରିବ । ଭାଲୁ ପାଇଁ ମଣିଷ ଶରୀର ସବୁଠାରୁ ମୁଖ୍ୟ ଅଂଶ ହେଉଛି ଆଖି । ଯେତେ ଭାଲୁ ଆକ୍ରମଣ ହୋଇଛି ସେଥିରେ ପ୍ରାୟ ଗୋଟିଏ ଦୁଇଟି କଥା ସାଧାରଣ ଅଛି । ଭାଲୁ କଛି ବିନାକାରଣରେ ସେମାନଙ୍କୁ ଆକ୍ରମଣ କରିଛି । ମୁହଁ, ମୁଖ୍ୟତଃ ଆଖିକୁ ଭାଲୁ ନଷ୍ଟ କରିଦେଇଛି ।" ମିଃ ସିଂହ ଏକ ଲମ୍ବା ନଶ୍ୱାସ ନେଉଥିଲେ । ଏତେ ଲମ୍ବା କଥାବାର୍ତ୍ତା ତାଙ୍କ ଶକ୍ତିକୁ ଟିକଏ କମ କରିଦେଇଥିଲା । ସଂନ୍ଧ୍ୟାର ମୁହୂର୍ତ୍ତ ଗୁଡିକ ତଥାପି ଗରମ ହୋଇ ରହିଥିଲା । ବାହାରର ଥଣ୍ଡା ପବନ ମୋଟା କାନ୍ଥ ଦେଇ ଭେଦି ଆସିପାରୁନଥିଲା । ମୁ ବାହାରକୁ ଅନାଇଲି, ବାହାରେ ଭାଲୁର କେଉଁଠି ଚହ୍ନବର୍ଣ୍ଣ ନଥିଲା । ମୋର ଆଖି ଖୋଜି ବୁଲୁଥିଲା ସେ ଭାଲୁମାନଙ୍କୁ । ସେମାନେ ମଣିଷର ଏତେ ପାଖରେ । ମୁଁ ମୋ ଜ୍ଞାନକୁ ପରିମାର୍ଜିତ କରିନେଲି ।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

# କାଗଜ



ସୁଦର୍ଶନ ସାହୁ

ହୃଦୟରେ ଆଜି ପ୍ରେମର କାଗଜ

ଖାଲି ହୋଇ ରହିଗଲା

ଲେଖିବାର ଯିଏ ଥିଲା ଏ କାଗଜେ

ଛାଡି ଦେଇ ଗ୍ଲିଗଲା ।

ପ୍ରେମର ନଅର ତୋଳଥିଲା ସିଏ

ନିଜ ହାତେ ତାର ଗଢ଼ି

ସେହି ହାତେ ତାର ଭାଙ୍ଗିଦେଇ ଗଲା

ଗ୍ଲି ଗଲା ମୋତେ ଛାଡ଼ି ।

କେତେ ଆଶା ସ୍ୱପ୍ନ ଦେଇଥିଲା ମୋତେ

ମୁଁ ଯେ ତୁମ ରାଜରାଣୀ

ସେହି ରାଜରାଣୀ କେଉଁଠି ହଜିଲା

ପାରେ ନାହିଁ ମୁଁ ଯେ ଜାଣି ।

ଓଡ଼ିଆ ବିଭାଗ ଛାତ୍ର
ଏନ ସି କଲେଜ, ଯାଜପୁର

# ସୁନ୍ଦର ପୃଥିବୀ

ଶ୍ରୀହରି ଚରଣ ମଣ୍ଡଳ

ପୋଖରୀ ସୁନ୍ଦର ପଦ୍ମ ଫୁଲରେ
ଗାଡିଆରେ ଥିଲେ କଇଁ
ଆହୁରି ଦିଶିବ ଏସବୁ
ଚହଟିଲେ ମାଛ ଗେହି ।

ନାରୀକୁ ସୁନ୍ଦର ଗଣ୍ଡିଲେ ସଜନ
ପାଦକୁ ପାଉଁଜି ଝୁମୁକା
ଫୁଲଥାଇ ଗଣ୍ଡି ଆହୁରି ଶୋଭଇ
ପାଦରେ ଅଳତା ଟିକା ।

କୁଳ ବୋହୂ ଶୋଭେ ଓଢଣୀ ଥିଲେ ଲୋ
ପାନ ପୁଣି କଳେ ଥିଲେ
ଆହୁରି ସୁନ୍ଦର ଗଗେଲେ ସଜନୀ
ମୃଦୁ ଭାଷି ହୋଇ ଥିଲେ ।

ଘରକୁ ସୁନ୍ଦର ଦୁହିତା ସଜନୀ
ପାଠ ପଢା ଗ୍ଲୁଥିଲେ
ଆହୁରି ସୁନ୍ଦର କଥାଲେ ସଜନୀ
ଆଚରଣ ଶୁଦ୍ଧି ହେଲେ ।

ସଭାକୁ ସୁନ୍ଦର ବକ୍ତାଲେ ସଜନୀ
ତୋ ସାଙ୍ଗେ ଶ୍ରୋତା ଥିଲେ

ବେଶି ସୁନ୍ଦର ଲାଗନ୍ତା ସଜନୀ
ଶେଷଯାଏ ଶ୍ରୋତା ରହିଲେ ।

କବିତା ସୁନ୍ଦର ପଦ ଲାଳତ୍ୱରେ
ଚନ୍ଦ୍ର ଶୋଭେ ତା କଳାରେ
ଶିଶୁକୁ ସୁନ୍ଦର ଖିଲି ଖିଲି ହସ
ଥିଲେ ତା ମା କୋଳରେ ।

ଜଙ୍ଗଲ ସୁନ୍ଦର ଜୀବଜନ୍ତୁ ଥିଲେ
ଆହୁରି ସୁନ୍ଦର ଘଞ୍ଚ
ବିନୟ ବନେ କାନକୁ ସରଷ
ସେଥିରେ ନଥିଲେ ପେଞ୍ଚ ।

ଉଆଁସ ଆକାଶ ସୁନ୍ଦର ଦିଶଇ
ଅଗଣିତ ତାରା ମେଳେ
ପୂର୍ଣ୍ଣମୀ ରାତି ସୁନ୍ଦର ଦିଶଇ
ନିର୍ମଳ ଆକାଶ ତଳେ ।

ଜୀବନ ସୁନ୍ଦର ମୁଖେ ବୋଲୁଥିଲେ
ସଦାବେଳେ ରାମନାମ
ଶ୍ରୀହରୀ ରଖଇ ସମର୍ପଣ ଭାବ
କଣ୍ଠେ ଥିଲେ ହରିନାମ ।

ଶିକ୍ଷକ, ସାନମୁଣ୍ଡାବଣୀ, ମୟୁରଭଂଜ, ଓଡିଶା

# ହୁକୁମ



ଇଂ. ସାରଦା ପ୍ରସାଦ ପରିଡା

ଆମ ଅଫିସ ର ସବୁଠାରୁ ବୟୋଜେଷ୍ଠ ବ୍ୟକ୍ତି ରାମଚନ୍ଦ୍ର ବାବୁ । ଖୁବ ଭଲ ଲୋକ ମାତ୍ର ସ୍ୱଭାବତ ଡରକୁଳା । ଗୋଟିଏ ନକ୍ଷତ୍ରି ନେଲ୍ ବେଳକୁ ଶହେ ଥର ଆଗ ପଛ । ଆଉ ତହୁଁ ବଳ ବଡ ଦୁର୍ଗୁଣ ହେଲା ଆହେତୁକ ଇଶ୍ୱର ବିଶ୍ୱାସ । ରାମଚନ୍ଦ୍ର ବାବୁଙ୍କ ଠାରୁ ତ ଏଇ ଦୁର୍ଗୁଣ ଟା ବେଶୀ ଭରି ରହିଛି ତାଙ୍କ ଧର୍ମ ପତ୍ନୀଙ୍କ ଠାରେ । ତେବେ ଏ ସବୁରୁ ସବା ବଡ ଶୁଗୁଣ ଟି ହେଲା ଉଭଏ ସ୍ନେହୀ ମଣିଷ । ସମ୍ଭବତ ସେଇଥି ପାଇଁ ଆମ ଦୁଇଜଣଙ୍କ ର ସମ୍ପର୍କ କାର୍ଯ୍ୟକ୍ଷେତ୍ରରୁ ଯାଇ ପହଞ୍ଚିଥିଲା ସୂର୍ଯ୍ୟ ବନ୍ଧୁଯାଏ । ମୋ ଠାରୁ ଦିହେଁ ବୟସ ରେ ଖୁବ ବଡ । ସେଇଥି ପାଇଁ ଧରା ବନ୍ଧା କାର୍ଯ୍ୟାଳୟ ର ସାର ସମ୍ବୋଧନରୁ ଆଉ ଟିକେ ଆଗକୁ ଗୁଲି ଯାଇ ମୁଁ ମଉସା ମାଉସୀ ରେ ସମ୍ବୋଧନ କରିଥାଏ। ଦୁଇଜଣ ମଧ ହୃଦୟ ଖୋଲି ତାଙ୍କର ବାକି ତିନିଜଣ କଲେଜ ପଢୁଆ ପୁଅ ଝିଅଙ୍କ ପରି ଘରର ସଦସ୍ୟ ପରି ଆପଣେଇ ନେଇଥାନ୍ତି । ପୁଜିଅ ପର୍ବ ଓଷା ବାହା ଆଉ ଭଲ ମନ୍ଦରେ ମୋ ପାଇଁ ଆଗୁ ସରି ଭାଗ ଥୁଆଯାଏ । ମୋଟ ଉପରେ କହିବାକୁ ଗଲେ ରାମ ମଉସାଙ୍କର ସ୍ୱଚ୍ଛଳ ରୋଜଗାର ଆଉ ଆଜ୍ଞାକାରୀ ପିଲାମାନଙ୍କୁ ନେଇ ଗୋଟିଏ ସୁଖର ସଂସାର । ମାତ୍ର ମୁଁ ମଉସାଙ୍କ ମୁହଁରେ କେବେ ଆକୁ ନେଇ ସନ୍ତୁଷ୍ଟି ହେବାର ଶୁଣି ନାହିଁ ।

ହେବେବା କେମିତି । ବାବୁ ସଚ୍ଚୋଟ ମିଜାଜ ର , ପୁଣି ଡରୁକୁଳା । ଦୋ ନମ୍ବରୀ କାମକୁ ପ୍ରାଣପଣେ ଡର, ସେ ଆଡେ କଷ୍ଟ ଅର୍ଜିତ ଯେତିକି ରୋଜଗାର ତାକୁ ନେଇ ନା ଖୁସ । ଏବେ କେବଳ ଇଶ୍ୱର ସାହା । ରାମ ମଉସାଙ୍କ ଭଳ ବାକି ଲୋକଙ୍କର ବି ତ ସମାନ ଅବସ୍ଥା । ବୋଧେ ସେଇଥି ପାଇଁ ମଉସା ମାଉସୀ ଦିହେଁ ପ୍ରତି ସପ୍ତାହରେ ଧାଇଁ ଯାନ୍ତି କଉ ବାବା, ପଣ୍ଡିତ, ଗୁଣିଆ ନହେଲେ କଉ ଆଶ୍ରମ କୁ ନାମ ସଙ୍କୀର୍ତ୍ତନ କରିବାକୁ । ହାତ

ରେଖା ଆଉ ଜାତକ ଦେଖାରେ ଯେତିକ ଉଡେଇଲେଣି ରଖିଥେଲେ ଗାଡିଖଣ୍ଡେ କିଣି ସାରନ୍ତେଣି । ତେବେ କଏ କହିବ । ମୁଁ ବେଳେ ବେଳେ ବିରକ୍ତ ହୁଏ, ବୁଝାଏ, ହେଲେ କଛି ଫରକ ପଡେନ। କଉଠୁ କେଜାଣି ଯୋଗାଡ କରନ୍ତି ଏ ଲକ୍ଷେ ଦାଗୀ ବାବା ମାନଙ୍କର ଠିକଣା । ବର୍ଷ ତମାମ ଘରେ ପୂଜା ପାଠ, ହୋମ ସଂସ୍କାର , ଇତ୍ୟାଦି ଇତ୍ୟାଦି ।

ଠିକ ସେତିକ ବେଳକୁ ଆମ ଗାଁରେ ମାତିଥାଏ ଗଙ୍ଗା ମାତାଙ୍କର ହୁକୁମ। ଅବଶ୍ୟ ଏ କଥା ମୁଁ ଧର୍ମଛଡା ନଜେ ବ୍ୟଙ୍ଗ ଛଳରେ ଥରେ ଦୁଇ ଥର ଆରି ବିଷୟରେ ସମ୍ୟକ ସୂଚନା ଦେଇଥିଲି ମଉସା ମାଉସୀଙ୍କୁ । ମାତ୍ର କେଜାଣି ସିଏ କେମିତି କେଉଁଠୁ କେଉଁ ସୂତ୍ରରୁ ଆମୂଳ ଚୂଳ ତଥ୍ୟ ସଂଗ୍ରହ କରିଥାନ୍ତି କେଜାଣି ?

ଥରେ ଅଫିସ କାମ ସାରି ବସାକୁ ଫେରିବା ବାଟରେ ମଉସାଙ୍କ ସହ ତାଙ୍କ ଘର ହେଇ ଆସିଲି । ଏଥରକ ମାଉସୀ ସେମାନଙ୍କୁ ସାଥିରେ ନେଇ ଗାଁ କୁ ଯିବାକୁ ବାଧ କଲେ । ଆଗରୁ ଯେତେଥର କହିଛନ୍ତି ମୁଁ ନାହିଁ ନାହିଁ କରି ଟାଳ ଦିଏ । ମାତ୍ର ସବୁଥର ତ ମନା କରିହେବନ । ନହିଲେ କଣ ବୁଝବେ ଏମାନେ ।

ମାଉସୀ ଜଳଖିଆ ପ୍ଲେଟ ତା ହାତକୁ ବଢେଇ ଦେଉ ଦେଉ କହି ବସିଲେ , "ବୁଝିଲ ପୁଅ ମାନଲେ ଠାକୁର, ନ ମାନଲେ ପଥର । ସବୁରି ମୂଳରେ ପର୍ ବିଶ୍ୱାସ । ମୁଁ ପଗ୍ଭରି ବୁଝିଛି । କ ମହିମା ଠାକୁରାଣୀଙ୍କର, କେତେ କେତେ ରୋଗୀ ଆସି ଦିହ ପା ଭଲ ହେଇଯାଉଛନ୍ତି, କେତେ କେତେ ଡାକ୍ତର ଖାନାରୁ ନିରାଶ ହେଇ ସେଇଠି ଅଧିଆ ପଡିଛନ୍ତି। କେତେ ଲୋକ କୁ ମଲା ମୁହଁରୁ ଟାଣି ଆଣିଛି । ଜମି ବାଡି ମାଲୀ ମକଦମା, ବାହା ତୋଳା ସବୁ ଅସାଧକୁ ସାଧ କରିଦେଉଛି । ତୁ କହନ ଦେଖି ଏତିକ ଟିକଏ ମାଇପ ଦଶ ଦଶ ଟା ମରଦ ପିଲାଙ୍କୁ କେମିତି ହେଣ୍ଟି ଫୋପାଡି ଦଉଛି । କଛି ଦଇବି ଶକ୍ତି ନଥାଇ କଣ ତୁଛାଟାରେ ମା ଆସ୍ଥାନ ଉପରକୁ ଚଢି ଯାଉଛି । ଠାକୁରାଣୀ ବେକରୁ ଫୁଲମାଳ ଉତ୍ତାରି ନଜ ବେକରେ ପକାଉଚ । କହତ କଉ ଜୀବ ଥିବା ଲୋକର ଏ ସାହସ । ପୂର୍ବା ପୁରୁଷ ଦିହ ମୁଣ୍ଡ, ପୋତା ଧନ, କଉ କାଳର ପେଟ ଭିତର ର କଥା ସର୍ବଜ୍ଞାତା ପରି ଉଗାଳ ପକାଉଛି । ବୁଝିଲ ବାବୁ ଇଶ୍ୱର ଅଛନ୍ତି । ଗ୍ଭଲ ଆମେ ଟିକେ ଯାଇ ଦର୍ଶନ କରି ଆସିବା

କେତେ ବା ବାଟ ହେବ ଯେ, ତମର ଘର ଯିବା କୁ ଘର ଯିବା ହେବ ଆଉ ଆମେ ବି ତମ ଘର ଦେଖି ଦେଇ ଆସିବୁ ।

ମୁଁ ଥଙ୍ଗ ଅମଙ୍ଗ ହେଇ ରାଜି ହେଲି । କଥା ହେଲା ଆସନ୍ତା ଗୁରୁବାର ହୁକୁମ ପାଳ କୁ ମୁଁ ମଉସା ଆଉ ମାଉସୀ ସାଥି ହୋଇ ଗାଁ କୁ ଯିବୁ । ମଉସା ପୂଜା ହେତୁ ଶାଢୀ ଚୁଡି ସିନ୍ଦୁର ଆଉ ଅନ୍ୟାନ୍ୟ ପୂଜା ସାମଗ୍ରୀ କଣି ଯୋଗାଡ କରି ରଖିଥାନ୍ତି ।

ଆମ ଘର ଜଗତସିଂହପୁର ଜିଲ୍ଲାର ଗୋଟିଏ ଛୋଟିଆ ଉପକୂଳବର୍ତ୍ତୀ ଗାଁରେ, ସଦରମହକୁମା ଠାରୁ ୨୫ ୨୬ କ.ମି. ଦୂର ହେବ କ ନ ହେବ । ଗ୍ରାମର ସିଂହ ଭାଗ ଲୋକ କୃଷକ । ଗାଁ ର ଗ୍ରାରିକଡକୁ ବେଢି ରହିଥାଏ ହଂସୁଆ ନଦୀ । ବସତି କୁ ଲାଗି ବୀସ୍ତିର୍ଣ୍ଣ ଧାନ କ୍ଷେତ । ବର୍ଷାଦିନେ ଯେତେବେଳେ ସମଗ୍ର ଗ୍ରାଷ ଜମି ଜଳ ପ୍ଲାବିତ ହୋଇ ଯାଏ ଗାଁ ଟି ଗୋଟିଏ ଛୋଟିଆ ଦ୍ଵିପ କମ୍ବା ଉପତ୍ୟାକା ପରି ମନେ ହୁଏ । ବର୍ଷ ତମାମ ଜଳ ଉତ୍ସର ଉପସ୍ଥିତି ବାନ୍ଧି ରଖିଥାଏ ବହୁ ଦେଶୀ ବିଦେଶୀ ପକ୍ଷୀଙ୍କୁ । ପୁରା ଗାଁ ଗୋଟିଏ ପକ୍ଷୀ ଅଭୟାରଣ୍ୟ ପରି ମନେ ହେଉଥାଏ । ଗାଁ ର ମଧ୍ୟ ଭାଗରେ ଗ୍ରାମଦବତୀ ଙ୍କ ମନ୍ଦିର। ଗାଁ ର ଉତ୍ତର ଦିଗକୁ ସେଇ ନଇପଠା ଭିତରେ ଥାଏ ଗୋଟିଏ ବୁଦୁ ବୁଦିଆ ଜଙ୍ଗଲ । ତାରି ଭିତରେ ବିରାଟ ଏକ ସାହାଡା ଗଛ । ମୋ ସ୍ମରଣରେ ତାକୁ ଛାଡିଦେଲେ ଏତେବଡ ସାହାଡା ଗଛ ମୁଁ ଆଉ କେଉଁଠି ଦେଖି ନାହିଁ । ସେଇ ଗଛ ତଳେ କାହିଁ କେତେକାଳରୁ ଥାପନା ପାଇଥିବା ମା ସାହାଡା ଦେବୀ । ପାଖକୁ ଛୋଟ ଚୁଆଟିଏ, ଯେଉଁଥିରେ ପାଖରେ ବହିଯାଉଥିବା ନଇରୁ ଝରି ଆସି ବର୍ଷ ତମାମ ରହୁଥାଏ ପାଣି । ଠିକ ଉତ୍ତର ପଶ୍ଚିମ କୋଣକୁ ବୀସ୍ତିର୍ଣ୍ଣ ବେଣା ପାଟ । ଯେଉଁଠିକୁ ଏକୁଟିଆ ଦିନରେ ଯିବା ଅସମ୍ଭବ । ବୋଧେ ସେଇଥି ପାଇଁ ନା ପଡି ଥାଏ ଅବାଟିମରା ବୋଲି । ନିପଟ ମଫସଲ ଗ୍ରାମ୍ୟ ଜୀବନ । ବେଳେ ବେଳେ ମନେ ହୁଏ ବାହାର ଦୁନଆରୁ ବିଚ୍ଛିନ୍ନ କେଉଁ ଏକ ଅପହଞ୍ଚ ଅଞ୍ଚଳ ପରି । ଗମନା ଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ ପରି ସାଧାରଣ ସେବାରୁ ବଞ୍ଚିତ ହେଲେ ବି ବେଳେ ବେଳେ ଗର୍ବ ହୁଏ ତାରି ନୈସର୍ଗିକ ସୁଖକୁ ନେଇ । ଗାଁ ସୁଖର ଆକର୍ଷଣ ଅନୁପମ ଆଉ ଅବର୍ଣ୍ଣନୀୟ । କେବଳ ଅନୁଭବି ହିଁ ଜାଣିଛି ସେଇ କଥା। ଗୋଟିଏ ନୂଆ ବାହା ଝିଅ ବାପ ଘରକୁ ଲେଉଟ ଆସିବାର ଆନନ୍ଦରେ ଆଖିରୁ ଯେମିତି

ନଦ ହଜେଇ ଦେଇ ସମୟ କୁ ଅପେକ୍ଷା କରେ ଠିକ ସେମିତି ଅବସ୍ଥା ହୁଏ ଗାଁ କୁ ଭଲ ପାଉଥିବା ଲୋକଟାର । ଖରି ଲମ୍ବା ଲମ୍ବା ନଦ୍ରାହୀନ ହୋଇ ସେଇ ରାତିଗୁଡିକ । କେମିତି କେଜାଣି କଟେ ?

ମୁଁ ପୂର୍ବରୁ ମଉସା ଙ୍କୁ କହିରଖିଥାଏ ଆମ ଗାଁ କୁ ଗମନାଗମନର ଦୁର୍ବ୍ୟବସ୍ଥା ଉପରେ । ଦରକାର ପଡିଲେ ପାଞ୍ଚ ସାତ କ.ମି. ଚାଲି ଚାଲି ଯିବାକୁ ପଡିବ । ସଦର ମହକୁମାରୁ ଯାଇଥିବା ମୁଖ୍ୟ ରାସ୍ତାରୁ ନଇ ବନ୍ଧେ ବନ୍ଧେ ଲମ୍ବି ଯାଇଛି ଗୋଟାଏ ପାଦ ଚଲା ରାସ୍ତା । ଯେଉଁଥିରେ ଗୋଟିଏ ସାଇକେଲ ଯିବା ଆସିବା କରିବା ଅସମ୍ଭବ । ପୁଣି ଯଦି ବର୍ଷା ଦି ଗୋରି ଟୋପା ହେଲା ତେବେ କଥା ସରିଲା । ପୁଅ ଏଥର ଉଠା ସାଇକେଲ କୁ କାନ୍ଧ ଉପରେ । ମୁଁ ମନେ ମନେ ଭାବୁଥାଏ ମଉସା ସିନା ଏ ବାଟ ଏତକ ଚାଲି ଯିବେ, ହେଲେ ଏ ପୃଥୁଳ କାୟ ଶରୀର ଧରି ମାଉସୀ ବା କେତେ ବାଟ ଚଳବେ ?

ମନ ଭିତର ଭୟ ମନରେ ଥାଏ । ଆମେ ଯାଇ ପହଞ୍ଚିଲୁ ସେଇ ଛକ ରେ । ଛକ ତ ନୁହଁ ସୁପର ମାର୍କେଟ । ଗୋଟିଏ ଗରିବ ପରିବାର ଚଳବା ପାଇଁ ଯାହା କଛି ଆବଶ୍ୟକ । ସବୁତକ ମିଳଯିବ ଅତି ସହଜରେ ସେଇଠି । ଔଷଧ ପତ୍ର ରୁ ଆରମ୍ଭ କରି କପଡା ଲତା ସବୁକଛି, ସେଇ ଦୁଇ ଚାରି ଖଣ୍ଡ ଦୋକାନରୁ ।

ତବେ ମୋର ସବୁ କଳ୍ପନା ଯେମିତି ଭୁଲ ପ୍ରମାଣିତ ହେଉଥିଲା । ଦିନ କେଇଟା ଭିତରେ ବଦଳ ଯାଇଥିଲା ସଂପୂର୍ଣ୍ଣ ଚତ୍ର ଯାହାର ବାସ୍ନା ବାରି ହେଇ ପଡୁଥିଲା ସେ ଛକରୁ ବସିଥିବା ନୂଆ ନୂଆ ପାଣିକଳ ରୁ । ଚାଷ ଜମି ଗୁଡାକୁ ଟ୍ରାକ୍ଟର ଲଗାଇ ସମୁତୁଲ ହୋଇସାରିଥାଏ । ପୁରୁଣା ବନ୍ଧ ଉପରେ ନାଲି ମୋରମ ବିଛେଇବା କାମ ଖରି ଜୋର ସୋର ରେ ଚାଲି ଥାଏ । ସତରେ କେଡେ ଅପାରଗ ଟା ମୁଁ । ମୋ ଗାଁ ଠାକୁରାଣୀର ମହିମା ମୋତେ ଜଣା ନାହିଁ । କାହିଁ କେତେ ଦୂରରୁ ଛୁଟି ଥାନ୍ତି ଲୋକ । ଏଇ ଦିନ କେଇଟା ଭିତରେ ପ୍ରଶାସନ ସମ୍ପୂର୍ଣ୍ଣ ଜାଗତିଆର ହୋଇଯାଇଥାଏ । ସମ୍ଭବତ କେଉଁ ନେତା କ ମନ୍ତ୍ରୀଙ୍କର ପାଦ ପଡିଥିବ ନଶ୍ଚୟ । ତାଙ୍କର କ'ଣ ମାଗୁଣି କମ କ ଆଜ୍ଞା । ସବୁବେଳେ ତ ଅଳଆ ଭିତରେ ବୁଡି ରହିଲେ । ଶତ୍ରୁ ବି ଶତ୍ରୁ, ମିତ୍ର ବି ଶତ୍ରୁ । ଚେଲା ଚାମୁଣ୍ଡା ଠୁ ଗାଁ ର ସାଧାରଣ କର୍ମୀ ସମସ୍ତଙ୍କର ଆଶା । ପୁଣି ଯଦି କାହା ଆଶା ପୁରେଇବାରେ କମି, ପୁଣି

ଗୋଟାଏ ନୂଆ ଶତ୍ରୁ। ଏମିତିରେ ପିଲା ଝିଲାଙ୍କ ପାଇଁ ନତି ନତି ପାଲା । କେବେ ଉତ୍ତରାଧିକାରୀକୁ ଟିକଟ ଖଣ୍ଡେ ଦବାର ରାଜନୀତି ତ ଆଉ କେତେବେଳେ ନାଲିବତୀ ର ମୋହ । ସବୁ କଣ ବାହୁ ବଳେ ସାଧ୍ୟ କି ? ସେତେବେଳକୁ ସେମାନେ ବି ଗ୍ରାମ ମଉସାଙ୍କ ପରି ଧାଇଁ ଆସନ୍ତି କଉ ବାବା, ମାତା ଙ୍କ ହୁକୁମ ପାଖକୁ । ଏମିତି ମାଗିବା ଲୋକଙ୍କ ସଂଖ୍ୟା ଯେ, ଯେଉଁଠିକୁ ଶହେ ନିମନ୍ତ୍ରଣରେ ବନ୍ଧୁ ଆସେନି ସେଇ ଯାଗାକୁ ସହ ସହ ଲୋକଙ୍କର ସୁଅ ଛୁଟିଛି । ଗୋଟିଏ ବଡ ଗର୍ବ ଲାଗୁଥାଏ ଯାହା ହଉ ମୋ ଗାଁ ବି ଅମୁକ ବାବାଙ୍କ ମଠ ସମୁକ ବାବଙ୍କ ଆଶ୍ରମ ପରି ବିଖ୍ୟାତ ହେଲାଣି, ଆଉ ଏଣିକ କେହି ଟାହି ଦେଇପାରିବେନି। ଓଲଟି ଆମର ଭାଉ ବଢିବ ପାଞ୍ଚ ଖଣ୍ଡି ଗାଁରେ ।

ଛକରୁ ଖଣ୍ଡେ ବାଟ ଗଲା ପରେ ଟ୍ରାଫିକ ଡାଇଡ୍ଡ ରେ ଥିବା ସ୍ଥାନୀୟ ଜଣେ ଯୁବକ ସଂଘର ଯୁବକ ବାଟ ଓଗାଳି ଗାଡି କୁ ଅସ୍ଥାୟୀ ପାର୍କିଂ ରେ ରଖିବାକୁ କହିଲେ । ଟିକେଟ ପୁଣି ଚଢା ଦରରେ । ଅବଶ୍ୟ ଗାଁ ଲୋକ ହୋଇଥିବାରୁ କଛିଟା ରିହାତି ମିଳିଲା ନିଶ୍ଚୟ । ଅଗତ୍ୟା ଯେଉଁ ଚାଲିବାକୁ ଭୟ ଥିଲା ଶେଷରେ ଅଧା ବାଟରୁ ସେଇ ବାଟ ଚାଲିବାକୁ ପଡିଲା । ତେବେ ବାଟ ଚାଲିବାଟା ଏତେ ବାଧିଲାନି । ଅସ୍ଥାୟୀ ଉଠା ଦୋକାନ ଆଉ ବଜାର ହାଟ ଭିତରେ । ମୋତେ ଲାଗୁଥାଏ ସତରେ ଯେମିତି ମୁଁ ମୋ ଗାଁ କୁ ନୁହେଁ କେଉଁ ବାଲିଯାତ୍ରା କି ଦୋଳମେଳନ କୁ ବୁଲି ଆସିଛି କି ଆଉ ?

ଦିନ ଆଠ ଟା କି ସାଢେ ଆଠ ଟା ସରିକି ଆମେ ଘରେ ପହଞ୍ଚିଲୁ । ଆଉ ଥରେ ସ୍ନାନ ଶୌଚ ସାରି ବୋଉ ସହିତ ମୁଁ ଆଉ ମଉସା ମାଉସୀ ବାହାରି ପଡିଲୁ ହୁକୁମକୁ । ପ୍ରଥମେ ଗ୍ରାମ ଦେବତୀଙ୍କୁ ମାର୍ଜଣା କରିବାକୁ ହେବ । ତହିଁ ପରେ ଆଜ୍ଞା ହେଲେ ମା ବିଜେ ହେଇ ହୁକୁମ ସ୍ଥଳକୁ ଯିବେ। ନାହିଁ ନଥିବା ଗହଳି ଲାଗିଥାଏ ମନ୍ଦିର ସାମ୍ନାରେ । ଲୋକମାନେ ଧାଡି ବାନ୍ଧି ଯାଉଥାନ୍ତି ମା'ଙ୍କ ପାଖକୁ । ଗାଁ ଭିତର ର ଛୋଟିଆ ମନ୍ଦିରଟାଏ। ଏତେ ଗହଳି ଭିତରେ କଉ ଭିତରର କଥା ବାହାରକୁ ଦିସୁଛି । କେବଳ ହରିବୋଲ ଆଉ ହୁଳହୁଳି ରେ ପ୍ରକମ୍ପିତ ହେଉଥାଏ । ଯେନ ତେନ କରି ଗହଳି କୁ ଠେଲି ପହଞ୍ଚିଲୁ ଗ୍ରାମ ଦେବତୀଙ୍କ ଆସ୍ଥାନ ସମ୍ମୁଖରେ। ଶୁଣିବା ମୁତାବକ ଜଣେ ଷୋଳ ସତର ବର୍ଷର ଝିଅ ଉପରେ ସବାର ହୋଇଥାନ୍ତି ମା' । କପାଳରେ ରକ୍ତ ସିନ୍ଦୁର ଆଉ ଚନ୍ଦନ ର ଲେପ ।

ହାତରେ ଲୌହ ତ୍ରିଶୂଳ । ଉପରକୁ ନାଲି ରଙ୍ଗର ଉତ୍ତରୀୟ । ସତରେ ସାକ୍ଷାତ ଦୂର୍ଗା ଅବତାର କ ? ଘଣ୍ଟ ଘଣ୍ଟା ଖୋଳ ଝାଞ୍ଜ ର ତାଳେ ତାଳେ ଚାଲିଥାଏ ନାମ ସଙ୍କୀର୍ତ୍ତନ । ପୁରୁଷ ମହିଳାଙ୍କର ହରିବୋଲ ହୁଳହୁଳରେ ପ୍ରକମ୍ପିତ ହେଉଥାଏ ମନ୍ଦିର । ଝିଅଟି ଝୁଲି ଝୁଲି ସମୟ ସମୟରେ ଚଢି ଆସୁଥାଏ ପୂଜକ ଆଡକୁ । ପୁଣି ଚଢିଯାଉଥାଏ ଗ୍ରାମଦେବତୀଙ୍କ ଆସ୍ଥାନ ଉପରକୁ । ମଝିରେ ମଝିରେ ତ୍ରିଶୂଳ କୁ ଧରି ଗୋଟାଏ ଅଦଭୁତ ଭଙ୍ଗୀରେ ନାଚ ଉଠୁଥାଏ । ଠିକ ସେତିକବେଳକୁ ପୂଜକଙ୍କ ଇଶାରା ରେ ଆହୁର ଜୋରରେ ଉଠୁଥାଏ ହରିବୋଲ ଆଉ ହୁଳହୁଳର ଧ୍ୱନ । ତାରି ଭିତରେ ଜଣି ଜଣି ଭକ୍ତ ଯାଇ ନଜ ମାନସିକ ପୂରଣ ପାଇଁ ଜଣାଉଥାନ୍ତି ଗୁହାରି । ସାଥିରେ ଆଣିଥିବା ଶାଢୀ, ଚୁଡି, ସିନ୍ଦୁର ଆଉ ଭୋଗ ସାମଗ୍ରୀ । ଆଉ ତା ସାଥିରେ ବଢେଇ ଦେଉଥାନ୍ତି ହାତଗୁଞ୍ଜା ଦକ୍ଷିଣା । ଜଣେ ପରେ ଜଣେ ପଟା ପଟା ହୋଇ ସାଷ୍ଟାଙ୍ଗ ଦଣ୍ଡବତ ପଡୁଥାନ୍ତି । ଗ୍ରାମ ମଉସା ତାରି ଭିତରେ କେତେବେଳେ ଗଳପଡି ବଢେଇ ସାରିଥାନ୍ତି ପୂଜା ଥାଳଟିକୁ ପୂଜକଙ୍କ ହାତକୁ । ତହୁଁ କେଇଘଡିରେ ସାରିଲା ମାର୍ଜନା ପର୍ବ । ଏଣିକ ହୁକୁମ ର ବେଳ । ପୂଜକ ଗ୍ରାମ ଦେବତୀଙ୍କ ବେକରୁ ମନ୍ଦାର ମାଳଟିଏ କାଢି ପିନ୍ଧେଇ ଦେଲେ ଝିଅଟିର ବେକରେ । ଜଣେ ଲୋକ ପାଇକଛା ମାରି ପବିତ୍ର ପଞ୍ଚାମୃତ ଶୋଧିତ ଜଳ ଧରି ଆଗରେ ଚାଲିଲା ସିଞ୍ଚି ସିଞ୍ଚି, ତା ପଛକୁ ପାରମ୍ପରିକ ଭାବେ ଚାଲିଲେ ହୁକୁମ ଧାରୀ ମାତା ( ସେଇ ୧୬- ୧୭ ବର୍ଷର ଝିଅଟି) ଓ ସଙ୍କୀର୍ତ୍ତନ ଦଳ, ଆଉ ତାଙ୍କ ପଛକୁ ଉପରଖିଆ ଭକ୍ତ ।

କଛିକ୍ଷଣ ଉତାରୁ ମାତା ଯାଇ ପହଞ୍ଚିଲେ ସାହାଡା ଠାକୁରାଣୀ ପାଖରେ । ସେଠାର ପରିବେଶ ବି ସେତେବେଳକୁ ବଡ ବିଚତ୍ର ହୋଇସାରିଥାଏ । ପୁରା ବୁଦ ବୁଦିଆ ଜଙ୍ଗଲ ଟି ହଣା ହେଇ ସଫା ସରିଥାଏ । ପଶ୍ଚିମ ପଟକୁ ଲାଗି ଥିବା ବେଣା ପାଟ ବି! ଅସ୍ଥାୟୀ ଉଜ୍ଜ୍ୱଳ ଆଲୋକ ଆଉ ପାନୀୟ ଜଳର ସୁବ୍ୟବସ୍ଥା ହୋଇସାରିଥାଏ ପ୍ରଶାସନ ଦ୍ୱାରା । କାହିଁ କେତେ ଆଡୁ ଲୋକ ଆସି ରୁଣ୍ଡ ହୋ ଥାନ୍ତି । ସମସ୍ତଙ୍କୁ ଲୋଡା ହୁକୁମ । ହେଲେ ସମୟ ବିତୁଥାଏ ସିନା ହୁକୁମ ଆରମ୍ଭ ହେବାକୁ ନା ନେଉଆ ନଥାଏ । ବୋଧେ କାହାକୁ ଅପେକ୍ଷା ଚାଲିଥାଏ ନଶ୍ଚୟ ।

କଛ ସମୟ ର ବ୍ୟବଧାନ ପରେ ଆମେ ଆସିଥିବା ଦଳଙ୍କ ପରି ପାଖ ଗ୍ରାମ ଖଣ୍ଡ ଗାଁ ରୁ ଆହୁରି ଗ୍ରାମଟା ଦଳ ସମାନ ଢଙ୍ଗରେ ଆସି ପହଞ୍ଚିଲେ । ସେମାନଙ୍କ ସହିତ ଥାନ୍ତି ଜଣେ ଜଣେ ହୁକୁମ ଧାରୀ ମାତା । ବଡ ରୋମାଞ୍ଚକର ଲାଗୁଥାଏ ସେ ଦୃଶ୍ୟ । କଏସେ ଦେବ ହୁକୁମ କଛି ବୁଝା ପଡୁନଥାଏ । ତହୁଁ ପାଞ୍ଚ ଗାଁ ରୁ ଆସିଥିବା ପାଞ୍ଚ ମାତା ମେଳ ହେଇ ଯାଇ ବସିଲେ ସାହାଡା ଗଛା ମୂଳେ, ସାହାଡା ଦେବୀ ଙ୍କ ମୂର୍ତ୍ତିକୁ ଲାଗି । ପୂଜକ ଧୂପ ଦୀପ ଲଗେଇ ଖୁବ ଜୋରରେ ମାର୍ଜଣା କରୁଥାଏ । ମଝିରେ ମଝିରେ ମାତା ହୁକୁମ ହେବାର ସୁଭୂଥାଏ ଆଶ୍ୱାସନା । ତହୁଁ ପାଞ୍ଚ ମାତା ପୁଣି ଏକାଠି ହୋଇ ଗ୍ରାଲିଲେ ପାଖରେ ଥିବା ସେଇ ଚୁଆଟି ପାଖକୁ । ଜଣେ ପରେ ଜଣେ ଡେଇଁ ପଡି ମୁଣ୍ଡ ବୁଡାଇ ବୁଡ ଦେଉଥାନ୍ତି । ବୁଡ ତ ନୁହଁ ଜଳ ଯୋଗ । ତହୁଁ ଗହଳ ଭିତରୁ ସୁଭୁଥାଏ ହରିବୋଲ ହୁଳହୁଳ ର ଧ୍ୱନୀ କେହି କେହି ମାତା ମାନଙ୍କ ର ଗୁଣ ଗାନ ରେ ଲାଗି ପଡିଥାନ୍ତି ,ଜଣେ କେହି କହିବାର ଶୁଣା ଯାଉଥାଏ "କବା କଥା ଦେଖ, ଏ ଯେଉଁ ପାଞ୍ଚ ଜଣ ମାତା, ପାଞ୍ଚ ଗ୍ରାମ ଦେବତୀଙ୍କ ଅବତାର, କେବଳ ଭକ୍ତ ମାନଙ୍କର ଉଦ୍ଧାର ପାଇଁ ଏ ଲୀଳା" । ଆଉ କେହି ସେ ଚୁଆଟାକୁ ଏକ ପୁରାଣ ବର୍ଣ୍ଣିତ ତୀର୍ଥ ସ୍ଥଳ କହିବାକୁ ମଧ ପଛଉ ନଥାନ୍ତି । ଏମିତିକ ଆମ ଗାଁ ର ବଗୁଲିଆ ଟୋକାରୁ କଏ ତ ଚୁଆ ଟା କୁ ଗୁପ୍ତ ଗଙ୍ଗା ର ନାମ ଦେଇସାରିଥାଏ ବିଶ୍ୱାସ ଜନ୍ମାଇବାକୁ । ଆଉ କଥା ବ୍ୟାପୀ ସରିଥାଏ ତାର ସିଧା ଧାର କଲିକତା ଗଙ୍ଗା ସହ ଭିତିରି ଯୋଗ ରହିଛି ବୋଲି । ପୁଣି କେହି କେହି ସେଇଠି ଗାଧୋଇବାର ଅପାର ପୂଣ୍ୟ ଫଳ କଥା କହି ବସୁଥାନ୍ତି । ପୁଣି ଆଉ କେହି କେହି ଅଧିକ ବିଶ୍ୱାସ ଜନ୍ମାଇବାକୁ ଏ ଘଟଣା ମାଳକା ବର୍ଣ୍ଣିତ କହବାକୁ ମଧ ପଛଉ ନଥାନ୍ତି । ମୁଁ ମନେ ମନେ ହସୁଥାଏ, ସମ୍ଭବତ ଏ ପ୍ରହସନ ର ପ୍ରତିବାଦ କରିବା ସମ୍ଭବ ପର ନଥିଲା ମୋ ପକ୍ଷରେ ସେତେବେଳେ ।

ଯା ଶାଳା କେତେ ପାତକ ମୋର, ମୁଁ ବିଧର୍ମୀ ଟା ଗଙ୍ଗା ମାତା କୁ ଚହ୍ନି ପାରିଲି ନାହିଁ । ପିଲା ବେଳେ ସାଙ୍ଗ ସାଥି ମେଳରେ କେତେ ଥର ତାରି ଭିତରେ କେତେବାର ମାଛ ଧରିଛି। ଡିଆଁ ମାରିଛି, ସେତେବେଳେ ହେଲେ ଏ କଥା ତ କେହି କହିଦେଇ ପାରିଲେ ନାହିଁ। ମନେ ମନେ ହସୁଥାଏ ତେବେ ବାକ ଜାଣି ଚେଇଁ ସୋଇଥିବା ଲୋକ ବି ହସୁଥିବେ ନିଶ୍ଚୟ । ମାତ୍ର ସେମାନେ ତ ଅଭ୍ୟସ୍ତ ହୋଇସାରଥିଲେ ଏ ନାଟକ ଭିତରେ । ମୁଁ କଟାକ୍ଷ

ରେ କହି ଉଠିଲି ଗଙ୍ଗା ମାତକୀ ଜୟ । ବୋଉ ଆକଟ ଆଖିରେ ଗୃହିଁ କହି ବସିଲା "ଏତେ ପିଲାଟିଏ ହେଲୁଣି, ଆଜି ଯାଏ ବୁଦ୍ଧି ଶୁଦ୍ଧି କଛି ହେଲାନ । ଶେଷରେ ଠାକୁର ଠାକୁରାଣୀ କୁ ନେଇ ଟାହି କରୁଛୁ, ମାଗେ ମାଗେ କ୍ଷମା ମାଗେ ।" ମୋ କ୍ଷମା ମାଗିବା ଆଗରୁ ସିଏ ମନେ ମନେ କଣ ଗୁଣୁ ଗୁଣୁ ହୋଇ ମାଗି ବସିଲା ଆଉ ପୁଳାଏ ମାଟି ଆଣି ମୋ ମୁଣ୍ଡରେ ନେଶୀ ଦେଲା ।

ତାରି ଭିତରେ ଜଣେ ବୟୋଜେଷ୍ଠ ମହିଳା ସମ୍ଭବତ ପୂଜକଙ୍କ ଧର୍ମ ପତ୍ନୀ ହେବେ ବୋଧେ କ କଣ ଗହଳ ଭିତରୁ ବାଟ କାଢ଼ି ଦମ କରି ଆସି ଡେଇଁ ପଡିଲେ ସେ ଚୁଆ ଭିତରକୁ । ଉପରୁ ମାତାଙ୍କର ଜୟ ଜୟକାର ଶୁଭିଗଲା । କଛି କ୍ଷଣ ଉତ୍ତାରୁ, ପୂଜକ ଧୂପ ଦୀପ ନେଇ ପାଛୋଟି ନେଲେ ସାହାଡା ମାତାଙ୍କୁ  ସାହଡା ଗଛ ମୂଳକୁ । ତ ପରେ ଜଣି ସରି ଜଣି ଗ୍ଲିଲା ହୁକୁମ ଦବା । ଜଣକୁ ଜଣ ଆସି ନମ୍ର ହୋଇ ଗୁହାରିଆ ପଡୁଥାନ୍ତି । ଜମି ବାଡି, ବାହା- ତୋଳା, ମାଲି- ମକଦମା, ବେତାଳ ପେଷଣ ଇତ୍ୟାଦି ଇତ୍ୟାଦି କେତେ ଦୁଃଖର ଗୁହାରି କରୁଥାନ୍ତି । ମାତାଏ ସବୁ ଶୁଣୁଥାନ୍ତି । ଆଉ ତାରି ପରେ କହି ଦେଉଥାନ୍ତି ଉପାୟ। ଅମୁକ ପୂଜା କର ସମୁକ ଦାନ ଦିଅ, ଏତିକ ଗୁରୁବାର ଏଠିକ ଆସ, ସେଠିକ ଯା, ଇତ୍ୟାଦି ଇତ୍ୟାଦି ।  ଆଉ କାହାର ବିଶ୍ୱାସ ଅବିଶ୍ୱାସ କୁ ତ'ର ନଥାଏ । ରାମ ମଉସା ଯାଇ ଗୁହାରି କଲେ । ତାଙ୍କୁ ମିଳଲା ୨୧ ଦିନର କଠିନ ପୂଜାବିଧି ଆଉ ସାତ ବ୍ରାହ୍ମଣଙ୍କୁ ଭୋଜନ ଦାନ ର ଆଦେଶ । ମୁଁ କାନ୍ଥ ବସା ଝିଟିପିଟି ପରି ସବୁ ନୀରବରେ ଶୁଣି ଲେଉଟି ଆସିଲି ।

ସେହିଦିନ ସନ୍ଧ୍ୟାକୁ ଆମକୁ ଭୁବନେଶ୍ୱର ଫେରିବାକୁ ପଡିଲା । ହୁକୁମ ନାଟକ ର ମୂଳ ଟାକୁ ଆଉ ଅଣ୍ଟାଳ ପାରିଲିନ । ଆଗରୁ ପାଖ ଆଖରେ ହୁକୁମ ହବାର ଶୁଣିଛି । ହେଲେ ସେ ତ ଅଲଗା କଥା । ଜଣେ ଅଧେ କାହା ଠେଇଁ ଦଇବି ଶକ୍ତି ପ୍ରବେଶ କରେ । ତେବେ ଏକା ସାଙ୍ଗରେ ଏତେଗୁଡିଏ  ମାତା କାହିଁକି ଆବିର୍ଭାବ ହେଲେ । ଘଟଣା କଛି ବୁଝା ପଡୁନଥାଏ । ପ୍ରକାରାନ୍ତରେ କାର୍ଯ୍ୟ ବ୍ୟସ୍ତତା ଭିତରେ ଆଉ ତାର ସତ୍ୟତା ଖୋଜିବାକୁ ସମୟ ପାଇଲି ନାହିଁ ।

ମାତ୍ର ଗଲା କେଇଦିନର କଥା ଘଟଣା ର ସତ୍ୟତା ସେତେବେଳେ ଲୋକ ଲୋଚନାକୁ ଆସିଲା ଯେତେବେଳେ ଜୈନିକ ଦୈନିକ ଖବର କାଗଜ ର ଶିରୋନାମା ମଣ୍ଡନ କରି "ହୁକୁମ ପାଉଣା କୁ ନେଇ ଗୋଷ୍ଠୀ ସଂଘର୍ଷ" ଶୀର୍ଷକ ଖବର ଟିଏ ପ୍ରକାଶ ପାଇଲା । କହିବା ବାହୁଲ୍ୟ ପୂଜକ ଆଉ କେତେ ଜଣ ଖଳ ଲୋକଙ୍କ ଇଙ୍ଗିତରେ ଆରମ୍ଭ ହୋଇଥିଲା ଏ ଯାତ୍ରା। ପରେ ବେପାର ଭଲ ଜମିବାରୁ ଏ ବେପାର ପୁଣି ବ୍ୟାପିଥିଲା ପାଖ ଗାଁ କୁ । ତେବେ କାଳେ ସତ ଧରା ପଡିଯିବ ଆଉ ବେପାର ତୁଟିଯିବ ସେଇ ଭୟ ରେ ଆରମ୍ଭ ହୋଇଥିଲା ଏ ପାଞ୍ଚ ମାତା ଆଉ ଗଙ୍ଗମାତାର ନାଟକ । ତେବେ ଭୋଗ ବଣ୍ଟା କୁ ନେଇ ଟଣା ଓଟରା ଲାଗିବାରୁ ଲାଗିଲା ଗାଁ ଗାଁ ଭିତରେ ସଂଘର୍ଷ । ଶେଷରେ କଥା ଯାଇ ପହଞ୍ଚିଥିଲା ଥାନାରେ ଆଉ ପୂର୍ଣଚ୍ଛେଦ ପଡିଥିଲା ହୁକୁମ ନାଟକ ର । ଧନ୍ୟ ରେ ମଣିଷ ଧନ୍ୟ ତୋର ଲୀଳା

ଏଥରକ ଗାଁ କୁ ଗଲା ବେଳେ ପୁଣି ଦେଖିଲି ପୂର୍ବପରି ଗାଁ ର ଚେଙ୍ଗଡା ଟୋକାଏ ଜାଲ ଧରି ଗଙ୍ଗାମାତା ରୁ ମାଛ ଧରୁଥିଲେ । ପ୍ରକୃତି ଧୀରେ ଧୀରେ ସେ ଅବାଟି ମରା ଯାଗାକୁ ଆବୋରି ନେଇଥିଲା ଅନାବନା ଲଟା ରେ । ସାହାଡା ଦେବୀ ପୁଣି ଶାନ୍ତି ରେ ବିରାଜ ମାନ କରୁଥିଲେ ସେଇ ଶାନ୍ତ ପରିବେଶ ଭିତରେ ।

ହରିପା, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

ବୁଢା କହୁଥିଲ୍ ବୁଢୀକି
ଚାଲ ଯିବା ଆମେ ଉଡିକି
ଦୂର ରାଇଜରେ "ଭଲ ଦିନ" ଟିକେ
ଆସିବା ଆମେ ଦେଖିକି,
ବୁଲେଟ୍ ଟ୍ରେନ୍ ଚାଲିବ
ଦ୍ରୁତ ବିକାଶ ଆସିବ
"ଏକତା ମନ୍ଦିର" ଦେଖିବା
ରକେଟ୍ ହାବେଲୀ ପଛ ଧରିକି ।

ଦୁନଆଁ ଅଳଆ ହେଲ୍ ସଫା
ଗଙ୍ଗାମାତା ଆମ ଦିଶେ ତୋଫା
ଶୁଣାଇବା ଗୀତ ଆକାଶରେ ଆମ
ଜାତିବାଦ ବୋଲି ଗାଇକି,
ପକେଟ୍ ସିନା ଅଛି ଖାଲି
ଡିଜିଟାଲ୍ ପଥେ ପଥେ ଚାଲି
କେତେ ଟା ବା ଦିନ ଆଉ
କଳା ଟଙ୍କା ଆସିବା ପାଇଁକି?
ବୁଢୀ କହିଲ୍ ଧନ ଥାଉ ଥାଉ
ଅମା ଅନ୍ଧାର ଆଉ ଟିକେ ପାହୁ

ସପନ ଦେଖାନା ଆଉ ତୁମେ
ମିଛଟାରେ ତୁମେ ଚେଇଁକି,
ଶାଗ ପଖାଳ ମୋର ଭଲ
ମୋତେ ଭଲ ଲାଗେ ତୁମ ଗେଲ
ଗୋଡ ହାଡ ମୋର କାହିଁକି ଭାଙ୍ଗିବି
ଏ ବୟସରେ ଧାଇଁକି ।

ଭାବିଲ କ ମୋତେ ତୁମେ ବୋକା
ଘରେ ଅଛି ବୋଲି ମୁଁ ଏକା
ପୁଅ ମୋର ଯାଇଛି
ଦୂରକୁ ଦାଦନ ଖଟିବା ପାଇଁକି,
ନିର୍ବାଚନବେଳ ଆସିଲେ
ନେତା ସବୁ ଗାଁକୁ ଧାଇଁଲେ
ଶୁଭେ ତାଙ୍କ ଉଚ୍ଚ ସ୍ୱର
ଗାଁ ମାଟିରେ ଧୂଳୀ ଉଡେ
ଗାଡ଼ି ତାଙ୍କ ଦଳ ବାନ୍ଧିକି ।

ମିଛ ପ୍ରତିଶ୍ରୁତି ଶୁଣିଛି କେତେ
ବୟସମୋହର ହୋଇଛି ଯେତେ
ରାମ ରାଜା ମୋର ପଡିଛି ଖୋଲା
କାହିଁକି ଦେଖାଉ ଭେଳକି,
ଗରିବ ଏଠି ହୁଏ ଗରିବ
ମିଛେ ରଡି ରଡି ଶେଷେ ମରିବ
ଭୋଟ ବିକଳରେ
ଗାଇନା ଅଣ୍ଡା ଭାତ ଖାଇକି ।

ବୁଢା କହେ ବୁଢୀ ଭଲ କହୁ
ବିରୋଧି ହାତ ଗୁଞ୍ଜା ଦେଲେ କବା ଆଉ
ଭଲ ମନ୍ଦ କର ବିଗ୍ଭର
ରେଡୁଅରେ ଥରେ
"ମନର କଥା" ଶୁଣିକ,
ବିଦେଶରେ ଗ୍ଭଲେ କେତେ ପ୍ରଗ୍ଭର
ଦିନେ ଦୁଇ ଦିନେ
ଭାଗ୍ୟ ବଦଳଛି ଆମର
ସବୁ ଗ୍ଭଜନତୀ ସବୁ ଅର୍ଥନତୀ
ପର୍ବ ତିଆରି ଆମ ପାଇଁକି ।

ଏସନ ସିନା ଘର ହୋଇନ ଛପର
ଗ୍ଭେଗେ ଭେଣ୍ଡିଆ ଟା ହୋଇଗଲ୍ ପର
କୋଠା ଘର ଦେବି ତୋତ
ଆର ସନକୁ ସରପଞ୍ଚ କୁ କହିକ,
ଦିଶିବୁ ତୁ ଅତି ସୁନ୍ଦର
ବୟସ ପଛେ ହେଉ ଉଛୁର
ସାଧୁ ବେପାରୀର
ସ୍ୱଦେଶୀ ଗହଣା ନାହିଁକ ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

# ହେ କୀର୍ତ୍ତି!

ପ୍ରଫୁଲ୍ଲ କୁମାର ନାହାକ

ହେ କୀର୍ତ୍ତି! ହୋଇଛ କ ନଗ୍ନ?
ଦେଖି ତୁମ ଭଗ୍ନ ତନୁ
ତପ୍ତ ହୃଦୟେ ମୋର ଭରିଯାଏ
ଅସହ୍ୟ ଯନ୍ତ୍ରଣାର ଅଭିମାନ ।
ଅତୀତର କହାଣ ମୁନେ
ଥିଲ ନବଯୁବା
କ୍ଷଣଭଙ୍ଗୁର ସଂସାରେ ଆଜି
ହଜିଛି ତୁମ ଶୋଭା ।
ଦିନ ଥିଲା ତୁମେ ଥିଲ
ପ୍ରେରଣା ଏ ଜାତିର
ଗଢ଼ିଥିଲେ ତୁମକୁ
ବାରଶହ କାରିଗର ।
ଜୀବନର ଚଲାପଥେ
ଦେଖେ ଯେ ତୁମକୁ
ଆଖି ତାର ଖୋଜୁଥାଏ
ତୁମ ସାନ୍ନିଧ୍ୟକୁ ।
ଓଢେ ଉଙ୍କିମାରେ ସିଂହରଣ
ଆଲିଙ୍ଗନ କରିବାକୁ ହୁଏ ତାର ମନ ।
ମନ ଖୋଜେ ଖାଲି ତୁମ ଶରୀରକୁ
ମୁଁ କନ୍ତୁ ଖୋଜିବୁଲେ ତମ ଆତ୍ମାକୁ ।

ଦେହ- ଦେହର ମିଳନରେ ହୁଏ ସିନା
କାମନାର ଅନ୍ତ
କେବେ କଣ ମିଳପାରିବ କ ତମ
ପ୍ରୀତିର ମହକ?
ସ୍ୱାର୍ଥପର ଦୁନିଆ ଆଜି କରିଛି ତୁମକୁ କ୍ଷତାକ୍ତ
ପିଇଛି ପୁଣି ତାଜା ରକ୍ତର ସ୍ରୋତ ।
ତଥାପି କୀର୍ତ୍ତି ତମେ ରହିଛ ଅଟଳ
ଧୈର୍ଯ୍ୟ ଆଉ ବିନୟର ପ୍ରତୀକ ତମ କଳେବର ।
ଆସିଥିଲ ତମେ ଦିନେ ମୋ ଜୀବନ ହୋଇ
ବିସ୍ମିତ ହୋଇଥିଲା ମୋ ହୃଦୟ ତମପାଇଁ ।
କରିଥିଲି ପଣ ମୁଁ ଦେଖିବି ତମ ଶୋଭା
ଅଶୃଭରା ନୟନେ କରିବି ତମ ପଦ ସେବା ।
ଆଶାର ପ୍ରଦୀପଟିଏ ଜାଳୁଛି ତମପାଇଁ
ବଞ୍ଚିଛି ଆଜି ମୁଁ ତମ ଯଶ ନେଇ ।
ଆଲୋକରେ ଆଲୋକିତ ତମର ସେ କୀର୍ତ୍ତି
ଉଜାଗରେ ରହି ଦେଖୁଛି ମୁଁ ଦିବାରାତି ।
ଧନ୍ୟ ତମେ କୀର୍ତ୍ତି
ଧନ୍ୟ ତୁମ ଜୀବନ
ସାଜିଛି ତମେ କୋଟି ଜନର ପ୍ରାଣ ॥

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ

# ମୋ ବୋଉ



ହରପ୍ରିୟା ନନ୍ଦ

ଏହି ଶବ୍ଦଟି ମନକୁ ଆସିବା ମାତ୍ରେ ଦେହ ଭିତରେ ଗୋଟିଏ ବିଚିତ୍ର ଅନୁଭୁତି ଜାଗ୍ରତ ହୁଏ । ଯେଉଁ ଜିନିଷଟି ଥରେ ହରାଇଲେ ଆଉ ପାଇ ହୁଏନାହିଁ ସେହିଭଳି ଶବ୍ଦଟି ହେଉଛି "ବୋଉ" । ମୋ ବୋଉର ଚେହେରାଟି ମୋ ପାଇଁ ସବୁଠାରୁ ସୌନ୍ଦର୍ଯ୍ୟମୟୀ, ସ୍ନେହମୟୀ ଅଟେ । ଖାଇ ସାରିବା ପରେ ବୋଉର ପଣତ କାନିରେ ହାତ ପୋଛିବାର ଅନୁଭବଟି ନିଆରା । ଯେତେ କଷ୍ଟ ଲାଗୁଥିଲେ ବି ବୋଉ ହାତର ପରଶ ଟିକେ ଦେହରେ ଲାଗିଗଲେ ସବୁ କଷ୍ଟ ସବୁ ଯନ୍ତ୍ରଣା ଦୂର ହୋଇଯାଏ । ପିଲାର ଦେହ ଖରାପ ଥିଲେ ସେଇ ବୋଉ ରାତି ରାତି ଅନିଦ୍ରା ହୋଇ ସବୁ ଦୁଃଖ କଷ୍ଟକୁ ପଛରେ ପକାଇ କୋଳରେ ଧରି ସେବା କରି ଚାଲିଥାଏ ଓ ଭଗବାନଙ୍କ ପଖରେ ସବୁ ସମୟରେ ଗୁହାରି କରି ଚାଲିଥାଏ ମୋ ପିଲାର ଦେହ ଭଲ କରିଦିଅ ପ୍ରଭୁ । ସେଇ ସ୍ନେହମୟୀ ବୋଉର ହାତ ରନ୍ଧା ଜୀବନରେ କେବେ ବି ଭୁଲିହେବନି । ଘରେ ପୁଣ୍ୟପର୍ବରେ ନାନା ପ୍ରକାରର ପିଠାପଣା କରି ପିଲାଙ୍କୁ ଖୁଆଇବାରେ ବୋଉର ମନରେ ଅଜସ୍ର ଶାନ୍ତି ପାଇଥାଏ । ଗୋଟିଏ ପରିବାରରେ ବୋଉର ଭୁମିକା ସବୁଠୁ ଉପରେ, କାହିଁକି ନା ପରିବାରର ଦାୟିତ୍ୱ ନେବା ସହ ପିଲାମାନଙ୍କର ଅନ୍ନ, ଅଭାବ ପୁରଣ କରିବ ଓ ଲାଳନ ପାଳନର ସମସ୍ତ ଦାୟିତ୍ୱ ବୋଉ ଉପରେ ହିଁ ନିର୍ଭର କରେ । "ବୋଉ" ଶବ୍ଦଟି ଅନ୍ୟ କାହାରି ସହିତ ତୁଳନା କରିହୁଏ ନହିଁ । ସେ ସର୍ବୋପରି "ଜନନୀ ଜନ୍ମଭୁମିଶ୍ଚ ସ୍ୱର୍ଗାଦପି ଗରିୟସି" ।

ଭୁବନେଶ୍ୱର

# ଜୀବନ ପଥ



ପ୍ରଶାନ୍ତ କୁମାର ପଧାନ

ଏନ୍ତୁଡ଼ିଶାଳରୁ କୁଆଁ କୁଆଁ ରବ
ଜୀବନର ଶୁଭାରମ୍ଭ
ନାମକରଣରୁ ପରିଚୟ ପ୍ରାପ୍ତି
ଏଇତ ଅୟମାରମ୍ଭ ।।

ଶୈଶବ ହିଁ ସ୍ୱର୍ଗ ମଣିଷ ଜୀବନେ
ଅବଧି ଯା'ର ସୀମିତ
କୈଶୋର ଓଗାଳେ ଶୈଶବର ବାଟ
କରିତାକୁ ପଦଚ୍ୟୁତ ।।

ପରିବର୍ତ୍ତନର ପ୍ରଥମ ପାହାଚ
ପଥଭ୍ରଷ୍ଟ ପୁଣି କରେ
ନରୀହ ଜୀବନେ ଅହଙ୍କାର ପଶି
ହୃଦୟେ ଜହର ଭରେ ।।

ଯୌବନ ତ ଆସି ପାଦଥାପେ ଧିରେ
କୈଶୋରର ଅଗଣାରେ
ପ୍ରେମ ସାଥେ ଆଣେ ବିରହ ଯନ୍ତ୍ରଣା
ଅଜାଣତେ କେବେ ଥରେ ||

ଯୌବନର ପଥ ହୁଏତ ସମାପ୍ତ
ବାର୍ଦ୍ଧକ୍ୟର ଆଗମନେ
ଜୀବନ ଯାତ୍ରାର ଏ ଶେଷ ପାହାଚ
ମୁକ୍ତି ଖୋଜେ ପ୍ରତିକ୍ଷଣେ ||

ମୃତ୍ୟୁ ଆସି ଶେଷେ ଆଲିଙ୍ଗନ କରେ
ସମାପ୍ତ ହୁଏ ଜୀବନ
ସ୍ୱର୍ଗ ନର୍କ ପ୍ରାପ୍ତି କର୍ମଫଳ ଦେଖି
ଏଇତ ବିଧି ବିଧାନ ||

ଗ୍ରାମ – ବୁରେମୁଣ୍ଡା, ଜିଲ୍ଲା - ବରଗଡ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ପ୍ଲାଷ୍ଟିକ୍ ସଚେତନ



ଶାରଦା ପ୍ରସନ୍ନ ସାହୁ

ନାଶ ହୋଇଗଲା ବଂଶ ମୋର,

କଳଯୁଗେ ଶେଷ ହେଲା ଗଜୁଡି ଯାହାର ||

ପୃଥିବୀ ପୃଷ୍ଠରେ ହୋଇ ବିସ୍ତାର,

ପ୍ଲାଷ୍ଟିକ ବୋଲାଏ ନାମ ମୋର ||

ପଲିଥିନ ଅଟେ ଭାଇ ମୋର,

ତା ଦେହେ ବାଜିଲା ବ୍ୟାନ୍ ମୋହର ||

ମାର୍କେଟ ହିରୋ ପଲିଥିନ ଜରି,

ପିଲାଠୁ ବୁଢ଼ାଏ ବୁଲନ୍ତି ଧରି ||

ସମାଜ ଦେଇଛି ଅମର ବର,

ଯୁଗେ ଯୁଗେ ଧରି ନାହିଁ ନାଶ ମୋର ||

ମାଟି ପରେ ନାହିଁ ମତେ ମିଶାଇ,

ଜଳ ପରେ ନାହିଁ ମତେ ମିଳାଇ ||

ଏତେ ଶକ୍ତିଶାଳୀ ଦେହଟା ମୋର,

ନଆଁ ରେ ଜଳଲେ ପବନ ହୁଏ ଅଙ୍ଗାର ।।

ପରିବେଶ ପ୍ରଦୂଷଣ ପାଇଁ ଜନ୍ମ ମୋର,

ଏ ସମାଜ ପାଇବନ ମୋଠାରୁ ନସ୍ତାର ।।

ନୂଆ ଅଭିନବ ପ୍ଲାଷ୍ଟିକ ଅଣ୍ଡା, ଗ୍ଭଉଳ,

ସଭିଙ୍କର ଆଦର ପ୍ଲାଷ୍ଟିକ ଖୋଳ ।।

ନର୍ଲଜ ଏତ ମଣିଷ ଜାତି,

ଏତେ ସରି ହୋଇ ଛାଡୁନ ପ୍ରକୃତି ।।

ଯେତେ ହେଉ ପଛେ ପ୍ଲାଷ୍ଟିକ ବ୍ୟାନ୍,

ତଥାପି ମଣିଷ ଜାତି ପଲିଥିନ ଫ୍ୟାନ୍ ।।

ବାରଣ ସତ୍ତ୍ୱେ ମାନେନ ନତୀ,

ଲୁଗ୍ଭ ଛପା ଗ୍ଭଲେ ପଲିଥିନ ଦୁର୍ନୀତି ।।

ବୈଜ୍ଞାନକ ମାନେ ମାରିଲେ ଫେଲ୍,

ସରକାର ମତେ ଦେଉଛି ଜେଲ୍ ।।

ଆସୁଛି ଶୀଘ୍ର ନେଇ ମୁଁ ବେଲ୍,

ପୁଣି ଗ୍ଭଲିବ ପ୍ଲାଷ୍ଟିକ ରେଲ୍ ।।

କୃଷି ସ୍ନାତକ, ଚପିଳମା( ଓ.ୟୁ.ଏ.ଟି)
କଣିନାପୁର, ସାଲେପୁର, କଟକ

# ମଣିଷ ହାଟ



ସୁଧାଂଶୁ ଶେଖର ଦ୍ୱିବେଦୀ

ହାଏ.....ସେଇଠି ।

ସେଇ ଷ୍ଟେସନ ପଖରେ ଯେଉଁ ଗହଳ ଲାଗିଛି, ସେଇଟା ମଣିଷ ହାଟ। ସେଠି କେତେ କସମର ମଣିଷ ମିଳନ୍ତି। ମହିଳା ଓ ଯୁବତୀମାନେ ସକାଳ ଛଅଟାରୁ ଏଇ ହାଟକୁ ଆସନ୍ତି । ପ୍ରାୟତଃ ଦିନ ୧୧ଟା ଯାଏ ଗହଳ ଲାଗିଥାଏ ।

ମୁଲଚୁଲ ହୁଏ। ପୁଣି ସେମାନେ ବିକ୍ରି ହୋଇଯାଆନ୍ତି କୋଉ ହୋଟେଲ, ପର୍ଯ୍ୟଟନସ୍ଥଳର ପାନ୍ଥନିବାସ, ଅନ୍ଧଗଳି ଅବା ନିଷିଦ୍ଧ ପଲ୍ଲୀକୁ। ଘଣ୍ଟାକୁ ଦୁଇଶହ ତ ଦୁଇ ଦିନକୁ ଦୁଇହଜାର ଟଙ୍କାରେ କଣାହୁଏ ମଣିଷର ଦେହ ।

ମହେଶବାବୁଙ୍କ ବୋଉ କଂପାନୀରେ ଗୁକରି କରୁଛି ବୋଲି ଘରେ କହି ସକାଳୁ ସକାଳୁ ପହଞ୍ଚିଯାଏ ଏଇ ମଣିଷ ହାଟରେ। ସାତ- ଆଠ ଘଣ୍ଟାର ବ୍ୟବଧାନ ପରେ ଭେନିଟ୍ ବ୍ୟାଗରେ ଗୋଛେ ନୋଟ ରଖି ଘରକୁ ଫେରେ ।

ମିଷ୍ଟି ମହାନ୍ତି କଲେଜ ଯିବା ବାହାନାରେ ଯଥାଶୀଘ୍ର ପହଞ୍ଚିଯାଏ ମଣିଷ ହାଟରେ । ମସ୍ତି-ମସଗୁଲରେ ଦିନ ବିତେଇ ସଂଧ୍ୟା ଶଙ୍ଖ ବାଜିବା ପୂର୍ବରୁ ଘରେ ପହଞ୍ଚିଯାଏ ।

ଆଉ ଅଭିବ ଦାସର ସ୍ତ୍ରୀ ବି କାମ ଆଶା ନେଇ ପହଞ୍ଚେ ସେଇ ମଣିଷ ହାଟରେ । ମୂଲଗୁଲ ପରେ ଘରେ ରଙ୍ଗ କରେଇବା ପାଇଁ ତାକୁ ନିଆଯାଏ । ମିସ୍ତ୍ରୀଠୁ ମାଲିକଯାଏ ତା ବୟସ ପ୍ରତି ଆକୃଷ୍ଟ ହୋଇଯାଆନ୍ତି । ବାସ୍ତବ- ଅବାସ୍ତବର ସନ୍ଧିକ୍ଷଣରେ ବିଗ୍ଭରୀ ଘୃଣ୍ୟ ବୃତ୍ତିରେ ଫଶିଯାଏ ।

ଭେନଟ୍ ବ୍ୟାଗ୍, ମୁହଁରେ ପାଉଡର, ଆଖିରେ କଜ୍ଜ୍ୱଳ, ଓଠରେ ଲିପଷ୍ଟିକ୍ ଓ ଦେହରେ ପରଫ୍ୟୁମ୍ ସ୍ପ୍ରେ କରି ଅନେକେ ପହଞ୍ଚି ଯାଆନ୍ତି ମଣିଷ ହାଟରେ । ଯେଉଁଠି ମହିଳା ତା ଜୀବନ- ଯୌବନ ସନ୍ଦର୍ଭରେ ବିକ୍ରି କରିଥାଏ । ତଥାକଥିତ ଗଗ୍ରାହକଙ୍କ ନିକଟରେ ବିନତି କରି କହେ, ମୋତେ ବଂଚତ କରନ୍ତୁ ନାହିଁ । ପରିବାର- ପ୍ରତିବେଶୀ ଜାଣିଥାନ୍ତି କନ୍ୟା, ବୋହୂ ଅବା ସ୍ତ୍ରୀ ରୋଜଗାର ପାଇଁ ଯାଇଛି । ଅର୍ଥ ଯେଉଁଠି ଅନର୍ଥର କାରଣ ହୁଏ, ସେଇଠି ସେମାନେ ମଣିଷ ହାଟକୁ ଆସି ଭିନ୍ନ ରଙ୍ଗରେ ଛନ୍ଦି ହୋଇପଡନ୍ତି ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ବିଦାୟ ବେଳା

ଅଜୟ କୁମାର ମହାନ୍ତି

ଆଶ୍ୱିନର ଶେଷ ଦିନ
ତେଇସି ଟା ପଞ୍ଚାବନ
ଟ୍ରେନ୍ ଆସିବା ସମୟ
ସମସ୍ତଙ୍କ ଅଜଣାରେ
ଶରତ ପହଞ୍ଚେ ଷ୍ଟେସନ ।

ଜାଣି ହୁଏ ନାହିଁ
ବିତିଯାଏ ସୁଖର ସମୟ
ରହିଯାଏ ସ୍ମୃତି ତା ଅନେକ
କାଟିବାକୁ ହେବ ଦିନ
ଅପେକ୍ଷାରେ ଆଗାମୀ ବରଷ
ବ୍ୟାଗରେ ତେଣୁ ଭରି
କେଇ ମୁଠା ଗଙ୍ଗଶିଉଳି
ଗୋଛାଏ କାଶତଣ୍ଡି ଫୁଲ ।

ବିଦାୟ ତ ଦୁଃଖ ଭରି
ଛାଡିବାର ଆବେଗ ଅନେକ
ଆସିଲେ ଯିବାକୁ ହୁଏ
ସବୁ ଜଛି ବିଧି ନର୍ଦ୍ଧାରିତ,
ଟ୍ରେନ୍ ଝରକାରୁ ଦେଖେ
ପ୍ରିୟତମା ପୃଥିବୀର ରୂପ ।

ଅପେକ୍ଷାର ଫଳ ମଧୁର
ଘୁରୁଥାଏ ସମୟର ଚକ୍ର
ଫେରିବା ନଶ୍ଚିତ
କରିବାକୁ ମା ର ସ୍ୱାଗତ
ବିଦାୟ ପୃଥିବୀ
ପ୍ରତୀକ୍ଷାରେ ପୁଣି ଏକ ବର୍ଷ ।

ଇଉନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ
11, ହେମନ୍ତ ବସୁ ସରଣୀ, କଲିକତା

# ଫେରିବିନ ଆଉ କେବେ



ଶୁଭସ୍ମିତା ବେହେରା

ଚାଲି ଯାଉଛି ବହୁତ ଦୂରକୁ
ତୁମ ହୃଦୟରୁ ଆଉ ଏ ସମାଜରୁ
ନା ଆଉ ଫେରିବାର
ଆଶା ଥିବ ଯେ ଫେରିବି ।
ଫେରିବିନ ଆଉ କେବେ.....
ଥରୁଟିଏ ମନେପକା
ମୋ ପ୍ରତି ତୁମ ଅତ୍ୟାଚାର
ପୁଣି ମନେପକା ମୋ ନେତ୍ରରୁ
ନିର୍ବେଗ ଉଷ୍ଣତା ଭରା ଅଶ୍ରୁକୁ
ଦେଖି ପାରୁଛ ତ? .....
ପାଷାଣୀ ଅହଲ୍ୟା ସାଜିଲ ମୋ ପାଇଁ
ଯା ର କେବେ ଅନ୍ତ ନାହିଁ....
ତୁମ ପାଇଁ ଦେଖିଥିଲି
ଆଞ୍ଜୁଳାରେ ଆଞ୍ଜୁଳାଏ ସ୍ୱପ୍ନ
ସେ ଆଞ୍ଜୁଳାକୁ ପରିପୂର୍ଣ୍ଣ କଲ ମୋର
ସେ ସୁନେଲି ସପନକୁ ଭାଙ୍ଗି;
ଖେଳନା ଭାବି ତ ଖେଳ ଚାଲିଗଲ

ମନେ ତୁମେ ପାଞ୍ଚିଲନ ଅବା
ଦୟା ଟିକେ କରିଲନ.....
ଏତେ ବିଶ୍ୱାସ ଥିଲ୍ ତୁମ ପ୍ରତି ମୋର
ସବୁ କରିଦେଲ ଚୁନା
ଆଶାର କରଣ ଜାଗି ଥିଲ୍ ମନେ
ହତାଦର କଲ ପ୍ରତିକ୍ଷଣେ କ୍ଷଣେ
ଭୂଲ୍ ନୁହେଁ ତୁମର ଅବା ମୋର
ଭୂଲ୍ ସେଇ ସୈତାନର ଯିଏ
ଗଢି ଥିଲ୍ ଭାଗ୍ୟଟାକୁ ମୋର.....
ଭାଗ୍ୟ ଦୋଷେ ଆଜି ମୁଁ ଅସହାୟ
ସେ ସକାଶେ ପାଞ୍ଚିବନ ତୁମର ମନ
ହସି ଖେଳ ଆନନ୍ଦେ ରୁହ
ଏମିତି ବିତୁ ଥାଉ ମୋ ଜୀବନ;
ସବୁ ସଂପର୍କକୁ ତୁଚ୍ଛ ମଣି ଆସିଥିଲି
ଆଜି ବିଦାୟ ନେଉଛି ମୁଁ
ତୁମ କଠୋର ହୃଦୟରୁ;
ସତରେ,
ଫେରିବିନ ଆଉ କେବେ.....

ଉଦୟନାଥ ଅଟୋନୋମସ କଲେଜ ( ଅଡଶପୁର)
ଜେନାପୁର, ଜାଜପୁର, ଓଡିଶା

# ପ୍ରେମର ପ୍ରମାଣ



ରାଜବାଳା ତ୍ରିପାଠୀ

ଶୀତୁଆ ଅପରାହ୍ନ ରେ କାଠଯୋଡି ବନ୍ଧ ଉପରେ ବସି ଗୋଡ଼ ହଲେଇ ହଲେଇ ଚନାବାଦାମ ର ମଂଜି ଟିଏ ପାଟିକୁ ନେଉ ନେଉ ଝିଅ ଟି ପଚାରିଲା.. "ସତରେ କଣ ତୁମେ ମୋତେ ଭଲପାଅ ।"

ଆଖିରେ ଚମକ ଖେଳେଇ ପୁଅ ଟି ଉତ୍ତର ଦେଲା, "ବହୁତ..."

"ଅଛି କଛି ପ୍ରମାଣ...ଦିଅ..."ବେପର୍ବା ଭାବରେ କହିଲା ଝିଅଟି।।

"ପ୍ରେମ କଣ ଏତେ ସହଜ ଯେ ମୁହୂର୍ତକର ପ୍ରମାଣରେ ଦେଖେଇଦେବି, ପ୍ରେମ କୁ ପ୍ରମାଣିତ କରିବା କୁ ସାରା ଜୀବନ ବି କମ ପଡିବ," ପୁଅ ଟି ଉତ୍ତର ଦେଲା।।

"ବେଶ ଭଲ ବାକପଟୁତା ତ, ପ୍ରଶ୍ନଟିକୁ ଆଡେଇ ଦେବା ପାଇଁ..." ଭୁସ କନା ଉଠିପଡ଼ିଲା ଝିଅଟି। ଚାଲିଗଲା ଥରେ ମାତ୍ର ପଛକୁ ନଚାହିଁ। ବୁଣିଗଲା ସବୁତକ ଚନାବାଦାମ।। କେମିତି ଗୋଟେ ଖାଁ ଖାଁ ଭାବ ସେ ପରିବେଶ ରେ ବି। ପୁଅର ଛାତି ଭିତରେ ବି।।

* * * * * * * * * * *

ପାଣି ପରେ ବହି ଗଲା ଦିନ ସବୁ, ବୟସ ବି। ଝିଅ ଟି ଏବେ ବୟସ୍କା। ବିବାହ, ବିଦେଶ ଗ୍ରସ୍ତ ପରି ଅନେକ ଘଟଣା ଘଟି ଯାଇଛି ଜୀବନରେ। ନଈ କୁଳ ଆଡେ ଟିକେ ବୁଲି ଆସ, ମଧୁମେହ ଆକ୍ରାନ୍ତ  ଦେହକୁ ସୁସ୍ଥ ରଖିବାକୁ ଡାକ୍ତରଙ୍କ ପରାମର୍ଶ ଆଉ ଘର ଲୋକଙ୍କର ତାଗିଦ। ସେଇ ଚନ୍ଦ୍ରା ଚନ୍ଦ୍ରା ନଈ କୂଳ। କାଠଯୋଡି ବନ୍ଧ । ସେଇ ଚନ୍ଦ୍ରା ଜାଗାଟି। ଯେଉଁଠି ଦିନେ ଗୁମୁରି ଥିଲେ ଯୋଡିଏ କପୋତ। ଦୀର୍ଘଶ୍ବାସ  ନେଲା ଝିଅ ଟି।

"କଣ ଆଜି ପ୍ରମାଣ ପାଇଲ, ମୁଁ ତୁମକୁ ପ୍ରେମ କରେ ବୋଲି..." ପଛକୁ ବୁଲିଲା ବେଳକୁ ପରିଚତ ମୁହଁ ଟିଏ, ବୟସ ର ଭରରେ ଯାହା ଆକ୍ରାନ୍ତ। ସେଇ ଆଖି ସେଇ ତେଜ।

'ସେବେଠୁ ଯାଇଛ ଯେ ଆଜି ଫେରିଲ । ଜୀବନ ଯାକର ପ୍ରମାଣ କଣ ଯଥେଷ୍ଟ ନା....." ଅଟକ ଗଲା କଥା। ଅଟକ ଯାଇଥିଲା ସମୟ...। ଥମି ଯାଇଥିଲା ମହାନଦୀ ର ପାଣି.........

ଥମି ଯାଇଥିଲା ଦୁଇଟି ହୃଦୟ।।
ଜଣେ ମୁଗ୍ଧ... ଜଣେ ସ୍ତବ୍ଧ....

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା।

## "ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ପ୍ରତିଜ୍ଞା

ମୀର୍ ମୁସ୍ତାକମ୍ ଅଲ୍ଲି

କନକ କରଣ କହେ,
ପ୍ରଭୃତୀ ସବିତାର ବାର୍ତ୍ତା
ଦେଖିପାରିବିନି ହୁତ୍ ହୁତ୍ ବିଶ୍ୱର ବହ୍ନି
କି ହେବ ଭବିଷ୍ୟତେ ।

ପୋଲ ପୋଲ ହିଂସା, ଲୁଣ୍ଠନ
କ୍ରୋଧ, ନରସଂହାର,
ନିତ୍ୟ ଲାଗିରହିଛି ଉଦ୍ଦାମଲୀଳା,
ଦୃଷ୍ଟି ଫେରିଲେ ଯେଉଁଠି
ରକ୍ତାକ୍ତ ଆତଙ୍କ ବିଡା ବିଡା ॥

କିଏ ଖୋଜେ ମଣିଷର ଦରଦ
କିଏ ଖୋଜେ ଗୋଳା ବାରୁଦ ॥

ଛୁଟୁଛି ନାଲି ରଙ୍ଗର ସୁଅ
ନୟନକୁ ପଡୁଛି ଝରି ଅଜସ୍ର ବାରିଧାର୍
ଭଲ ଲାଗୁଛିକି
ଜୀବନ ସହ ଖେଳ ଖେଳିବା

ରକ୍ତର ବାତ୍ୟା ତାକୁ ଦେଖିବା ।

ଦରଦୀ ମଣିଷର ଦରଦ ନାହିଁ

ହାତରେ ବନ୍ଧୁକକଲମ ନାହିଁ ॥

ଆଜି ଦେଖୁଛୁ ରକ୍ତ ବନ୍ଧୁକ ମୁନରେ

କଏ ସେ ଆତତାୟୀ ପ୍ରଖର ଗତିରେ

କରି ଗ୍ଲୁଲିଛି ବାତ୍ୟା ମଣିଷ ଜୀବନରେ ।

ଦ୍ରୌପଦୀ ଯେ କରିଥିଲା ଶପଥ

କୌରବ ଶୋଣିତେ ପଖାଳବ କେଶ,

କରିବା ପ୍ରତିଜ୍ଞା

ଦ୍ରୌପଦୀ ସହ ତାଳ ମିଳାଇ

ଆତଙ୍କକୁ ଯେ ପର୍ଯ୍ୟନ୍ତ

ନଦେବା ନଭେଇ

ତାଙ୍କ ରକ୍ତରେ ନ ଯିବା ଗାଧୋଇ

ବସିବା ନାହିଁ ଅଲଗା ହୋଇ ॥

କୋରାପୁଟ

**"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com**

# ରାସ୍ତାର ଦୋ ଛକରେ



କ୍ଷଣପ୍ରଭା ବାଗ

ତୁମକୁ ଯେଉଁ ଦିନଠାରୁ ଦେଖିଲି
ସେହିଦିନ ଠାରୁ କେଉଁ ଜିନିଷରେ ମନ ଲାଗୁନି
ନା ଭୋକ ଲାଗୁଛି ନା ଶୋଷ
ସତରେ ତୁମକୁ ଦେଖିଲେ ଲାଗୁଛି
ତମେ ସରଗର
କେଉଁ ଅପସରି ଭଳି
ଅନ୍ୟ କେହି କଥାହେଲେ
ସତେ ଯେମିତି ତମ ଶବ୍ଦ ଶୁଣୁଛି
ଆଉ କାହା ଚେହେରାରେ
ତମ ମୁହଁ ଦେଖୁଛି
ତମ ସହ ବାଟ ଚାଲିବାକୁ
ତମ ସହ କଥା ହେବାକୁ
ମୋତେ ଭାରି ମନ ହେଉଛି
ପଢିବାକୁ ଗଲେ ନା ପଢି ପାରୁଛି
ନା ଲେଖି ପାରୁଛି
ଖାଲି ସବୁଠାରେ ମୋତେ
ତୁମ ଚେହେରା ଦେଖାଯାଉଛି
ଆଗକୁ ବୋର୍ଡ ପରୀକ୍ଷା
କିଛି ବି ଭାବି ପାରୁନି
କଣ କରିବି ?
ନା ତୁମକୁ ଭୁଲି ପାରୁଛି
ନା ସମ୍ଭାଳି ପାରୁଛି ନିଜକୁ
ବର୍ତ୍ତମାନ ରାସ୍ତାର ଦୋ ଛକରେ ମୁଁ ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅଜନତା ପଣ୍ଡା

## ୧୦- ସହରୀ ଜୀବନ

ପୁରୀରେ ଆମେ ଶାରଦା ଦେବୀ ରୋଡରେ ଗୋଟିଏ ଦୋତାଲା ଘରେ ରହୁଥିଲୁ । ତଳ ମହଲାରେ ନନାଙ୍କର ଅଫିସ୍ ଘର ଏବଂ ଅନ୍ୟ ରୁମ୍‌ଟିରେ ତାଙ୍କର ଜଣେ ବନ୍ଧୁ ରହନ୍ତି । ଉପର ମହଲାରେ ଆମେ, ଆମ ଦୁଇ ଭଉଣୀଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ରୁମ୍ ଥିଲା । ଦୁଇ ପାଖେ ଝରକା । ପୂର୍ବ ଝରକା ପାଖେ ବସିଲେ ସାମ୍ନାରୁ କୋର୍ଟର ଗଳି ଚଳଣୀ ଦେଖାଯାଏ। ଏମିତିକି ପରିଶର ଶାନ୍ତ ଥିଲେ "ହାଜିର ହୋ" ଶୁଣା ଯାଇଥାଏ । ଦକ୍ଷିଣ ଝରକା ପାଖରୁ ସମୁଦ୍ରର ସୌନ୍ଦର୍ଯ୍ୟ ଖୁବ୍ ମନୋରମ । ମୁଁ ନିଜ ଖଟଟି ଦକ୍ଷିଣ ଝରକା ପାଖକୁ ରଖି, ଅନ୍ୟଟିକୁ ସୁଶୀନାନୀର ବୋଲି ବ୍ୟକ୍ତ କଲି । ବଡନନା ସବୁ ଅଫିସର ମାନଙ୍କ ମଧ୍ୟରେ ବୟସରେ ସାନ ଥିଲେ । ଅନ୍ୟ ଅଫିସର ମାନଙ୍କ ଝିଅମାନେ ମଧ୍ୟ ମୋ ଠାରୁ ବୟସରେ ବଡ ଥିଲେ । ତଥାପି ମଧ୍ୟ ମୁଁ ସେମାନଙ୍କ ସହ ବନ୍ଧୁତା ଜମାଇଥିଲି । ପୁରୀରେ ପ୍ରାୟତଃ ବହୁଭାଗ ବଙ୍ଗାଳୀ । କାକୋଲୀ ମୋର ଖୁବ୍ ଅନ୍ତରଙ୍ଗ, ସେ ମୋ ଠାରୁ ତିନିବର୍ଷ ବଡ । ସେଠାରେ ଗୋଟିଏ ନୂଆକଥା ଶିଖିଲି, ଆମ ଓଡିଆ ମାନଙ୍କ ଭଳି ସେମାନେ ବନ୍ଧୁ କୁ 'ତୁ' ସମ୍ବୋଧନ କରନ୍ତିନି । ମୁଁ ସେମାନଙ୍କୁ 'ତୁମେ' କହିଥାଏ, ମୁଁ ସାନ ହେଲେ ମଧ୍ୟ ସେମାନେ ମତେ 'ତୁମେ' କହିଥାନ୍ତି । କେତେଦିନ ଭିତରେ ଏଇ ତୁମେ କୁ ମୁଁ 'ତୁ' ପରିବର୍ତ୍ତନ କରାଇ ଦେଇଥିଲି ।

କାକୋଲୀ ମତେ ନେଇ ନାରୀ ସେବା ସଦନରେ ସିଲାଇ କ୍ଲାସରେ ଭର୍ତ୍ତି କଲା । ଖୁବ୍ ଶୀଘ୍ର ବହୁ ସିଲାଇ, କଟିଂ ପ୍ରଭୃତି ଶିଖି ଗଲି । କାକୋଲୀ ମଧ ସେଠାକୁ ସନ୍ଧ୍ୟାରେ କଟିଂ ପ୍ରଭୃତି ଶିଖିବାକୁ ଆସୁଥିଲା । ତାର ଏକମାତ୍ର ଦୁଃଖ ଥିଲା ମୁଁ କାହିଁ କ ସ୍କୁଲ ଯାଉନ । ଏ ସମ୍ବନ୍ଧରେ ତା ବାପାଙ୍କର ମୋ ନନାଙ୍କ ସଂଗେ ଆଲୋଚନା ମଧ ଶୁଣିଛି । ଥରେ ତାକୁ ମୁହଁ ଖୋଲି କହିଥିଲି, ଦେଖ୍ କାକୋଲୀ, ତୁ ଅଷ୍ଟମରେ ପଢୁଛୁ ମୁଁ ତ ମାତ୍ର ତୃତୀୟ ପାସ୍ । ସେ ଦୁଃଖ କରେ, କହେ ମୁଁ ତତେ ସ୍କୁଲରେ ଝୁରୁଛି ।ମନେ ମନେ ମୁଁ ମଧ ଦୁଃଖ କରେ । ସାଙ୍ଗମାନଙ୍କ ଠାରୁ ଶିକ୍ଷାରେ ମୁଁ କେତେ ପଛରେ ରହିଛି । ବଡନନାଙ୍କ ପାଖେ ଗୁହାରୀ କରେ, "ମୁଁ ସ୍କୁଲ ଯିବି ।

ନନା ଉତ୍ତର ଦିଅନ୍ତି "ଏଇଟା ତ ଆଡମିଶନ୍ ଟାଇମ୍ ନୁହେଁ, ଆସନ୍ତା ବର୍ଷକୁ ( ସେସନ) କରାଇବା । ମାତ୍ର ତୁ କ'ଣ ଚତୁର୍ଥରେ ପଢିବୁ । ତୋ ଏଠାସାଙ୍ଗମାନେ ସମସ୍ତେ ଅଷ୍ଟମରେ। ତୋ ପାଇଁ ମୁଁ ଯେଉଁ ବହି ଗୁଡିକ ଆଣି ଦେଇଛି ଦୁହେଁ ତାକୁ ବସି ବସି ପଢ ।"

ମୋ ପାଖେ କଛି ଉତ୍ତର ନ ଥାଏ । ବାଧତଃ ନନା ଆଣି ଦେଇଥିବା ବହି ଗୁଡିକୁ ଧରି ବସେ ।

ଏ, ବି, ସି, ଡି, ଲେଖିବା ଆରମ୍ଭ କରେ । ମାତ୍ର ଦୁଇ ତିନଥର କରିବା ପରେ ହାଇ ଆସେ, ପରେ ପରେ ନଦ ।

ନୂଆ ଚାକରୀ ବୋଲି ହୁଏତ ନନା ପ୍ରାୟତଃ ସବୁବେଳେ ବ୍ୟସ୍ତ ରହନ୍ତି । କେବଳ ଖାଇବା, ଶୋଇବା ସମୟ ବ୍ୟତୀତ ଉପରକୁ ଆସନ୍ତିନ । ବହୁ ସମୟରେ ଛୁଟୀ ଦିନମାନଙ୍କରେ ମଧ ଅଫିସ ଘରେ ଫାଇଲ୍ ଗଦା ଭିତରେ ମିଶି ଯାଇଥାନ୍ତି । ତେଣୁ ମୋ ଏ, ବି, ସି, ଡି ର ପ୍ରଗତି ହେଉ ନଥିଲା ।

ୟା ଭିତରେ ମୁଁ ସିଲାଇ, କଟିଂ, ଉଲ୍ ବୁଣିବା କାମରେ ପାରଦର୍ଶିତା ଲାଭ କରି ସାରିଥିଲି । ଏମିତିକ ନାରୀ ସେବା ସଦନର ଶିକ୍ଷୟତ୍ରୀ ମାନେ ବହୁ ସମୟରେ ଅନ୍ୟ ଶିକ୍ଷାର୍ଥୀ ମାନଙ୍କୁ ମୋର ଉଦାହରଣ ଦେଇଥାନ୍ତି । ଏ ସବୁ ମୋ ପାଇଁ ଭଲ କ ମନ୍ଦ ଥିଲା ଜାଣେନା, ମାତ୍ର

ମୋର ଶିକ୍ଷାର୍ଥିନୀ ମାନେ ମନ୍ତବ୍ୟ ଦେଇଥାନ୍ତି "ତାର ତ ଆଉ କଛି କାମ ନାହିଁ, ମୁଣ୍ଡ ଉପରେ ପାଠ ପଢାର ଗ୍ଦପ ଥିଲେ ଦେଖନ୍ତେ କେମିତି ଆମ ଆଗରେ ରହନ୍ତା!

ସେ ଦିନ ନାରୀ ସେବା ସଦନରୁ କାକୋଲୀ ମତେ ସମୁଦ୍ର କୂଳକୁ ଡାକ ନେଲା । ମେ ମାସ, ଖରା ବହୁତ, ତଥାପି ଦୁହେଁ ଏକାଠି ଯାଇଥିଲୁ । ବେଳାଭୂମିରେ ବସି ସମୁଦ୍ରର ଶୋଭା ଉପଭୋଗ କରୁ କରୁ କେତେବେଳେ ଖରା ଗ୍ଦଲିଯାଇଥିଲା ଆମେ ଜାଣି ପାରି ନ ଥିଲୁ। କାହିଁକ କେଜାଣି ମୁଁ ଅନୁଭବ କଲି କାକୋଲି ଅପେକ୍ଷା କୃତ ଗମ୍ଭୀର । କାରଣ ପଗ୍ଦରିବାରୁ କଛି ନ କହି ଚେନାଚୁର୍ ବାଲାଠୁ ଦୁଇଟା ଚେନାଚୁର ପ୍ୟାକେଟ୍ ଆଣିଲା । ହାତ ବୁଣା ମାଳୀ ପର୍ସରୁ ପଇସା ବାହାର କରୁଥିଲି, କହିଲା ଏହା ମୋ ତରଫରୁ ବିଦାୟୀ ଉପଲକ୍ଷେ । ବୁଝିପାରିଲିନ, ଚେନାଚୁର ପାଟିରେ ପକାଇ ପକାଇ ସବୁ ବ୍ୟକ୍ତ କରିଦେଲା । ପାଟିକୁ ଯାଉଥିବା ଚେନାଚୁର ଦାନା ଦୁଇଟି ସେମିତି ମୋ ହାତରେ ରହିଗଲା ।

ତୁ ପୁରୀ ଛାଡି ସବୁଦିନ ପାଇଁ ଗ୍ଦଲିଯିବୁ କାକୋଲୀ? ମୋ ଆଖି ସଜ୍ଜଳ ହେଲା । ସେ ଆଡେ ଦୃଷ୍ଟି ନ ଦେଇ ସେ କହିଲା, "ତୋର କ'ଣ ଅସୁବିଧା? ତୋର ତ ଏ ବର୍ଷ ସ୍କୁଲରେ ନାମ ଲେଖାହେବ । କେତେ କେତେ ସାଥୀ ବାଛିନେବୁ । ମୁଁ ପୁରାପୁରି ଏକା ହୋଇଯିବି । କୋକଲା ଦିଦି ବାହା ହୋଇ ଶାଶୁଘର ଗ୍ଦଲିଯିବ । ଦାଦା ଅଫିସ୍ ଯିବ । ମୁଁ ଏକା ଏକା ଶଯ୍ୟାଶାୟିନୀ ଠାକୁମାଙ୍କର ସେବା କରିବି । ମୋ ପାଠ ପଢାରେ ମଧ ଇତି ହେବ । ତୁ କନ୍ତୁ ମତେ ନୟମିତ ଚଠି ଲେଖିବୁ ।

କାକୋଲୀ ପାଖକୁ ଚଠି ଲେଖିବି! ମାତ୍ର କେଉଁ ଭାଷାରେ!! ଓଡିଆ ପଢିବା ତ ଦୂର କଥା ସେ ଓଡିଆ ସ୍ପଷ୍ଟ କହିବି ପାରେନା, ଯଥା କଥା ବୁଝିଯାଏ । ବଙ୍ଗଳା ମଧ ମୋ ପାଇଁ ଦୁଃଷ୍କର । ବାରମ୍ବାର ପ୍ରୟାସ କରି ଏବେ ବଙ୍ଗଳା ବୁଝି ପାରୁଛି ମାତ୍ର ।

ମତେ ନୀରବ ରହିବା ଦେଖି କାକୋଲି କହିଲା, "ତୋର ଅସୁବିଧା ରହିଲା କେଉଁଠି? ସିଲେଇ ଶିଖିଲା ଭଳ ବଙ୍ଗଳା ଲେଖିବା ଶିଖିଯା । ଯାହା ଲେଖିବା କଥା ବଙ୍ଗଳା ଅକ୍ଷରରେ ଲେଖିଦେଲେ ମୁଁ ପଢି ବୁଝିଯିବି । ବଙ୍ଗଳା ପଢି ପାରିଲେ ତୋର ମଧ ମୋ ଚଠି ପଢିବାରେ ଅସୁବିଧା ହେବନ ।

ମନ୍ଦିରରୁ ଫେରିବା ସମୟରେ "୩୦ ଦିନର ବଙ୍ଗଳା ଶିଖ" ବହି ଖଣ୍ଡିଏ ବଡଦାଣ୍ଡରୁ କଣି ଆଣିଲି । କାକୋଲୀ ସାହାଯ୍ୟରେ ମୁଁ ପନ୍ଦର ଦିନରେ ସବୁ ଅକ୍ଷର ( ଅ ଠାରୁ କ୍ଷ) ଲେଖିବା ଶିଖି ଯାଇଥିଲି । ପରେ ପରେ ମାତ୍ରା ଏବଂ ଯୁକ୍ତାକ୍ଷର । ସେ ଗୁଡିକ ଶିଖିଯିବା ପରେ ମୁଁ କେମିତି ଏକା ହୋଇଯିବି ତାହା ତା ପାଖକୁ ବଙ୍ଗଳାରେ ଲେଖିଥିଲି । ସେଇ ଚିଠିଟି ବଡନନାଙ୍କ ଆଖିରେ ପଡିଲା । ପ୍ରଶ୍ନ କଲେ, "ତୁ ବଙ୍ଗଳାର ଲେଖିଛୁ? "

ହୁଁ ।

ତେବେ ଇଂରାଜୀ କାହିଁକି ଶିଖିପାରୁନୁ?

କାକୋଲୀ ମତେ ବଂଗଳା ଶିଖିବାରେ ସାହାଯ୍ୟ କଲା । ଇଂରାଜୀ କିଏ ଶିଖାଇବ?

'୦' ମଡାଇଲା ଭଳି ଅକ୍ଷର ଗୁଡିକୁ ଲେଖି ମଡା । ତା ପରେ ଦେଖିବା ।

## ପୁରୀ ରଥଯାତ୍ରା -

ପୁରୀରେ ଏଥର ମୋ ପାଇଁ ପ୍ରଥମ ରଥଯାତ୍ରା । ସମସ୍ତଙ୍କ ମୁହଁରୁ ରଥଯାତ୍ରାର ପ୍ରଖ୍ୟାତି ବିଷୟରେ ଶୁଣିଥିଲି, ରଥଯାତ୍ରାର ଅନୁଭୂତି ଅତୁଳନୀୟ । ଏ ବର୍ଷ ମୁଁ ନିଜେ ଅନୁଭବ କଲି ।

ବଡଦେଉଳରେ ତେତିଶ କୋଟି ଦେବତା । ମାତ୍ର ଯେତିକି ଦିନ ଜଗନ୍ନାଥ ଅଣସର ଘରେ ରହନ୍ତି ସଂପୂର୍ଣ୍ଣ ବେଢା ପ୍ରଦକ୍ଷିଣ କଲେ ମଧ ଅଧୁରା ମନେ ହୁଏ । ରଥଯାତ୍ରା ପାଇଁ ବଡନନାଙ୍କର "ସ୍ଵତନ୍ତ୍ର ଡିଉଟି" ଲାଗିଥିଲା । ସୁବିଧାରେ ଦେଖିବା ପାଇଁ ସେ ଆମର ରାଜପ୍ରାସାଦ ଉପରେ ବସିବାର ସ୍ଵତନ୍ତ୍ର ସୁବିଧା କରାଇ ଦେଇଥିଲେ । ନନ୍ଦିଘୋଷ, ତାଳଧ୍ଵଜ, ଦର୍ପଦଳନ ତିନଟି ଯାକ ରଥ ସଜାହୋଇ ରହିଛି । ଗୋଟିକ ପରେ ଗୋଟିଏ ଭଗବାନଙ୍କ ମୂର୍ତ୍ତିକୁ ଅଣାଗଲା । ବ୍ରାହ୍ମଣ ମାନେ ବହୁ ଜୋର୍ ଜୋର୍ ରେ ଶ୍ଳୋକ ପାଠ କରୁଥାଆନ୍ତି । ଘଣ୍ଟା, ମୃଦଙ୍ଗ, ଝାଞ୍ଜ, କରତାଳରେ ଚଉଦିଗ ମୁଖରିତ ହୋଇ ଉଠୁଥାଏ । ଭକ୍ତ ମାନଙ୍କର ଜୟ ଜୟ ଧ୍ଵନି । ବଡଦାଣ୍ଡରେ ଷୋରିଶ ପକାଇବାକୁ ମଧ ସ୍ଥାନ ଅଭାବ ।

ଆବେଗରେ ଭକ୍ତ ମାନେ ରଥ ଉପରକୁ ଗ୍ୱହିଁ ରହିଛନ୍ତି । ର୍‌ଜାଙ୍କ ଦ୍ୱାର୍‌ ଛେର୍‌ ପହର୍‌ ପଦ୍ଧତି ଶେଷ ହେଲ୍‌ ।

ଅନ୍ୟ ଏକ ପଟର ବ୍ରାହ୍ମଣ ଗୋଷ୍ଠୀଙ୍କ କଣ୍ଠରୁ ଭ୍ୱସି ଆସିଲ୍‌", ଆତ୍ମାନମ୍‌ ରଥିନାମ ବିଧି, ଶରୀରମ୍‌ ରଥମେଭଟୁ, ବୁଦ୍ଧିମ୍‌ ତୁ ସାରଥିମ୍‌, ବିଧି ମନାଃ ପ୍ରଗାହମେବଚ ।"

ସୁଶୀନାନୀ ଭ୍ୱବେ ମୁଁ ସବୁ ବୁଝିପାରେ । ୟାର ଅର୍ଥ ପଗ୍ୱରିଲ୍‌ ।

ଠିକ୍‌ ଭ୍ୱବେ ତ କହିପାରିବିନ, ମୋଟା ମୋଟି ଯାହା ମନେ ହୁଏ- ଶରୀର ହେଉଛି ରଥ, ଆଉ ଆତ୍ମା ହେଉଛି ରଥରେ ବିଜୟ ଭଗବାନ ।

ତା ପରେ ଅନ୍ୟ ଏକ ଗୋଷ୍ଠୀଙ୍କର ଶ୍ଳୋକ ଗାନ । "ଗୁଣ୍ଡିଚ୍ୱା ମଣ୍ଡପମ୍‌ ନମାମ, ୟାତ୍ରାହମଜମେ ପୁର୍‌, ଅଶ୍ୱମେଧ ସହସ୍ରାୟ ମହାବେଦୀ ତତଭବତ୍‌ ।"

ଏଥର ସୁଶୀନାନୀ କଛି ପ୍ରଶ୍ନ କରିବା ପୂର୍ବରୁ କହିଲି । ମୁଁ କଣ ସଂସ୍କୃତ ପଢ଼ିଛି । ପୁର୍‌ଣ ପଢାରୁ ଯାହା ବୁଝୁଛି କଛି ଗୁଣ୍ଡିଗ୍ୱଘର ଆଉ ଅଶ୍ୱମେଧ ଯଜ୍ଞ କଥା କହୁଛନ୍ତି । ତତେ କଥା ଦେଉଛି, ପାଠ ପଢ଼ିଲେ ୟାର ସମସ୍ତ ଅର୍ଥ ତତେ ବୁଝାଇଦେବି ।

ୟା ଭିତରେ ରଥଟଣା ପଦ୍ଧତି ଆରମ୍ଭ ହୋଇ ଯାଇଥିଲ୍‌ । ସମସ୍ତେ ନଜ ନଜ ବସିବା ସ୍ଥାନରୁ ଉଠି ରଥଟଣା ଉପରେ ଦୃଷ୍ଟି ନବିଦ୍ଧ କଲେ ।

ବଡସାର୍‌ ଆଉ ପ୍ରତିନାନୀଙ୍କ ସହ :-

ପ୍ରଫେସର ଘନଶ୍ୟାମ ସାମଲ (ବଡସାର୍‌) ସେତେବେଳେ ପୁରୀ ସାମନ୍ତ ଶେଖର କଲେଜରେ ଗଣିତରେ ଆଗ୍ୱର୍ଯ୍ୟ ଥିଲେ, ଆଉ ପ୍ରତିନାନୀ (ପ୍ରତିଭ୍ୱ ରଥ) ଗଣିତରେ ରିଡର। ବଡସାର୍‌ ବଡନନାଙ୍କର ଗଣିତ ଅଧ୍ୟାପକ ଥିଲେ । କେବଳ ସେତିକ ନୁହେଁ ସେ ତାଙ୍କର ପ୍ରିୟ ଛାତ୍ର ଥିଲେ । ତାଙ୍କ ଜରିଆରେ ସେ ପ୍ରତିନାନୀଙ୍କ ସଂଗେ ଖୁବ୍‌ ଭଲ ଭ୍ୱବେ ମିଶି ଯାଇଥିଲେ । ପ୍ରତ୍ୟେକ ରବିବାର ବଡସାର୍‌ ଙ୍କ ଘରେ ବ୍ରିଜ୍‌ ଖେଳ ହୁଏ । ତେଣୁ ଆମେ ଦୁଇ ଭଉଣୀ (କେବେ ମୁଁ ଏକା) ବଡନନାଙ୍କ ସଂଗେ ରବିବାର ଦିନ ତାଙ୍କ ଘରକୁ

ଯାଇଥାଉ । ସେଠାକୁ ଯିବାର ମୋର ଦୁଇଟି ଆକର୍ଷଣ, ପ୍ରଥମ ହେଲା ତାଙ୍କ ବଗିଚ୍ଚର ମାଳତୀ ଗଛ । ବର୍ଷର ୩୬୫ ଦିନ ଗଛଟି ଫୁଲରେ ଲଦି ହୋଇଥାଏ । ବାସ୍ନାରେ କେବଳ ବଗିଚ୍ଚ ନୁହେଁ, ଖଣ୍ଡ ମଣ୍ଡଳରେ ବ୍ୟାପୀ ଯାଇଥାଏ । ଦ୍ୱିତୀୟ ହେଲା ପ୍ରତିନାନୀ ଖୁବ୍ ଭଲ ପକୁଡି ତିଆରି କରନ୍ତି । ତେଣୁ ତାଙ୍କ ଗ୍ରନ୍ଥୁଣୀ ଯେତେ ଯାହା ଜଳଖିଆ ପ୍ରସ୍ତୁତ କରିଥିଲେ ମଧ୍ୟ ପ୍ରତିନାନୀଙ୍କ ହାତ ତିଆରି ପକୁଡି ଉପରେ ସମସ୍ତଙ୍କର ଲୋଭ । ମୋର ସବୁଠୁ ବେଶୀ, ତାସ୍ ଖେଳ ସ୍ଥାନରେ ଜଳଖିଆ ଟ୍ରେ ନେଇ ରଖିବାକୁ କହିଥାନ୍ତି । ମୁଁ ଭୟ ପାଇଲେ ମତେ କହନ୍ତି, "ଧରି ନେ ଏଟା ତୋର ଗୋଟାଏ ଟ୍ରେନିଂ । ବଡ ବଡ ଲୋକମାନଙ୍କର ସାଦର ଅଭ୍ୟର୍ଥନା କେମିତି କରାଯାଏ ଶିଖିଯିବୁ ।"

ବଡସାର୍, ପ୍ରତିନାନୀ ବହୁତ ମୋଟା । ସେମାନେ କାହିଁକି ଅନ୍ୟମାନଙ୍କ ଅପେକ୍ଷା ଏତେ ବେଶୀ ମୋଟା ବଡନନାଙ୍କୁ ପଚାରିଥିଲି । ସଂକ୍ଷିପ୍ତରେ ଉତ୍ତର ଦେଲେ, "ବପୁରେ କେବଳ ଗଣିତ ଭର୍ତ୍ତି ହୋଇଛି ।"

ସତକଥା ତ, ଇଏ କାହିଁକି ମୋ ମୁଣ୍ଡକୁ ଆସି ନଥିଲା । ପ୍ରତିନାନୀଙ୍କ ଠାରୁ ବଡସାର୍ ଆହୁରୀ ସ୍ଥୂଳମୋଟା । କାରଣ ସେ ବିଷାରଦ । ପରକ୍ଷଣରେ ଉଦାସ ହୋଇଗଲି । ଭବିଷ୍ୟତରେ କେବେ ଯଦି ମତେ ପାଠ ପଢିବାର ସୁଯୋଗ ଆସେ ମୋ ଦ୍ୱାରା ଗଣିତ ଜମା ହେବନି । କାରଣ ହେଲା ମୁଁ ଅସମ୍ଭବ ଧରଣର ପତଳା ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୋ ଅବଶୋଷ



ବିକାଶ କୁମାର ପାଲ

ଥରଥର ବହୁଥର କହିଲି କେତେ
କାକୁତି ମିନତୀ ହୋଇ ନେହୁର୍ ହେଲି ଯେତେ,
ତଥାପି ବୁଝିଲୁ ନାହିଁ ମୋ ମନ କଥାଟିଏ
ଜାଣିଶୁଣି ଠେଲି ଦେଉ କାହିଁ ଅନ୍ଧାରେ ମୋତେ ।
ଭାଇକୁ ଦେଉଥିବା ସ୍ନେହ ଦେଲେ୍ ଟିକେ
ଏ କୂଳରୁ ସେ କୂଳ ଲଙ୍ଘି ବିଶ୍ୱ ଦେଖାଇବି ତୋତେ,
କହନା ଆଉ ତୁ ମୋତେ ବାସନ ମାଜିବାକୁ
ଚୁଲିମୁଣ୍ଡେ ଶୁଖୁଆ ଓଲଟାଇବାକୁ
ପଠାନା ପଠାନା ମୋତେ ଘରମଣି ଡାକବାକୁ
ବାହାନା କରନା ଲେ୍ କୁନ ଭାଇକୁ ଜଗିବାକୁ ।
ଏତେ ନିଷ୍ଠୁର କାହିଁକି ଲେ୍ ବୋଉ? ? ?
ବାଡି ଧରି ସେଇ ଜୁଲୁମ୍, ସେଇ ଛାତିଥର୍ କଡାସ୍ୱରେ
କହ ଥରେ ଯା ସ୍କୁଲ....ଯା ସ୍କୁଲ... ଯା ସ୍କୁଲ୍..... ।

ଶିକ୍ଷକ, କୂଳଅଣା, ମୟୂରଭଞ୍ଜ

# ଖଟି ଖାଏ କାଟି ପିନ୍ଧେ



ସୌମ୍ୟ ରଞ୍ଜନ ପାଲ

ଖଟି ମାରୁଥାଏ ଦିନସାରା ବସି
ଖାଇବସେ ହେଲେ ଭେକ,
କ୍ଷୁରେ କାଟିଗଲେ ବସନକୁ ମୋର
ପିନ୍ଧି ବୁଲି କହେ ଦେଖ ।
ବାପ ଅରଜନେ ଫୁର୍ତ୍ତି କରୁଥାଏ
ରଖେନାହିଁ ଶଙ୍କା ମନେ,
ବହୁଥାଏ ଲୁହ ତନକାର କୋହ
ପଡେନାହିଁ ମୋର କାନେ ।
ଗୁରୁଜନ ଦେଖି ପୋତିଯାଏ ମୁହଁ
ଗାଳିକୁ ରହିଛି ଡର,
ସୁବୁଦ୍ଧି ଉଦୟ ହୁଏନାହିଁ ମନେ
ପିଶାଚ କରିଛି ଘର ।
ଦୂରଭାଷ ମୋର ଚର ସହଚର
ତା ବିନା ଲାଗଇ ଏକା,
ପ୍ରିୟତମା ଯେଣୁ ଜୀବନରେ ନାହିଁ
ଜୀବ ଲାଗୁଥାଇ ଫିକା ।
ଗ୍ରାଫାଇଟ ସାଥେ କରିଅଛି ଭାବ
କଲମ କ ପଛେ ଥାଏ,
ଅନବନା ଯାହା ମନକୁ ଆସଇ
ପ୍ରତିକ୍ଷଣେ ଲେଖୁଥାଏ ।

ବଡସୋଲ୍, ଝରପୋଖରିଆ, ଡି. ମୟୁରଭଞ୍ଜ, ଓଡିଶା

# ଚନ୍ଦ୍ରଗିରିର ଲିଟିଲ୍ ଲାମା

ପ୍ରିୟବ୍ରତ ପାତ୍ର

ଆଜି ସମଗ୍ର ଓଡିଶାରେ, ସବୁଠୁ ବଡ ବୌଦ୍ଧ ସନ୍ୟାସୀ ଆଶ୍ରମ ଓ ବୌଦ୍ଧ ମନ୍ଦିର ଭାବେ ଜିରାଙ୍ଗରେ ଥିବା ବୌଦ୍ଧ ମନ୍ଦିର ବିଖ୍ୟାତ। ଏକଦା ଭାରତରେ ଜନ୍ମିତ ବୌଦ୍ଧଗୁରୁ ପଦ୍ମସମ୍ଭବ, ତିବ୍ବତରେ ବୌଦ୍ଧଧର୍ମର ପ୍ରସାର କରାଇଥିଲେ। ତାଙ୍କ ସ୍ମୃତିରେ, ତାଙ୍କୁ ଉତ୍ସର୍ଗ କରାଯାଇ ତିଆରି ହୋଇଛି ଏହି ବିଶାଳ, ଭବ୍ୟ ଉପାସନା ପୀଠ। ଗଜପତି ଜିଲ୍ଲାର ଚନ୍ଦ୍ରଗିରିଠାରୁ ୪ କ.ମି. ଦୂରରେ ଅଛି ଜିରାଙ୍ଗ।



ସେଠାରେ ଏ ଲେଖକ ପନ୍ଦ୍ରିଲ୍ ବେଳକୁ ନାଲି ଓ ହଳଦିଆ ରଙ୍ଗର ବସ୍ତ୍ର ପିନ୍ଧିଥିବା ଲଣ୍ଡିତ ମସ୍ତକ ପିଲାଏ ଧାଡିବାନ୍ଧି ଛାତ୍ରାବାସରୁ ବାହାରୁଥିଲେ। ତିବ୍ବତୀ ଭାଷା, ଜ୍ଞାନ, ସଂସ୍କୃତି ଓ ଚକସ୍ପା ବିଜ୍ଞାନକୁ ବଞ୍ଚାଇବା ପଇଁ ମନ୍ଦିର ପ୍ରତିଷ୍ଠା ହେଉଛି ଏକ ଚେଷ୍ଟା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଖୋଦ୍ ଦଲାଇଲାମା ପୌରହିତ୍ୟ କରିଥିଲେ। ଏସବୁର ଅନ୍ୟତମ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ହେଉଛି ପ୍ରଚୁର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା। କାରଣ ସାରା ପୃଥିବୀରେ, ଆଗାମୀ ସମୟରେ ପର୍ଯ୍ୟଟନ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପରେ ପରିଣତ ହେବାକୁ

ଯାଉଛି । ବଡ ବଡ ପାଗୋଡା, ବୁଦ୍ଧ ମୂର୍ତ୍ତି ଓ ତୋରଣ ଗଢିବାରେ କଛି ଅର୍ଥ ଖଟେଇବା ଏକ ବ୍ୟବସାୟିକ ଦୂରଦୃଷ୍ଟିର ପରିଚୟ ।

ବୌଦ୍ଧ ମନ୍ଦିରରେ ଥିବା ବିଶାଳ ବୁଦ୍ଧ ଓ ପଦ୍ମସମ୍ଭବଙ୍କ ମୂର୍ତ୍ତି ଆଗରେ ଠିଆହୋଇ, ନଜର କଳେବର ତଥା ଚେତନାଗତ କ୍ଷୁଦ୍ରତା ବିଷୟରେ ସଚେତନ ହେଉଥିଲି । ପଗ୍ଶ ଫୁଟ ଉଚ୍ଚରେ ଥିବା ଛାତରୁ ଲମ୍ବି ଆସିଛି ଭଳକ ଭଳ ରେଶମୀ ସୂତାର କପଡା, ଡୋରି, ଚନ୍ଦବିଚନ୍ଦ ପରଦା ଓ ରୁମାଲ । କାନ୍ଥମାନଙ୍କରେ ରହିଛି ବୌଦ୍ଧ ଜାତକମାଳାର କାହାଣୀ ତଥା ବୁଦ୍ଧଙ୍କ ଜୀବନୀ ସମ୍ପର୍କିତ ଘଟଣାବଳୀର ଚନ୍ଦ । ତଦନୁସାରେ ଚନ୍ଦଗୁଡିକ ମଧ୍ଯ ଅତିରଞ୍ଜିତ, ରଙ୍ଗାୟିତ ଓ ବେଳେବେଳେ ଭୀତିପ୍ରଦ!

ବୌଦ୍ଧ ମନ୍ଦିରକୁ ଘେରି ରହିଥିଲା ଏକ ଚମତ୍କାର ତିବ୍ବତୀ ବସ୍ତି । ଦୂରରେ, ଜଙ୍ଗଲ ଉହାଡରେ ଲୁଚ ରହିଥିଲେ ଆହୁରି ଏକାଧିକ କ୍ଷୁଦ୍ର ବସ୍ତି । ଜନସଂଖ୍ୟା ମୋଟ ପାଞ୍ଚ ହଜାର । ଘର ପାଖରେ ମଞ୍ଚାବାନ୍ଧି ତିଆରି ହୋଇଥିଲା ତାର ଜାଲିଘେର୍ ଅନେକ ଗୋଦାମ ଘର । ସେଥିରେ ସାଇତା ଥିଲା ଟ୍ରକ୍ ଟ୍ରକ୍ ସୁନାରଙ୍ଗର ମକା । ପରିବାରବର୍ଗ ନଜ ନଜ ଘରେ ବ୍ୟସ୍ତ ଥିଲେ । ଆଧୁନକ ସାଜ- ସରଞ୍ଜାମରେ ଘରସବୁ ଦିଶୁଥିଲେ ସ୍ୱୟଂ- ସମ୍ପୂର୍ଣ୍ଣ । ଶାରୀରିକ ଶ୍ରମ ନମନ୍ତେ ଅସମର୍ଥ ହୋଇ ପଡିଥିବା ବୁଢାବୁଢୀମାନେ ନାତିନାତୁଣୀମାନଙ୍କୁ ଖେଳାଉଥିଲେ । ମନ ପସନ୍ଦର କୁକୁର ଛୁଆ କଣି ନେବା ପାଇଁ କଛି ଲୋକ ଗାଡି ନେଇ ପହଞ୍ଚୁଥିଲେ । ଫଳ ଓ ପନପରିବା ଭର୍ତ୍ତି ଟ୍ରକ୍ ସବୁ ଦୂର ଦିଗେ ଯିବାପାଇଁ ପ୍ରସ୍ତୁତ ହେଉଥିଲେ । ହାଫ୍ ପ୍ୟାଣ୍ଟ ପିନ୍ଧା ତରୁଣୀ ମାନେ ଖାତାରେ ହିସାବ ଲେଖି ଗୋଟିଏ ଗୋଟିଏ ଟ୍ରକକୁ ବିଦା କରୁଥିଲେ ।

ଆଜିକାଲି ଚନ୍ଦ୍ରଗିରିରେ ପିଜୁଳ, ଲିଚୁ, ସପେଟା, ସପୁରୀ, ଅମୃତଭଣ୍ଡା ଆଦିର ପ୍ରଚୁର ଗ୍ଷବାସ ହେଉଛି । ସୌଖୀନ କୁକୁର ଗ୍ଷ ବି ହେଉଛି । କ୍ଲାନ୍ତହୀନ ବଣିକ ଜାତି ରୂପେ ଆଖ୍ୟା ପାଇଥିବା ତିବ୍ବତୀମାନେ ଏବେ ସଫଳ କୃଷକ ଭାବେ ନଜକୁ ପରିଚତ କଲେଣି । ସେମାନଙ୍କ ଆର୍ଥିକ ଅବସ୍ଥା ଏବେ ଖୁବ୍ ସ୍ୱଚ୍ଛଳ । ଲିଜ୍ ରୂପେ ମିଳଥିବା ଜମିଉପରେ ସେମାନେ ଖୁବ୍ ଦୃଢ ଭାବେ ଠିଆ ହୋଇଛନ୍ତି । ଅଥଚ ସ୍ଥାନୀୟ ଆଦିବାସୀମାନେ ତାଙ୍କ ପାଖରେ ଶରଣ ପଶି ଯେମିତିକୁ ସେମିତି ଅଛନ୍ତି । ନଜ ଜମିରେ ସ୍ୱାବଲମ୍ବୀ ହେବା ତ

କାହିଁ ଦୂରର କଥା । ଅର୍ଦ୍ଧ ଶତାବ୍ଦୀ ଭିତରେ ଶରଣାର୍ଥୀମାନଙ୍କ ଅଗ୍ରଗତି ଅପେକ୍ଷା ମତେ ବେଶି ଆଶ୍ଚର୍ଯ୍ୟ ଲାଗୁଥିଲା – ଆମ ଆଦିବାସୀମାନଙ୍କ ଆର୍ଥିକ ଦୁରବସ୍ଥା ଓ ବିକଳ ପରିସ୍ଥିତି ।

ସନ୍ଧ୍ୟା ସମୟରେ ଦଲକାଏ ଶୀତ ଲହରୀ ମଞ୍ଜ ଥରାଇ ଦେଉଥିଲା । ଚନ୍ଦ୍ରଗିରିରେ ପ୍ରବଳ ଶୀତ ପଡିଲେ ବୟସ୍କ ତିବ୍ବତୀମାନେ ନିଜ ପ୍ରିୟ ମାତୃଭୂମି କଥା ବେଶିବେଶି ମନେ ପକାନ୍ତି । ପଚାଶ ବର୍ଷ ପଛକୁ ଅନେଇଲେ ଦେଖିପାରନ୍ତି, ପଲପଲ ଚମରୀ ଗାଈ, ଘୁଷୁରୀ, ମେଣ୍ଢା ତଥା ବତକଙ୍କ ଗହଣରେ କଟୁଥିବା କୋଳାହଳହୀନ ଜୀବନକୁ । ଆକାଶରେ ମିଟ୍ ମିଟ୍ କରୁଥିବା ତାରାସବୁ ଦିଶନ୍ତି, କୁଆଡେ ହଜିଯାଇଥିବା ନିଜ ପ୍ରିୟଜନଙ୍କ ଆଖିପରି । ଲାସାରେ ଅନ୍ତହୀନ ହେମାଳ ରାତ୍ରୀ ସବୁରେ ଆକାଶ କୁଆଡେ ଦିଶିଥାଏ ସବୁଠୁ ମନୋରମ । ସାରା ପୃଥିବୀରେ କୁଆଡେ ତାର ତୁଳନା ନାହିଁ । କିଏ ନେଇଗଲା ତାଙ୍କ ମାତୃଭୂମିକୁ? କିଏ ପୁଣି ତାଙ୍କୁ ଫୋପାଡି ଦେଲା ବିଦେଶରେ ଏହି କଞ୍ଚା ଭୂଇଁରେ? ପଚାଶ ବର୍ଷ ଧରି ଆଶ୍ରୟ ଦେଇଥିବା ଏହି ଭୂମିଟି ସତରେ କଣ ନିଜର ହୋଇପାରିଛି? ସତେ ସେମାନେ କଣ ଦିନେ ଫେରିଯିବେ ନିଜ ଭୂମିକୁ? ଏମିତି କେତେ କଥା ଭାବୁ ଭାବୁ ବୁଢାବୁଢୀଙ୍କ ଆଖିରେ ନିଦ ଆସିଯାଏ ।

ଜିରାଙ୍ଗର ବୌଦ୍ଧମନ୍ଦିର ପରିସର ଭିତରେ ସବୁଜ ଘାସ ପଡିଆ ଘେରା ହୋଇ ଠିଆ ହୋଇଛି, ପାଗୋଡା ପରି ଦିଶୁଥିବା ଏକ ସୁନ୍ଦର ଅତିଥି ଗୃହ । ମାଛି ଅନ୍ଧାର ବେଳକୁ ମୁଁ ସେଠାରେ ଆଶ୍ରୟ ନେଇ ସାରିଥିଲି । ବାତାୟନ ଦେଇ ଦୂର ବସ୍ତି ଆଡେ ଦେଖୁ ଦେଖୁ ପୂରା ଉପନ୍ୟାସଟିଏ ଲେଖିବା ପାଇଁ ଅନେକ ପ୍ଲଟ୍ ମିଳଯାଉଥିଲା । ଯେ କେହି ସମ୍ବେଦନଶୀଳ ବ୍ୟକ୍ତି କିଛି ଦିନ ଏଥାରେ ରହିଲେ, ସୁନ୍ଦର ଉପନ୍ୟାସଟିଏ ଲେଖିପାରିବ । ଅଥଚ ଏଯାବତ୍ ଓଡିଆରେ ତାହା ହୋଇ ନାହିଁ । ଆଶ୍ଚର୍ଯ୍ୟ!

ସମଗ୍ର ଅତିଥି ଭବନଟିରେ ରାଜତ୍ୱ କରୁଥିଲା ଭୟଙ୍କର ନିରବତା । ପରେ ଜାଣିଲି ସେଇ ରାତିରେ ମୁଁ ହିଁ ଥିଲି ଏକମାତ୍ର ଅତିଥି । ମୋ ଖଟପାଖ କାନ୍ଥରେ ଲାଗିଥିଲା ଏକ ଚମତ୍କାର ଚିତ୍ର । ମାତ୍ର ପାଞ୍ଚ ସାତ ଜଣ ତିବ୍ବତୀ ଯୋଦ୍ଧା, ଗୋଟିଏ ସଂକୀର୍ଣ୍ଣ ଗିରିପଥ ଅତିକ୍ରମ କରୁଥିବା ଚୀନା ସୈନ୍ୟ ଦଳଙ୍କୁ ଅସ୍ତବ୍ୟସ୍ତ କରି ପକାଉଛନ୍ତି । ତାହା ପୁଣି ଦେଶୀୟ ବନ୍ଧୁକ

ଓ ଧନୁତୀର ଦ୍ୱାରା । ଇତିହାସ କହେ, ୪ର୍ଥ ଶତାବ୍ଦୀରେ ତିବ୍ବତରେ ବୌଦ୍ଧଧର୍ମ ପ୍ରବେଶ କରିଥିଲା । ତା ପୂର୍ବରୁ ବନ୍ ଧର୍ମ ସମଗ୍ର ତିବ୍ବତରେ ସାର୍ବଜନୀନ ଥିଲା । ସେତେବେଳେ ବନ୍ଧର୍ମୀ ତିବ୍ବତୀମାନେ ଥିଲେ ଭୟଙ୍କର ଭାବେ ଦୁର୍ଦ୍ଧର୍ଷ, ଦୁଃସାହସୀ ଓ ନିର୍ମମ ପ୍ରକୃତିର । ବହୁ ବର୍ଷ ଧରି ଚୀନର ବିସ୍ତୀର୍ଣ୍ଣ ପ୍ରାନ୍ତର ସହ ମଙ୍ଗୋଲିଆ, ନେପାଳ ଓ ଭାରତର କିଛି ଜାଗାରେ ସେମାନେ ସାମ୍ରାଜ୍ୟ ବିସ୍ତାର କରିଥିଲେ । ବୌଦ୍ଧ ଧର୍ମର ପ୍ରବେଶ ହିଁ ସେମାନଙ୍କୁ ଶାନ୍ତ, ଧୈର୍ଯ୍ୟବାନ ଓ ଦୟାଳୁ କରିଦେଲା । ସେମାନଙ୍କ ଭିତରେ ଦୟା, ବିଶ୍ୱାସ ଓ କରୁଣା ଆଦି ବୃଦ୍ଧି ପାଇଲା ସତ କିନ୍ତୁ ତାର ସୁଯୋଗ ନେଇ ଚୀନାମାନେ ସେମାନଙ୍କୁ ପରାଧୀନ କରିଦେଲେ । ଏକଥା ଦଲାଇଲାମା ନିଜ ଆତ୍ମଜୀବନୀରେ ଲେଖିଛନ୍ତି ।

ବୌଦ୍ଧ ମନ୍ଦିରରେ ସନ୍ଧ୍ୟା ଆରତି ଆରମ୍ଭ ହୋଇଗଲା । ବଡ ବଡ ତୂରୀରୁ ନିର୍ଗତ ଆବାଜ କେବେ ଲାଗୁଥିଲା ହୃଦୟରୁ ନିଗିଡି ପଡୁଥିବା କୋହ ତ କେବେ ଜଙ୍ଗଲୀ ହେଟାଙ୍କ ପ୍ରତିହିଂସାପୂର୍ଣ୍ଣ ଗର୍ଜନ । କମରା ଭିତରେ ନିରବତା ମୋ ପାଇଁ ଥିଲା ଅସହ୍ୟ । ତେଣୁ ସ୍ୱାଗତିକା- କକ୍ଷକୁ ଚାଲିଗଲି । ଚଷମା ପିନ୍ଧିଥିବା ମଧ୍ୟ ବୟସ୍କା ମହିଳା ପରିଚାଳକା ମୋର ଭଲମନ୍ଦ ପଚାରିନେଲେ । ସେ ବିଦୁଷୀ ପରି ଦିଶୁଥିଲେ । କଥା ହେଲାବେଳେ ଝଟକୁଥିବା ସୁନା ଦାନ୍ତଟି ସେ ବିଷୟକୁ ଆହୁରି ତୀବ୍ର ଭାବେ ପ୍ରମାଣ କରୁଥିଲା । ଅସଲରେ ସେ ଥିଲେ ଜଣେ ନୃତତ୍ତ୍ୱବିତ୍ । ଖାଦ୍ୟ ଅଭ୍ୟାସର ଆମୂଳଚୂଳ ପରିବର୍ତ୍ତନ ପରେ ତିବ୍ବତୀଙ୍କ ଦେହରେ ଦେଖା ଦେଇଥିବା ଜେନେଟିକ୍ ପରିବର୍ତ୍ତନ ସମ୍ପର୍କରେ ସେ ଗବେଷଣା କରୁଥିଲେ ଏବଂ ସ୍ୱେଚ୍ଛାରେ ଅତିଥି ଭବନରେ ପରିଚାଳନା କାମକୁ ଆଦରି ନେଇଥିଲେ ।

ବର୍ଷେ ତଳର କଥା! ଲିଟିଲ୍ ଲାସା କୁହାଯାଉଥିବା ଉପର ଧର୍ମଶାଳାରେ ( ମାକ୍ ଲିଓଡଗଞ୍ଜ, ଧର୍ମଶାଳା, ହିମାଚଳ ପ୍ରଦେଶ) ଥିବା ବେଳେ ଥରେ ଏ ଲେଖକ କୌଣସି ଏକ ହୋଟେଲରେ ବସିଥାଏ । ସେଠି କିଛି ଲୋକ ସବୁଜ ଚା ( Green Tea) ପିଉଥିଲେ, ଆଉ କିଛି ବିଚିତ୍ର ବାସନାଯୁକ୍ତ ସୁପ୍ ରେ ଅଟା ବା ମଇଦାର ନୁଡୁଲ୍ ପକାଇ ଖାଉଥିଲେ । ସେସବୁର ଆସ୍ୱାଦନ ପାଇଁ ଅଚାନକ ମୋର ମଧ୍ୟ ଇଚ୍ଛା ହେଲା । ଦୁର୍ଭାଗ୍ୟ, ସେତିକିବେଳେ ଆଉ ଦଳେ ଲୋକ ଘୁଷୁରୀ ମାଂସ ଭଜା ମଗାଇ କଡ କଡ କରି ଖାଇବାକୁ ଲାଗିଲେ । ମୁଁ ଅଗତ୍ୟା ଅତିଷ୍ଠ ହୋଇ ଜାଗା ଛାଡିଥିଲି, ମୋର ଖାଦ୍ୟ ଲାଳସାର ହେଲା ଅକାଳ ମୃତ୍ୟୁ ।

ବିଦୁଷୀ ପରିଗ୍ରାଳକାଙ୍କ ସହାୟତାରେ ସେଦିନ ଖାଣ୍ଟି ତିବ୍ବତୀ ଢଙ୍ଗରେ ତିଆରି ସେ ଦୁଇଟି ଖାଦ୍ୟ ପାଇଥିଲି ।

ଅତିଥି ଅଭ୍ୟର୍ଥନା ପ୍ରକୋଷ୍ଠରେ କଛି ମୋଟା ବହିକୁ ଗର୍ଭସ୍ଥ କରି ଠିଆ ହୋଇଥିଲା ଗୋଟିଏ କାଚ ପିନ୍ଧା ଆଲମିରା । ତା ଭିତରର ସବୁ ଜିନଷକୁ ପଦାକୁ କାଢି ଦେଖିନେଲି । ବହି ସାଥିରେ ଥିଲା ଦଲାଇଲାମାଙ୍କ ଜୀବନୀକୁ ନେଇ ତିଆରି ହୋଇଥିବା ତିନଟା ସିନେମା ସିଡି । ଗୋଟିଏ ଭାରତରେ ତିଆରି, ନାଁ, "କୁନ୍ଦନ", ଅନ୍ୟ ଦୁଇଟି ହଲିଉଡ୍ ତିଆରି ଇଂରାଜୀ ଚଳଚ୍ଚିତ୍ର । ସବୁ ବହିକୁ ସାମାନ୍ୟ ଓଲଟାଇଲି । ଆଶ୍ଚର୍ଯ୍ୟ, ସବୁତକ ଥିଲା ଚୀନା ଲୋକତନ୍ତ୍ର ବିରୁଦ୍ଧରେ ଗୋଟିଏ ଗୋଟିଏ ବିସ୍ଫୋରଣ ।

ଚୀନର ଶେଷ ସମ୍ରାଟ ପୁୟିଙ୍କ ଆତ୍ମଜୀବନୀ **"from Emperor to Citizen"** ବହିଟିକୁ ବଡ ଆଗ୍ରହରେ ଦେଖୁଥିଲି । ବିଦୁଷୀ ତତକ୍ଷଣାତ୍ କହିଲେ – ପୁୟି ଏଥାରେ ବହୁତ କଛି ଭୟଭୀତ ହୋଇ ଲେଖି ପକାଇଛନ୍ତି । ନୂତନ ଶାସନ ପ୍ରତି ତଥା ମାଓ ସେ ତୁଙ୍ଗ୍ ପ୍ରତି ତାଙ୍କର ଶ୍ରଦ୍ଧା ଓ କୃତଜ୍ଞତା ବିପୁଳ –ଏହି କଥାଟିକୁ ଶତାଧିକ ଥର ନଜେ ପ୍ରକାଶକ କୁଆଡେ ଯୋଡି ପକାଇଛନ୍ତି । ତେବେ ଏଠାରେ ବହିଟିକୁ ରଖିବାର ଉଦ୍ଦେଶ୍ୟ – ଲୋକେ ତୁଳନା କରନ୍ତୁ, ଠିକ୍ ତାଙ୍କରି ପରିସ୍ଥିତିରେ ଆଉଜଣେ ଶାସନକର୍ତ୍ତା ଦଲାଇଲାମା କଭଳ ଅନ୍ୟ ପ୍ରକାର ପ୍ରତିବାଦ କରିଛନ୍ତି, ନଜ ଜାତିକୁ ସଂଗଠିତ କରିଛନ୍ତି, ଲଢିଛନ୍ତି ଓ ଅଶ୍ରୁତପୂର୍ବ ନେତୃତ୍ୱ ନେଇ ବିଶ୍ୱବାସୀଙ୍କ ଆଗରେ ଚୀନା ସରକାରଙ୍କ ଅସଲ ରୂପକୁ ପଦାରେ ପକାଇଛନ୍ତି ।

ଚତୁଃବର୍ଗର (Gang of Fours) ଙ୍କ ଶାସନ କାଳରେ ଚୀନରେ ଘଟିଥିବା ଲୋମହର୍ଷକାରୀ କାହାଣୀକୁ ନେଇ ପୁସ୍ତକ A Man who Stayed Behind । ଏ ସମୟରେ ତିବ୍ବତରେ ହଜାର ହଜାର ମଠ, ବିହାରକୁ ଭାଙ୍ଗି ଦିଆଯାଇଥିଲା । ସାଧାରଣ ଜନତାଙ୍କ ସହିତ ସନ୍ୟାସୀ ଓ ସନ୍ୟାସିନୀମାନଙ୍କୁ ବୀଭତ୍ସ ଭାବେ ମରାଯାଇଥିଲା । ଏକ ଦଶନ୍ଧି ବ୍ୟାପି ଏହି ସାଂସ୍କୃତିକ ବିପ୍ଳବରେ ମରିଥିଲେ କେତେ ଲକ୍ଷ ତିବ୍ବତୀ ।

ଆଉ ଗୋଟିଏ ବହିଥିଲା "The Tiananmain Papers" ଲେଖକ ଜଣେ ଚୀନା ଗବେଷକ । ତିଆନନମେନ୍ ଗଣହତ୍ୟା ପୂର୍ବରୁ ଓ ଘଟଣା ସମୟରେ କମ୍ୟୁନିଷ୍ଟ ନେତାଙ୍କ ଭିତରେ ଯେଉଁସବୁ ମତର ଆଦାନପ୍ରଦାନ ହୋଇଥିଲା, ସେସବୁର ଏକ ସଂକଳନ ହେଉଛି ଏହି ପୁସ୍ତକ । ମାନବବାଦ ତଥା ମାନବ ସ୍ୱାଧୀନତା ପ୍ରତି ଚୀନା ସରକାରଙ୍କ ପ୍ରଚଣ୍ଡ ବିମୁଖତାର ପ୍ରମାଣ ହେଉଛି ଏହି ପୁସ୍ତକ ।

ଲୋବସାଙ୍ଗ୍ ରାମ୍ପାଙ୍କ ଦ୍ୱାରା ଲିଖିତ ତିବ୍ବତୀୟ ଇନ୍ଦ୍ରଜାଲ ଓ ଭେଜବିଦ୍ୟାର ବହି ସବୁ ଅନୁସନ୍ଧିତ୍ସୁ ପାଶ୍ଚାତ୍ୟବାସୀଙ୍କୁ ସର୍ବପ୍ରଥମେ ଆକର୍ଷିତ କରିଥାଏ । ତିବ୍ବତ କହିଲେ ଏବେ ବି ସେମାନେ ସେଇ ଢଙ୍ଗରେ ହିଁ ବୁଝନ୍ତି ।

ଆହୁରି ଅନେକ ଅଜଣା ବହିରେ ଆଲମିରା ଭର୍ତ୍ତି ଥିଲା । ତେବେ ଏସବୁ ବହି ଓ ସିଡି କେବଳ ଏଠାରେ ବସି ଦେଖିବା ପାଇଁ, ବିକ୍ରୀ ପାଇଁ ନୁହେଁ – ବିଦୁଷୀ କହିଲେ ।

ଏସବୁ ଚମତ୍କାର ଜିନିଷ ଦେଖାଇ ତେବେ ଆମ ମନରେ କାମନା ସୃଷ୍ଟି କରୁଛନ୍ତି କାହିଁକି? ହସି ହସି କହିଲି ।

ସମ୍ୟକ୍ ଜ୍ଞାନ ନିମନ୍ତେ ତୃଷ୍ଣା, ତୃଷ୍ଣା ପଦବାଚ୍ୟ ନୁହେଁ । ନିର୍ବାଣ ଦିଗେ ତାହା ଏକ ବଳିଷ୍ଠ ପଦକ୍ଷେପ ମାତ୍ର । ବିଦୂଷୀଙ୍କ ଉତ୍ତର ଥିଲା ସଂକ୍ଷିପ୍ତ ।

ଶେଷରେ ଯିବା ପୂର୍ବରୁ ଫେରେଇବା ପ୍ରତିଶ୍ରୁତି ଦେଇ ଖଣ୍ଡିଏ ବହି ଧରି ରୁମ୍ ଦିଗେ ଗ୍ଲଲିଲି । କାରଣ ସୋଫାରେ ବସି, ଔପଗ୍ଲରିକ ଢଙ୍ଗରେ ବହି ପଢିବାରେ ଆଉ ଧୈର୍ଯ୍ୟ ନଥିଲା । ବହିଟି ଥିଲା ଦଲାଇଲାମାଙ୍କ ଆତ୍ମଜୀବନୀ "Freedom in Excile" । ଗ୍ଲରିଶହ ପୃଷ୍ଠାର ବିଶାଳ ବହିଟିକୁ ପୂରା ପଢିବା ତ ସମ୍ଭବ ନଥିଲା, ଯାହା ମଝିରେ ମଝିରେ ଦୃଷ୍ଟି ପକେଇଥିଲି । ଛାତି ଉପରେ ବହି ରଖି କେତେବେଳେ ଶୋଇଗଲି ଜଣାନାହିଁ ।

ସକାଳୁ ସକାଳୁ ନିଦ ଭାଙ୍ଗିନଥାଏ । ଝରକା କବାଟ ଗୋଟିଏ ଖୋଲାଥାଏ । କଅଁଳ ସୂର୍ଯ୍ୟକିରଣ ସିଧା ଆସି ଶେଜରେ ପଡୁଥାଏ । ଅର୍ଦ୍ଧଚେତନ ଅବସ୍ଥାରେ ସେଇ ଆତ୍ମଜୀବନୀ କଥା ଭାବୁଥାଏ । ନିକଟରେ ଶ୍ରୀ ଧରଣୀଧର ପାଣିଗ୍ରାହୀ ତାର ଓଡିଆ ଅନୁବାଦ କରୁଛନ୍ତି ।

ନାଁ ରଖିଛନ୍ତି – ନିର୍ବାଚିତର ଆତ୍ମକଥା। ମୁଁ ଭାବୁଥିଲି କେମିତି ହୋଇଥାନ୍ତା, ଯଦି ନାଁ ଦିଆ ଯାଇଥାନ୍ତା – ନିର୍ବାଚିତର ଆତ୍ମକଥା। ନିଜକୁ ନିଜେ ମୂଲ୍ୟାୟନ କରିବା ଦୃଷ୍ଟିରେ, ନିର୍ବାସିତ ଓ ନିର୍ବାଚିତ ଭିତରେ କାହିଁରେ କେତେ ଫରକ।

ସୂକ୍ଷ୍ମ ଜଗତର ଅଦୃଶ୍ୟ ଶକ୍ତିରାଜି, ସ୍ଥୂଳ ଜଗତର କିଛି ମଣିଷଙ୍କୁ ଖାସ୍ କିଛି କାର୍ଯ୍ୟ ପାଇଁ ନିର୍ବାଚିତ କରିଥାନ୍ତି। ଦଲାଇଲାମା ସେମିତି ଏକ ନିର୍ବାଚିତ ଆତ୍ମା। ଅପତିହତ ନିରନ୍ତର ଚେଷ୍ଟା, ଅଶ୍ରୁତପୂର୍ବ ନେତୃତ୍ୱ ଦେଇ ସେ ଶରଣାର୍ଥିମାନଙ୍କୁ ସଂଗଠିତ କରିଛନ୍ତି। ଭାରତରେ ରହି ସମାନ୍ତରାଳ ସରକାର ଚଳାଇଛନ୍ତି। ମାନବିକ ଅଧିକାର, ଗଣତନ୍ତ୍ର ଏବଂ ପରିବେଶ ସୁରକ୍ଷା ନିମନ୍ତେ ସଂଗ୍ରାମ କରି ସେ ଆଜି ବିଶ୍ୱ ଦରବାରରେ ସମ୍ମାନୀତ। ତାଙ୍କୁ ପୁଣି କିଏ ନିର୍ବାସିତ କରିପାରେ? ଆଜିରେ ନିର୍ବାସନ, ସ୍ଥୂଳ ଅର୍ଥରେ ଏକ ସାମୟିକ ରାଜନୈତିକ ଷଡଯନ୍ତ୍ର ମାତ୍ର। ଅସଲ ଆତ୍ମା ତ ମୁକ୍ତ ରହିଛି, ସ୍ୱାଧୀନ ରହିଛି।

ଏମିତି ଭାବୁଛି, ହଠାତ୍ ଝଣ୍ କରି ସୂତା ବଲ୍ ଟିଏ ଝରକା ଦେଇ ପିଟିହୋଇ ମୋ ଶେଜରେ ପଡିଲା। ବୋମା ପଡିଲା ପରି ଲାଗିଲା, ଚମକି ପଡିଲି! ଝରକା ଦେଇ ତଳକୁ ଦେଖେ ତ ଏକ ଅଭାବନୀୟ ଦୃଶ୍ୟ। ଦୁଇଟି କୁକୁରକୁ ଅଙ୍ଗରକ୍ଷୀ ରୂପେ ଠିଆ କରେଇ ମଝିରେ ଥିଲା ତିବ୍ବତୀ ପିଲା। ପିନ୍ଧିଥିଲା ଲାଲ୍ ରଙ୍ଗର ଗୋଟିଏ ଓଭର୍ କୋଟ୍, ବେକରେ ଥିଲା ହଳଦିଆ ରଙ୍ଗର ଗଳାବନ୍ଧ। ଗୋଟିଏ କୁକୁର ଥିଲା ଶାନ୍ତ, ବେକରେ ବାନ୍ଧାଥିଲା ହଳଦିଆ ରୁମାଲ୍। ଆରଟି ମତେ ଦେଖି ଦୁଇଥର ଭୁକି ପକେଇଲା। ଝଗଡାପ୍ରିୟ ନିଷ୍ଚୟ ହୋଇଥିବ। ଲଢେଇ କରି ଗୋଟିଏ କାନ ହରେଇ ସାରିଥିଲା। ପିଲାଟି ଆଦୌ ଭୟ ବା ସଙ୍କୋଚ ନକରି କହିଲା – ମୋ ବଲ୍ ଦିଅ।

ମୁଁ କୁକୁର ଦୁଇଟିକୁ ଲକ୍ଷ୍ୟ କରି ପଚାରିଲି – ଏମାନଙ୍କ ନାଁ କଣ?

ସାଙ୍ଗୀ ଓ ଟାସୀ। ଉତ୍ତର ଥିଲା ସ୍ପଷ୍ଟ ଓ ନିର୍ଭୀକ।

ପୂର୍ବଦିନ ରାତିରେ ଆତ୍ମଜୀବନୀ ଓଲଟାଉଥିବା ବେଳେ ଏ ଦୁଇଟି ନାଁ ସହ ପରିଚିତ ହୋଇ ସାରିଥିଲି। ଦଲାଇଲାମାଙ୍କ ଥିଲେ ଦୁଇଟି ପ୍ରିୟ କୁକୁର, ନାଁ ଥିଲା ସାଙ୍ଗୀ ଓ ଟାସି। ଉଭୟେ ଥିଲେ ଲାସା ଜନ୍ମିତ ତିବ୍ବତୀ ଆପସୋ କୁକୁର। ସାଙ୍ଗୀ ଥିଲା ଶାନ୍ତ, କିନ୍ତୁ ଖାଦ୍ୟ ପ୍ରତି ଥିଲା

ପ୍ରବଳ ଲୋଭ । ବୋଧେ ସେ ଗଲା ଜନ୍ମରେ ଅନାହାରରେ ମୃତ୍ୟୁ ଲଭିଥିବା କୌଣସି ବୌଦ୍ଧ ସନ୍ୟାସୀ । ଟାସୀ ଥିଲା ସାହସୀ ଓ ଯୁଦ୍ଧପ୍ରିୟ । ଅଭେରେଷ୍ଟ ବିଜୟୀ ତେନ୍ ସିନ୍ ନରଗେ ସେଇଟିକୁ ଉପହାର ଦେଇଥିଲେ । ତେନ୍ ସିନ୍ ଙ୍କ ସାହସିକତା ଓ ବୀରତ୍ୱର କଛି ଛିଟିକା ବୋଧେ ତା ଉପରେ ପଡିଥିଲା । ଏକଥା ସ୍ୱୟଂ ଦଲାଇଲାମା ନଜେ ଲେଖିଛନ୍ତି ।

ଏଥର ବଲଟି ଧରି ମୁଁ ତଳକୁ ଆସିଲି । କୁନ ବୌଦ୍ଧଭିକ୍ଷୁ ପରି ଦିଶୁଥିବା ପିଲାଟିକୁ ପଚାରିଲି – ଅଥର ତମ ନାଁ କୁହ ।

ଆଶ୍ଚର୍ଯ୍ୟ, ବିନା ସଙ୍କୋଚରେ, ମୁଣ୍ଡ ସିଧା କରି ପିଲାଟି କହିଲା – ଆମେ ତିବ୍ବତୀ ରିଫ୍ୟୁଜି । ସଭାରେ, ଘରେ, ପାଠଶାଳାରେ ବାରମ୍ବାର ଏକଥାଟି ମନେ ରଖିବା ପାଇଁ ଯେମିତିକା ପିଲାଟୀକୁ ଘୋଷାଇ ଦିଆଯାଇଥିଲା । ନହେଲେ ପିଲାଟି କାହୁଁ ଜାଣିବ ଶରଣାର୍ଥୀର ମାନେ କଣ! ବୟସ୍କ ତିବ୍ବତୀମାନଙ୍କ ବଦ୍ଧମୂଳ ଧାରଣା ରହିଛି – ନଜକୁ ଶରଣାର୍ଥୀ ବୋଲି ଭାବୁଥିବା ପର୍ଯ୍ୟନ୍ତ ତିବ୍ବତୀ ସମାଜରେ ଏକତା ରହିଥିବ । ସ୍ୱାଧୀନ ତିବ୍ବତ ପାଇଁ ଅନବାର୍ଯ୍ୟ ସଂକଳ୍ପ ମଧ୍ୟ ବଞ୍ଚି ରହିବ । ତେଣୁ ବୋଧେ ନଜର ପ୍ରଥମ ପରିଚୟ ଭାବେ ପ୍ରତ୍ୟେକ ପିଲାଙ୍କୁ ଏପରି ଦୀକ୍ଷା ଦିଆଯାଇଛି ।

ମୁଁ ଆଉ ନଜକୁ ସମ୍ଭାଳ ପାରିଲି ନାହିଁ । କହି ପଚାରିଲି – ତୁ ତ ଆମର ଟିକ ଦଲାଇଲାମାରେ, କଏ କହିଲା ତୁ ରିଫ୍ୟୁଜି । ତୁ ଏଠି ସ୍ୱାଧୀନ ।

ବଲ୍ ଟି ଧରି କୁକୁରମାନଙ୍କ ସହ ଦୌଡି ପଳାଉଥିବା ପିଲାଟିକୁ ଦେଖି ମନରେ ଭାବନା ଆସୁଥିଲା । ଚୀନ ଲୋକତନ୍ତ୍ରରେ ଆଜି ସବୁଠୁ ବଡ ବିଭୀଷିକା ହେଲା ମିଥ୍ୟା ପ୍ରଚାରର ଅଭୀଷିକା । ଆଜି ଏହି ପିଲା ବଲ୍ ଫିଙ୍ଗି ମୋ ସୁଖନଦ୍ରା ଭାଙ୍ଗିଛି । ଦିନେ ସେ ବୋମା ଫିଙ୍ଗି ଶୋଇ ପଡିଥିବା ଚୀନବାସୀଙ୍କ ନଦ୍ରା ଭାଙ୍ଗିଦେବ । ମିଥ୍ୟା ପ୍ରଚାରରେ ଅଫିମ ଖାଇ ଶୋଇ ପଡିଥିବା ଚୀନାବାସୀଙ୍କ ପାଇଁ ଏହା ଅତି ଜରୁରୀ ନୁହେଁ କି?

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା


# ତୁମେ ଏକ ଛିନ୍ନପତ୍ର



ସନ୍ତୋଷ କୁମାର ମହାନ୍ତି

ମୁଁ ଥିଲି ଥୁଣ୍ଟାତରୁ
ତୁମେ ଦେଲ ଜୀବନ
ପଲ୍ଲବିତ ହେଲ୍ ପତ୍ର
ଜୀବନେ ତୁମେ ଲେଖିଦେଲ
ଏକ ନୂଆ ସୂଚୀପତ୍ର ..../ / ଏକ/ /

କେତେ ବାଧାବିଘ୍ନ ଡେଇଁ
ତୁମେ ଆସୁଥିଲ ଧାଇଁ
ମୋ ସାଥେ ମିଶିବା ପାଇଁ
ଯେମିତି ସମୁଦ୍ର ଆଡକୁ
ବାଟ କାଟି ବହିଯାଏ ନଈ...../ / ଦୁଇ / /



ଗଛରୁ ଝଡିଲେ ପତର
ହୁଏନ ସେ କାହାର
ତୁମେ ବି ଗଲ ଗ୍ଳଲି
ସାଜିକରି ଏକ ଛିନ୍ନପତ୍ର
ଅଡୁଆ କରି ସବୁ ସୂତ୍ର..../ / ତିନ/ / .

ନବଜୀବନ ସମାଜ, ସଫା, କଟକ- 754022

# ପ୍ରେମ ହୁଏନାହିଁ...



ପ୍ରଶାନ୍ତ କୁମାର ନାଥ

ପ୍ରେମ ହୁଏନାହିଁ ପାଖରେ ରହିଲେ
ଗପୁଥିଲେ ପ୍ରତିଦିନ
ପ୍ରେମ ହୁଏନାହିଁ କହିଦେଲେ ଥରେ
ତୋଳଆଣି ଦେବି ଜହ୍ନ ।

ପ୍ରେମ ହୁଏନାହିଁ ବଜାର ବୁଲିଲେ
ସାଥିରେ କାହାର ମିଶି
ପ୍ରେମ ହୁଏନାହିଁ ଗ୍ଲ କଫି ସପ୍ରେ
ପିଇଦେଲେ ଦୁହେଁ ବସି ।

ପ୍ରେମ ହୁଏନାହିଁ ସିନେମା ଦେଖିଲେ
ସାଥିରେ କାହାକୁ ନେଇ
ପ୍ରେମ ହୁଏନାହିଁ କାହାକୁ ଓଠରେ
ଭଲପାଏ ଦେଲେ କହି ।

ପ୍ରେମ ହୁଏନାହିଁ ଗୋଟିଏ ଛତାରେ
ବର୍ଷାରେ ରହିଲେ ଥରେ
ପ୍ରେମ ହୁଏନାହିଁ କାହାକୁ କଏ ସେ
ଜଗା ଦେଇଦେଲେ ଘରେ ।

ପ୍ରେମ ହୁଏନାହିଁ ଯାଉଯାଉ କେହି
ବୁଲିଥରେ ଗ୍ଲହିଁ ଦେଲେ
ପ୍ରେମ ହୁଏନାହିଁ ଥରୁଟିଏ କେହି
ହାତ ମାରିଦେଲେ ଗାଲେ ।

ପ୍ରେମ ହୁଏନାହିଁ ଯଦି ଥରେ କେହି
ହାତ ତୁମ ଧରିନଏ
ତା ସାଥିରେ ପ୍ରେମ ହୋଇଥାଏ ପର୍
ହୃଦୟ ଯାହାକୁ ଗ୍ଲହେଁ ।

ସୁନ୍ଦରପୁର, ଉତ୍ତର କୁଳହାଟ, ପ୍ରୀତିପୁର, ଯାଜପୁର

# ନଆର୍ ପର୍ଯ୍ୟଟନ କ୍ଷେତ୍ର: କାଙ୍କଣକୁଦ



ବନବିହାରୀ ବେହେରା

ନୀଳାମ୍ବୁ ଚଲିକା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଆଶ୍ରୟ ଦେଇ ତାର ନୀଳ ଜଳରାଶିକୁ କରିଛି ପବିତ୍ର । ତେବେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର- କାଙ୍କଣକୁଦ, ଏକ ନଆର୍ ତୀର୍ଥକ୍ଷେତ୍ରର ପରିଚୟ ସୃଷ୍ଟି କରିଛି ।

**କେମିତି ଯିବେ:** କାଙ୍କଣକୁଦକୁ ଆସିବା ପାଇଁ ନଇରୀ ଗାଁକୁ ଆସିବାକୁ ପଡେ । ଦକ୍ଷିଣ ପୂର୍ବ ରେଳପଥର ଖୋର୍ଦ୍ଧାରୁ- ବାଲୁଗାଁ ମଧ୍ୟରେ ଥିବା ଗଙ୍ଗାଧରପୁର ରେଳଷ୍ଟେସନରୁ ନଇରୀ ୩ କ.ମି. ଦୂର ଏବଂ ସଡକ ପଥରେ ଖୋର୍ଦ୍ଧା ଜିଲ୍ଲାର ନାଚୁଣୀ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥଠାରୁ ମାତ୍ର ପାଞ୍ଚ କମି ଦୂର । ସେଠାରୁ ଚଲିକା ବ୍ଲକ ଦେଇ ଏହି ପୀଠକୁ ଆସିବାକୁ ହେବ । ଅନ୍ୟ ପକ୍ଷେ ସୋରଣ, କାଲୁପଡା, ବରଡି, ବାଲୁଗାଁ, ସାତପଡା ସମେତ ବିଭିନ୍ନ ଚଲିକା ଉପକୂଳବର୍ତ୍ତୀ ଗାଁର ଚଲିକା କୂଳରୁ ଚଲିକା ଜଳରେ ନୌକା ବିହାର କରି ଏଠାରେ ପହଞ୍ଚି ହେବ । ଶୀତ ଋତୁରେ ହିଁ ଚଲିକାରେ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କ ଭିଡ ଜମିଥାଏ ।

**ଇତିହାସରୁ ଜଣାପଡେ:** ୧୭୧୧ ଖ୍ରୀ.ଅ. ଠାରୁ ୧୭୩୭ ମଧ୍ୟରେ ବିଦେଶୀ ଓ ବିଧର୍ମୀ ଶତ୍ରୁମାନେ ବହୁବାର ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ । ଗଜପତି ମହାରାଜ ରାମଚନ୍ଦ୍ର ଦେବ କଟକ ବାରବାଟୀରେ ବନ୍ଦୀ ଥିବାବେଳେ ଶ୍ରୀମନ୍ଦିର ମୋଗଲଙ୍କ ଅଧିକୃତ ହେବା ଏବଂ ବିଧର୍ମୀ ଶତ୍ରୁମାନଙ୍କ ଦ୍ଵାରା ଆକ୍ରମଣ ହେବା ପୂର୍ବରୁ ମହାପ୍ରଭୁଙ୍କ ଦାରୁବ୍ରହ୍ମ ଅନଷ୍ଟ ଆଶଙ୍କା କରି ଭକ୍ତମାନେ ଚଲିକାକୁ ମହାପ୍ରଭୁଙ୍କ ଗୋପନୀୟ ଆଶ୍ରୟସ୍ଥଳ ରୂପେ

ବାଛି ନେଇଥିଲେ । ଭଗର୍ଭୀ ନଦୀର ଦୋବନ୍ଧା ଘାଟରୁ ଦାରୁବିଗ୍ରହଙ୍କୁ ବଡ ପରୀକ୍ଷା ପରମାନନ୍ଦ କୁଆଁର ମହାପାତ୍ର ଓ ସାନପରୀକ୍ଷା ବିଷ୍ଣୁ ପଣ୍ଡିତ କବାଟ ଚଲିକା ମଧ୍ୟସ୍ଥ କାଙ୍କଣକୁଦ ( କାଙ୍କଣ ଶିଖରୀ) ରେ ଏହି ସ୍ଥାନଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା, ମହାପ୍ରଭୁଙ୍କୁ ନେଇ ସୁରକ୍ଷିତ ଭାବେ ଅବସ୍ଥାନ କରାଇଥିଲେ । ଏଠାରେ ପ୍ରାୟ ୪ ମାସ ଅବସ୍ଥାନ ପରେ ନଇରୀ ଗ୍ରାମର ଶ୍ରୀହରିହରେଶ୍ୱର ଦେବଙ୍କ ମଣ୍ଡପରେ ମହାପ୍ରଭୁଙ୍କୁ ବିଜେ କରାଯାଇଥିଲା । ଏହି ପୀଠରେ ତିନୋଟି ଚକାପଥର ରହିଛି । ଏହାକୁ ବିଜେଚକା ବୋଲି କୁହାଯାଏ । ଏହି ମନ୍ଦିରର ଜଳାର୍ଣ୍ଣବ ଗର୍ଭ ମଧ୍ୟରେ ବିଷ୍ଣୁଶିଳା ଜଳରେ ବୁଡି ରହିଥିବା ବେଳେ ଦକ୍ଷିଣପଟେ ଶିବଲିଙ୍ଗ ବୁଡି ରହିଛନ୍ତି । ଏହା ହରି ଓ ହରଙ୍କ ଏକ ଉପାସନା ପୀଠ । ମନ୍ଦିର ନିକଟରେ ରହିଛି ଜଗନ୍ନାଥବଲ୍ଲଭ ମଠ। ଗ୍ରାମ ଶେଷମୁଣ୍ଡରେ ଗୁଣ୍ଡିଚ୍ଚା ମନ୍ଦିର ଏବଂ ଯମୁନା ନର୍ଝରର ଉତ୍ତର ଦିଗରେ ଗୁଣ୍ଡିଚ୍ଚା କୂଅ ରହିଛି । କନ୍ତୁ ମହାପ୍ରଭୁଙ୍କ ରହଣି ବେଳେ ଏଠାରେ ଗୋଟିଏ ବର୍ଷ ଗୁଣ୍ଡିଚ୍ଚା ଯାତ୍ରା ହୋଇଥିଲା । ନଇରୀ ଗ୍ରାମର ପାଇକ ଓ ଗଜପତିଙ୍କ ପାଇକ ବାହିନୀ ମହାପ୍ରଭୁଙ୍କ ସୁରକ୍ଷା ଲାଗି ସଜାଗ ରହୁଥିଲେ ।

**କମ୍ବଦନ୍ତୀ:** ଉତ୍କଳର ଗଜପତି ମହାରାଜ ଶ୍ରୀପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ବେଳେ ମହାପ୍ରଭୁ ଚଲିକାର ଦହିଖିଆ ଠାରେ ମାଣିକ ଗଉଡୁଣୀଙ୍କଠାରୁ ଦହି ଖାଇଥିବାର କମ୍ବଦନ୍ତୀ ରହିଛି । କବିବର ରାଧାନାଥ ରାୟଙ୍କ ଚଲିକା କାବ୍ୟରେ ଉଲ୍ଲେଖ ରହିଛି – "ଇତିହାସର ରଙ୍ଗସ୍ଥଳୀ ତୁ ଚଲିକା, ତୋର ତୀରେ ପରା ଶ୍ରୀମତୀ ମାଣିକା । ହସ୍ତେ ଭୁଞ୍ଜୁଥିଲେ ସ୍ୱାଦର ଲବଣି, ଭାବଗ୍ରାହୀ ପ୍ରଭୁ ଭକ୍ତ ଚନ୍ତାମଣି ।" ଚଲିଆର ମଇଁଷା, ଗୁରୁବାଇ, ଗବପଦର, ନଇରୀ- କାଙ୍କଣଶିଖରୀ ଏବଂ ବାଣପୁରର ନୀଳାଦ୍ରି ପ୍ରସାଦ, ବଡ ହନ୍ତୁଆଡ ଆଦି ଗୋପନୀୟ ସ୍ଥଳରେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଉଥିଲା । ଚଲିକାବାସୀ ନୀଳ ଚଲିକାରେ ନୀଳାଚଳଆ ମହାପ୍ରଭୁଙ୍କ ଦର୍ଶନ ଲାଭକରି ନିଜକୁ ସୌଭାଗ୍ୟ ମନେକରିଥାନ୍ତି ।


**କାଙ୍କଣକୁଦରେ କଣ ଦେଖିବେ:** କାଙ୍କଣକୁଦରେ ମହାପ୍ରଭୁଙ୍କୁ ଅବସ୍ଥାନ କରାଯାଇଥିବା ବେଳେ ସେବକମାନେ ନିକଟସ୍ଥ ଯମୁନା- ନର୍ଝରରୁ ମଧୁର ଜଳ ନେଇ ମହାପ୍ରଭୁଙ୍କ ସେବାରେ ଉପଯୋଗ କରୁଥିଲେ ।











ଏହି କୁଦରେ ପ୍ରଚୁର ପରିମାଣର କାଙ୍କଣ ଫଳୁଥିଲା, ଯାହା ପ୍ରଭୁଙ୍କ ମଣୋହିରେ ଲାଗୁଥିଲା । ଚିଲିକା କାବ୍ୟରେ ଉଲ୍ଲେଖ ରହିଛି – "ତରଙ୍ଗ ବେଷ୍ଟିତ କାଙ୍କଣ ଶିଖରୀ, ଆଦ୍ୟଫଳେ ଯାର ତରୀ ପୂର୍ଣ୍ଣ କରି । ବର୍ଷେ ବର୍ଷେ ହ୍ରଦ ବିହାରୀ ଧିବରେ, ଆଦରେ ଫେରନ୍ତି ଲକ୍ଷ୍ମୀ ଗ୍ରେଷଘରେ ।" ତେବେ ଶ୍ରୀଜଗନ୍ନାଥ ସଂସ୍କୃତିର ପୁନରୁଦ୍ଧାର ତଥା ବିକାଶ ନିମନ୍ତେ ନଇରୀକୁ ୨୦୦୭ ମସିହାରେ ପୁରୀ ଶ୍ରୀମନ୍ଦିର ପ୍ରଶାସକ ପରିଦର୍ଶନରେ ଆସିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ୨୦୧୪ରେ ଶ୍ରୀ ହରିହରେଶ୍ୱରଙ୍କ ପୀଠରେ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ୨୦୧୫ ଫେବୃୟାରୀ ୯ ତାରିଖରେ ଏହି ପୀଠରେ ସିଂହାସନ ପ୍ରତିଷ୍ଠା କରାଯାଇଥିଲା । ପରେ ନବକଳେବର ଅବସରରେ କାଙ୍କଣଶିଖରୀରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କୁଦର ମାଟି ତଳୁ ମହାପ୍ରଭୁଙ୍କ ଚନ୍ଦନ ଘୋରା ପଥର ଉଦ୍ଧାର ହୋଇଥିଲା । ଗ୍ରାମବାସୀଙ୍କ ଉଦ୍ୟମରେ କାଙ୍କଣଶିଖରୀଠାରେ ଏକ ଛାତଘର ନିର୍ମାଣ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ନବକଳେବରର ଦେବଦୁର୍ଲ୍ଲଭ ନନ୍ଦିଘୋଷ ରଥର ଚକକୁ ୨୦୧୬ ମାର୍ଚ୍ଚ ୨୧ରେ ଏଠାକୁ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି । ପ୍ରତିଦିନ ମଣୋହି ଲାଗିହୁଏ । ଏକ କୂଅ ଖନନ ହୋଇଛି । ଦର୍ଶନାର୍ଥୀଙ୍କ ପାଇଁ ଏହି କୁଦରେ ସିମେଣ୍ଟ ନିର୍ମିତ ଚୌକି ତିଆରି ହୋଇଛି । ସୋଲାର ଆଲୁଅ ଖୁଣ୍ଟ ରହିଛି । ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ସ୍ମୃତି ଉଦ୍ଦେଶ୍ୟରେ ଏକ ମୁଖଶାଳା ନିର୍ମାଣ ହୋଇଛି ।ଏକ ପଥର ନିର୍ମିତ ଜେଟି ରହିଛି । ବିଭିନ୍ନ ଫୁଲଫଳ ବୃକ୍ଷକୁ ରୋପଣ କରାଯାଇଛି । ନଇରୀ ଚିଲିକା କୂଳରୁ ଏହି କୁଦକୁ ଆସିବା ପାଇଁ ଡଙ୍ଗାର ସୁବ୍ୟବସ୍ଥା କରାଯାଇଛି । ଯାତ୍ରୀମାନେ ପ୍ରତିଦିନ ସକାଳରୁ ଅପରାହ୍ନ ପର୍ଯ୍ୟନ୍ତ ଏହି ପବିତ୍ର ପୀଠକୁ ଦର୍ଶନରେ ଆସିପାରିବେ । ଏହି କୁଦରେ ପର୍ଯ୍ୟଟନ କ୍ଷେତ୍ର ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି । ଏହି ପୀଠକୁ ଆସୁଥିବା ବ୍ୟକ୍ତିଚିଲିକାର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହିତ ଜଗନ୍ନାଥ ସଂସ୍କୃତିର ମାହାତ୍ମ୍ୟ ସମ୍ପର୍କରେ ଅବଗତ ହୋଇପାରିବେ । ଶୁଦ୍ଧ ନିରାମିଷରେ ବଣଭୋଜି କରିହେବ ।

**ରଥଯାତ୍ରା ବଲଆର୍ ଲ୍ବେଗେ:** ଏଠାରେ ଆୟୋଜିତ ରଥଯାତ୍ରା ବେଳେ ତିନୋଟି ବିରଳ ଦୃଷ୍ୟକୁ ଭକ୍ତ ଭକ୍ତିଭାବରେ ଅନୁଭବ କରିପାରେ । ପ୍ରଥମେ – ଭକ୍ତମାନେ ମହାପ୍ରଭୁଙ୍କୁ ଦୋଳ ଝୁଲଣ କରି ନଅନ୍ତି । ଦ୍ୱିତୀୟରେ – ନନ୍ଦୀଘୋଷ ନୌକାକୁ ରଥ ରୂପେ ମନେକରି ଏବଂ ତୃତୀୟରେ- ନୌକାବିହାର ବେଳେ ମହାପ୍ରଭୁଙ୍କୁ ଜଳନା ପରେ ଦର୍ଶନ ଲାଭ କରିଥାନ୍ତି । ଏହି ଦିନ ପବିତ୍ର ପୀଠରେ ହଜାର ହଜାର ସଂଖ୍ୟକ ଭକ୍ତମାନେ ସମାଗମ ହୋଇଥାନ୍ତି । ଚଲିକାରେ ଏହି ସ୍ଥାନ ପ୍ରାକୃତିକ ତଥା ଆଧାତ୍ମିକ ପର୍ଯ୍ୟଟନକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ।

ଗ୍ରାମ- ରତନପୁର, ପୋ. କୁହୁଡି, ଜିଲ୍ଲା- ଖୋର୍ଦ୍ଧା

ଆପଣମାନେ ଲେଖିଥିବା କୌଣସି ପୁସ୍ତକ ଯଦି ବେଦାନ୍ତୀ ମାଧ୍ୟମରେ ପାଠକଙ୍କୁ ଜଣାଇବାକୁ ଚାହୁଁଛନ୍ତି ତେବେ ଆମକୁ ସଂପର୍କ କରନ୍ତୁ । ଆମକୁ ସଂପର୍କ କରିବାର ଠିକଣା ହେଲା:

vedantimagazine@gmail.com &

editor.vedantimagazine@gmail.com.

Whatsapp & Mobile: 9594993733

# ଅଢେଇ ଅକ୍ଷର ପ୍ରେମ



ଜୟପ୍ରକାଶ ଦୁରିଆ( ରମଣ)

ଅଢେଇ ଅକ୍ଷର    ପ୍ରେମ ମୋ ଜୀବନେ
ଭରିଦେଲା ଆଣି ଖୁସି,
ଅଜଣା ଚହ୍ନା    ସାଥିଟିଏ ସହ
ମୋ ମନଟା ଗଲା ମିଶି ॥ ୧ ॥
ପାର୍ବଣ ଋତୁରେ    ଦେଖା ହେଲ ତୁମେ
ଘୁରି ଆଖିଁ ଗଲା ମିଶି
ଦୁଇଟି ହୃଦୟ    ଏକାକାର ହୋଇ
ପାଲଟିଲୁ ପ୍ରେମୀ ସାଥି ॥ ୨ ॥
ହୃଦୟର ଭାଷା    ଗୋଲାପି ଓଠରେ
ଗାଇଲ ପ୍ରେମର ଗୀତି
ତୁମ ପ୍ରେମ ବାସ୍ନା    ଦେଉଥିଲା ବାର୍ତ୍ତା
ଜନ୍ମ ମନ୍ୱନ୍ତର ସାଥି ॥ ୩ ॥
ମୃଣ୍ମୟୀ ଦେବୀଙ୍କ    ଆଶୀର୍ବାଦ ବଳେ
ଡାଙ୍କରୀ ବେଢାରେ ଦେଖା
କିଏ ଜାଣିଥିଲା    ଦେଖା ହେବ ବୋଲି
ନିୟତିର ସବୁ ଲେଖା ॥ ୪ ॥
ପ୍ରକୃତିର ବହୁ    ଦର୍ଶନୀୟ ସ୍ଥାନ
ଟାଣି ନେଲା ତା ପାଖକୁ
ସୃଷ୍ଟିର ସେଫାଳୀ    ମନୋରମ ଦୃଶ୍ୟ
ଛୁଇଁ ଦେଲା ହୃଦୟକୁ ॥ ୫ ॥
ହୃଦୟର ମୋର    ଫୁଲ ବଗିଚାରେ

ଫୁଲ ହୋଇ ଫୁଟିଗଲ
କାହିଁ କେତେ ଦୁରୁ      ଆସି ମୋ ପାଖକୁ
ପ୍ରେମର ସେତୁ ବାନ୍ଧିଲ  ॥୬॥
ସୋରିଷର ଫୁଲ       କେତେ ମନୋହର
କଣି ନେଲ୍ ତୁମ ମନ
ତୁମ ସ୍ୱର୍ଷକରେ       ସେଇ ଫୁଲ ବଣ
ଆହୁରି ସତେଜ ଜାଣ ॥୭॥
ହସ୍ତରେ ହସ୍ତକୁ       ଆଁଖିରେ ଆଁଖିକୁ
ମିଲ୍ଇଣ ବୁଲୁଥୁଲୁ
ସବୁଠି ସେଲଫି       ଉଠେଇ ଉଠେଇ
ସ୍ମୃତି ସବୁ ସାଉଁଟିଲୁ ॥୮॥
ଯୁଗ ଯୁଗ ଧରି       ସମ୍ପର୍କର ଡୋରି
ଆମରି ଭିତରେ ଥାଉ
ଦେବୀ ମାଁ ଚରଣେ    ବିନତୀ ଆମରି
ତାଙ୍କରି ଆଶୀଷ ରହୁ ॥୯॥

ନୂଆପଡା, ଓଡିଶା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and

editor.vedantimagazine@gmail.com

# କଲମ ସ୍ୱର



ଏମ୍. ବିଜୟ କୁମାର

ନଆଁ
ହୁଲ୍ ହୁଲ୍ ହୋଇ
ଉଦଗିରଣ ହେବାରୁ ଆଗ୍ନେୟଗିରି
ତମ ଧର୍ମ ମହିମା ଯଶବାନା
ପାଉଁଶ ହେଲାକ ନମିଷକେ ଜଳ

ଖଣ୍ଡା
ତୀକ୍ଷଣ ଧାର
ଗୁଳିତ ହେବାରୁ ଆତଙ୍କିତ ସନ୍ତ୍ରାସ
ଦିଗଣ୍ଡ କଲାକ ତମ ଏ ପିଣ୍ଡ
ରକ୍ତ- ହାଡ- ମାଂସ

ବାତ୍ୟା
ପବନ ବେଗରେ
ଝଡ- ତୋଫାନ ମୁଁ ହେବି
ବନ୍ୟା ପରି ମୋ ଅଧିକାର
ଜବର ଦଖଲ କରିବି

ଭୂକମ୍ପ
ଥରହର ସାବଧାନ
ବିଧ୍ୱଂସ ହେବାକୁ ଯାଉଛି
ତମ ଠିଆ ହୋଇଥିବା
ଜମି ଦୁଇ ପାଦ
ରକ୍ଷାକର ରକ୍ଷାକର ତମ ଆର୍ତନାଦ

ଅମାନୁଷିକ ବର୍ବର ଭେଦ
ତମ ରୀତି ନୀତି
ଭାଙ୍ଗିବାକୁ ହିଁ ଜନ୍ମ ମୋର
ସ୍ୱତଃ ରକ୍ତ ଝରେ ଦେହୁ
ଲୋକ ମୁଖେ ହସ
ପାଇଁ କଲମ ସ୍ୱର

ପୂର୍ବା ଶାସନ, ଉତ୍ତର୍, କୌଶଲ୍ୟାଗଙ୍ଗା, ଭୁବନେଶ୍ୱର

# ମୋବାଇଲ

ଲିନା ରାଣୀ ଧଳ ମଙ୍ଗରାଜ

ଘରେ ପୁଅ, ଝିଅ, ସ୍ତ୍ରୀ ଠୁ ଆରମ୍ଭ କରି ବାହାରେ ଝାଡୁବାଲା ଠାରୁ ଡାକ୍ତର, ଇଂଜିନୟର, ଶିକ୍ଷକ, ଓକଲ, ନେତା, ଅଭିନେତା ସମସ୍ତଙ୍କ ହାତରେ ମୋବାଇଲକୁ ଦେଖି ଭାରି ଚଡିଯାଆନ୍ତି ମୋହନ ବାବୁ । ସବୁ ଜିନଷର ଭଲମନ୍ଦ ଦୁଇଟି ପାର୍ଶ୍ୱ ଜାଣି ମଧ ମୋବାଇଲର ଖରାପ ଦିଗଟି ତାଙ୍କ ଆଖି ଆଗରେ ଖାଲି ନାଚଉଠେ । ମୋବାଇଲ ଆସିଲା ଦିନଠୁଁ ଯେମିତି କାହା ପାଖରେ କାହା ପାଇଁ ସମୟନାହିଁ, ଯେଉଁଠି ଦେଖ ତିନ ମାଙ୍କଡ ପରେ ଚତୁର୍ଥ ମାଙ୍କଡ ମିଳଗଲାପରି । ମୋବାଇଲକୁ ଅନେଇଥିବେ ଯେ ସାଇଡ୍ ରେ ଯଦି ସାପ ପଳେଇବ ଜାଣି ପାରିବେନ । ତାଙ୍କ ମତରେ ମୋବାଇଲ ସମାଜକୁ ଧ୍ୱଂସ କରିପାରୁଥିବା ଜିନଷଟେ ମାତ୍ର ।

ଆଜି ଏ ଲଘୁଚାପ ବର୍ଷା ରେ ଗାଁରୁ ଫେରୁ ଫେରୁ ରାତି ହେଇଯିବ ବୋଲି ଭାବି ନଥିଲେ ମୋହନ ବାବୁ । ଖୋଦ୍ ରାଜଧାନୀର ଟିକେ ବର୍ଷାରେ ଏ ଭୟାବହ ରୂପ ହେବ ବୋଲି ତିଳେ ମାତ୍ର ଧାରଣା ନଥିଲା । ଚାଲୁ ଚାଲୁ ଅଚାନକ ଝୁଣ୍ଟି ପଡି ଦେଖନ୍ତି ଯେ ଆଗରେ ବିରାଟ ବଡ ଗାତ । ଘର ପାଖରେ ଏହି ଚଲାବୁଲା ରାସ୍ତା ବି ଆଜି ଶୂନ୍ୟ । ସାହାଯ୍ୟ ବି ମାଗିବେ କାହାକୁ, କେମିତି? ଓ ହୋ, କହୁଥିଲେ ଘରେ ମୋବାଇଲଟା ପାଖରେ ରଖିଥା, ସୁବିଧା ଅସୁବିଧା ରେ କାମରେ ଆସିବ । ସେ କୋଉ ଶୁଣିଲେ ଯେ! ବରଂ ଦି ପଦ କଡା କଥା ଶୁଣେଇ ଦେଇଥିଲେ । ମୋବାଇଲ ନଥିଲା ବେଳେ ଲୋକ କଣ ଚଳୁ ନଥିଲେ । ଏବେ କିନ୍ତୁ ସେ ଏହି ମୋବାଇଲର ଭାରି ଆବଶ୍ୟକତା ବୋଲି ମନେ କରୁଥିଲେ ।

ମାର୍ଫତ – ଶ୍ରୀ ଏଲ୍. କେ. ମଙ୍ଗରାଜ,
ଶତାବ୍ଦୀ ନଗର, ୟୁନଟ୍ – ୮, ଭୁବନେଶ୍ୱର

# ଅନାମିକା ପ୍ରେମିକାର ପରିଚୟ



ଖ୍ରୀଧର ପାତ୍ର (?)

ସିଧାସିଧା ନୁହେଁ କି ଚଗଲୀ ନୁହେଁ
ଅଲିଅଳୀ ଲାଜକୁଳି ମୋ ପ୍ରେମିକା
ଜହ୍ନରାଣୀ ଭାବେ ପରିଚିତ
ଜାଣିନ ତ ନାଁ.....
କାଶ୍ମୀର ପଟେ ଘର ମୋର
ମୋ ଗାଁ ପାଖେ ଓ ପ୍ରିୟାର ଗାଁ ॥
ସ୍ରଷ୍ଟା ତାକୁ କିପରି ଗଢ଼ିଛି
ଗୋଟେ ଗୁଣ୍ଡଲରେ
ଜମା ଟିକେ ନାହିଁ ଖୁଣ.....
ମୋଟି ନୁହେଁ କି ପତଳୀ ନୁହେଁ
ଦେହ ତାର ମଧ୍ୟମ ଗଢ଼ଣ ॥
ମନଲୋଭା ଟଣାଟଣା ଆଖି ଆଗରେ
ଫୁଲର ପସରା ବି ହାର ମାନେ
ତା ଗୁହାଣୀ ପାଖେ
ମେଘର ଅସରା ବି ହାରେ.....
କୋଇଲିର କୁହୁତାନ ଠାରୁ
ତା ଓଠର କଥା ବେଶୀ ମିଠା
ପ୍ରୀତିଝରା ମଧୁର କବିତା ବାହାରେ ॥

ପ୍ରସାଧନ ଲୋଡା ନାହିଁ
ଚେହେରା ତା ଦେଖି
ଜହ୍ନ ବି ଯାଏ ଲୁଚ.....
ଗାଳକଥା ତ ଜିଦଦିପଣ
ମୋ ମନକୁ ନଏ ଘିଚ ॥
ମୋତେ ଭଲଲାଗେ ବୋଲି
ବେଳେବେଳେ ଯୋଡାବେଣୀ
ବାନ୍ଧେ ସେ ମୁଣ୍ଡରେ.....
କଣ୍ଢେଇ ପରିକା ଲାଗେ ସେତେବେଳେ ସିଏ
ବାରି ହୋଇଯାଏ
ଲକ୍ଷେ ଝିଅଙ୍କ ଭିତରେ ॥
ସବୁଠାରୁ ବଡ କଥା ହେଲା
କବିର ପ୍ରେମିକା ସିଏ
ମନ ତ ତା ପାହାଡୀ ନଈ
ସବୁଠାରୁ ବଡ ତା ହୃଦୟ.....
ତା ଆଖିର ଆଇନାରେ ସଦା
ଦିଶୁଥାଏ ପ୍ରତି ଛବିମୋର ॥
ଏବେ ସେ ଶ୍ରାବଣର
ମେଘତଳେ ଲୁଚ ଯାଇଛି
ଅଭିମାନ ବୋଧେ କରିଛି.....
ଜାଣେନା କାହିଁକବାହାନା ଏତେ
ଜାଣେ ସେ ମୋତେ ଭଲ ପାଉଛି ॥

ଡୁଙ୍ଗୁରିପାଲି, ଖାରୀ, ସୁବର୍ଣ୍ଣପୁର

# ଫେରିଲେ ମୁଁ ତୁମର



ରୋହିତ୍ ମାଝୀ

ନିର୍ଲିପ୍ତ ନୟନ ଯୁଗଳ ଅଶ୍ରୁ ଜଳେ ଢଳ ଢଳ
ବେଦନାସିକ୍ତ ହୃଦୟର ସ୍ଫଟିକ ସମ ସ୍ୱଚ୍ଛତାର
ଯୋଗାଏ ଖବର୍ ବୁଝିବାର ଅକୁହା ବ୍ୟଥା ବେଦନାର
ଜୀବନ ଇତିହାସ ଆଜି ମେଲିଛି ପସରା
ସ୍ୱର୍ଣ୍ଣିମ ଗଡ ଦିଶେ ନଗ୍ନ ଉଗ୍ନ ବାଲିର ଗଡରା ।
କାହିଁ କେତେ ଦୂରେ ସେ ତ ହଜିଛି ସପନ
ଗୁଲିଛି ମିଶାଣ ଫେଡାଣ ଯେହ୍ନେ ଛନ୍ଦେ ଏଇ ମନ ।
ଦେଶ ମାତୃକା ସେବାରେ ବଳଷ୍ଠ ସେ ବଳିଦାନ
ବୋଲ୍ଏ ବୀର ସହୀଦ୍ କର୍ମରେ ମହାନ ।
ରକ୍ତିମ ଲଲ୍ଟ ପାଳେ ଏଠି ସ୍ୱଚ୍ଛତା ଦିବସ
ଫିକାଫିକା ଫିକା ଲ୍ଗେ ଦୀପାବଳୀ ପରଶ ।
ଝର୍ ଶେଫାଳି ସମ ଝଡିଗଲ୍ ପରେ
ଉଚ୍ଛନ୍ନ ମନ ନତି ଝୁରେ ସଞ୍ଜ ନଇଁଗଲ୍ ପରେ ।
କଥା ଦେଇ ଫେରିଲନି କାହିଁ ହଜିଗଲ
ଏଇ ଦେଖନା.....
ଚକିତ ଦିଗବଳୟ ମୋତେ ଅଟ୍ଟହାସ୍ୟ କରେ
ସେଦିନର ଶେଷ ଚୁମା ମୋ ସିନ୍ଥି ଝୁରେ ।
ଅଭୁଲ୍ ସେଇ ପଦେକଥା
ଲ୍ଗେ ଅତି ନିଜର
କହିଥିଲ କାନପାଶେ,
"ଫେରିଲେ ମୁଁ ତୁମର ।"

ଶିକ୍ଷକ, କୁଳଅଣା, ମୟୁରଭଞ୍ଜ

# ତୁମେ ଗଲ୍‌ପରେ



ଧିରେନ୍ ବାଗ

ତୁମେ ଗଲ୍‌ପରେ
ଛିଣ୍ଡିଗଲ୍ ମୋ ବୀଣାର ତନ୍ତ୍ରୀ
ହଜିଗଲ୍ ସବୁ ସଙ୍ଗିତ ମୂର୍ଚ୍ଛନା
ଏ ହୃଦୟ ବିହୀନ ସହରେ ।

ଖୋଜିଛି କେତେ ତୁମକୁ
ମାଟି, ପାଣି, ପବନରେ
ନସ୍ତବ୍ଧ ଗ୍ରତିର ଅନ୍ଧାରେ
ମୋ ସୁନେଲି ସପନରେ ।

ଯେତେ ଖୋଜିଲେବି
ମିଳୁନ ସେ ଆତ୍ମୀୟତା
ଭଲ ପାଇବାର ସାତରଂଗ
ପ୍ରେମର ଭ୍ବ ଆଉ ସ୍ୱଭ୍ବ
ତଥାପି
ଖୋଜୁଛି ଏକାନ୍ତରେ
ଢେଉରେ, ନୀଳ ଆକାଶରେ
ଶେଷ ନଶ୍ୱାସ ଥିବାଯାଏଁ
ମୋ ଭିତରେ...!

ଗଉଡରମା, କୁଳଅପା, ମୟୂରଭଞ୍ଜ

# ନିବିଡ ସଂପର୍କ



ସଙ୍ଗୀତା ମଞ୍ଜରୀ ମହାନ୍ତି

ରାନୁ ଓ ଚନା ଦୁଇ ଭଉଣୀ ଥିଲେ ନିଜର ନହେଲେ ମଧ୍ୟ ନିଜଠାରୁ ଅଧିକ । ଚନା ହେଉଛି ରାଜୁର ପିଉସୀ ଝିଅ ଓ ରାନୁ ହେଉଛି ଚନାର ମାମୁଁଙ୍କ ଝିଅ । ସେମାନେ ଦୁହିଁଙ୍କ ମଧ୍ୟରେ ଭଲପାଇବାଟା ବହୁତ ଭରି ରହିଥିଲା । କେହି ଚାହିଁଲେ ମଧ୍ୟ ସେମାନଙ୍କୁ ଅଲଗା କରି ପାରୁନଥିଲେ । ଚନା କୁ ରାଜୁ ସବୁବେଳେ ନିଜର ସାନଭଉଣୀ ଭଳି ଭାବେ ଏବଂ ତା ପ୍ରତି ଯେଉଁ ସବୁ କର୍ତ୍ତବ୍ୟ ସେ ସବୁକୁ ରାନୁ ପୂରଣ କରୁଥିଲା । ଚନା ଠାରୁ ରାନୁ ବଡ ଥିଲା । ଚନାକୁ ମଧ୍ୟ ରାନୁ ନିଜର ଛୋଟ ଝିଅ ପରି ଭାବୁଥିଲା । ଦରକାର ପଡିଲେ ଚନା ଯେଉଁ ଭୁଲ୍ କାମ କରେ ରାନୁ ତାକୁ ମାରେ ଓ ମା ପରି ତାକୁ ମଧ୍ୟ ସ୍ନେହ କରେ । ଏମିତି ସେମାନେ ଛୋଟବେଳରୁ ବଡ ହେଲା ପର୍ଯ୍ୟନ୍ତ ତାଙ୍କ ମଧ୍ୟରେ ସ୍ନେହ ଓ ଭଲପାଇବା ରହିଲା । ରାନୁର ନିଜର ବାପର ଘର କଟକ ଜିଲ୍ଲାର କଟିକଟା ଗ୍ରାମର ଚୌଧୁରୀ ସାହିରେ ଅବସ୍ଥିତ । ଚନାର ଘର କଟକର ତୁଳସୀପୁରରେ ଅବସ୍ଥିତ । ରାନୁର ଦଶମ ଶ୍ରେଣୀ ସରିଗଲା ପରେ ସେ ଚାହିଁଲା କଟକରେ ଆସି ଚନା ପାଖରେ ରହି ତାର ଆଉ ବାକି ପାଠ ସାରିବା ପାଇଁ। ସେ ଚନାକୁ ଏ ବିଷୟରେ ସବୁ ଜଣାଇଲା । ଚନା ମଧ୍ୟ ତାର ମା କୁ କହି ରାନୁକୁ ଆଣିବା ପାଇଁ କଟକ ଚେଷ୍ଟା କଲେ । ଯାହା ହେଉ ସେ ସଫଳ ହେଲେ ରାଜୁ ମଧ୍ୟ ଆସିଲେ କଟକ । କଟକରେ ଆସି ରାନୁ ତାର ଯୁକ୍ତ ୨ ଏବଂ ଯୁକ୍ତ ୩ ପଢିବା ଶେଷ କରିଦେଲା । ପଢିବା ଭିତରେ ମଧ୍ୟ ରାନୁ ଗୀତ ଶିଖିଲା । ତିନି ଚାରି ବର୍ଷ ମଧ୍ୟରେ ରାନୁ ମଧ୍ୟ ଗୀତରେ ବହୁତ ଆଗକୁ ଗଲା । ସେହି ମଧ୍ୟରେ ରାନୁ ଚେସ୍ ଶିଖିବାକୁ ଲାଗିଲା । ଭଗବାନଙ୍କ ଆଶୀର୍ବାଦରୁ

ଋନୁ ଚେସ୍ ରେ ମଧ୍ୟ ବହୁତ ଆଗକୁ ଗଲା । ଗୀତ ମଧ୍ୟ ଏତେ ସୁନ୍ଦର ଗାଉଥିଲା ଲୋକେ ବହୁତ ଖୁସି ହେଇଯାଉଥିଲେ । ରେଡିଓ ସେଣ୍ଟରରେ ଋନୁ ଗୋଟିଏ ଜେନେରାଲ ଆର୍ଟିଷ୍ଟ ଭାବରେ ପରିଚିତ । ଏତେ ସବୁ ଭିତରେ ଋନୁ ଚନାକୁ କେବେ ଭୁଲି ନଥିଲା । ଦୁଇ ଭଉଣୀଙ୍କର ଖାଇବା, ରହିବା, ଶୋଇବା ଗୋଟିଏ ଯାଗାରେ ହେଉଥିଲା । ପିଉସୀଙ୍କ ଘରେ ରହି ଋନୁ ତାର ଜୀବନପଥରେ ସୁଗମ କରିପାରିଥିଲା । ଦୁଇ ଭଉଣୀଙ୍କ ମଧ୍ୟରେ ବେଳେବେଳେ ଝଗଡା ମଧ୍ୟ ହେଉଥିଲା । ସେହି ଝଗଡା ମଧ୍ୟରେ କନ୍ତୁ ଅସୁମାରୀ ଭଲପାଇବା ଭରି ରହିଥିଲା । ଦୁହେଁ ଦୁହିଁଙ୍କୁ ଛାଡି ରହି ପାରୁନଥିଲେ । ଋନୁ ତାର ବାହାଘର ପୂର୍ବରୁ ଚନା ପାଇଁ ସର୍ବଦା ଚନ୍ତା କରୁଥାଏ ଯେପରିକ ନଜ ମା ପରି । ଯେତେବେଳେ ଋନୁ ଚେସ୍ ଶିଖେଇବା ଆରମ୍ଭ କରିଲା, ତାର ମାସକୁ ଯେଉଁ ଦରମା ମିଳେ ସେ ପ୍ରଥମେ ଚନାକୁ ନେଇ ହୋଟେଲରେ ଖୁଆଏ ଏବଂ ତା ଲାଗି ଡ୍ରେସ୍ କଣିଦିଏ । ଋନୁ ତାର ପ୍ରତ୍ୟେକଟି ଦିନର ପ୍ରତ୍ୟେକଟି ଘଟଣା ଚନା ପାଖରେ କହିଥାଏ । ସୁଖ ଦୁଃଖର ସାଥୀ ହୋଇ ଚଳୁଥିଲେ ଦୁହେଁ । ହଠାତ୍ ଦିନେ ସେମାନଙ୍କ ଭିତରେ କଥାବାର୍ତ୍ତା ବନ୍ଦ ହେଲା । ଗୋଟିଏ ଛୋଟ କଥାକୁ ନେଇ ଝଗଡା ହୋଇ ସେମାନଙ୍କ ଭିତରେ କଥାବାର୍ତ୍ତା ବନ୍ଦ ହୋଇଗଲା । ଏସବୁ ମଧ୍ୟ ଚନାର ଘରଲୋକ ଦେଖି କଛି ଚେଷ୍ଟା କରିଲେ ନାହିଁ କ ଋନୁର ମଧ୍ୟ ଘରଲୋକ କେହିବି ଚେଷ୍ଟା କରିଲେ ନାହିଁ ଯେ ଦୁଇ ଭଉଣୀଙ୍କର ସଂପର୍କରେ ଫାଟ ସୃଷ୍ଟି ନହେଉ । ଆମେ ତାଙ୍କ ଦୁହିଁଙ୍କୁ କପରି ଏକନ୍ତ୍ର କରିବା ସେହି ଚେଷ୍ଟା କେହି ବି କରିଲେ ନାହିଁ । ଋନୁ ଓ ଚନାର ଏତେ ଝଗଡା ହୋଇ ମଧ୍ୟ ଭିତରେ ଭଲପାଇବାଟା ଜାଗ୍ରତ ହୋଇ ରହିଥିଲା । ଋନୁ ତାର ଚେସ୍ ର ଜଣେ ସାର୍ ଙ୍କୁ ଚନା ବିଷୟରେ ସବୁ କଥା ମଝିରେ ମଝିରେ କୁହେ । ସେ ସାର୍ ମଧ୍ୟ କଥାରେ କଥାରେ ସବୁ ବୁଝି ଯାଇଥିଲେ ଦୁଇ ଭଉଣୀଙ୍କ ସଂପର୍କ ବିଷୟରେ । ସେ ଥରେ ଋନୁକୁ କହିଲେ ତୁମେ ଚନା ସାଥିରେ କଥା ହୁଅ । ବଡ ଭଉଣୀ ହିସାବରେ ତୁମେ ତାକୁ କ୍ଷମା କରିଦିଅ । ଋନୁ ଚନାକୁ ଗେହ୍ଲାରେ ଧନ ବୋଲି ଡାକୁଥିଲା । ସେହି ଚେସ୍ ର ସାର ବହୁତ ଚେଷ୍ଟା କରିଥିଲେ ଦୁଇ ଭଉଣୀଙ୍କର ସେହି ପୁରୁଣା ପ୍ରେମଭରା ସଂପର୍କରେ ଫେରେଇ ଆଣିବା ପାଇଁ । ଏବଂ ସେହି ସାର୍ ମଧ୍ୟ

ଗ୍ନୁକୁ ବୁଝେଇବାରେ ସଫଳ ହୋଇଥିଲେ । ଗ୍ନୁ ମଧ୍ୟ ବୁଝିଗଲା ସେ ଯାଇ ପ୍ରଥମେ ଚନା ସାଥୀରେ କଥା ହେଲା । କିନ୍ତୁ ଚନା ଗ୍ନୁ ଉପରେ ଅଭିମାନ କରି ଥିବାରୁ ସେ ତାର ହାତକୁ ଛିଞ୍ଚାଡି ଦେଇଥିଲା । ଗ୍ନୁ ତାକୁ ବୁଝେଇଲା । ତା ପରେ ପୂର୍ବପରି ସେମାନେ କଥା ହୋଇଥିଲେ । କେତେଦିନ ଗଲାପରେ ଗ୍ନୁର ବିବାହ ପ୍ରସ୍ତାବ ଆସିଗଲା ସେ ଚନାକୁ ଛାଡିକି ଶାଶୁ ଘରକୁ ଯିବ ଏକଥା ଭାବି ଭାବି ଚନା ମଧ୍ୟ ବହୁତ ଚନ୍ତାରେ ରହିଗଲା । ଏ ତ ବିଧିର ବିଧାନ, ଗ୍ନୁର ବିବାହ ହୋଇଗଲା ସତ, କିନ୍ତୁ ଗ୍ନୁ ଚନାକୁ କେବେବି ଭୁଲିନଥିଲା । ପୂର୍ବପରି ସେ ତାକୁ ଭଲପାଇଲା, ଦୂରଭାଷରେ ମଧ୍ୟ କଥା ହେଉଥିଲା ।

ଚନା ଗ୍ନୁର ବିଭାଘ ପରେ ମଧ୍ୟ ତା ସାଥୀରେ ଆରାମରେ ଦେଖା କରିପାରୁଥିଲା । ଦୁଇ ଭଉଣୀଙ୍କ ମଧ୍ୟରେ ପୂର୍ବପରି ସେହି ସଂପର୍କ ରହିପାରିଲା । ଏଥିରେ ଆମେ ଶିକ୍ଷା ପାଇଲୁ ଯେ ସଂପର୍କକୁ ଯଦି ଦୁଇଜଣ ଗ୍ରହିଁବେ, ତେବେ ସେହି ସଂପର୍କ ନବିଡ ରହିପାରିବ ।

ତୁଳସୀପୁର, କଟକ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ସପନର ନବବଧୂ



ଦେବବ୍ରତ ଜେନା

କେଉଁ ହୃଦ କନ୍ଦରରୁ  ନର୍ଝରିତ    ନର୍ଝରିଣୀ ତୁମେ
କେଉଁ ରାଗୀଣିର  ମଧୁ  ସ୍ୱର ।
କେଉଁ ରାଇଜର  କୁହୁକ ଜାଲର    ମାୟାବିନୀ ତୁମେ
ଗଢିଦେଲ କେତେ  ବାଲିଘର ।।

ତୁମେ କେବେ ସାଜି ଆସିଲ ମୋ ପାଶେ   ଅକ୍ଷାଂଶ, ଦ୍ରାଘିମା।
ମାନଚତ୍ରେ- ରେଖା, ସମତଳ।
ମୁଁ କେବେ ସାଜିଲି ତୁମ ହୃଦୟର    ଗ୍ରସ୍ତ ଉପତ୍ୟକା
ଶୁଷ୍କ ପ୍ରାନ୍ତେ ନୀର ପୂର୍ଣ୍ଣ କଲ ।।

ତୁମେ  କେବେ କେବେ ସାହାରାର ମରୁ  ପ୍ରାନ୍ତରର  ରେଣୁ
କେତେ ଉତପତ ବାଲି ସ୍ତୁପ ।
ମୁଁ  ଯେ ତୁମ ପାଇଁ କେବେ ପୁଣି ବନେ   ନୀଳ ନଦୀ ସମ
ଅବା ହୃଦୟର ମିଠା ଗନ୍ଧ ।।

କେବେ ବରଫର ଶୁଭ୍ରକାନ୍ତି ସମ    ସ୍ୱଚ୍ଛ  ଓ କଠିନ
ଉଷ୍ମତାରେ ହୁଅ ବିଗଳତ ।

ହୃଦ ସାଗରର ଅସରନ୍ତି ମୁକ୍ତା ମୋତି ଓ ମାଣିକ
ମନ ଉର୍ମି କେବେ ତରଙ୍ଗିତ ।।

ହେଲେ ମନ କାହିଁ ଅମାନଆ ସାଜେ ପ୍ରତୀକ୍ଷିତ ଆଶା
ଆକାଂକ୍ଷାର କେତେ ଚନ୍ଦ୍ର ଆଂକେ ।
ମନ ଗାଲିଗ୍ସ ଓ ହୃଦ କାନଭ୍ସେ ରଂଗତୁଳୀ ଧରି
ମୁକ୍ତାକାଶେ ପୁଣି ତୋତେ ଦେଖେ ।।

ଆହେ ମୋର ପ୍ରିୟତମା- ଅନୁପମା ଫେରି ଆସ ତୁମେ
ସାଜି ସପନର ନବବଧୁ ।
ମୋ ପର୍‌ଣ ବୀଣାର ଝଙ୍କୃତ ବନ ରୁଣୁ ଝୁଣୁ ସାଜି
ସାଉଁଟିବି ତୋର ସପ୍ନେ ଇନ୍ଦୁ ।।

ଶିକ୍ଷକ, ରଣସିଂହପୁର ଆଶ୍ରମ
ଭୋଗରାଇ, ବାଲେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ପ୍ରିୟା ମୋର



ଆଲୋକ କୁମାର ରାଉତ

ସୂର୍ଯ୍ୟ ର କିରଣ ରେ,
ପ୍ରଖରତା ତୁମେ ।।
ଚନ୍ଦ୍ର ର କିରଣ ରେ,
ଶୀତଳତା ତୁମେ ।।
ଆକାଶ ର ନୀଳିମାରେ,
ନିର୍ମଳତା ତୁମେ ।।
ଝରଣା ର ସୌନ୍ଦର୍ଯ୍ୟରେ
ସୁନ୍ଦରତା ତୁମେ ।।
ଶାମୁକା ର ଗର୍ଭରେ,
ମୁକୁତା ତୁମେ ।।
ହୃଦୟ ର ଶୂନ୍ୟତାରେ,
ସମ୍ପୂର୍ଣ୍ଣତା ତୁମେ ।।
ମନ ର ଅସ୍ଥିରତା ରେ,
ସ୍ଥିରତା ତୁମେ ।।
ପୀରତି ର ଗଭୀରତାରେ,
ଅଗଭୀର ତୁମେ ।।
ଉଦ୍ୟାନ ର ଗୋଲାପରେ,
ଗୋଲାପୀ ତୁମେ ।।

ସନ୍ଧ୍ୟା ର ଆଳସ୍ୟତାରେ,
ତତ୍ପରତା ତୁମେ ।।

ରାତ୍ରି ର ଅନ୍ଧକାରରେ,
ଆଲୋକିତ ତୁମେ ।।
ଜୀବନ ର ଆଧାରରେ,
ଅଧାର ତୁମେ ।।

'ପ୍ରତିମା ନାଁ ଧାରଣର ବାସ୍ତବରେ,
ପ୍ରତିଛବିର ପ୍ରତିବିମ୍ବ ତୁମେ ।।
ଆଜିର ଅବାସ୍ତବ ପ୍ରେମ ଜଗତରେ,
ପ୍ରେମ ସନ୍ତକର ବିଶାଳ ସ୍ତମ୍ଭ ତୁମେ ।।'

ଧାତୁ ଏବଂ ମିଶ୍ରଧାତୁ ଯନ୍ତ୍ରୀ,
ଟାଟା ଷ୍ଟିଲ୍ ଲିମିଟେଡ୍
ପୁରିଘାଟ, କଟକ- ୭୫୩୦୦୯

# ମଦ୍ କେଭେ ପିଆବୁ ?



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ଛଅ ମାସ୍ ପରେ ଗାଁ ଥି ପାହା ପକାଇଛେ ସୁରତ୍ । ଆଏଜ୍ ପରକୁତିର୍ ଖୁଲା ପବନ୍ ଟିକେ ପାଏବା । ମନ୍ ଉସତ୍ ଥି ଭରି ଯାଉଛେ । ମାଁ ବୁଆ ଭାଇ ବହେନ୍ ନୁ କେତେ ଦୁରେ ରହି ଛଅ ମାସ୍ କଟାବାର୍ ମାମୁଲି କଥା ନୁହେଁ । ଯେ ଘରୁ କେଭେ ବାହାରକେ ଗୋଡ ନାଇଁ ପକାଇ ଥିବା, ମାଁ ବୁଆ କେ ଛାଡି ନ ରହିଥିବା କେଭେ, ସେ ଜାନସି ଦରଦ୍ ଟା କାଣା । ଋଏତ୍ ଦିନ କେତେ ସୋର୍ କରି କାନ୍ଦିଛେ । ହେଲେ କଛି ହାସିଲ୍ କରବାର୍ ଲାଗି ହେଲେ ଦୁଖ୍ ଦରଦ୍ ସହି ମେରଖୁମ୍ ଲେଖେ ଟାନ୍ ହେବାର୍ କେ ପଡସି, ସୁରତ୍ ଇ କଥାଟା ଭଲ୍ ଭାବେ ଜାନ ସାରିଥିଲା ।

ଦୁଖ୍ ଦରଦ୍ ହେଲେ କାଣା ତାହାକେ ତ ଛୁଆ ବେଲୁ ଘାଁଟିଛେ । ଭୁକେ ଶୁଷେ ରହି ଚର୍ହା ପେଁଟ୍ ସାଟ୍ ପିନ୍ଧି ପାଠ୍ ପଡିଛେ । ହେଲେ ସେ ଦୁଖ୍ ଆରୁ ଇ ଦୁଖ୍ ଥି ବହୁତ୍ ତଫାତ୍ ଅଛେ ।

ଗାଁଟା ଅଧା ବଦଲି ଯାଇଛେ । ଗାଁଥି ଲେଟ୍ରି ଖୁମା ମାନେ ଧାଡି ଧାଡି ଖୁଁଟା ମାରି ଠିଆ ହଇଛନ୍ । ଆରୁ ଯାଗା ଯାଗା ଢୁଡା କୁଡାହଇଛେ । ହେଲେ ଗାଁଥି ଯେନ ଆମ୍ ଲିମ୍ ପିପଲ୍ ତେତେଲ୍ ଗଛମାନ୍ ଥଲା, ଟ୍ରେନ୍ ଥି ଗୋଡ କଟଲା ମେତାର୍ ଠୁଁଟା ହଇ ପଡିଛନ୍ ତରା ପଟିଆ ଲେଖେ । କାଏଁ ହେଲା ଯେ ସବୁ ଗଛ କାଟି ଦଉଛନ୍ ବୁଝି ନ ହେବାର୍, ସରକାର ଗଛ ଜଗ କହୁଛେ ଇମାନେ କାଟି କରି ସାଫ କରୁଛନ୍, ଗାଁ ଆରୁ ଗାଁ ହଇ ନାଇଁ ରହେ ଲେଖେ ଲାଗୁଛେ । କେତେ ସୁନ୍ଦର ପରକୁତିର୍ ପବନ୍ ମିଲୁଛେ ହେଟା ବି ଘାଏ ବନ୍ଦ ହଇଯିବାର୍ ମେତାର୍ ଲାଗସି । ଗାଁ ବିକାଶ କରୁ କନ୍ତୁ ପରକୁତିକେ ଧରିକରି, ତାହାକେ

ନୁକ୍ସାନ୍ କରି ନାଇଁ ।

ଭାବନା ଥି ପଡି କେତେବେଲ୍ରୁ ଘରକେ ଆସିଗଲା ଜାନ ନ ପାରଲା । ଘରେ ସଭେ ଦେଖି ଉସତ୍ ଆନନ୍ ଥି ଘର ପୁରିଗଲା । ମାଁର ଆଏଁଖ ଥମ୍ ଥମାଇ ଅଛରେ ଖୁସିର୍ ବର୍ଷା ଝରି ପଡଲା ।

ଚାକରି କଲା ଦିନୁ ଘରର୍ ଚଲବାର୍ ଥି ଟିକେ ଉନ୍ନତି ହଇଛେ । ଭୁକେ ଶୁଷେ ରହୁଥିଲେ ଟା ଏଛେନ୍ ଟିକେ ବଦଲିଛେ ।

ସୁରତ୍ ଘରେ କଛି ସମିଆ ରହେଲା କ, ଛକ୍ ଆଡେ ଟିକେ ବୁଲି ବାହାରଲା । ସତ୍ କହେବାକେ ଗଲେ ସେ ଯେତକ ଅନୁମାନ୍ କରିଥିଲା ତାରନୁ ବେଶି ବଦଲି ଥିଲା ଗାଁ । ବଏସ୍ ଥି ବହୁତ୍ ଛୋଟ୍ ପିଲାଟେ ଖେଜରିଆ ଘରୁ ପି କରି ଲେଡେଙ୍ଗ୍ ଲେଡେଙ୍ଗ୍ କରି ବାହାରୁ ଥିଲା । ତାର ପଛେ ବାହାରଲା ଝନେ ଯେ କ ଦାଦା ଲାଗବା । ଦେଖିକରି ମତେ ଅଟକଲା ଆରୁ କହେଲା - ତୁଇ ପରେ ଚାକରୀ ପାଏଲୁ, ମଦ୍ କେଭେ ପିଆବୁ ? ଏନ୍ତା କହେବା କ ପଚାରବା ବଲି କେଭେ ବିଶ୍ୱାସ୍ କରି ନ ଥିଲା ସୁରତ୍ । ଚାକରୀ ମୁଇଁ କରମି, ପାଠ୍ ମୁଇଁ ପଢମି, ଦୁଖ୍ ଦରଦ୍ ମୁଇଁ ସହେମି ଆରୁ ଇତାକୁ ମାହାଲିଆ ମଦ୍ ପିଆମି । ମୁଇଁ ଭୁଖେ ଶୁ ଥିଲି ଚର୍ହାଟା ପିନ୍ଧୁଥିଲି ବେଲେ ତ ଆହା ଟିକେ ନ କରି, ଆ ଖାଏବୁ କ ନେ ପିନ୍ଧବୁ ବଲି ନ କହି, ଏଛେନ୍ ଚାକରିଟେ ପାଏଲି କ ମଦ୍ ପିଆବୁ । ବୁଆଗୋ ବୁଆ । ଭାବଲା ଘାଏ ସୁରତ୍ । ଦେଖ୍ ଦାଦା ମୁଇଁ ଚାକରି ପାଏଲି ଠିକ୍ ଆଏ, ତୁଇ ମାଗୁଛୁ ମୁଇଁ ଦେମି । କନ୍ତୁ ତତେ ମଦ୍ ନ ଦିଏ । ଚାଲ ଯାହା ମିଠା ଖାଏବୁ, ନେବୁ ଦେମି । ହଜାରେ ଖା କ ଦୁଇ ହଜାର୍ ଖା । କନ୍ତୁ ମଦ୍ ପିମି କହେଲେ ଟଁକାଟେ ନ ଦିଏ । କାଁ କରି ବଏଲେ ମୋର ଝାଲ୍ ପୁଛା ପଏସା ବେଫାଲତୁ ମଦ୍ ଥି ନ ଦିଏଁ । ତୁଇ ମତେ ଖରାପ୍ କହ କ ଠିକ୍ କହ ।

ତୁଇ ତ ଭୟା ହେନ୍ତା କହେସୁ ଆମେ ଖାଏବାର ଲୋକ୍ ଲେଖେ ଦିସୁଛୁ, ଆମେ ପିଇବାର ଲୋକ୍ ଆଉଁ । କହ ଭୟା ମଦ୍ କେଭେ ପିଆବୁ ? ଗୁକରି କଲୁ ଖୁସି ଥି ଦାଦା କେ ମଦ୍ ଟିକେ ପିଆଇ ନ ପାରୁ । ଆରୁ କାଣା କରବୁ ?

ମୁଇଁ କହେଲି କାଏଁଜେ ଦାଦା ମଦ୍ ପିବାର୍ କେ ଟଁକାଟେ ନ ଦିଏଁ । ଖାଏବୁ କ ନେବୁ ବେଲେ ହଜାରେ ର ଖୁଆମି ।

ଏତକ ବେଲେ ତାର୍ ଝିଟା କୁଦି କୁଦି ଆସଲା ଆରୁ ଇସ୍କୁଲ ର ଫିସ୍ ମାଗଲା । ମଦ୍ ପିବାର୍ କେ ପଏସା ନାଇଁ ଆରୁ ଫିସ୍ ମାଗୁଛେ, ସଥେ ପଢ଼ିକରି ବଢେ ଗୁକରି କରବା ଲେଖେ, ପର୍ ଘରକେ ଗଲେ ଖୁରି ମାଜବା ଆରୁ । ଯା କଲେ କଲେ ପଏସା ନ ନ ।ବିଚରି ଛୁଆ କାନ୍ଦି କାନ୍ଦି ପଲାଉଥିଲା । ମୁଇଁ ଅଟକାଇ କେତେ ଟଁକା ଫିସ୍ ନନ କହେଲି, ତ ପଗ୍ସ କହେଲା । ତାହାକେ ଦେଇ କରି ଭଲ କରି ପଢବୁ କହେଲି । ଆରୁ ଆସି କରି କହେଲି ଦାଦାକେ ଇଥିର୍ ଲାଗି ତମକେ ମାନକେ ପଏସା ନ ଦିଏଁ ମଦ୍ ପିବାର୍ ଲାଗି । ଯେନଟା ପି କରି ନଜର ବୁଧି ଗିଆନ୍ ହଜାଉଛ ।

ସତେ ତ ମୋର ଗାଁ ଗୁଟେଆଡେ ବିକାଶ କରୁଛେ ବଲି ମୁଁଡକେ ସୁଁଆରି ଛକ୍ ଆଡେ ନ ଯାଇ ଘରକେ ଫେରି ଆସଲି ଏକ୍ ମୁହାଁ ହଇ ଭେଲ୍ ଆଉ କେ ହେନ୍ତା ଲୋକଟେ ମିଲିଯିବା ବଲି ।

ପ୍ରଧାନପାଲି, ସମ୍ବଲପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଏଇତ ନୁହେଁ ସେ ପଥ



କବି ପ୍ରସାଦ

ଆରେ
ଏଇତ ନୁହେଁ ସେ ପଥ
ମୁଁ ତୁମେ ଆମେ ସମସ୍ତେ
ଯିବାପାଇଁ ଯେଉଁ ପଥରେ
ଆରମ୍ଭ କରିଥିଲେ ଯାତ୍ରା ।
ସ୍ୱାର୍ଥ ନଥିଲା ସହଯାତ୍ରୀ
ଅର୍ଥ ନଥିଲା ଯାତ୍ରାର ଲକ୍ଷ୍ୟ
ପ୍ରେମର ଅସରନ୍ତି ଧନ
ବାଣ୍ଟିବାକୁ ବାହାରି ଥିଲେ
ହେଲେ ଏ କଣ ହେଲା
ସ୍ୱାର୍ଥପର ଅର୍ଥର ଦାସ
କେବେଠାରୁ ହୋଇଗଲେ ।
ଛଳନାର ହସ ହସି
ମଣିଷରୁ କେବେଠାରୁ ହୋଇଗଲେ
ନିର୍ଦ୍ଦୟୀ ଅତ୍ୟାଗ୍ଚରୀ ଅମଣିଷ
କାମନା ବାସନାରେ ଲିପ୍ତହୋଇ
ପ୍ରେମର ପରିଭାଷା ଭୁଲି
ଘୃଣାକୁ ଆପଣେଇ ଭଲପାଇବାକୁ ଭୁଲିଯାଇ
ଶାନ୍ତିର ମାର୍ଗକୁ ଛାଡି
ଆଗେଇ ଗ୍ଚଲିଛେ ଅବାଟରେ
ବାଟବଣା ହୋଇ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା, ବଲାଙ୍ଗୀର, ଓଡିଶା।

# ବିନତି



ଶିବାନନ୍ଦ ବନଛୋର

ତ୍ରେତୟାରେ ପ୍ରଭୁ ଗୋଟିଏ ରାବଣ
କଳିଯୁଗେ ପ୍ରଭୁ କୋଟି କୋଟି ଜଣ ।
ସତୀ ସୀତା ହରି କରିଲା ଅନ୍ୟାୟ
ଅବତରି ପ୍ରଭୁ ଦେଲ ଯେ ଦଣ୍ଡାୟ ।
ଏଠି ନିମିଷକେ ସହସ୍ର ସତୀ ଯେ
ଅତ୍ୟାଚାରୀତ ଯେ ଅତି ବର୍ବରରେ ।
ତଥାପି ତ ପ୍ରଭୁ ଦେଖା ନାହି ତୁମ୍ଭ
ଦେବାକୁ ତାହାଙ୍କୁ ସାହସର ଦମ୍ଭ ।
ଏକ ଦଶାନନ ପ୍ରଣିବା ସକାଶେ
ବାନର ସେନା ତ ନେଲ ତୁମ୍ଭ ସାଥେ ।
କୋଟି ଦଶାନନ ଦଂଶିବାକୁ ପ୍ରଭୁ
କାହିଁ ବା କୁଣ୍ଠିତ ହୁଅ ତୁମ୍ଭେ ବିଭୁ ।
ସାଧୁ ଜନଙ୍କର ହିତ ପାଇଁ ପ୍ରଭୁ
ଦାନବ ସଂହାର କର ଯୁଗୁ ଯୁଗୁ ।
ଏଠି ସାଧୁ ଜନ ନାହିଁ ତାଙ୍କ ସ୍ଥାନ
ସହୁଛନ୍ତି ପୁଣି ନା ନା ଯେ କଷଣ ।
ମନ୍ଦିରରେ ରହି କଅବା ଜାଣୁଛ
କବାଟ ଖୋଲିଣ ଥରେ ଆସି ଦେଖ ।
ଟିକକ ବିନତି ପ୍ରଭୁ ତୁମ୍ଭ ପାଶେ
ଅନ୍ୟାୟ ନିପାତ ଧର୍ମର ସକାଶେ ।

ଶକ୍ତି, ଝାରବନ୍ଧ

# ନଦୀରେ ସ୍ନାନପାଇଁ ଟିକସ



ବାଲ୍ମୀକ ନାୟକ

ବର୍ଷର ପ୍ରତ୍ୟେକ ମାସରେ ଅନେକ ତିଥି, ଅମାବାସ୍ୟା ଓ ପୂର୍ଣ୍ଣିମା ଅଛି । ଏହି ଦିନ ଗୁଡିକରେ ପବିତ୍ର ନଦୀଗୁଡିକରେ ସ୍ନାନ କରି (ବୁଡ ପକାଇ) ପାପ ସୁଧାରିବାର ଏକ ସହଜ ଓ ସରଳମାର୍ଗ ହିନ୍ଦୁଧର୍ମ ଆମକୁ ଦେଖେଇଛି । ଏହାର ଅର୍ଥ ନୁହେଁ ଯେ, ବର୍ଷର ୩୬୫ ଦିନ ପାପ କରି ଦିନେ ବା ଦୁଇଦିନ ନଦୀରେ ସ୍ନାନ କରି ଶୁଦ୍ଧ ହୋଇଯାଅ ବରଂ ପାପ କରୁଥାଅ ଏବଂ ସ୍ନାନ ବି କରୁଥାଅ । ସେହି ସମୟରେ ନଦୀ କୂଳରେ ଚତାଚଇତନ ମଣ୍ଡିତ ଧୂନ ଜଳେଇ ବସିଥିବା ପଣ୍ଡା ଓ ପୁରୋହିତଙ୍କୁ ମନଖୋଲି ଦାନ- ଦକ୍ଷିଣା ବି ଦେଉଥାଅ ।

ବିଶିଷ୍ଟ ପର୍ବଦିନଗୁଡିକରେ ଲକ୍ଷଲକ୍ଷ ଭକ୍ତ ହଜନକୀର୍ତ୍ତନ କରି ନଦୀ ଆଡକୁ ମାଡିଯାଆନ୍ତି । ନଦୀରେ ବୁଡ ପକାଇବା ସମୟରେ ପହଁରି ଜାଣି ନଥିବା କଛି ବ୍ୟକ୍ତି ସବୁଦିନ ପାଇଁ ପାଣିରେ ବୁଡି ପ୍ରାଣ ହରାଇଥାନ୍ତି । ସେମାନଙ୍କୁ ମୋକ୍ଷ ମିଳଗଲା ବୋଲି କହି ଘରଲୋକମାନେ ନଜ ମନକୁ ସାନ୍ତ୍ୱନା ଦେଇଥାନ୍ତି । ଆଉ କଛି ଲୋକଙ୍କୁ ନଦୀରେ ବୁଡି ମୋକ୍ଷପ୍ରାପ୍ତ କରିବା ସୁଯୋଗ ମିଳ ନଥାଏ, କାରଣ ବୁଡ ପକାଇବା ପାଇଁ ଦୂର ଜାଗାରୁ ଟ୍ରେନ୍ ଡବା ଉପରେ ବସି ତୀର୍ଥଯାତ୍ରା କରୁଥିବାବେଳେ କମ୍ବା ତୀର୍ଥଯାତ୍ରୀ ବସର ଦୁର୍ଘଟଣା ଯୋଗୁଁ ଅଧାବାଟରେ ହିଁ ମୃତ୍ୟୁବରଣ କରିଥାନ୍ତି । ଟ୍ରେନ କମ୍ବା ବସ୍ ଦୁର୍ଘଟଣାକୁ ନେଇ ହୋ ହାଲ୍ଲା ହେଲେ ସ୍ଥାନୀୟ ସରକାର ତୁରନ୍ତ ମୃତବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ଦେଇ ଶାନ୍ତ କରାଇ ଦିଅନ୍ତି । ପରିବାର ଲୋକ ଭାବନ୍ତି, ମରିବା ଲୋକ ତ ଗଲା, କନ୍ତୁ ଯାହାହେଉ,

ସେ ଲକ୍ଷେଟଙ୍କା ପରିବାରପାଇଁ ଯୋଗାଡ କରିଦେଇ ଗଲ୍ । ଦ୍ୱିତୀୟରେ ଶବ ସତ୍କାର ସମସ୍ୟା ବି ରହିଲ୍ ନାହିଁ ।

ଧର୍ମ ଦୃଷ୍ଟିରୁ, ମଧ୍ୟପ୍ରଦେଶର "ହୋଶଙ୍ଗାବାଦ" ସହର ଏକ ବିଶିଷ୍ଟ ତୀର୍ଥସ୍ଥଳ, କାରଣ ଏଠାରେ ନର୍ମଦା ନଦୀ ଅଛି । ଏହି ନଦୀ ଆମ ଦେଶର ଏକମାତ୍ର ଅବିବାହିତା ( କୁମାରୀ) ନଦୀ ହିସାବରେ ବିଶେଷତ୍ୱ ରହିଛି । ମଧ୍ୟପ୍ରଦେଶର ଜନତା ଯେଉଁଭଳ ଏହି ନଦୀର ଗୁଣଗାନ କରନ୍ତି, ସେଥିରୁ ଆପଣଙ୍କୁ ଲ୍ଗିବ ଯେ ପ୍ରାଚୀନ କାଳରେ ନଦୀମାନେ ବି ବିବାହ କରୁଥିଲେ ଅର୍ଥାତ ନଜର କୌମାର୍ଯ୍ୟକୁ ଅକ୍ଷତ ରଖିପାରୁ ନଥିଲେ । କେବଳ ନର୍ମଦା ନଦୀ ହିଁ ନଜର କୌମାର୍ଯ୍ୟ ବଞ୍ଚେଇ ରଖିପାରିଛି ।

ଗତ ୨୦୦୭ ମସିହାରେ "ହୋଶଙ୍ଗାବାଦ" ନଗରପାଳକାର ଅଧ୍ୟକ୍ଷ ନରେନ୍ଦ୍ର ପାଣ୍ଡେ ଏକ ପ୍ରସ୍ତାବ ଦେଲେ ଯେ, ନର୍ମଦା ନଦୀରେ ସ୍ନାନ କରିବାପାଇଁ ଆସୁଥିବା ଭକ୍ତମାନଙ୍କଠାରୁ ସରକାର ଟିକସ ଆଦାୟ କରିବା ଉଚତ । ସାଧୁ, ସନ୍ଥ, ସନ୍ୟାସୀ, ପଣ୍ଡା, ପୁରୋହିତଙ୍କ ସହିତ ଅନ୍ୟ ସଂପ୍ରଦାୟର ଲୋକମାନେ ଏହାକୁ ବିରୋଧ କରି କହିଲେ – "ବିଶ୍ୱାସ ବା ଶ୍ରଦ୍ଧା ଯୋଗୁଁ ନଦୀରେ ସ୍ନାନ କରିବାକୁ ଆସୁଥିବା ଭକ୍ତମାନଙ୍କ ଉପରେ ଟିକସ ଲଗାଇବା ଅନ୍ୟାୟ ହେବ ।"

ଏଥିରେ ଗୋଟିଏ କଥା ବୁଝିହେଉଛି ଯେ, ଆମ ଜନତାଙ୍କ ଭିତରେ ଆଉ କଛି ପାଇଁ ବିରୋଧ କରିବା ପ୍ରବୃତ୍ତି ଥାଉ କ ନଥାଉ, ଟିକସ ବିରୋଧୀ ଚେତନା ସକ୍ରିୟ ଅଛି । ସରକାରଙ୍କୁ ଟ୍ୟାକ୍ସ ଫାଙ୍କିବା କମ୍ବା କମ୍ ଟାକ୍ସ ଦେବା ପ୍ରବୃତ୍ତି ସମସ୍ତଙ୍କ ପ୍ରାୟ ଅଛି । ସରକାରଙ୍କ କାମ ହେଉଛି ଟ୍ୟାକ୍ସ ଲଗେଇବା ଏବଂ ଜନତାଙ୍କ କାମ ହେଉଛି ଏହାର ବିରୋଧ କରିବା । ଜନତାଙ୍କ ବିରୋଧ ଯୋଗୁଁ ସରକାର ଟ୍ୟାକ୍ସରେ ସାମାନ୍ୟ ରିହାତି ଦେଇ ଶାନ୍ତ କରିଦିଅନ୍ତି । ଲୋକମାନେ ଭାବନ୍ତି, ଆମେ ସରକାରଙ୍କୁ ଜିତିଗଲୁ । ପ୍ରକୃତରେ ସରକାରଙ୍କୁ ଯେତିକ ଦରକାର ଥିଲା, ସେତିକ ପାଆନ୍ତି ।

ଏହି ଅର୍ଥନୀତି କିନ୍ତୁ ନର୍ମଦା ନଦୀରେ ସ୍ନାନ ଉପରେ ଟ୍ୟାକ୍ସ ପାଇଁ ଲାଗୁ ହୋଇପାରିଲା ନାହିଁ, କାରଣ ଶହଶହ ବର୍ଷରୁ ନଦୀ ସ୍ନାନ କରି ପୁଣ୍ୟ ଅର୍ଜନ କରିବା ଭଳି ଏକ ଧାର୍ମିକ ପରମ୍ପରା ଉପରେ ଟ୍ୟାକ୍ସ ତାକୁ ଲଗେଇବାପାଇଁ ଛାର ନଗରପାଳିକାର ଅଧ୍ୟକ୍ଷଙ୍କ ଦୁଃସାହସକୁ କିଏ ବା ବରଦାସ୍ତ କରିଥାନ୍ତା? ସମସ୍ତେ ବିରୋଧ କଲେ ।

ଅସଲ କଥା ହେଉଛି – ଜନତା ସରକାରଙ୍କୁ ସିନା ଟ୍ୟାକ୍ସ ଦେବାକୁ ବିରୋଧ କରନ୍ତି, ନଦୀରେ ସ୍ନାନ କରିବା ସମୟରେ ପାଣିରେ ମୁଦ୍ରା ଫିଙ୍ଗିବା ଏବଂ ସ୍ନାନ କରିସାରି ପବିତ୍ର ହୋଇ ପାଣିରୁ ବାହାରି ପଣ୍ଡା, ପୁରୋହିତକୁ ଦାନ ଦକ୍ଷିଣା ଦେବାକୁ ଭୁଲନ୍ତି ନାହିଁ । ପୁରୋହିତମାନେ ଭକ୍ତଙ୍କ ଚଉଦପୁରୁଷଙ୍କ ପାଇଁ ଆଶୀର୍ବାଦ ମନ୍ତ୍ର ପଢିସାରି ଭକ୍ତଙ୍କ ଷ୍ଟରେ ଯେଉଁ ତିଳକ ଲଗାଇ ଦିଅନ୍ତି, ତାହା ହେଉଛି ଭକ୍ତଙ୍କ ଦ୍ୱାରା ଦିଆଯାଉଥିବା ଟ୍ୟାକ୍ସର ପ୍ରମାଣିକ ରସିଦ ଉପରେ ମୋହର ।

ନର୍ମଦା ନଦୀରେ ସ୍ନାନ କରି ଟ୍ୟାକ୍ସ ଦେବାକୁ ବିରୋଧ କରୁଥିବା ଲୋକମାନେ ସେହି ନଦୀର ପାଣିକୁ ଜଳଯୋଗାଣ ସଂସ୍ଥା ଦ୍ୱାରା ଘରକୁ ଦିଆଯାଉଥିବା ପାଣି ପାଇଁ ଟ୍ୟାକ୍ସ ଦେବାକୁ ତ ମନା କରୁନାହାନ୍ତି । ନର୍ମଦା ନଦୀ ଘାଟରେ ବସି ଟ୍ୟାକ୍ସ ସଂଗ୍ରହ କରୁଥିବା ପଣ୍ଡା, ପୁରୋହିତଙ୍କ ପେଟରେ ଲାତ ମାରିବାକୁ ବି କେହି ସାହସ କରୁନାହାନ୍ତି, କାରଣ ଟ୍ୟାକ୍ସ ଦେଇ ସରକାର ରସିଦ ପାଇବା ଏବଂ ଦାନ ଦକ୍ଷିଣା ଦେଇ ମୋକ୍ଷପ୍ରାପ୍ତ କରିବା କେବେ ବି ଏକାକଥା ନୁହେଁ । ପୁରାଣ, ଶାସ୍ତ୍ର ଏବଂ ରସିଦ ଭି ଭିତରେ କିଛିଟା ଫରକ ତ ରହିବା ଉଚିତ । ନଗରପାଳିକ କଣ ପଣ୍ଡାମାନଙ୍କ ଭଳି ପାପକ୍ଷୟ ହୋଇଯିବାର ଗ୍ୟାରେଣ୍ଟି ଦେଇପାରିବେ? ସରକାରୀ ଟ୍ୟାକ୍ସ ନେଇ ରସିଦ କାଟି ଦେଉଥିବା ବ୍ୟକ୍ତି ଶ୍ଳୋକ ପଢିପାରିବନି କିମ୍ବା ଆଶୀର୍ବାଦ ଦେଇପାରିବନି । ତେଣୁ କୌଣସି ଫାଇଦା ନାହିଁ ଏବଂ ଏହାର ବିରୋଧ କରାଯିବା ଉଚିତ ।

ଗଙ୍ଗା, ଯମୁନା, ନର୍ମଦା ଓ ଅନ୍ୟାନ୍ୟ ପବିତ୍ର ନଦୀଘାଟରେ ବସିଥିବା ପଣ୍ଡାମାନେ ଯେଉଁ ଭାଷାରେ ନଦୀର ମହାତ୍ମ୍ୟ ବର୍ଣ୍ଣନା କରିଥାନ୍ତି, ଶୁଣି ନର୍ମଦାଭୋଗ ଭୟରେ ଶ୍ରଦ୍ଧାଳୁମାନେ ନଦୀର ଦୂଷିତ ଜଳରେ ବି ପଶି ବୁଡ ପକାଇବାକୁ କୁଣ୍ଠାବୋଧ କରନ୍ତିନାହିଁ ।

**ନଦୀ ସ୍ନାନପାଇଁ ଟ୍ୟାକ୍ସର ଉଦ୍ଦେଶ୍ୟ:**

ହୋଶଙ୍ଗାବାଦର ତତ୍କାଳୀନ ନଗରପାଳିକାର ଅଧକ୍ଷ ନରେନ୍ଦ୍ର ପାଣ୍ଡେ ସମାଜର କିଛି ବୁଦ୍ଧିବାଦୀ, ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ଜାଣିପାରିଲେ ଯେ, ନଦୀଘାଟରେ ହଜାରହଜାର ଲୋକ ସ୍ନାନ କରୁଥିବାରୁ ସେଠିକାର ଜଳ ଦୂଷିତ ହୋଇଯାଉଛି । ଦ୍ୱିତୀୟରେ, ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ କେତେକ ଭକ୍ତ ପାଣିରେ ବୁଡି ପ୍ରାଣ ହରାଉଛନ୍ତି । ଭକ୍ତମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷାପାଇଁ ନଦୀଘାଟଗୁଡିକ ନିୟମିତଭାବେ ସଫା କରିବାକୁ ପଡିବ ଏବଂ ଗାଧୁଆ ତୁଠ ନିର୍ମାଣ କରିବାକୁ ହେବ । ସେଥିପାଇଁ ଯେଉଁ ଅର୍ଥ ଖର୍ଚ୍ଚ ହେବ, ତାହା ଭକ୍ତମାନଙ୍କଠାରୁ ଆଦାୟ ହେଲେ ନଗରପାଳିକା ଉପରେ ଆର୍ଥିକ ବୋଝ ପଡିବ ନାହିଁ । ଭକ୍ତମାନଙ୍କୁ ବି ପ୍ରତ୍ୟକ୍ଷ ଭାବେ ଫାଇଦା ମିଳିପାରିବ ।

ଏହି ତର୍କକୁ କେହି ବି ଧ୍ୟାନ ଦେଲେନାହିଁ । କାରଣ ନଦୀଜଳ କପରି ସ୍ୱଚ୍ଛ ରହିପାରିବ? ନଦୀ ଜଳକୁ କଭଳି ପ୍ରଦୂଷଣମୁକ୍ତ କରାଯାଇପାରିବ? ପର୍ଯ୍ୟାବରଣକୁ କପରି ସଫା ରଖାଯାଇପାରିବ? ଏହି ପ୍ରଶ୍ନଗୁଡିକର ଉତ୍ତର କୌଣସି ଧର୍ମଗ୍ରନ୍ଥରେ ଲେଖାନାହିଁ କମ୍ବା ପଣ୍ଡା ପୂଜାରୀ ବି ଏହା ଜାଣନ୍ତି ନାହିଁ । ଧର୍ମୀୟ ବିଶ୍ୱାସ ଯୋଗୁଁ ଜନତା ଦୂଷିତ ଜଳରେ ସ୍ନାନ କରି ଅସୁସ୍ଥ ହୁଅନ୍ତୁ କମ୍ବା ଦୁର୍ଘଟଣା ଘଟି ପାଣିରେ ବୁଡି ମରନ୍ତୁ, ସେମାନଙ୍କର କୌଣସି ଚନ୍ତା ନାହିଁ । ସେମାନଙ୍କର କେବଳ ଗୋଟିଏ ମତଲବ ହେଉଛି, "ଯିଏ ଏଠାକୁ ଆସୁଛି, ଆମକୁ କିଛି ଧନ ଦେଉଯାଉ ।" ପ୍ରତି ବଦଳରେ ଭକ୍ତ ପୁଣ୍ୟ ନେଇଯାଉଛି କି ରୋଗ ନେଇଯାଉଛି, ସେ କଥା ଭକ୍ତ ନିଜେ ବି ବୁଝିପାରୁନାହିଁ । ସବୁକିଛି "ଭାଗ୍ୟ"ର ଖେଳ ବୋଲି ସେ ଭାବୁଛି । ବିଜ୍ଞାନ ଦ୍ୱାରା ଉତ୍ପାଦିତ ପ୍ରତ୍ୟେକ ଆଧୁନିକ ଉପକରଣର ଉପଯୋଗିତା ଓ ବ୍ୟବହାର ଜାଣିପାରୁଥିବା ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଦୂଷିତ ଜଳରେ ବୁଡପକାଇ ମୋକ୍ଷ ପାଇବାର ଲୋଭ ସମ୍ବରଣ କରିପାରୁନାହାନ୍ତି । ଧର୍ମୀୟ ବିଶ୍ୱାସର

କୁପ୍ରଭାବ କେତେ ଶକ୍ତିଶାଳୀ, ଏଇଥିରୁ ଆମେ ବୁଝିପାରିବା । ଶାରିରୀକଭାବେ ମଣିଷ ଯେତେ ସବଳ ହୋଇଥିଲେ ବି ମାନସିକ ସ୍ତରରେ ଅନେକ ପଛରେ ରହିଛି ।

ଆମେ ଯଦି ତଥାକଥିତ ଭକ୍ତମାନଙ୍କୁ କହିବୁ – "ଧର୍ମ ନାମରେ କେହି ଆପଣଙ୍କୁ ଠକୁଛନ୍ତି", ସେମାନେ ଉତ୍ତର ଦିଅନ୍ତି – ସେଇଟା ଆମର ବ୍ୟକ୍ତିଗତ ବ୍ୟାପାର । ଆମର କେତେ ଲାଭ ବା କ୍ଷତି ହେବ, ସେକଥା ଆମେ ବୁଝିବୁ । ଆପଣ ତ ନାସ୍ତିକ ବ୍ୟକ୍ତି, କେମିତି ଜାଣିବେ ମୋକ୍ଷପ୍ରାପ୍ତିର ଆନନ୍ଦ କେତେ?

ଧନ୍ୟ ଆମର ଧର୍ମାନ୍ଧ ଭାରତୀୟ ଜନତା! ଦେଶର ଲକ୍ଷ ଲକ୍ଷ ପଣ୍ଡା, ପୁରୋହିତମାନଙ୍କୁ ନିଜର କଷ୍ଟ ଉପାର୍ଜିତ ଧନ ଦାନ କରି ପାଳନପୋଷଣ କରୁଛନ୍ତି । ଜନତାଙ୍କ ଆସ୍ଥା ଓ ବିଶ୍ୱାସ ରହିଛି ଯେ ପଣ୍ଡା, ପୁରୋହିତମାନଙ୍କର ସମ୍ପର୍କ ସିଧା ଭଗବାନଙ୍କ ସହିତ ରହିଛି । ସେମାନେ ଚାହିଁଲେ ସ୍ୱର୍ଗକୁ ପଠାଇପାରିବେ, ନ ହେଲେ ନର୍କ ଗତି ହେବ । ତେଣୁ ପଣ୍ଡା, ପୂଜାରୀଙ୍କୁ ଦାନଦକ୍ଷିଣା ଦେବା ନିହାତି ଆବଶ୍ୟକ ।

ଆମର ଏହି ଜଡ ମାନସିକତା ମୂଳରେ "କୁମ୍ଭମେଳା" ନାମକ ମହାପର୍ବ ପାଳନ ହେଉଛି, ଯାହା ଦୁନିଆର ଏକମାତ୍ର ସମୂହ ସ୍ନାନ ଉଦ୍ୟୋଗ । ଏହି ପର୍ବ ସମୟରେ କୋଟିକୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ଲକ୍ଷଲକ୍ଷ ନରନାରୀ ନଦୀ ଜଳରେ ବୁଡପକାଇ ପାପ କ୍ଷୟ ହୋଇଥିବାର ଏକପ୍ରକାର ମାନସିକ ଶାନ୍ତି ନେଇ ଗୃହକୁ ଫେରିଥାନ୍ତି । ସେମାନଙ୍କୁ ଯଦି ତୀର୍ଥଯାତ୍ରାର ଅଭିଜ୍ଞତା ସଂପର୍କରେ ପ୍ରଶ୍ନ କରାଯାଏ, ତେବେ ଜଣେ ବି ସନ୍ତୋଷଜନକ ଉତ୍ତର ଦେଇପାରିବେ ନାହିଁ । ସମସ୍ତ ସରକାର ଓ ପ୍ରଶାସନର ଅବ୍ୟବସ୍ଥାପାଇଁ ଅସନ୍ତୋଷ ବ୍ୟକ୍ତ କରିବେ । ଏପରିକି ସେଠିକାର ପଣ୍ଡା, ପୂଜାରୀଙ୍କ ଦୁର୍ବ୍ୟବହାର ପାଇଁ ବି କ୍ଷୋଭ ପ୍ରକାଶ କରିବେ କିନ୍ତୁ ନିଜେ କାହିଁକି ଏତେ ଅସୁବିଧା ଭୋଗ କରି କୁମ୍ଭମେଳାକୁ ଯାଇଥିଲେ ସେକଥା କହିବେ ନାହିଁ । ବରଂ ଜନତା ଖୁସିରେ ଗାଇ ବୁଲୁଛନ୍ତି – "ନଦୀରେ ବୁଡା ପକାଅ, ପାପ ମୁକ୍ତ ହୁଅ ।" ତେଣୁ ଆମର ଆଉ କହିବାପାଇଁ କିଛି ନାହିଁ ।

କେ.ଆର. ପୂରମ, ବାଙ୍ଗାଲୋର

# ପହିଲି ଦେଖାରୁ କମିଆଁ କରିଛୁ



କାହ୍ନୁ ଚରଣ ସାହୁ

ଗୋଲାପୀ ଓଠରେ କହୁଥାଏ ଯେବେ
ଲାଜେଇ ଲାଜେଇ କଥା
ଶୁଣୁଥାଏ ମୁହିଁ ମନଧ୍ୟାନ ଦେଇ
ଭୁଲି ଯେତେ ହୃଦ ବ୍ୟଥା !

କ୍ଷଣକର ଲାଗି ଆଖି ବୁଜିଦେଲେ
ନାଚଉଠେ ତୁମ ଛବି
ଭଲ ମୁଁ ପାଉଛି ତୁମକୁ ସଜନୀ
ତୁମେ ମୋ ମନର ଦେବୀ !!

ଅସୁମାରୀ ମନେ ଉଙ୍କିମାରେ କେତେ
ତୁମକୁ ନେଇ ଗୋ ମୋର
ହୃଦୟ ଦେଇ ମୁଁ ଭଲ ପାଉଅଛି
କରିବନ କେବେ ପର !!

ରୁଣୁ ଝୁଣୁ ତୁମ ପାଦର ପାଉଁଜି
ପାଗଳ କରିଛି ମୋତେ
ଦିନରାତି ମୁହିଁ ସପନ ଦେଖୁଚ
ପାଇବାକୁ ଗୋରୀ ତତେ !!

ପହିଲି ଦେଖାରୁ କମିଆଁ କରିଛୁ
ହୃଦୟେ ଲାଗିଛି ନିଆଁ
ସେ ପ୍ରେମ ନିଆଁରେ ନିତି ଜଳୁଥାଏ
ପାଇବାକୁ ତୋର ଛୁଆଁ !

ଶୟନେ ସପନେ ଅଛୁ ତୁ ଲୋ ପ୍ରିୟା
ରହିଥା ହୋଇ ମୋ ସାଥୀ
ଏକା ମୁଁ ଜାଣିଛି ତୋ ବିନା ସଜନୀ
ଚେଇଁଛି କେତେ ଯେ ରାତି !!

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

# ବନ୍ୟା- ବାତ୍ୟା- ମରୁଡି

ନଶିକାନ୍ତ କହଲସିଂହ

- - : ବନ୍ୟା: - -

ଭର୍ ଯଉବନା
ନଦୀ ଅଗଣାରେ
ତୁମେ ବସାଇଲେ ଘର,
ସୁଖ ସପନ ଓ
ସୁନାର ଫସଲ
ହୋଇଯାଏ ବାଲିଚର ।।

- - : ବାତ୍ୟା :- -

ବରଷାକୁ କରି
ବସନ ତୁମରି
ପବନକୁ କରି ଡେଣା,
ସ୍ୱଦେହରେ ତୁମେ
ସରଗୁ ଆସିଲେ
ଏ ମରତ ବାଟବଣା ।।

- - : ମରୁଡି :- -

ତୁମେ ମାର ଯେବେ
ହାଇ ହେ ମରୁଡି
ଧାନକ୍ଷେତ ପରେ ବସି,
ବଜାରେ ବୁଲନ୍ତି-
ଗୃଷୀ କଣିବାକୁ
ବିଷ ଶିଶି ଆଉ ରଶି ।।

ଲୋକପୁର, ଗଡ଼ମାଣତୀର, ଖୋର୍ଦ୍ଧା- ୭୫୨୦୬୨


# ପୁସ୍ତକ ପରିଚୟ

ଲେଖକ ଶ୍ରୀ ସନାତନ ମହାକୁଡଙ୍କ ଦ୍ୱାରା
ଲିଖିତ ପୁସ୍ତକ ଆହ୍ୱାନ ବିଷୟରେ
ସମିକ୍ଷା – ଲିଲି ଗୌଡ



ଲିଲି ଗୌଡ

ପୁସ୍ତକ ନାମ – ଆହ୍ୱାନ, ସ୍ରଷ୍ଟା – ସନାତନ ମହାକୁଡ
ପ୍ରକାଶକ – ସ୍ୱାମୀ ବିବେକାନନ୍ଦ ଯୁବ ପରିଷଦ, ପୁଆଣିଆଁ, ଅସରଳା, ଖୋର୍ଦ୍ଧା, ଓଡିଶା।



"ପ୍ରଥମ" ଶବ୍ଦଟି କେବେ ଖୁବ୍ ଆନନ୍ଦରେ ପୁଲକିତ କରିଥାଏ ତ କେବେ ଅଜଣା ଭୟରେ ଆତଙ୍କିତ କରିଥାଏ । ଠିକ୍ ସେଭଳି ସାରସ୍ୱତ ସାଧକ ତଥା ଯୋଗ ପ୍ରଶିକ୍ଷକ ସନାତନ ମହାକୁଡଙ୍କ ଲିଖିତ ପୁସ୍ତକ "ଆହ୍ୱାନ" । ଏହା ତାଙ୍କର ପ୍ରଥମ ପୁସ୍ତକ ହୋଇଥିଲେ ହେଁ ବହୁ ଆଶା ଓ ସମ୍ଭାବନା ମଧ୍ୟରେ ସାହିତ୍ୟ ଜଗତରେ ପାଦ ଥାପି ଏକ ପରିଚିତି ସୃଷ୍ଟି କରିପାରିଛି । କାରଣ ଏଥିରେ ପ୍ରକାଶିତ କବିତା ଗୁଡିକ ତାଙ୍କର ଛାତ୍ରାବସ୍ଥାରେ ଲିଖିତ ଓ ପୁସ୍ତକ ରୂପ ନେବା ଆଗରୁ ଅର୍ଦ୍ଧାଧିକ କବିତା ବିଭିନ୍ନ ଖବରକାଗଜ ଓ ପତ୍ର ପତ୍ରିକାରେ ପ୍ରକାଶିତ ହୋଇ ସାରିଥିଲା ।

ଆହ୍ୱାନରେ ପ୍ରକାଶିତ ଟଗର ଫୁଲ, ମହୁମାଛି, ଧନ୍ୟ କୃଷକ ଭାଇ, ବୃକ୍ଷ ଆମ ବନ୍ଧୁ ତାକୁ ନ ହାଣ, ବରଷା ଆସିଲା, ମୋତେ ଲାଗେ, ମୁଁ ଭୋଟ ଦେଇଛି, ଆହ୍ୱାନ, ପୂର୍ଣ୍ଣ ସମର୍ପଣ ଓ ସହିଦ୍ ସ୍ମୃତିରେ ଆଦି ଦଶଟି କବିତା ମଣିଷ ସମାଜର ବିଭିନ୍ନ ଦିଗ ଯଥା ସମୟ, ପରିବେଶ, ଜୀବ ଜଗତ, ସମାଜ ଚେତନା, ମାନବିକତା ତଥା ଆଧ୍ୟାତ୍ମିକତା ଇତ୍ୟାଦିକୁ ଆଲୋକପାତ କରୁଛି ।

୨୩/୮, ରବୀନ୍ଦ୍ର ପଲ୍ଲୀ, କୋଲକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପୁସ୍ତକ ପରିଚୟ



ଡ଼ି ଶୁଭମ୍

ଶ୍ୟାମଳ ସୁବର୍ଣ୍ଣ- ଓଡିଶା ର ପ୍ରଥମ ତ୍ରୟମାସିକ କୃଷିଭିତ୍ତିକ ପତ୍ରିକା ଯାହା କି କୃଷି ଛାତ୍ରମାନଙ୍କଦ୍ୱାର୍ ପ୍ରକାଶିତ। କୃଷି କ୍ଷେତ୍ରରେ ଉପଯୋଗ କର୍‌ଯାଉଥିବା ନୂତନ ପଦ୍ଧତି ଓ ପ୍ରଣାଳୀ କୁ ଅତ୍ୟନ୍ତ ସରଳ ଓ ସାବଲୀଳ ଭ୍‌ଷାରେ ଲେଖା ଯାଇଛି। କୃଷି ଓ କୃଷକର ବିକାଶ ଦିଗରେ ଏହା ସହାୟକ ହେବ ବୋଲି ଏହାର ସମ୍ପାଦକ ଡ଼ି ଶୁଭମ କହିଛନ୍ତି। କୃଷକମାନଙ୍କ ସମସ୍ୟା କଁ ସମାଧନ ଦିଗରେ ପତ୍ରିକା କାର୍ଯ୍ୟ କରିବ।ଗୃଷୀ ମାନଙ୍କ ପାଇଁ ବରିଷ୍ଠ କୃଷି ବୈଜ୍ଞାନକ ମାନଙ୍କ ଦ୍ୱାର୍ ପ୍ରଦତ୍ତ ତଥ୍ୟ ମାନ ଉପସ୍ଥାପନ କର୍‌ଯାଉଛି। କୃଷିର ବିକାଶ, କୃଷକର ବିକାଶ ଏହା ହିଁ ପତ୍ରିକା ର ମୂଳମନ୍ତ୍ର ବୋଲି ସମ୍ପାଦକ କହନ୍ତି।



# ବିଦେଶ ଖବର

## ସାଉଦୀ ଆରବରେ ଓଡିଆ ଅନୁଷ୍ଠାନ ରେଜା ର ସାଂସ୍କୃତିକ କାର୍ଯ୍ୟକ୍ରମ

ସୁଦୁର ସାଉଦୀ ଆରବର ରାଜଧାନୀ ରିୟାଦ୍ ଠାରେ ଓଡିଶା ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ (ରେଜା) ର ଦଶମ ବାର୍ଷିକ ଉତ୍ସବ ନଭେମ୍ବର ୨ ତାରିଖ ରେ ଅନୁଷ୍ଠିତ ହୋଇଯାଇଛି । ବିଦେଶରେ ଓଡିଆ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ରେଜା ଅନୁଷ୍ଠାନ ବିଗତ ଦଶ ବର୍ଷ ଧରି କ୍ରମାଗତ ସଫଳ ପ୍ରୟାସ ଜାରି ରଖିଛି । ସୁଦୂର ସାଉଦି ଆରବ ର ରାଜଧାନୀ ରିୟାଧରେ ଓଡିଆ ଭାଇ ଓ ଭଉଣୀମାନେ ମାତୃଭୂମିଠାରୁ ଦୂରରେ ରହି ମଧ୍ୟ ଓଡିଆ ଭାଷା ଓ କଳାର ବସତି ଗଢି ପାରିଛନ୍ତି । କାରଣ ମନରେ ସଦାବେଳେ ନଜର ମାତୃଭୂମି ପାଇଁ କିଛି କରିବା ଓ ବିଦେଶରେ ରହି ନିଜ ଦେଶ ତଥା ପ୍ରଦେଶ ସହ ତାଳ ଦେଇ ଆଗକୁ ବଢିବାର ପ୍ରୟାସ ରେଜା କରୁଅଛି । ସୌଭାଗ୍ୟ କବି ସ୍ୱର୍ଗତ ଗଙ୍ଗାଧର ମେହେର କହିଥିଲେ:

ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ ନାହିଁ?

ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାଏକ ତଥା ପ୍ରଦେଶ କଂଗ୍ରେସ କମିଟି ଅଧ୍ୟକ୍ଷ ଶ୍ରୀ ନିରଞ୍ଜନ ପଟ୍ଟନାଏକ ରେଜା ର ଏତାଦୃଶ ଲୋକାଭିମୁଖୀ କାର୍ଯ୍ୟ ପଇଁ ସାଧୁବାଦ ଜଣାଇବା ସହ, ଉତ୍ସବର ସଫଳତା ପାଇଁ ଶୁଭକାମନା ବାର୍ତ୍ତା ପ୍ରେରଣ କରିଛନ୍ତି । ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି - ଉତ୍କଳଜ୍ୟୋତି ଡକ୍ଟର ଦେବ ମହାନ୍ତି ଓ ରିୟାଧ ସ୍ଥିତ ଭାରତୀୟ ଦୂତାବାସ ର କାଉନସେଲର୍ ଶ୍ରୀ ଅନିଲ ନୌଟିଆଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାଉଦି ଆରବ ସ୍ଥିତ ସୁଦୂର ଦମାମ୍ ଓ ଯୁବେଲ୍ ସହରରେ ଗଠିତ ଅନ୍ୟତମ ଓଡିଆ ସଂଗଠନ ଯଥା କଳିଙ୍ଗନା ଉତ୍କଳିକା ର ସଦସ୍ୟମାନେ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଥମ କରି ଭାରତର ଅନ୍ୟ ପ୍ରଦେଶ ଯଥା କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର ସ୍ଥାନୀୟ ପ୍ରବାସୀ ଅଧ୍ୟକ୍ଷମାନଙ୍କୁ ରେଜା ତରଫରୁ ସମ୍ମାନିତ କରାଯାଇଥିଲା ।




10th ANNUAL CELEBRATION
ରିୟାଦ ଓଡିଶା ସଙ୍ଗଠନ
ROSA





ବିଦେଶ ମାଟିରେ ଓଡିଆ ସଂସ୍କୃତି ଓ ସଦଭାବନାର ପ୍ରସାର ପାଇଁ ରେଜା ର କାର୍ଯ୍ୟକୁ ଉଭୟ ମୁଖ୍ୟ ଅତିଥି ଭୁରିୟସି ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଭାପତି ଶ୍ରୀ ଦେବାଶିଷ ରାଉତ, ରେଜା ର ଲକ୍ଷ୍ୟ, ପରିଭାଷା, ଅବସ୍ଥିତି ଓ ଉପଲବ୍ଧି ସମ୍ବନ୍ଧରେ ଆଲୋକପାତ କରାଇଥିଲେ । ରେଜା ର ସଚିବ ଶ୍ରୀ ସରୋଜ ପାଣିଗ୍ରାହୀ, ସମୟାନୁକ୍ରମେ ଅନୁଷ୍ଠାନର ବିକାଶ ବିଷୟରେ ସୂଚନା ଦେଇଥିଲେ । ଶତାଧିକ ଦର୍ଶକଙ୍କ ଉପସ୍ଥିତିରେ ରେଜାର ଦଶମ ବାର୍ଷିକ ସ୍ମରଣିକା ଉନ୍ମୋଚନ ପରେ ଉପସଭାପତି ଶ୍ରୀ ରାଜିକ୍ ବକଲ୍ ଧନ୍ୟବାଦ ଅର୍ପଣ କରିଥିଲେ । ରେଜା ପରାମର୍ଶକ ଡକ୍ଟର ମହମ୍ମଦ୍ ଫଜଲ୍ ହକ ଓ ଶ୍ରୀ ଶମଶେର୍ ଅଲି ଉତ୍କଳୀୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ ।

ଉତ୍ସବରେ ସ୍ୱାଗତ ଭାଷଣ, ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଚିତ୍ତାକର୍ଷକ ଭାବରେ ପାଳିତ ହୋଇଥିଲା । ସଂଗୀତ, ନୃତ୍ୟ ଭରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ଉତ୍କଳୀୟ ମହିଳା, ଯୁବା ତଥା ବାଳକ ଓ ବାଳିକାଙ୍କ ଦ୍ୱାରା ପରିବେଶିତ ସମ୍ବଲପୁରୀ, ଓଡିଶୀ, ଭରତନାଟ୍ୟମ୍ ପରି ପାରମ୍ପରିକ ଓ ଶାସ୍ତ୍ରୀୟ ନୃତ୍ୟ ସେଠାରେ ଉପସ୍ଥିତ ସମସ୍ତ ପ୍ରବାସୀ ଓଡିଆ ତଥା ପ୍ରବାସୀ ଭାରତୀୟ ଦର୍ଶକଙ୍କ ଭରପୁର୍ ମନୋରଞ୍ଜନ କରିଥିଲା । ରେଜା ର ସାଂସ୍କୃତିକ ସଚିବ ଶ୍ରୀ ଅଜିମୁଦ୍ଦୀନ ଖାନଙ୍କ ଓ ଉପସଚିବ ଶ୍ରୀ ପ୍ରବୀର ଦାସଙ୍କ ଦେଖାରେଖା ତଥା ନୃତ୍ୟ ନିର୍ଦ୍ଦେଶିକା ଶ୍ରୀମତି ଦୀପିକା ପାଣିଗ୍ରାହୀ, ଶ୍ରୀମତି ଚଂନ୍ଦନା ଦାସ, ଶ୍ରୀମତୀ ଭାବନା ରାଉତ (ଜେନି), ଶ୍ରୀମତୀ ମେହେଭିସ ଅଲମାସ ଓ ଶ୍ରୀମତୀ ବିଲ୍କିସ ଅଲି ଙ୍କ ପ୍ରଶିକ୍ଷଣରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ରେଜାର ପ୍ରମୁଖ୍ୟ ସଦସ୍ୟ ତଥା ରେଜାର ସମସ୍ତ ମହିଳା ସଦସ୍ୟା ନିଜର ଅକ୍ଳାନ୍ତ ପରିଶ୍ରମର ଜ୍ୱଳନ୍ତ ଉଦାହରଣ ଏହି ଉତ୍ସବ ମାଧ୍ୟମରେ ଦେଇଥିଲେ । ପ୍ରଭାସୀ ଭାରତୀୟ ଅତିଥିବୃନ୍ଦଙ୍କ ଉପସ୍ଥିତି, ରେଜାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଖୁବ୍ ଉତ୍ସାହିତ କରିଥିଲା । ଆଗାମୀ ଦିନରେ ରେଜାର ସଦସ୍ୟମାନେ ବିଦେଶରେ ରହି ମଧ୍ୟ ନିଜ ମାତୃଭୂମି ପାଇଁ ଆହୁରି ସେବା କରିବାରେ ପ୍ରୟାସ କରି ବିଶେଷ ସନ୍ତୁଷ୍ଟ ପ୍ରାପ୍ତ କରିବେ । ଏଣୁ କୁହାଯାଇଛି:

ଶାନ୍ତି ତୁଲ୍ୟ ତପୋ ନାସ୍ତି
ଅଶାନ୍ତସ୍ୟ କୁତଃ ସୁଖମ
ନ ତୃଷ୍ଣା ସମୋ ବ୍ୟାଧି
ନ ଚ ଧର୍ମୋଦୟା ପରଃ ।

# ଶିଶୁ ବିଭାଗ



# ଆମୁଲିଆ ଶୀତ ପଡିଲାଣି



ସତ୍ୟବ୍ରତ ସାହୁ

ଆମୁଲିଆ ଶୀତ ପଡିଲାଣି

ହେମନ୍ତ ଧରାକୁରେ ଆସିଲାଣି

ଦିନର ବୟସ କମି କମି ଯାଏ ରାତିର ବୟସ ବଢିଲାଣି ।୧।

ରାତିରେ କାକର ପଡିଲାଣି

ଉତ୍ତରା ପବନ ମାରିଲାଣି

ଦୁଇ ମାସ ଏବେ ଧରାରେ ରାଜୁତି କରିବ ହେମନ୍ତ କହିଲାଣି ।୨।

ଧାନ ଫୁଲ ଫୁଟି ଉଡିଲାଣି

ଚାଷୀ ମନଖୁସି ହୋଇଲାଣି

ଆଉ କେଇ ଦିନେ ହେବ ସୁନା ଧାନ ଚାଷୀ ମନେ ମନେ ଭାବିଲାଣି ।୩।

ଚାଷୀଟି ଲଙ୍ଗଳ ଧରିଲାଣି

ନଇ ପଠା ହଳ କରିଲାଣି

ଆଳୁ, କୋବି, ମୂଳା, ପିଆଜ, ରସୁଣ ଚଷିବାକୁ ଅଣ୍ଟା ଭିଡିଲାଣି ।୪।

ପର୍ବ ପରେ ପର୍ବ ଆସିଲାଣି

ମା କାଳୀ ପୂଜା ସରିଲାଣି

ଆଲୋକର ପର୍ବ ଦୀପାବଳି ଦିନ ବାଣ ସବୁ ଫୁଟା ସରିଲାଣି ।୫ ।

ରାସ ପୂର୍ଣ୍ଣିମା ସରିଲାଣି

ପ୍ରଥମାଷ୍ଟମୀ ବି ଆସିଲାଣି

ମା ଲକ୍ଷ୍ମୀଙ୍କର ମାଣବସା ପାଇଁ ବୋଉ ସବୁ ସଜ କରିଲାଣି ।୬ ।

ଶିଶୁ ଦିବସ ଗଲିଗଲାଣି

ଗେଣ୍ଡୁ ଫୁଲ ଏବେ ଫୁଟିଲାଣି

ଲକ୍ଷ୍ମୀ ପୂଜା ପାଇଁ ଲୋଡା ହେବ ବୋଲି

ଶୋରିଷ ଫୁଲ ବି ଫୁଟିଲାଣି

ଷାଣ୍ମାସିକ ପରୀକ୍ଷା ଆସିଲାଣି

ଶୀତକୁ ନଡରି ପାଠ ପଢିବାକୁ ଶିକ୍ଷକ ପିଲାଙ୍କୁ କହିଲେଣି ।୮ ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଅଜା ଆଈଙ୍କ କଳି



ପ୍ରକାଶ ସାହୁ

ଅଜା କହିଲେ ଆଈ ଙ୍କୁ
ସମ୍ଭାଳ ଏବେ ନାତୁଣୀ କୁ
ଆଈ କହିଲେ ଅଜା ଙ୍କୁ
ସମ୍ଭାଳ ତୁମ ନାତି କୁ
ଆଈ କହିଲେ ଅଜା କୁ-
ପାଠ ନ ପଢି କଳି କରୁଛି
ଖାଲି ବୁଲି ଖେଳ ଖେଳୁଛି
ଅଜା କହିଲେ ଆଈ କୁ-
ପୋଖରୀ ତୁଠ ରେ ବସି ହଳଦୀ ମାଖୁଛି
ଘଣ୍ଟା ଘଣ୍ଟା ଧରି ଆଇନା ରେ ମୁହଁ ଦେଖୁଛି
ଆଈ କହିଲେ ଅଜା କୁ-
କ୍ଷୀର ବସା ଦହି ଲୁଚେଇ ଖାଉଛି
ଫୁସି ବିଗିଡ଼ି ନା ରେ ମିଛ ଗାଉଛି
ଅଜା କହିଲେ ଆଈ କୁ-
ନାତୁଣୀ ମୋର ବହି ଧରି ଛବି ଦେଖୁଛି
ପାୱାର କଟ ହୋଇ ଗଲେ ଶୋଇ ଯାଉଛି
ଆଈ କହିଲେ ଅଜା କୁ-
ସାନ୍ଧ୍ୟ ହେଲେ ନାତି ର ମୁଣ୍ଡ ବିନ୍ଧୁଛି।
ଲୁଚ ଲୁଚ ଟିଭି ରୁ କାଟୁନ ଚ୍ୟାନେଲ ଦେଖୁଛି।
ଅଜା ଆଈ ଙ୍କ ଶେଷ ହୋଇଲା କଳି
ନାତି ନାତୁଣୀ ବନ୍ଦ କଲେ ମାରିବା ତାଳି।

ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ

# ଆସିବ ଦୀପାବଳୀ



ପ୍ରେମଶିଲା ରାଉତ

ଆସିବ ଦୀପାବଳୀ ଅମାବାସ୍ୟା ତିଥିରେ

ପିନ୍ଧିବି ମୁଁ ନୂଆ ଲୁଗା

ସଜେଇ ହେବି ମୁଁ ହାତରେ ମେହେନ୍ଦି

ପିନ୍ଧିବି ପାଦେ ଅଳତା ।

ଆସିବ ଦୀପାବଳୀ ମନ ହରଷରେ

ଗୀତ ଗାଇ ଗାଇ ନାଚବି

ହସି ହସାଇବି ଦୁନିଆକୁ ମୁହିଁ

ପ୍ରେମର ପ୍ରଦୀପ ଜାଳି ।

ଆସିବ ଦୀପାବଳୀ ଖୁସି ମଉଜରେ

ଘରେ ହେବ କେତେ ପିଠା ପଣା

ମଣ୍ଡା, କାକରା, ଆରିସା, ବରା, ହେବ

ତା ସାଥେ ଛଣା ।

ଆସିବ ଦୀପାବଳୀ ହସ ଆନନ୍ଦରେ

ପକେଇବି ମୁଁ ରଙ୍ଗ ମୁରୁଜ

ଘର ଦୁଆର ଝଟକୁ ଥିବ

ଦେଖି ତାର ରୂପ ସୌନ୍ଦର୍ଯ୍ୟ ।

ଆସିବ ଦୀପାବଳୀ ଆଲୋକ ସାଥିରେ

ସଜେଇବି ଦୀପ ଶିଖା

ଚଉଦିଗ ର ଅନ୍ଧକାର ନାଶି

ଜଳେଇବି ଦୀପ ରେଖା

ଚଉଦିଗ ସତେ ଲାଗିବ ସୁନ୍ଦର

ପାଇ ଦୀପଶିଖା ଛୁଆଁ

ଆସିବ ଦୀପାବଳୀ

ଆଣିବ ସାଥିରେ ଆଶା ଓ ସପନ ନୂଆ ।

ଗ୍ରାମ- ବୃନ୍ଦାବାହାଲ, ବ୍ଲକ – ଗୋଲାମୁଣ୍ଡା, ଜିଲ୍ଲା- କଳାହାଣ୍ଡି

# ଜହ୍ନମାମୁଁ



ରାଜଶେଖର ସି "ଚମା"

ରାତି ଆକାଶରେ ଆକର୍ଷକ ଦିଶନ୍ତି ଧଳାରଙ୍ଗର ଜହ୍ନମାମୁଁ
ଛୋଟପିଲା ଖୁସୀରେ ଦେଖନ୍ତି ଚକଚକଆ ଚମକୁଥିବା ଜହ୍ନମାମୁଁ

ପୂର୍ଣିମା ରାତିରେ ତାଙ୍କୁ କୁହନ୍ତି ପୂର୍ଣ୍ଣଚନ୍ଦ୍ର,
ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀସୀତାରାମଙ୍କ ଅନ୍ୟତମ ନାମ ଶ୍ରୀରାମଚନ୍ଦ୍ର।

ଭାଇଭଉଣୀଙ୍କ ସ୍ନେହ ବନ୍ଧନ ପର୍ବ ଯେ ରାକ୍ଷୀ ପୂର୍ଣିମା,
ବୋଇତ ବନ୍ଦାଣ ଉତ୍ସବ ପାଇଁ ସୁପ୍ରସିଦ୍ଧ କାର୍ତିକ ପୂର୍ଣ୍ଣିମା।

ଶ୍ରୀଗଜଲକ୍ଷ୍ମୀ ପୂଜା ପାଳନ ପାଇଁ କ୍ଷତି ପାଇଛି ଶରଦ ପୂର୍ଣ୍ଣିମା,
ଗୁରୁଦେବଙ୍କ ମହତ୍ତ୍ୱ ଅବଗତ କରାଏ ଗୁରୁପୂର୍ଣ୍ଣିମା।

ବୋଉ ଶିଶୁଙ୍କୁ ଖୁଆନ୍ତି ଚନ୍ଦ୍ରମାଙ୍କୁ ଦେଖେଇ ଦେଖେଇ,
ପୁଣି ବଳକା ବାଳକାଙ୍କୁ ଶୁଆନ୍ତି ଚାନ୍ଦରାନ୍ଦନୀଙ୍କ ଗାଇ ଗାଇ ।

ଜହ୍ନମାମୁଁଙ୍କର କେତେଅଛି ଯେ କୁନକୁନ କଥା କାହାଣୀ,
ଜହ୍ନମାମୁଁ ଶିଶୁ ପତ୍ରିକା ନୀତିପୂର୍ଣ୍ଣ ଶିଶୁ ଗଳ୍ପର ଅଛି କେତେ ଯେ ରାହାଣି।

ତାରାଙ୍କ ସମୂହରେ ଜହ୍ନମାମୁଁ ଦିଶନ୍ତି ବହୁ ସୁନ୍ଦର,
ମାତାପିତାଙ୍କ ପାଇଁ ନିଜ ସନ୍ତାନ ପୁନେଇ ଜହ୍ନ ପରି ସୁନ୍ଦର।

chvrajasekhar@gmail.com

# ଆଶିଷ ଦିଅ ଗୃଗୃଜି



ସନ୍ତୋଷ ପଟ୍ଟନାୟକ

ଆମରି ହସ ଚହଟ ଚମ୍ପା
ଭାରତମାଆ ଅଞ୍ଚଳେ,
ମହକାଇ ଦେବୁ ଆମରି ସୁରଭି
ଜ୍ଞାନଲୋକ ଜ୍ୟୋତିବଳେ....

ଏକଥାକୁ ହେଜି ନେହରୁ ଗୃଗୃଜି
ନିଜ ଜନ୍ମଦିନ ସ୍ମୃତି
ଉତ୍ସର୍ଗୀତ କଲେ ଶିଶୁଙ୍କ ନାମରେ
ଦେଇ ସ୍ନେହାଶିଷ ପ୍ରୀତି.....

ଛୋଟଦେହେ ଭରା ଦିବ୍ୟ ସମ୍ଭାବନା
ଆଜିକେ ବୁଝୁଚ କାଇଁ !
ଖାଦ୍ୟ ବସ୍ତ୍ର ଶିକ୍ଷା ଉତ୍ତମ ଚକିତ୍ସା
ଅନୁକୂଳ ସ୍ଥିତି ନାଇଁ....

ଶାସକ ବିବେକ ବିକଶିତ ପାଇଁ
ଆଶିଷ ଦିଅ ଗୃଗୃଜି
ପ୍ରତିଭା ର ପ୍ରଭା ଆଲୋକିତ ହେଉ
ନବୀନ ସୂର୍ଯ୍ୟଟେ ସାଜି.....

ବେଗୁନିଆପଡା ବ୍ଲକ୍, ତିରିଡା, ଗଞ୍ଜାମ

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୩/ ୧୨/ ୨୦୧୮ | ଉତ୍ପନ୍ନା ଏକାଦଶୀ |
| ୦୫/ ୧୨/ ୨୦୧୮ | ଶିବ ଚତୁର୍ଦ୍ଦଶୀ |
| ୦୬/ ୧୨/ ୨୦୧୮ | ଦେବ ଦୀପାବଳୀ ଆରମ୍ଭ |
| ୦୭/ ୧୨/ ୨୦୧୮ | ଅମାବାସ୍ୟା |
| ୦୮/ ୧୨/ ୨୦୧୮ | ଦେବ ଦୀପାବଲ୍ୟୁତ୍ସବ ସମାପ୍ତି |
| ୦୯/ ୧୨/ ୨୦୧୮ | ରମ୍ଭା ତୃତୀୟା |
| ୧୨/ ୧୨/ ୨୦୧୮ | କୁହ୍ଳ ପଞ୍ଚମୀ |
| ୧୩/ ୧୨/ ୨୦୧୮ | ଓଢ଼ଣ ଓ ପ୍ରାବରଣ ଷଷ୍ଠୀ |
| ୧୫/ ୧୨/ ୨୦୧୮ | ମାସାନ୍ତ ଓ ଶରଣ ଶେଷ |
| ୧୬/ ୧୨/ ୨୦୧୮ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୯/ ୧୨/ ୨୦୧୮ | ମୋକ୍ଷଦା ଏକାଦଶୀ |
| ୨୦/ ୧୨/ ୨୦୧୮ | ବ୍ୟଞ୍ଜନ ଦ୍ୱାଦଶୀ, ଗୀତା ଜୟନ୍ତୀ ଓ ଅନଙ୍ଗ ତ୍ରୟୋଦଶୀ |
| ୨୧/ ୧୨/ ୨୦୧୮ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୨୨/ ୧୨/ ୨୦୧୮ | ପଣ୍ଢୁ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |
| ୨୪/ ୧୨/ ୨୦୧୮ | ଦାଣ୍ଡ ପହଁଚ୍ଚ ଓ ବାଟ ଓଷା |
| ୨୫/ ୧୨/ ୨୦୧୮ | ଯିଶୁଖ୍ରୀଷ୍ଟଙ୍କ ଜନ୍ମ ( ବଡଦିନ) |
| ୨୯/ ୧୨/ ୨୦୧୮ | ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦- ୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com



ରେଳନଳୟ ର ରେଳପଥ ରେ ବିକ୍ରି ହେଲାଣି ପନପରିବା,
ରେଳମାର୍ଗ ରେ କେମିତି ଯେ ହେବ ରେଳଗାଡ଼ି ରେଳସେବା,
ବେଆଇନ ବିକ୍ରେତାଙ୍କୁ ଜୀବନ ଓ
ନୀତି ନିୟମ ର ଗାମ୍ଭିର୍ଯ୍ୟ ବୁଝାଇବା,
ରେଳକର୍ମଚାରୀଙ୍କୁ ଏହି ଆଇନବିରୁଦ୍ଧ କାମ କଥା ଜଣାଇବା,
ରେଳ କର୍ତ୍ତୃପକ୍ଷକୁ ସମୁଚିତ କାର୍ଯ୍ୟାନୁଷ୍ଠାନ ନେବାକୁ କହିବା।

ବିଜେତା:

ଶ୍ରୀ ରାଜଶେଖର ସି ( 'ଚମା')

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳନ୍ତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**